# ଧରିତ୍ରୀ DHARITRI

ସମ୍ବଲପୁର, ଗୁରୁବାର, ଜାନୁୟାରୀ ୨/୨୦୨୦ (୨୦ପୃଷ୍ଠା) Sambalpur, Thursday, January 2 / 2020 ★★

୧୬ଶ ଭାଗ ୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






2020
KP GROUP
Quality Since 1965
HAPPY NEW YEAR
Safal
PAN MASALA
20% EXTRA
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। ୦% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ।

ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜାନୁୟାରୀ ୨/୨୦୨୦ | Sambalpur, Thursday, January 2 / 2020 | ପୃଷ୍ଠା-୧



**ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନିର୍ବନ୍ଧ ସମ୍ପନ୍ନ**

ସର୍ବୀୟ ଅଭିନେତ୍ରୀ ନତାଶା ଷ୍ଟାନ୍‌କୋଭିକଙ୍କ ସହ ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନିର୍ବନ୍ଧ ସମ୍ପନ୍ନ ହୋଇଛି।

୧୭

୧୨

**ବସ୍‌ରେ ସ୍କୁଲ ଯାଉଥିଲେ କରୀନା**

ବଲିଉଡ୍ ଅଭିନେତ୍ରୀ କରୀନା କପୁର ନିଜ ପିଲାଦିନ କଥା ବଖାଣିଛନ୍ତି। ସେ ବସ୍‌ରେ ସ୍କୁଲ ଯାଉଥିଲେ ଏବଂ ବଡ଼ଭଉଣୀ କରିସ୍ମା ଟ୍ରେନରେ କଲେଜ ଯାଉଥିଲେ ବୋଲି କହିଛନ୍ତି।



## ଉପସ୍ଥାନ ୭୫%ରୁ କମ୍ ହେଲେ ସିବିଏସ୍‌ଇ ବୋର୍ଡ ପରୀକ୍ଷା ମନା

**ନୂଆଦିଲ୍ଲୀ,୧।୧**

ଚଳିତ ବର୍ଷ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରୀଙ୍କ ଉପସ୍ଥାନ ଅନ୍ୟୂନ ୭୫ ପ୍ରତିଶତ ହେବା ଆବଶ୍ୟକ। ୨୦୨୦ ଜାନୁୟାରୀ ୧ ସୁଦ୍ଧା ଯେଉଁମାନଙ୍କ ଉପସ୍ଥାନ ଏହାଠାରୁ କମ୍ ଥିବ ସେମାନଙ୍କୁ ବୋର୍ଡ ପରୀକ୍ଷା ଦେବାକୁ ଅନୁମତି ମିଳିବ ନାହିଁ। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଏହାର ସଦ୍ୟ ପ୍ରକାଶିତ ବିଜ୍ଞପ୍ତି ମାଧ୍ୟମରେ ବିଦ୍ୟାଳୟଗୁଡ଼ିକୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଉପରେ ଧ୍ୟାନ ଦେବାକୁ କହିଛନ୍ତି। ଫେବୃୟାରୀ ୧୫ରୁ ସିବିଏସ୍‌ଇ ବୋର୍ଡ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବାବେଳେ ଯେଉଁମାନେ ଉପସ୍ଥାନ ତଥା ଅନ୍ୟାନ୍ୟ ଦୃଷ୍ଟିରୁ ଯୋଗ୍ୟ ବିବେଚିତ ହେବେ କେବଳ ସେହିମାନଙ୍କ ପାଖକୁ ଆଡମିଟ୍ କାର୍ଡ ପଠାଯିବ। ଏନେଇ ଜାନୁୟାରୀ ୭ ପୂର୍ବରୁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଯଦି କୌଣସି ପିଲାଙ୍କର ଉପସ୍ଥାନ କମ୍ ହୋଇଥାଏ, ତେବେ ସେମାନେ ଏହାର ଉପଯୁକ୍ତ କାରଣ ଦସ୍ତାବିଜ ସହ ଜାନୁୟାରୀ ୭ ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଜଣାଇବେ। ଏହି ସମୟସୀମା ପରେ କୌଣସି ଆବେଦନକୁ ବିଚାରକୁ ନିଆଯିବ ନାହିଁ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଉଭୟ ଥିଓରୀ ଏବଂ ପ୍ରାକ୍ଟିକାଲ ପରୀକ୍ଷାରେ ପାସ୍ କରିବାକୁ ହେବ।

## ଖସି ପଡ଼ିଲା ବାଇକ୍ କେନାଲ କୂଅରେ ଗଲା ୩ ଜୀବନ

**ଦିଗପହଣ୍ଡି,୧।୧(ଡି.ଏନ୍.ଏ.)**

ନୂଆବର୍ଷ ସନ୍ଧ୍ୟାରେ ଘଟିଛି ଦୁର୍ଘଟଣା। ଦିଗପହଣ୍ଡି ବ୍ଲକ କୋଟିନଡ଼ା-ଦେଉଳପେଡ଼ି କେନାଲ ରାସ୍ତା ବୁଲାଣିରେ ଥିବା ପୋତାଶଙ୍ଖ ନିକଟ କୂଅରେ ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଏକ ବାଇକ ଖସିପଡିଛି। ଏଥିରେ ଥିବା ୩ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବ୍ରହ୍ମପୁର ସଦର ଥାନା ରାଇଖୋଳ ଗାଁର ଜିତୁ ଗୌଡ, ବାବୁଲା ଗୌଡ ଏବଂ ଲାଞ୍ଜିଆ ଗାଁର ସନ୍ତୋଷ ଗୌଡ। ଅନ୍ୟ ୨ଜଣ ରାଇଖୋଳର ମିଟୁ ଗୌଡ ଏବଂ ପଦ୍ମତୋଳାର ଶିବରାମ ସ୍ୱାଇଁ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



**ଶ୍ରୀକ୍ଷେତ୍ର ଭକ୍ତମୟ:** ନୂଆବର୍ଷ ପ୍ରଥମ ଦିନ ଦାରୁଦିଅଁଙ୍କୁ ଦର୍ଶନ କରିବା ପାଇଁ ପୁରୀ ଆସିଥିବା ଶ୍ରଦ୍ଧାଳୁ। (ରିପୋର୍ଟ: ପୃଷ୍ଠା-୨)

# ସହଜ ନୁହେଁ ୫% ଜିଡିପି

## ୨୦୨୦ରେ ଭାରତକୁ ସଂଘର୍ଷ କରିବାକୁ ପଡ଼ିବ

**ନୂଆଦିଲ୍ଲୀ,୧।୧**

ଦେଶର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ୬ ବର୍ଷର ସର୍ବନିମ୍ନ ସ୍ତର ୪.୫% ଖସିଛି। ମାନ୍ଦାବସ୍ଥା ଯୋଗୁ ବିକାଶ ହାର ନିମ୍ନଗାମୀ ହେଉଛି। ଏଭଳି ସ୍ଥଳେ ୫% ଜିଡିପି ଅଭିବୃଦ୍ଧି ହାସଲ କରିବା ମଧ୍ୟ କଷ୍ଟକର ହେବ। ଏଥିଲାଗି ୨୦୨୦ରେ ଭାରତକୁ ସଂଘର୍ଷ କରିବାକୁ ପଡିବ ବୋଲି ଆମେରିକୀୟ ଅର୍ଥନୀତିଜ୍ଞ ଷ୍ଟିଭ ହାଙ୍କେ ବୁଧବାର କହିଛନ୍ତି। ଗତକିଛି ତ୍ରୈମାସ ଧରି ଜିଡିପିରେ ହ୍ରାସ ଧାରା ଲାଗି ରହିଛି। ଏହା ସହ ଋଣ ଯୋଗାଣ ଧାରା ମଧ୍ୟ କମ୍ ହେଉଥିବା ନଜରକୁ ଆସିଛି। ଏହାକୁ ଏକ ଚକ୍ରୀୟ ସମସ୍ୟା ଭାବେ ହାଙ୍କେ ଅଭିହିତ କରିଛନ୍ତି। ଆମେରିକାର ଜନ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟରେ ଆପ୍ଲାଏଡ ଇକୋନୋମିକ୍ସ ବିଭାଗରେ ହାଙ୍କେ ବର୍ତ୍ତମାନ ଶିକ୍ଷାଦାନ କରୁଛନ୍ତି।

ସେ କହିଛନ୍ତି ଯେ, ଭାରତରେ ଋଣ ଯୋଗାଣ କ୍ଷେତ୍ରରେ ନିରନ୍ତରତା ଦେଖାଯାଇ ନାହିଁ। ଗୋଟିଏ ସମୟରେ ଏହା ଅଧିକ ରହିଥିବା ବେଳେ ବର୍ତ୍ତମାନ ଏଥିରେ ପାର୍ଥକ୍ୟ ପରିଲକ୍ଷିତ ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଅତି ମାତ୍ରାରେ ପ୍ରଦାନ କରିଥିବା ଋଣ ଏବେ ଅନାଦାୟ ଋଣ(ଏନ୍‌ପିଏ)ରେ ରୂପାନ୍ତରିତ ହୋଇଛି। ଏହା ସହ ଭାରତରେ ମାନ୍ଦାବସ୍ଥା ଋଣ ଯୋଗାଣରେ ଆସିଥିବା ସଙ୍କୁଚିତ ସ୍ଥିତି ସହ ସାମଞ୍ଜସ୍ୟ ରଖୁଛି। ଋଣ ଯୋଗାଣ କମିବା ଏକ ଚକ୍ରୀୟ ସମସ୍ୟା। ଏହା ଢାଞ୍ଚାଗତ ନୁହେଁ। ଏସବୁ ବିଭିନ୍ନ ପ୍ରସଙ୍ଗକୁ ବିଚାର କରିଲେ ଭାରତକୁ ୫% ବିକାଶ ହାର ହାସଲ କରିବାକୁ ହେଲେ ୨୦୨୦ରେ ସଂଘର୍ଷ କରିବାକୁ ହେବ ବୋଲି ଏକ ସାକ୍ଷାତ୍କାରରେ ସେ ମତ ରଖିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ଭାରତ ବର୍ତ୍ତମାନ ଏକ ଉଚ୍ଚ ସଂରକ୍ଷଣବାଦୀ ରାଷ୍ଟ୍ର ହୋଇଯାଇଛି। ପ୍ରମୁଖ ଅଭିବୃଦ୍ଧିଶୀଳ ଅର୍ଥନୀତିଙ୍କ ମଧ୍ୟରୁ ଦ୍ରୁତ ଜିଡିପି ବିକାଶ ହେଉଥିବା ରାଷ୍ଟ୍ର ମଧ୍ୟରେ ଏହା ନିଜକୁ ସାମିଲ କରିପାରିଛି। ଏହା ସତ୍ତ୍ୱେ ଭାରତର ବିକାଶ ହାର ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସି ଆସିଛି। ଚାହିଦା କମିବା, ନିବେଶରେ ହ୍ରାସ, ନିଯୁକ୍ତି ସୃଷ୍ଟି ନ ହେବା ଏବଂ ଗ୍ରାମାଞ୍ଚଳ ପରିବାରଗୁଡ଼ିକର ରୋଜଗାର କମିବା ଯୋଗୁ ଆର୍ଥିକ ସମସ୍ୟା ଦେଖାଯାଇଥିବା ସେ ମତପ୍ରକାଶ କରିଛନ୍ତି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦରେ ହାଙ୍କେ କାର୍ଯ୍ୟକରିଛନ୍ତି।

ଭାରତର ଅର୍ଥନୈତିକ ସଂସ୍କାର ଉପରେ ସେ ମତ ଦେଇ କହିଛନ୍ତି, ମୋଦି ସରକାର ବୃହତ ଅର୍ଥନୈତିକ ସଂସ୍କାର ଆଣିବା ଦିଗରେ ବିଫଳ ହୋଇଛନ୍ତି। ଦୃଢ ଏବଂ ଆବଶ୍ୟକୀୟ ସଂସ୍କାର ଆଣିବା ଦିଗରେ ସରକାରଙ୍କର ଏତେଟା ଆଗ୍ରହ ନାହିଁ। ଧର୍ମ ଏବଂ ବିଭିନ୍ନ ସଂସ୍କୃତି ମଧ୍ୟରେ ଅସ୍ଥିରତା ସୃଷ୍ଟି ଉପରେ ସରକାର ଏବେ ଫୋକସ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଏବେ ବିଶ୍ୱର ସର୍ବବୃହତ୍ ପୋଲିସ ରାଷ୍ଟ୍ର ହୋଇଥିବା ସେ କହିଛନ୍ତି।

> **'ମୋଦି ସରକାର ଅର୍ଥନୈତିକ ସଂସ୍କାର ଆଣିବାରେ ବିଫଳ ହୋଇଛନ୍ତି। ଦୃଢ଼ ସଂସ୍କାରରେ ସରକାରଙ୍କ ସେତେଟା ଆଗ୍ରହ ନାହିଁ। ସରକାର ଧର୍ମ ଓ ସଂସ୍କୃତିକୁ ନେଇ ଅସ୍ଥିରତା ସୃଷ୍ଟି ଉପରେ ଗୁରୁତ୍ୱ ଦେଉଛନ୍ତି।'**
>
> -ଷ୍ଟିଭ ହାଙ୍କେ, ଆମେରିକୀୟ ଅର୍ଥନୀତିଜ୍ଞ



ଷ୍ଟିଭ ହାଙ୍କେ

## ଭତ୍ତା ପାଇଁ ଏପ୍ରିଲରୁ ଆଧାର ଜରୁରୀ

**ଭୁବନେଶ୍ୱର,୧।୧(ବ୍ୟୁରୋ)**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ପାଇବାକୁ ଓ ଧାନ ବିକିବା ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ଏବେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି) ଏବଂ ମଧୁବାବୁ ପେନ୍‌ସନ ଯୋଜନା(ଏମ୍‌ବିପିୱାଇ)ରେ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ମଧ୍ୟ ଆଧାର ସଂଯୋଗ କରିବାକୁ ପଡ଼ିବ। ଆସନ୍ତା ଏପ୍ରିଲ ପହିଲା ସୁଦ୍ଧା ହିତାଧିକାରୀଙ୍କୁ ଶତ ପ୍ରତିଶତ ଆଧାର ସଂଯୋଗ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ(ଏସ୍‌ଏସ୍‌ଇପିଡି) ସଚିବ ଭାସ୍କରଜ୍ୟୋତି ଶର୍ମା ବୁଧବାର ସମସ୍ତ ଜିଲାପାଳଙ୍କୁ ଏ ନେଇ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ୨୦୧୯ ଅକ୍ଟୋବର ଶେଷ ସୁଦ୍ଧା ଉକ୍ତ ଯୋଜନାରେ ହିତାଧିକାରୀଙ୍କୁ ଶତ ପ୍ରତିଶତ ଆଧାର ସଂଯୋଗ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ସେଥିରୁ ଏନ୍‌ଏସ୍‌ଏପି କ୍ଷେତ୍ରରେ ୯୧ ପ୍ରତିଶତ ଏବଂ ଏମ୍‌ବିପିୱାଇ କ୍ଷେତ୍ରରେ ୭୩ ପ୍ରତିଶତ ଆଧାର ଲିଙ୍କ୍ କରାଯାଇଛି।

**ମାର୍ଚ୍ଚ ୧୫ ସୁଦ୍ଧା ୧୦୦ % ଆଧାର ସଂଯୋଗ ପାଇଁ ଜିଲାପାଳଙ୍କୁ ଚିଠି**

ଚଳିତ ମାସ ୧୫ ତାରିଖରେ ଯେଉଁ ହିତାଧିକାରୀମାନଙ୍କର ଆଧାର କାର୍ଡ ସଂଯୋଗ ହୋଇ ନ ଥିବ ସେମାନଙ୍କୁ ଆଉ ମାସେ ଅର୍ଥାତ ଫେବୃୟାରୀ ୧୫ ସୁଦ୍ଧା ସଂଯୋଗ କରିବାକୁ କୁହାଯାଇଛି। ଏଥିସହିତ ଯେଉଁ ହିତାଧିକାରୀମାନଙ୍କର ଆଧାର ସଂଯୋଗ ହୋଇନାହିଁ ସେମାନଙ୍କର ଏକ ବ୍ଲକୱାରୀ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି। ୨୦୨୦ ଜାନୁୟାରୀ ୩୧ ସୁଦ୍ଧା ହିତାଧିକାରୀମାନଙ୍କର ସମସ୍ତ ତଥ୍ୟ ସଂଗ୍ରହ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଏସ୍‌ଏପି ଏବଂ ଏମ୍‌ବିପିୱାଇରେ ନୂଆ ହିତାଧିକାରୀ ଚୟନ ବେଳେ ଆଧାର ଯାଞ୍ଚ ସହ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ୧୦୦ ପ୍ରତିଶତ ଆଧାର ସଂଯୋଗ କରିବାକୁ କୁହାଯାଇଛି। ୨୦୨୦ ଏପ୍ରିଲ ପହିଲାରୁ ଆଧାର ସଂଯୋଗ ବାଧ୍ୟତାମୂଳକ କରାଯିବ। ଆଧାର ସଂଯୋଗ ହୋଇ ନ ଥିଲେ ଭତ୍ତା ଅର୍ଥ ପ୍ରଦାନ କରାଯିବ ନାହିଁ ବୋଲି ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ ଅବଗତ କରାଯାଇଛି।

## ଗଗନୟାନ ଲାଗି ୪ ମହାକାଶଚାରୀ ଚୟନ

**ବେଙ୍ଗାଲୁରୁ,୧।୧(ପି.ଟି.)**

- ରୁଷିଆରେ ପ୍ରଶିକ୍ଷଣ ନେବେ
- ୨୦୨୧ରେ ମହାକାଶକୁ ଯିବ ଚନ୍ଦ୍ରୟାନ-୩

ଭାରତର ତୃତୀୟ ଚନ୍ଦ୍ର ଅଭିଯାନ ଚନ୍ଦ୍ରୟାନ-୩ ଆସନ୍ତା ୨୦୨୧ରେ ମହାକାଶକୁ ଛଡ଼ାଯିବ ବୋଲି ବୁଧବାର ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ପକ୍ଷରୁ ଘୋଷଣା କରାଯାଇଛି। ଏଥିସହିତ ବହୁପ୍ରତୀକ୍ଷିତ ଗଗନୟାନ କାର୍ଯ୍ୟକ୍ରମ ପାଇଁ ବାୟୁସେନାରୁ ୪ ଜଣଙ୍କୁ ଚୟନ କରାଯାଇଛି। ଏହି ମହାକାଶଚାରୀମାନେ ଚଳିତ ମାସ ତୃତୀୟ ସପ୍ତାହରୁ ରୁଷିଆରେ ତାଲିମ ଗ୍ରହଣ କରିବେ।

ସୂଚନାଯୋଗ୍ୟ ୨୦୨୦ରେ ଚନ୍ଦ୍ରୟାନ-୩ ଲଞ୍ଚ ହେବ ବୋଲି ଦିନକ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ। ଏକ ଖବରଦାତା ସମ୍ମିଳନୀରେ ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ କହିଛନ୍ତି, ତୃତୀୟ ଚନ୍ଦ୍ର ଅଭିଯାନ କାର୍ଯ୍ୟ ସୁଚାରୁ ରୂପେ ଚାଲିଛି। ଏଥିପାଇଁ ୧୪ରୁ ୧୬ ମାସ ଲାଗିବ। ଚନ୍ଦ୍ରୟାନ-୩ରେ ଏକ ଲ୍ୟାଣ୍ଡର, ରୋଭର ଏବଂ ଏକ ପ୍ରପଲଶନ ମଡ୍ୟୁଲ ରହିବ ଏବଂ ଆସନ୍ତାବର୍ଷ ଏହା ଲଞ୍ଚ କରାଯିବ। ଏଥିପାଇଁ ୬୦୦ କୋଟି ଟଙ୍କାରୁ ଅଧିକ ବ୍ୟୟ ହେବ। ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ର ବ୍ୟତୀତ ଟୁଟିକୋରିନ୍‌ରେ ଅନ୍ୟ ଏକ ମହାକାଶ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଚନ୍ଦ୍ର ଓ ସାମୁଦ୍ରିକ ଜୀବ**

**ଆଜିର ମନ୍ତବ୍ୟ**

> ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ଆଇନଗୁଡ଼ିକୁ କାର୍ଯ୍ୟକାରୀ କରିବା ରାଜ୍ୟଗୁଡ଼ିକର ସାମ୍ବିଧାନିକ କର୍ତ୍ତବ୍ୟ।
>
> **-ରବିଶଙ୍କର ପ୍ରସାଦ, କେନ୍ଦ୍ର ଆଇନମନ୍ତ୍ରୀ**

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ସେପ୍ଟେମ୍ବର ସମୟରେ ଦେଶ ମଧ୍ୟକୁ ଏଫ୍‌ଡିଆଇ ୧୫% ବୃଦ୍ଧି ଘଟି ୨୬ ବିଲିୟନ ଡଲାର ରହିଛି।

**- ଅର୍ଥ ମନ୍ତ୍ରଣାଳୟ**

Taste the difference!
Vencobb
FRESH CHICKEN

01.01.2020

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 88 | 142 | 152 |
| CTC | 87 | 141 | 151 |
| DKL | 87 | 141 | 151 |
| BDK | 86 | 140 | 150 |
| BLS | 86 | 140 | 150 |
| ANG | 89 | 144 | 154 |
| BHM | 90 | 145 | 155 |

*Conditions Apply
Issued in the Interest of Consumers

# ସୁପ୍ରିମକୋର୍ଟରେ ଓଡ଼ିଶା ପାଇଁ ନିର୍ଣ୍ଣାୟକ ହେବ ୨୦୨୦

**ନୂଆଦିଲ୍ଲୀ,୧।୧**



ସୁପ୍ରିମକୋର୍ଟରେ ଓଡ଼ିଶା ପାଇଁ ନୂଆବର୍ଷ ୨୦୨୦ ନିର୍ଣ୍ଣାୟକ ହେବ। ଏହି ବର୍ଷ ପୋଲାଭରମ ଡ୍ୟାମ୍ ପ୍ରକଳ୍ପ, ଜଗନ୍ନାଥ ମନ୍ଦିର ମାମଲା, ବଂଶଧାରା ଜଳ ବିବାଦ ଆଦି ଭଳି ଓଡ଼ିଶା ସହ ସମ୍ପର୍କିତ ମାମଲାଗୁଡ଼ିକର ରାୟ ଶୁଣାଇବେ ସର୍ବୋଚ୍ଚ ଅଦାଲତ। ମହାନଦୀ ଓ ବଂଶଧାରା ଜଳ ବିବାଦ ମାମଲା ଯଥାକ୍ରମେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଓ ସୁପ୍ରିମକୋର୍ଟରେ ଦୀର୍ଘ ବର୍ଷ ଧରି ବିଚାରାଧୀନ ରହିଛି। ୨୦୨୦ରେ ଜଳ ବିବାଦ ମାମଲାଗୁଡ଼ିକର ଫଇସଲା ହୋଇପାରେ।

**ମହାନଦୀ ଜଳ ବିବାଦ:** ମହାନଦୀକୁ ନେଇ ପଡ଼ୋଶୀ ଛତିଶଗଡ଼ ସହ ଓଡ଼ିଶାର ବିବାଦ ଲାଗିରହିଛି। ଏ ସମ୍ପର୍କିତ ମାମଲାର ଶୁଣାଣି ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ କରିବେ। ମହାନଦୀ ଜଳ ଉପରେ ଛତିଶଗଡ଼ର ଦାବିକୁ ଓଡ଼ିଶା ସରକାର ଚ୍ୟାଲେଞ୍ଜ କରିଛନ୍ତି। ଏହାସହ ମହାନଦୀରୁ ଓଡ଼ିଶାକୁ ଯେତିକି ଜଳ ପ୍ରବାହିତ ହେବା କଥା ତାହା ଛତିଶଗଡ଼ ଛାଡୁ ବୋଲି ରାଜ୍ୟ ସରକାର ଦାବି କରିଛନ୍ତି। ସେହିପରି ମହାନଦୀ ଉପରେ ଛତିଶଗଡ଼ର ବ୍ୟାରେଜ ନିର୍ମାଣ ନିଷ୍ପତ୍ତିକୁ ମଧ୍ୟ ଓଡ଼ିଶା ଚ୍ୟାଲେଞ୍ଜ କରିଛି। ତେବେ ମହାନଦୀ ଜଳକୁ ଦୁଇରାଜ୍ୟ ମଧ୍ୟରେ ସମାନ ଦୁଇଭାଗ କରିବା ପାଇଁ ଟ୍ରିବ୍ୟୁନାଲରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

**ବଂଶଧାରା ଜଳ ବିବାଦ:** ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ରାୟକୁ ଚ୍ୟାଲେଞ୍ଜ କରି ଓଡ଼ିଶା ପକ୍ଷରୁ ସୁପ୍ରିମକୋର୍ଟରେ ଦୁଇଟି ପିଟିଶନ ଦାଏର କରାଯାଇଛି। ଏହାସହ ନେରାଡି ବ୍ୟାରେଜରେ ଯୁଗ୍ମ ସର୍ଭେ ପାଇଁ ଟ୍ରିବ୍ୟୁନାଲ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକୁ ମଧ୍ୟ ଏଥିରେ ବିରୋଧ କରାଯାଇଛି। ବଂଶଧାରା ନଦୀ ଉପରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ବ୍ୟାରେଜ ନିର୍ମାଣ କାର୍ଯ୍ୟକୁ ଓଡ଼ିଶା ଚ୍ୟାଲେଞ୍ଜ କରିଛି। ସର୍ବୋଚ୍ଚ ଅଦାଲତ ଏହାର ଶୁଣାଣି ଜାନୁୟାରୀରେ କରିବେ ଏବଂ ୨୦୨୦ ମଧ୍ୟରେ ହିଁ ରାୟ ପ୍ରକାଶ କରିପାରନ୍ତି।

**ପୋଲାଭରମ ମାମଲା:** ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ମଧ୍ୟରୁ ପୋଲାଭରମ ମାମଲା ଅନ୍ୟତମ। ବିବାଦୀୟ ପୋଲାଭରମ ପ୍ରକଳ୍ପକୁ ନେଇ ୨୦୧୯ରେ କୌଣସି ରାୟ ଆସିପାରି ନାହିଁ। ସୂତ୍ରରୁ ମିଳିଥିବା ସୂଚନାନୁସାରେ ସର୍ବୋଚ୍ଚ ଅଦାଲତ ଜାନୁୟାରୀ ମାସରେ ଏହାର ଶୁଣାଣି କରିପାରନ୍ତି। ୨୦୧୯ର ପ୍ରଥମ କେତେ ମାସରେ ଏହି ପ୍ରସଙ୍ଗରେ ଶୁଣାଣି କରିବା ପରେ ପରବର୍ତ୍ତୀ ସମୟରେ ବିଚାରକୁ ଆଗକୁ ବଢ଼ାଇ ନ ଥିଲେ ସୁପ୍ରିମକୋର୍ଟ। ପୋଲାଭରମ ନଦୀବନ୍ଧ ଯୋଜନା ଉପରେ କଟକଣା ଜାରି କରିବା ପାଇଁ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଛନ୍ତି। ଆନ୍ଧ୍ର ପକ୍ଷରୁ ନିର୍ମାଣ କରାଯାଉଥିବା ଏହି ଡ୍ୟାମ୍ ଯୋଗୁ ଓଡ଼ିଶାର ଅନେକ ଅଞ୍ଚଳ ଜଳମଗ୍ନ ହେବ ଏବଂ ଏଥିରେ ବହୁ ଲୋକ ବିଶେଷକରି ଆଦିବାସୀମାନେ ପ୍ରଭାବିତ ହେବେ ବୋଲି ଆବେଦନରେ କୁହାଯାଇଛି।

**ଜଗନ୍ନାଥ ମନ୍ଦିର ମାମଲା:** ପୁରୀ ଶ୍ରୀମନ୍ଦିରକୁ ନେଇ ୨୦୧୯ ନଭେମ୍ବରରେ ସୁପ୍ରିମକୋର୍ଟ ଏକ ଅନ୍ତରୀଣ ରାୟ ପ୍ରକାଶ କରିଥିଲେ। ସର୍ବୋଚ୍ଚ ଅଦାଲତ ବିଶେଷକରି ଶ୍ରୀମନ୍ଦିରର ସଂସ୍କାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ମନ୍ଦିର ପରିଚାଳନା କମିଟି ପାଇଁ ସ୍ଥାୟୀ ପ୍ରଶାସକ ନିଯୁକ୍ତି କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସୁରୁଖୁରୁରେ ଭକ୍ତଙ୍କ ଦର୍ଶନ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ମନ୍ଦିର ପ୍ରଶାସନ ଓ ସରକାରଙ୍କ ପାଇଁ ନିର୍ଦ୍ଦେଶ ରହିଥିଲା। ସୁପ୍ରିମକୋର୍ଟ ଜାନୁୟାରୀ ୮ରେ ମନ୍ଦିରର ନୀତିକାନ୍ତି ପାଇଁ ସୁପାରିସଗୁଡ଼ିକର କାର୍ଯ୍ୟକାରିତା ଉପରେ ଶୁଣାଣି କରିବେ।

**ଆଇନଜୀବୀଙ୍କ ବିକ୍ଷୋଭ:** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ପଶ୍ଚିମାଞ୍ଚଳର ଆଇନଜୀବୀଙ୍କ ଆନ୍ଦୋଳନ ଅବ୍ୟାହତ ରହିଛି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଶୁଣାଣି କରିବେ। ଏଥିଲାଗି ଶୀର୍ଷ ଅଦାଲତ ଆଇନଜୀବୀମାନଙ୍କୁ ନିଜ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓକିଲମାନେ କାର୍ଯ୍ୟରେ ଯୋଗ ନ ଦେବା ଯାଏ ସ୍ୱତନ୍ତ୍ର ବେଞ୍ଚ୍ ସ୍ଥାପନ ନେଇ ଆବେଦନର ଶୁଣାଣି ହେବନାହିଁ ବୋଲି ଅଦାଲତ କହିଥିଲେ। ସେହିପରି ଦେଶର ହାଇକୋର୍ଟଗୁଡ଼ିକରେ ଖାଲିଥିବା ବିଚାରପତି ପଦବୀ ସମ୍ପର୍କିତ ମାମଲାର ମଧ୍ୟ ଶୁଣାଣି ସୁପ୍ରିମକୋର୍ଟ କରିବେ। ଜାନୁୟାରୀ ୧୦ରେ ଏହାର ବିଚାର କରାଯିବ।

**ସୂଚନା କମିଶନର ନିଯୁକ୍ତି:** ଓଡ଼ିଶା ସୂଚନା କମିଶନରଙ୍କ କାର୍ଯ୍ୟାଳୟରେ ଖାଲିଥିବା ପଦବୀଗୁଡ଼ିକୁ ୩ ମାସ ମଧ୍ୟରେ ପୂରଣ କରିବା ପାଇଁ ଗତ ଡିସେମ୍ବରରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନୂଆବର୍ଷରେ ଏହି ପ୍ରସଙ୍ଗରେ ମଧ୍ୟ ଶୁଣାଣି ହୋଇପାରେ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଶ୍ରୀଲିପ୍ସା
ପରିବାରବର୍ଗ


ଲିସ୍‌କୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭୁବନେଶ୍ୱରରେ ଲାଗିବ ଡପ୍‌ଲାର ରାଡାର

## ଚିନ୍ତା ବଢ଼ାଇଛି ସହରାଞ୍ଚଳ ଜଳବାୟୁ

- ତାତି, ବର୍ଷା, ବଜ୍ରପାତ, ଘୂର୍ଣ୍ଣିଝଡ଼ ସୂଚନା ଦେବ

ଭୁବନେଶ୍ୱର,୧।୧(ବ୍ୟୁରୋ)

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବିଶେଷ କରି ସହରାଞ୍ଚଳ ଜଳବାୟୁ ପରିବର୍ତ୍ତନ ଚିନ୍ତା ବଢାଇଲାଣି। ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ ଦେଶର ୫ ସହରରେ ଡପ୍‌ଲାର ରାଡାର ଲଗାଇବାକୁ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ନିଷ୍ପତ୍ତି ନେଇଛି। ସେଥିମଧ୍ୟରୁ ଓଡ଼ିଶାର ଭୁବନେଶ୍ୱରରେ ଏକ ଡପ୍‌ଲାର ରାଡାର ସ୍ଥାପନ କରାଯିବ। ସହରାଞ୍ଚଳ ପାଣିପାଗ ସତର୍କତା ଯୋଜନାରେ ଏହି ଡପ୍‌ଲାର ରାଡାର ସ୍ଥାପନ କରାଯିବ। ଏହି ରାଡାର ଜରିଆରେ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ନୟାଗଡ ସହରାଞ୍ଚଳକୁ ଜଳବାୟୁ ସମ୍ପର୍କିତ ସତର୍କ ସୂଚନା ଆଗୁଆ ପ୍ରଦାନ କରାଯିବ। ଏହି ରାଡାର ବର୍ଷା, ବଜ୍ରପାତ, ଘୂର୍ଣ୍ଣିଝଡ, ଧୂଳିଝଡ, ବାୟୁମଣ୍ଡଳର ତାପ ଓ ଚାପ, ତାପମାତ୍ରା ଭଳି ବିଭିନ୍ନ ସତର୍କ ସୂଚନା ପ୍ରଦାନ କରିବ। ଏହାଛଡ଼ା ସହରର କେଉଁ ଅଞ୍ଚଳରେ କେତେ ବର୍ଷା ଓ ତାତି ହେଉଛି ସେ ସମ୍ପର୍କରେ ମଧ୍ୟ ସୂଚନା ମିଳିପାରିବ। ଏହି ସୂଚନା ଆଧାରରେ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିବେ। ଏ ନେଇ ଜାତୀୟ ସ୍ତରର ଏକ କର୍ମଶାଳା ଚଳିତ ମାସ ଶେଷ ସପ୍ତାହ କିମ୍ବା ଫେବୃୟାରୀ ପ୍ରଥମ ସପ୍ତାହରେ ହେବ। ଭାରତୀୟ ପାଣିପାଗ ବିଭାଗ ଏହି ପ୍ରକଳ୍ପର ସମସ୍ତ ଖର୍ଚ୍ଚ ବହନ କରିବ। ଭୁବନେଶ୍ୱରର କେଉଁ ସ୍ଥାନରେ ଏହା ଲାଗିବ ତାହା ସର୍ଭେ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ପରିବର୍ତ୍ତିତ ଜଳବାୟୁ କାରଣରୁ ବିଭିନ୍ନ ସମୟରେ ଘଟୁଥିବା ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବହୁ ମାତ୍ରାରେ ଧନଜୀବନ ନଷ୍ଟ ହେଉଛି। ଏସବୁର ପୂର୍ବସୂଚନା ମିଳିପାରୁ ନ ଥିବାରୁ କ୍ଷୟକ୍ଷତିର ମାତ୍ରା ବହୁ ପରିମାଣରେ ବଢ଼ିଯାଉଛି। ଗତ ମୌସୁମୀ ବର୍ଷା ସମୟରେ ଦେଶର ବିଭିନ୍ନ ସହରରେ ଭିନ୍ନ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। କେଉଁଠି ଜଳାର୍ଣ୍ଣବ ତ କେଉଁଠି ପାଣି ଟିକେ ପାଇଁ ହାହାକାର। ଜୁଲାଇ ଓ ଅଗଷ୍ଟ ମାସ ବର୍ଷାରେ ଦେଶର ୧୦ଟି ସ୍ଥାନରେ ଅଲଗା ଅଲଗା ଚିତ୍ର ଦେଖିବାକୁ ମିଳିଥିଲା। ଆସାମ, ପାଟନା, ମୁମ୍ବାଇ, ପ୍ରୟାଗରାଜରେ ପ୍ରବଳ ବର୍ଷା ଯୋଗୁ ଜଳମଗ୍ନ ହୋଇ ଯାଇଥିଲା। ଗୋଟିଏ ପଟେ ପ୍ରବଳ ବର୍ଷା ହେଉଥିବା ବେଳେ ସେହି ଏକା ସମୟରେ ନାଗପୁର, ଚେନ୍ନାଇ, ହାଇଦ୍ରାବାଦ, ବେଙ୍ଗାଲୁରୁ ଭଳି ସହରରେ ଜଳ ସଙ୍କଟ ଦେଇଦେଇଥିଲା। ରାଜଧାନୀ ନୂଆଦିଲ୍ଲୀରେ ଧୂଳିଝଡ ପରିବେଶକୁ ପ୍ରଦୂଷିତ କରି ଦେଇଥିଲା। ଗୋଟିଏ ସମୟରେ ଦେଶର ସହରଗୁଡିକରେ ଭିନ୍ନ ଭିନ୍ନ ଜଳବାୟୁ ଚିନ୍ତା ବଢାଇଲାଣି। ଏପରି କି ଗୋଟିଏ ସହରରେ ମଧ୍ୟ ଜଳବାୟୁରେ ଅନେକାଂଶରେ ପାର୍ଥକ୍ୟ ଦେଖା ଦେଉଛି। ଏହାକୁ ଦୃଷ୍ଟିରେ ରଖି ସହରାଞ୍ଚଳର ଜଳବାୟୁକୁ ଅନୁଧ୍ୟାନ କରିବାକୁ ଆଇଏମ୍‌ଡି ପକ୍ଷରୁ ଦେଶର ବିଭିନ୍ନ ସହରରେ ଡପ୍‌ଲାର ରାଡାର ସ୍ଥାପନ କରିବାକୁ ଯୋଜନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଏଚ.ଆର. ବିଶ୍ୱାସ କହିଛନ୍ତି।

# ଆଜି ୩ ଜିଲ୍ଲାରେ ପ୍ରବଳ ବର୍ଷା

ଭୁବନେଶ୍ୱର, ୧।୧(ବ୍ୟୁରୋ)

ସାରା ରାଜ୍ୟରେ ଶୀତ ଲହରି ଜାରି ରହିଥିବା ବେଳେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବ। ଗୁରୁବାର ୩ ଜିଲାରେ ପ୍ରବଳ ବର୍ଷିବ ଏବଂ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଗୁରୁବାର ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବାକୁ ଥିବା ବେଳେ ସୁନ୍ଦରଗଡ଼, କେନ୍ଦୁଝର ଓ ଝାରସୁଗୁଡ଼ାରେ ପ୍ରବଳ ବର୍ଷା ହେବ। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଏହି ୩ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ଗୁରୁବାର ଦେବଗଡ଼, ସୋନପୁର, ଢେଙ୍କାନାଳ, ବୌଦ୍ଧ, ଅନୁଗୋଳ, ସୁନ୍ଦରଗଡ଼, କେନ୍ଦୁଝର ଓ ଝାରସୁଗୁଡ଼ା ଆଦି ୮ଟି ଜିଲାରେ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶୁକ୍ରବାର ମଧ୍ୟ ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୋଳ ଆଦି ୬ଜିଲାରେ ଘଡ଼ଘଡ଼ି, ବିଜୁଳି ସହିତ ଝଡ଼ ହେବ। ତେଣୁ ଏ ସମସ୍ତ ୬ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାର ରାଜ୍ୟର କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ରାତିର ତାପମାତ୍ରା ୨ରୁ ୩ଡିଗ୍ରୀ ମଧ୍ୟରେ ଖସିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ବୁଧବାର ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୭.୬ ଡିଗ୍ରୀ ରହିଥିବା ରେକର୍ଡ କରାଯାଇଛି। ଏହାଛଡ଼ା କେନ୍ଦୁଝରରେ ୬.୮, ତାଳଚେରରେ ୮.୯, ଫୁଲବାଣୀରେ ୯, ସୋନପୁରରେ ୯.୬, ସୁନ୍ଦରଗଡ଼ରେ ୧୦, ବାଲେଶ୍ୱରରେ ୧୦.୧, ଦାରିଙ୍ଗବାଡ଼ିରେ ୧୦.୫, ଟିଟିଲାଗଡ଼ରେ ୧୦.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଦ୍ୱୈତନଗରୀ କଟକରେ ତାପମାତ୍ରା ୧୦.୮ଡିଗ୍ରୀ ରହିଥିବା ବେଳେ ଭୁବନେଶ୍ୱରରେ ୧୨.୬ ଡିଗ୍ରୀ ରହିଥିଲା।

## ଗଗନୟାନ ଲାଗି ...

କେନ୍ଦ୍ର ସ୍ଥାପନ ପାଇଁ ଇସ୍ରୋ ଯୋଜନା କରିଛି। ଏଥିପାଇଁ ୨୩୦୦ ଏକର ଜମି ଅଧିଗ୍ରହଣ କରାଯିବ। ଉକ୍ତ ମହାକାଶ କେନ୍ଦ୍ରରୁ ଛୋଟ ସାଟେଲାଇଟ୍‌ଗୁଡ଼ିକୁ ଲଞ୍ଚ କରାଯିବ। ଏହାବ୍ୟତୀତ ମହାକାଶକୁ ମାନବ ପ୍ରେରଣ ଲାଗି ଇସ୍ରୋର ମିଶନ ମଧ୍ୟ ସମାନ୍ତରାଳ ଭାବେ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ୭ ଜଣ ମହାକାଶଚାରୀଙ୍କୁ ଚୟନ କରାଯାଇଥିଲା, ଯେଉଁମାନେ ରୁଷିଆରେ ସ୍କ୍ରିନିଂ ପ୍ରକ୍ରିୟା ଶେଷ କରିଛନ୍ତି। ଚଳିତ ସପ୍ତାହ ଶେଷରେ ଆଉ ୫ ଜଣ ପ୍ରଶିକ୍ଷଣ ଲାଗି ରୁଷିଆ ଯିବେ ବୋଲି ଶିବନ୍ କହିଛନ୍ତି। ୨୦୨୦ରେ ଇସ୍ରୋ ୨୫ଟି ମିଶନ ପାଇଁ ଯୋଜନା କରିଛି। ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମର ସମସ୍ୟା ସମ୍ପର୍କରେ ପ୍ରଶ୍ନ ହେବାରୁ ଶିବନ୍ କହିଥିଲେ, ବେଗ ହ୍ରାସ କରିବାରେ ବିଫଳତା ଯୋଗୁ ଏହା ଠିକ୍ ଭାବେ ଅବତରଣ କରିପାରିଲାନାହିଁ। ଚନ୍ଦ୍ରର ଦକ୍ଷିଣ ମେରୁରେ ପ୍ରଥମ ଥର ପାଇଁ ମହାକାଶ ଯାନ ଅବତରଣ କରିବା ଲାଗି ଚନ୍ଦ୍ରୟାନ-୨ ମାଧ୍ୟମରେ ଇସ୍ରୋ ଲକ୍ଷ୍ୟ ରଖିଥିଲା। ତେବେ ବିକ୍ରମ ହାର୍ଡ ଲ୍ୟାଣ୍ଡିଂ କରିବାରୁ ତାହା ସଫଳ ହୋଇପାରି ନ ଥିଲା।

ପ୍ରଥମ ପୃଷ୍ଠାରୁ...

# ଶ୍ରୀକ୍ଷେତ୍ର ଭକ୍ତମୟ

- ୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଆଗମନ
- ଦାରୁଦିଅଁଙ୍କ ଦର୍ଶନରୁ ଆରମ୍ଭ କଲେ ନୂଆବର୍ଷ
- ସଅଳ ନୀତି, ଧାର୍ଯ୍ୟ ସମୟରେ ବାହାରିଲା ମହାପ୍ରସାଦ

ପୁରୀ ଅଫିସ, ୧।୧

ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଦେଉ। ନୂଆ ଆଶା ଓ ସମ୍ଭାବନା ଆଣୁ। ବର୍ଷ ୨୦୨୦ର ପ୍ରଥମ ଦିନରେ ମହାପ୍ରଭୁଙ୍କୁ ଦର୍ଶନ କରି ଏମିତି କୃପାଭିକ୍ଷା କରି କୃତାର୍ଥ ହୋଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ନୂଆବର୍ଷ ପାଇଁ ବୁଧବାର ଶ୍ରୀକ୍ଷେତ୍ର ପାଲଟିଥିଲା ଭକ୍ତମୟ। ବଡ଼ଦାଣ୍ଡ ହେଉ କି ବଡ଼ଦେଉଳ ଅବା ବେଳାଭୂମି ସବୁଠି ଦେଖିବାକୁ ମିଳିଥିଲା ଭକ୍ତ ଓ ପର୍ଯ୍ୟଟକଙ୍କ ଗହଳି। ଚଳଚଞ୍ଚଳ ହୋଇପଡ଼ିଥିଲା ଆଧ୍ୟାତ୍ମିକ ସହର ପୁରୀ। ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ମାର୍କେଟ ଛକରୁ ସିଂହଦ୍ୱାର ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ଅନୁକୂଳ ପାଗ ଥିବାବେଳେ ସିଂହଦ୍ୱାରର ନୂଆରୂପ ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବେଳାଭୂମିରେ ପହିଲି ସୂର୍ଯ୍ୟ ଓ ରତ୍ନସିଂହାସନରେ ଦାରୁବିଗ୍ରହଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରି ନୂଆବର୍ଷ ଆରମ୍ଭ କରିଥିଲେ।

ନୂଆବର୍ଷ ପାଇଁ ଜିଲା ପ୍ରଶାସନ, ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ପ୍ରାଥମିକତା ଦିଆଯାଇ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ସେବାୟତ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ଯୋଗୁ ନୀତି ସଅଳ ହୋଇଥିଲା। ସିଂହଦ୍ୱାର ସମ୍ମୁଖ ଅଞ୍ଚଳକୁ ଆକର୍ଷଣୀୟ ଭାବେ ସଜାଯାଇଥିଲା। ପ୍ରଥମଥର ଲାଗି ମାର୍କେଟ ଛକରୁ ସ୍ୱତନ୍ତ୍ର ପାଦଚଲା କରିଡର କରାଯାଇଥିଲା। ଏଥିରେ ଶ୍ରଦ୍ଧାଳୁମାନେ ଆସି ନୂଆ ବ୍ୟାରିକେଡ ଦେଇ ସିଂହଦ୍ୱାରରେ ପ୍ରବେଶ କରିଥିଲେ। ମଙ୍ଗଳବାର ରାତି ସାଢେ ୧୧ଟା ପୂର୍ବରୁ ଭକ୍ତମାନେ ବଡ଼ଦାଣ୍ଡରେ ଧାଡ଼ି ଲଗାଇଥିଲେ। ୧ଟା ୨୦ରେ ଦ୍ୱାରଫିଟା ପରେ ମଙ୍ଗଳ ଆଳତି ଅର୍ଥାତ୍ ରାତି ୨ଟାରୁ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନଙ୍କୁ ପର୍ଯ୍ୟାୟ କ୍ରମେ ଭିତରକୁ ଛଡ଼ାଯାଉଥିଲା। ଗୋଟିଏ ଦଫାରେ ପ୍ରାୟ ୮୦୦ରୁ ୧୦୦୦ ଭକ୍ତ ମନ୍ଦିରକୁ ପ୍ରବେଶ କରୁଥିଲେ। ବାଇଶି ପାହାଚ, କୀର୍ତ୍ତନ ଚକଡ଼ା, ସାତପାହାଚ ଦେଇ ଭିତରକୁ ଯାଇ ସେମାନେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ସେମାନେ ଖାଲି ହେବା ପରେ ପୁଣି ଆଉ ଏକ ଦଫାରେ ଭକ୍ତଙ୍କୁ ଛଡ଼ା ଯାଉଥିଲା। ପ୍ରବଳ ଭିଡ଼ ଯୋଗୁ କେତେଜଣ ଭକ୍ତ ଅସୁସ୍ଥ ହୋଇପଡ଼ିଥିବାବେଳେ ଗହଳି ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ଧାର୍ଯ୍ୟ ସମୟରେ ମହାପ୍ରସାଦ ବାହାରି ଥିଲା। ଭକ୍ତମାନେ ଆନନ୍ଦରେ ମହାପ୍ରସାଦ ପାଇଥିଲେ। ଶାନ୍ତିଶୃଙ୍ଖଳା ସହ ଶୃଙ୍ଖଳିତ ଦର୍ଶନ ଲାଗି ଶ୍ରୀମନ୍ଦିର ଭିତରେ ଓ ବାହାରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା।

ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ବଲୱନ୍ତ ସିଂ କହିଛନ୍ତି, ଭକ୍ତଙ୍କ ସୁବିଧା ପାଇଁ ଚଳିତବର୍ଷ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କମ୍ ସମୟ ମଧ୍ୟରେ ଅନେକ ପଦକ୍ଷେପ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ଥିଲା। ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ସମସ୍ତଙ୍କ ସହଯୋଗରେ ଏହା ସଫଳ ହୋଇଛି। ଭକ୍ତମାନେ ଧୈର୍ଯ୍ୟର ସହ ପ୍ରଶାସନକୁ ସହଯୋଗ କରିଛନ୍ତି। ଆଗାମୀ ଦିନରେ କୌଣସି ବଡ଼ ଆୟୋଜନ ପାଇଁ ଏହି ଅନୁଭୂତି ନିଶ୍ଚିତ ସହାୟକ ହେବ। ସେହିପରି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ନୂଆବର୍ଷ ଅବସରରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଛି। ପ୍ରଶାସନ ପକ୍ଷରୁ ଯେଉଁ ବ୍ୟବସ୍ଥା କରାଯାଇଥିଲା ତାହା ସଫଳ ହୋଇଛି। ଶାନ୍ତିଶୃଙ୍ଖଳାର ସହ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି।

# ସିଂହଦ୍ୱାର ନୂଆ ରୂପକୁ ପ୍ରଶଂସା

ପୁରୀ ଅଫିସ, ୧।୧

ସିଂହଦ୍ୱାର ପାଇଛି ନୂଆରୂପ। ଏହାର ସମ୍ମୁଖ ଅଞ୍ଚଳ ଅର୍ଥାତ୍ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ କାକୁଡ଼ିଖାଇ ମନ୍ଦିର ପର୍ଯ୍ୟନ୍ତ ସାଜସଜ୍ଜାରେ ଝଲସି ଉଠୁଛି। ପ୍ରାୟ ୪ ମାସ ପୂର୍ବରୁ ସିଂହଦ୍ୱାର ସମ୍ମୁଖ ଚିତ୍ର ଭିନ୍ନ ଥିଲା। ଉଠାଦୋକାନୀ, ବ୍ୟବସାୟ ପ୍ରତିଷ୍ଠାନ, ଭିକାରିଙ୍କ ଗହଳି ଲାଗୁଥିଲା। ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡ ଦେଇ ଯା' ଆସ କରିବାରେ ମଧ୍ୟ ସମସ୍ୟା ହେଉଥିଲା। ମାତ୍ର ଆଜି ବଦଳିଯାଇଛି ଚିତ୍ର। ସେବର ସିଂହଦ୍ୱାର ଏବଂ ଏବର ସିଂହଦ୍ୱାର ସମ୍ପୂର୍ଣ୍ଣ ଭିନ୍ନ ଦେଖାଯାଉଛି, ଯାହାକୁ ଦେଖି ପ୍ରଶଂସା କରୁଛନ୍ତି ଭକ୍ତ।

ସବୁଜ ବଳୟ ସାଙ୍ଗକୁ ନୂତନ ଶେଡ୍ ତିଆରି ହୋଇଛି। ଶେଡ୍‌କୁ ଫୁଲମାଳରେ ସଜାଯାଇଛି। ଏଥିରେ ସିସିଟିଭି ଓ ସାଉଣ୍ଡବକ୍ସ ଲାଗିଛି। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ବସିବା ବ୍ୟବସ୍ଥା ମଧ୍ୟ ହୋଇଛି। ନୂତନ ବ୍ୟାରିକେଡରେ ଅଙ୍କାଯାଇଛି ପାରମ୍ପରିକ ଝୋଟି ଚିତା। ମେଘନାଦ ପାଚେରି କଡ଼ରେ ଲାଇଟ୍ ଲଗାଯାଇଛି। ସିଂହଦ୍ୱାର ଅଞ୍ଚଳରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ହୋଇଛି। ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟଜଳ, ଶୌଚାଳୟ, ଜୋତା ଓ ମୋବାଇଲ ଷ୍ଟାଣ୍ଡ ଆଦିର ସୁବିଧା କରାଯାଇଛି। ଏଭଳି ବ୍ୟବସ୍ଥାକୁ ଦେଖି ଭକ୍ତମାନେ ଖୁସି ହେଉଛନ୍ତି। କଟକ ନେମାଳର ପ୍ରଜ୍ଞା ପାରମିତା ସାହୁ କହିଛନ୍ତି, ବହୁତ ସୁନ୍ଦର ଲାଗୁଛି। ଏମିତି ସ୍ୱଚ୍ଛ ଓ ସୌନ୍ଦର୍ଯ୍ୟକରଣ ସବୁଦିନ ରହିବା ଦରକାର। ଆଜି ଏକ ନିଆରା ଶ୍ରୀମନ୍ଦିରକୁ ଆସିବା ଭଳି ଅନୁଭବ ହେଉଛି।

### ଶୃଙ୍ଖଳା ପାଇଁ ପାଦ ପ୍ରକ୍ଷାଳନ କଢ଼ାଗଲା

ନୂତନ ବ୍ୟାରିକେଡ ପାରି ହେବା ପରେ ପାଦ ପ୍ରକ୍ଷାଳନ ପାଇଁ ବର୍ଗାକାର ୪ଟି ପାଣିକୁଣ୍ଡ ରଖାଯାଇଥିଲା। ପୂର୍ବରୁ ଯେଭଳି ଅରୁଣ ସ୍ତମ୍ଭ ବାମପାର୍ଶ୍ୱରେ ଭକ୍ତମାନେ ଗୋଡ଼ ଧୋଉଥିଲେ ଆଉ ସେଭଳି କରିବେ ନାହିଁ। ଧାଡ଼ିରେ ଯିବାବେଳେ ହିଁ ସେହି ପାଣିକୁଣ୍ଡ ଭିତରେ ପଶିକରି ଯିବେ। ଏଥିରେ ପାଣି ଓ ମ୍ୟାଟ୍ ପକାଯାଇଥିଲା। ସ୍ଥାନାନ୍ତର ହୋଇ ପାରୁଥିବା ଏହି ପାଦ ପ୍ରକ୍ଷାଳନ ବ୍ୟବସ୍ଥା ମଙ୍ଗଳବାର ବ୍ୟାରିକେଡ ସମ୍ମୁଖରେ ଥିଲା। କିନ୍ତୁ ଶୃଙ୍ଖଳା ପାଇଁ ବୁଧବାର ଏହାକୁ ହଟାଇ ଦେଇଥିଲା ପ୍ରଶାସନ। ଭିଡ଼ ନିୟନ୍ତ୍ରଣ ଲାଗି ପର୍ଯ୍ୟାୟ କ୍ରମେ ଭକ୍ତଙ୍କୁ ବ୍ୟାରିକେଡ଼ରୁ ଛଡାଯାଉଥିଲା। ପାଦ ପ୍ରକ୍ଷାଳନ ପାଇଁ ଭକ୍ତମାନେ ଯଦି ଅଟକନ୍ତି ତେବେ ଠେଲାପେଲା ଏବଂ ଅଯଥା ଗହଳି ହେବ। କେହି ଜାଣି ନ ପାରି ଏହାକୁ ଝୁଣ୍ଟି ଆହତ ହେବାର ସମ୍ଭାବନା ଥିବାରୁ ପ୍ରଶାସନ ଏହାକୁ ଖୋଲି ଦେଇଥିଲା।

### ଠେଲାପେଲା: ତଳେ ପଡ଼ି ୨ ଭକ୍ତ ଆହତ

ନୂଆବର୍ଷ ଅବସରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମାର୍କେଟ ଛକରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଦଚଲା କରିଡର କରାଯାଇଥିଲା। ବୁଧବାର ଏହି କରିଡରରେ ହୋଇଥିଲା ଠେଲାପେଲା। ଫଳରେ ତଳେ ପଡ଼ିଯାଇ ୨ଜଣ ଶ୍ରଦ୍ଧାଳୁ ଆହତ ହୋଇଥିଲେ। ସୂଚନା ଅନୁଯାୟୀ, କରିଡରରେ କାର୍ପେଟ ପକାଯାଇଛି। ପୂର୍ବାହ୍ନରେ ପ୍ରବେଶ ପଥରେ ପୋଲିସ ଭକ୍ତଙ୍କୁ ଛାଡ଼ିବାବେଳେ କାର୍ପେଟରେ ଜଣେ ଭକ୍ତଙ୍କ ଗୋଡ଼ ଲାଗିଯାଇଥିଲା। ସେ ତଳେ ପଡ଼ିଯିବା ପରେ ପଛରୁ ପେଲି ହୋଇଯାଉଥିବା କିଛି ଭକ୍ତ ତାଙ୍କ ଉପରେ ଚଢ଼ିଯିବା ସହ ପଡ଼ି ଯାଇଥିଲେ। ଫଳରେ ଜଣେ ବୃଦ୍ଧା ଏବଂ ଅନ୍ୟ ଜଣେ ବାଳକ ଆହତ ହୋଇଥିଲେ। ସୁରକ୍ଷା କର୍ମୀମାନେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରିଥିଲେ। ଆହତ ବାଳକଙ୍କୁ ସମ୍ପର୍କୀୟମାନେ ବାହାରକୁ ଆଣି ତାଙ୍କ ମୁହଁରେ ପାଣି ଛିଞ୍ଚିବା ସହ ପିଇବାକୁ ଦେଇଥିଲେ। ସେହିପରି ବୃଦ୍ଧାଙ୍କ ଗୋଡ଼ରେ ଆଘାତ ଲାଗିଥିବା ଜଣାପଡ଼ିଛି। ଏହି ଘଟଣା ପରେ ସୁରକ୍ଷା କର୍ମୀମାନେ ସତର୍କ ହୋଇ ଭକ୍ତମାନଙ୍କୁ ଧାଡ଼ିରେ ଛାଡ଼ିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଶନିଶ୍ଚରଙ୍କ ନକ୍ଷତ୍ରରେ ଚନ୍ଦ୍ର ଅବସ୍ଥାନ କରି ମାନସିକ ବ୍ୟସ୍ତତାକୁ ବୃଦ୍ଧି କରିବେ। ଆର୍ଥିକ ଅଭିବୃଦ୍ଧି, ସ୍ୱାସ୍ଥ୍ୟରେ ଉନ୍ନତି, ସ୍ଥଗିତ କାମରେ ଅଗ୍ରଗତି, ପାରିବାରିକ ସମସ୍ୟାର ସମାଧାନ କରି ଆଶ୍ୱସ୍ତି ଲାଭ କରିବେ। ବାଧବାଧକତାରେ ବ୍ୟୟବୃଦ୍ଧି ଓ ଶତ୍ରୁତାଜନିତ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଜଣେ ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ଅଶାନ୍ତି ଉଦ୍ରେକ କରିପାରେ।

**ବୃଷ**

ଧନସ୍ଥାନରେ ରାହୁ ଧନହାନି କିମ୍ବା ଆପଣଙ୍କୁ ଅପବ୍ୟୟ ଜନିତ ସାମୟିକ ମନସ୍ତାପ ବୃଦ୍ଧି କରିବ। ଅବଶ୍ୟ ଚତୁର୍ଥାଧିପ ଏକାଧିକ ଗ୍ରହ ସାଙ୍ଗରେ ରହିଥିବାରୁ ପାରିବାରିକ ସ୍ନେହ, ଶ୍ରଦ୍ଧା ଓ ଆଦର ଲାଭକରିବା ସହ ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଉପଭୋଗ୍ୟ ହୋଇପାରେ। ଶିଳ୍ପ,ବ୍ୟବସାୟରୁ ଲାଭବାନ୍ ହେବେ ଏବଂ ଏକପ୍ରକାର ଆତ୍ମପ୍ରସାଦ ଅନୁଭବ କରିବେ।

**ମିଥୁନ**

ଶୁକ୍ର ଅଷ୍ଟମସ୍ଥ ହୋଇ କୂଟନୀତି ଓ ବଳବାନ୍ ରାହୁ ଆପଣଙ୍କୁ କୌଶଳପ୍ରଦାନ କରି କାର୍ଯ୍ୟସାଧନ ପାଇଁ ମାର୍ଗ ଉନ୍ମୁକ୍ତ କରାଇବେ। କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବା ସହ ପାରିବାରିକ ଜୀବନର ବ୍ୟତିକ୍ରମକୁ ମଧ୍ୟ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ଆର୍ଥିକ ସ୍ଥିତି, ବନ୍ଧୁ ସମ୍ପର୍କ, ପିଲାମାନଙ୍କ ଶିକ୍ଷା, ପରୀକ୍ଷା ଓ ଶତ୍ରୁତା ବିଷୟରେ ଚିନ୍ତା ବୃଦ୍ଧି ପାଇବ।

**କର୍କଟ**

କେନ୍ଦ୍ରକୋଣାଧିପ ମଙ୍ଗଳଗ୍ରହ ସମସ୍ତ ଅମଙ୍ଗଳକୁ ବିନାଶକରି ମଙ୍ଗଳଜନକ କାମପାଇଁ ଅନୁପ୍ରେରିତ କରିପାରନ୍ତି। ଶୁକ୍ର ସପ୍ତମସ୍ଥ ହୋଇ ଆପଣଙ୍କୁ ବିଳାସପ୍ରିୟ, ମନୋରଞ୍ଜନର ଖୋରାକ ପ୍ରଦାନ କରିବେ। ପରିବାର, ପରିବହନ, ସାମାଜିକ ସମ୍ପର୍କ, କଳା, କ୍ରୀଡା, ସାହିତ୍ୟ, ସଙ୍ଗୀତ ଦିଗପ୍ରତି ଅନୁକୂଳତା ସୃଷ୍ଟି କରିବେ।

**ସିଂହ**

ରାଶ୍ୟାଧିପ ରବି ଗ୍ରହ ସମାବେଶରେ ଦୁର୍ବଳ ରହିଥିବାରୁ ସୁବିଧା ସୁଯୋଗ ପାଇଲେ ଉପଭୋଗ୍ୟ ହୋଇ ନ ପାରେ। ବାଦବିବାଦ, ପ୍ରତିଦ୍ୱନ୍ଦ୍ୱିତା, ଅନାବଶ୍ୟକ ବାର୍ତ୍ତାଳାପ ସମସ୍ୟା ଓ ଶତ୍ରୁତା ସୃଷ୍ଟି କରିବ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଅବଶ୍ୟ ଆପଣଙ୍କୁ ଦୂରଯାତ୍ରା, ନୂତନ କର୍ମାରମ୍ଭ, ଲୋକସମ୍ପର୍କ, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିୟୋଜିତ କରିପାରେ।

**କନ୍ୟା**

କର୍ମକ୍ଷେତ୍ରକୁ ଏକାଧିକ ଗ୍ରହ ଦୃଷ୍ଟିପ୍ରଦାନ କରି ବହୁବିଧ କର୍ମରେ ଅନୁପ୍ରବେଶ କରାଇପାରନ୍ତି। ତଥାପି ଚିତ୍ରା ନକ୍ଷତ୍ରର ମନ ମୁତାବକ କାମଗୁଡିକ ଆତ୍ମୀୟମାନଙ୍କ ବିରୋଧରୁ ବିଗିଡିଯାଉଥିବା କାରଣରୁ ମନେ ମନେ ବିରକ୍ତି ଅନୁଭବ କରିବେ। ଅବଶ୍ୟ ପରିବାରରେ ଉତ୍ତମ ବୁଝାମଣା,ବୟସ୍କ ବ୍ୟକ୍ତିମାନଙ୍କ ସହୃଦୟତା, ସହକର୍ମୀଙ୍କ ଅନୁରକ୍ତି ପାଇବେ।

**ତୁଳା**

କେନ୍ଦ୍ରସ୍ଥ ଶୁକ୍ର ଦ୍ୱାଦଶସ୍ଥ ହେତୁ ଆଜି ଦିନସାରା ଶୁକ୍ରଙ୍କ ପ୍ରଭାବରୁ ହସଖୁସି ମଜାମଉଜ,ବନ୍ଧୁ ମିଳନ, ନୂତନ ସ୍ଥାନ ପରିଦର୍ଶନ ମାଧ୍ୟମରେ ଅତିବାହିତ କରିବେ। ବନ୍ଧୁମାନଙ୍କ ସହାନୁଭୂତି, ପାରିବାରିକ ସ୍ଥିତି ହାଲୁକା ରହିବ। ତଥାପି ଭଲ ସମ୍ପର୍କ ରହିଥିବା ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି।

**ବିଛା**

ଚନ୍ଦ୍ର କେନ୍ଦ୍ରରେ ଅବସ୍ଥାନ କରି ଆପଣଙ୍କୁ ମନ ମୁତାବକ ସୁଫଳ ଦେବା ସହ ଲୋକପ୍ରିୟତା ସୃଷ୍ଟିକରିବ। କିନ୍ତୁ ଅନୁରାଧା ନକ୍ଷତ୍ର ଅନ୍ୟମାନଙ୍କ କାନକୁହା କଥାଦ୍ୱାରା ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁ କିମ୍ବା ସହକର୍ମୀ ଭୁଲ୍ ବୁଝିପାରନ୍ତି। ସହକର୍ମୀଙ୍କ ଜରିଆରେ ଅପରାହ୍ନେ ମୂଲ୍ୟବାନ ଦ୍ରବ୍ୟ ପାଇବେ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ।

**ଧନୁ**

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଆପଣଙ୍କୁ ନୂତନମାର୍ଗ ପ୍ରଦର୍ଶନ କରିପାରନ୍ତି। ତଥାପି ସାମୟିକ ଭାବରେ ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ, ପରିବହନ ଓ ସହକର୍ମୀମାନଙ୍କ ଦ୍ୱାରା କୌଣସି ସମସ୍ୟା ମନରେ ଭାବାନ୍ତର ସୃଷ୍ଟି କରିପାରେ। ତଥାପି ପୂର୍ବାଷାଢ଼ା ନକ୍ଷତ୍ରର ଏକ ପ୍ରୀତିବର୍ଦ୍ଧକ ପରିବେଶରେ ପ୍ରିୟଜନଙ୍କ ସହ ଦୀର୍ଘଦିନର ମତାନ୍ତରଜନିତ ସମସ୍ୟାର ସମାଧାନ ହୋଇଯିବ।

**ମକର**

ଶୁକ୍ର ଓ ଚନ୍ଦ୍ରଙ୍କ ସ୍ଥିତିଜନିତ ସକାଳୁ ସକାଳୁ ଶୁଭଖବର ସହ କୌଣସି ବନ୍ଧୁଙ୍କ ସହ ଆଳାପ ଆଲୋଚନା ମନକୁ ଆହ୍ଲାଦିତ କରିବ। ଦ୍ୱାଦଶସ୍ଥ ଗ୍ରହଜନିତ ଅବହେଳା ଯୋଗୁ କେତେକ ସ୍ଥଗିତ କାମକୁ ସମ୍ପନ୍ନ କରିବା ସକାଶେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି। ଛୋଟିଆ କଥାକୁ କେନ୍ଦ୍ରକରି ଯୁକ୍ତିତର୍କ ହୋଇପାରେ।

**କୁମ୍ଭ**

ବିଭିନ୍ନ ସମସ୍ୟାର ସମାଧାନ ପରିପ୍ରେକ୍ଷୀରେ ଆଜି ମାନସିକ ସ୍ଥିରତା ରହି ନ ପାରେ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ସଙ୍ଗଠନ, ଆନୁଷ୍ଠାନିକ କ୍ଷେତ୍ର, ସଭାସମିତି ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ପରୋକ୍ଷ ଶତ୍ରୁତା, ବନ୍ଧୁବିଚ୍ଛେଦ, ପ୍ରବାସରେ ରହୁଥିବା ସନ୍ତାନଙ୍କ ସକାଶେ ମନ ବିଚଳିତ ରହିବ।

**ମୀନ**

ଧନ ଭାଗ୍ୟାଧିପ ସ୍ୱଗୃହରେ ଅବସ୍ଥାନ କରି ଆପଣଙ୍କ ପାଇଁ ସାମଗ୍ରିକ ସୁଖସାଧନର ଖୋରାକ ଯୋଗାଇବେ। ଆଗାମୀ ଯୋଜନାକୁ ସଫଳ ରୂପାୟନ କରିବା ପରିପ୍ରେକ୍ଷୀରେ ଆତ୍ମୀୟ ସ୍ୱଜନଙ୍କ ସୁପରାମର୍ଶ ଓ ସାହାଯ୍ୟ ସହାୟକ ହେବ। ତଥାପି ବ୍ୟୟବୃଦ୍ଧି, ଅର୍ଥନୈତିକ ସମସ୍ୟା ଯୋଗୁ ସାମୟିକ ମନ ଦୁଃଖ ହୋଇପାରେ।

ଆଜି ଜାନୁୟାରୀ ୨ ତାରିଖ, ପୌଷ ଶୁକ୍ଳ ସପ୍ତମୀ ଗୁରୁବାର, ରାଶିନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣ, ସକାଳ ଘ.୭।୫୨ମି. ମଧ୍ୟେ ଅମୃତବେଳା। ଦିବା ଘ.୧୧।୫୨ମି. ଗତେ ଘ.୧।୧୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧।୧୧ମି. ଗତେ ଘ.୨।୩୨ମି. ମଧ୍ୟେ ରାହୁକାଳ।


classifieds Everyday
0674-2580101, 2549302




SALE

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68943

Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952. D-68451

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ ଟ.1,75,000ରେ ପ୍ଲଟ୍ ମିଳୁଛି। Contact: 8908492594. D-15790

Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400 D-68463




**If you want to construct your building on or before Sripanchami. You will get borewell with pumpset free of cost. Cost of construction rate varies from @1400/- to @ 1700/- per sqft. Call to: 9777251369.** D-67272

Construct your building as per your terms and condition. Contact: 9937064680. D-27284

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

GENERAL

SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452




Rejuvenate and ayurvedic full body massage by smart therapist. 9114402304. D-68946

Sai herbal spa refresh your body with smart, expert therapist. 7608062524. D-68937

Refresh your mind and soul with best therapy at Orchid Salon/Spa. 9937287222. D-68739

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68742

Ayurvedic full body massage ladies and gents. Contact: 9861064981. D-68743

Full body herbal massage with refreshment expert therapist. 7381239385, 06742540855. D-68947

Experience full body massage with us (expert). Call: 7377048581, 06742597822. D-68948

Herbal full body massage by smart / expert therapist. Contact: 8338067247. D-68949

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68950

Completely stress management therapy, visit us our clinic. Contact: 7852986810. D-68532




3000 ଟଙ୍କାରେ ନିଜର LED Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-15939

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an affidavit before the Executive Magistrate, Bhubaneswar, Khordha, I Saiyed Farid Qaderi S/o- Late Syed Allamuddin Ahmed, residing at No.6, MIG (K9A) Colony, Kalinga Vihar, Bhubaneswar do hereby confirm that my actual and true name is Saiyed Farid Qaderi instead of Saiyed Fariduddin Ahmed Shah Qaderi as mentioned and described in certificate in Board of Secondary Education, Odisha. That Saiyed Farid Qaderi and Saiyed Fariduddin Ahmed Shah Qaderi is one and same person. D-16003

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଜାନୁୟାରୀ ୨/୨୦୨୦

> ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ୍ୟ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
> - ସାରଳା ଦାସ






## ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପିଲାଙ୍କ ପାଇଁ କୋଟା

ଭୁବନେଶ୍ୱର, ୧୧(ବ୍ୟୁରୋ): କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପିଲାଙ୍କ ପାଇଁ କୋଟା ଲାଗୁ ହେବ। ଓଡ଼ିଆ ଛାତ୍ରୀଛାତ୍ରଙ୍କ ନିମନ୍ତେ ୨୫% ସିଟ୍ ସଂରକ୍ଷଣ ରଖିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ସଂରକ୍ଷଣ ପରିସରଭୁକ୍ତ ଛାତ୍ରୀଛାତ୍ର ଓଡ଼ିଶାରୁ ଦ୍ୱାଦଶ ପାସ୍ କରିଥିବା ଜରୁରୀ। ଏନେଇ ବୁଧବାର ଉଚ୍ଚ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖିଛନ୍ତି। ଆଗାମୀ ଶିକ୍ଷାବର୍ଷରେ ରାଜ୍ୟ କୋଟା ଲାଗୁ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।

# ୨୫%ରୁ କମ୍ ଆଡ୍‌ମିଶନ, ୧୩ କଲେଜକୁ ନୋଟିସ

ଭୁବନେଶ୍ୱର, ୧୧(ବ୍ୟୁରୋ)

କିଛିବର୍ଷ ପୂର୍ବରୁ ରାଜ୍ୟରେ ଛତୁ ଫୁଟିବା ଭଳି ଘରୋଇ କଲେଜ ଖୋଲୁଥିଲା। ଅଧିକାଂଶ ଅଭିଭାବକମାନେ ମଧ୍ୟ ପିଲାମାନଙ୍କ ଡିଗ୍ରୀ ପାଠ୍ୟକ୍ରମ ସକାଶେ ଘରୋଇ କଲେଜଗୁଡ଼ିକ ଉପରେ ଅଧିକ ବିଶ୍ୱାସକୁ ନେଇଥିଲେ। ମାତ୍ର ନିକଟରେ କିଛିବର୍ଷ ହେଲା ଦେଖାଦେଇଛି ଘରୋଇ କଲେଜଗୁଡ଼ିକର ଆଡ୍‌ମିଶନ ପ୍ରକ୍ରିୟାରେ ମାନ୍ଦାବସ୍ଥା ଦେଖିବାକୁ ମିଳିଛି। ଏପରି କଲେଜକୁ ନେଇ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତାଲିକା ପ୍ରସ୍ତୁତ କରିଛି। କେତୋଟି ଡିଗ୍ରୀ କଲେଜ ଅଛି ଯେଉଁଥିରେ ଆଡମିଶନ ୨୫ ପ୍ରତିଶତରୁ କମ୍ ରହିଛି। ସେହି କଲେଜଗୁଡ଼ିକ ସଂକ୍ରାନ୍ତରେ ଉଚ୍ଚଶିକ୍ଷା ବିଭାଗ ତନାଘନା ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ୧୩ଟି କଲେଜକୁ ତାଲିକାଭୁକ୍ତ କରାଯାଇଛି। ଉକ୍ତ ୧୩ କଲେଜ ମଧ୍ୟରୁ ୨୦୧୭-୧୮ରେ ୩ଟି କଲେଜରେ ଆଡ୍‌ମିଶନ ଶୂନ ରହିଥିଲା। ସେହିପରି ୨୦୧୮-୧୯ରେ ୨ଟି ଏବଂ ୨୦୧୯-୨୦ରେ ୬ଟି କଲେଜରେ ଆଡ୍‌ମିଶନଶୂନ ରହିଛି। ଅନ୍ୟସବୁ କଲେଜଗୁଡିକରେ ୨୫ପ୍ରତିଶତରୁ କମ୍ ଆଡମିଶନ ହୋଇଛି। ଏହିସବୁ କଲେଜରେ କାହିଁକି ୨୫ପ୍ରତିଶତରୁ କମ୍ ଆଡ୍‌ମିଶନ ହେଉଛି ତାର ଜବାବ୍ ରଖିବା ଲାଗି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ନୋଟିସ ଜାରି କରିଛନ୍ତି। ୨୫ପ୍ରତିଶତରୁ କମ୍ ଆଡ୍‌ମିଶନ ହୋଇଥିବା ଏହି ୧୩ କଲେଜକୁ ଆସନ୍ତା ଶିକ୍ଷା ବର୍ଷରୁ କାହିଁକି ବନ୍ଦ କରା ନ ଯିବ ସେନେଇ ଜବାବ୍ ରଖିବା ପାଇଁ କୁହାଯାଇଛି। ଏହି କଲେଜଗୁଡ଼ିକୁ ବନ୍ଦ କରାଯିବା ପରେ ସେଠାରେ ଆଡ୍‌ମିଶନ ନେଇଥିବା ପିଲାଙ୍କ ନିକଟସ୍ଥ କଲେଜକୁ ସ୍ଥାନାନ୍ତର କରାଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ ହୋଇଛି। ଏହାପରେ ଆଗକୁ ଆହୁରି ଅନେକ କଥାକୁ ବିଚାରକୁ ନେଇ ଅନ୍ୟ କେତେଗୁଡ଼ିଏ କଲେଜକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୋଟିସ ଦିଆଯିବ ବୋଲି ଜଣେ ଅଧିକାରୀଙ୍କ ନିକଟରୁ ସୂଚନା ମିଳିଛି।

# ଲାଞ୍ଜିଗଡ଼ରେ ମଦବିରୋଧୀ ସ୍ୱର

ଲାଞ୍ଜିଗଡ଼, ୧୧(ଡି.ଏନ୍.ଏ.)


ମଦ କାରବାର ବନ୍ଦ କରିବାକୁ ଯୁବଗୋଷ୍ଠୀ ଶପଥ ନେଉଛନ୍ତି।

- ଅଣ୍ଟା ଭିଡ଼ିଲେ ଯୁବଗୋଷ୍ଠୀ
- ମଦମୁକ୍ତ ସମାଜ ଗଠନ ପାଇଁ ନେଲେ ସଂକଳ୍ପ
- ପାହାଡ଼ପଦରରୁ ଆରମ୍ଭ ହେଲା ସଚେତନତା ଅଭିଯାନ

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ଦୁର୍ଗମ ଓ ମାଓବାଦୀ ପ୍ରବଣ ଅଞ୍ଚଳରେ ଅବାଧରେ ଚାଲିଛି ମଦ କାରବାର। ଏଥିଯୋଗୁଁ ଅନେକ ଧନଜୀବନ ନଷ୍ଟ ହେବାରେ ଲାଗିଛି। ମଦ ରାନ୍ଧିବା ଓ ମଦ ବିକ୍ରି ବନ୍ଦ କରିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ମହିଳା ଓ ଯୁବଗୋଷ୍ଠୀ ଆଗେଇ ଆସିଛନ୍ତି। ନୂଆବର୍ଷରେ ନେଇଛନ୍ତି ନୂଆ ସଂକଳ୍ପ, ଗଠନ କରିବେ ମଦମୁକ୍ତ ସମାଜ। ଲାଞ୍ଜିଗଡର ମାଓବାଦୀ ପ୍ରବଣ ଇଲାକାରେ ଯୁବକ ଓ ମହିଳାମାନେ ନେଇଛନ୍ତି ଶପଥ। ଏ ନେଇ ଖଣ୍ଡୁଆଳମାଳି ମହିଳା ଓ ଯୁବ ସଂଗଠନ ଆରମ୍ଭ କରିଛି ମଦବିରୋଧୀ ସଚେତନତା ପଦଯାତ୍ରା। ଗାଁ ଗାଁରେ ଆଦିବାସୀ ପରମ୍ପରା ଅନୁଯାୟୀ ଶୋଭାଯାତ୍ରାକୁ ମିଳୁଛି ଜନ ସମର୍ଥନ। ମଦ ଦ୍ୱାରା ପରିବାର ନଷ୍ଟ ହେଉଛି, ମହିଳା ବିଧବା ସାଜୁଛନ୍ତି। ଶ୍ରମିକଙ୍କ କଷ୍ଟୋପାର୍ଜିତ ଟଙ୍କା ମଦରେ ଯାଉଛି। ଗାଁ ଗାଁରେ ସଭା କରି ଭାଟି ଓ ବେଆଇନ କୁଚିଆ ମଦବିକ୍ରି ବନ୍ଦ ପାଇଁ ସୃଷ୍ଟି କରାଯାଉଛି ସଚେତନତା। ସ୍ଥାନୀୟ କୁଇ ଭାଷାରେ ମଦ କିପରି ପରିବାରକୁ ନଷ୍ଟ କରୁଛି ଏହି ଆଦିବାସୀ ମହିଳା ବଖାଣୁଥିବା ବେଳେ ଏଥିରୁ ମୁକ୍ତି ପାଇଁ ଦେଉଛନ୍ତି ଆହ୍ୱାନ। ଏହି ପଦଯାତ୍ରା ପ୍ରଥମ ପର୍ଯ୍ୟାୟରେ ୧୬ଟି ଗାଁରେ କରାଯିବ। ପରେ ବ୍ଲକରୁ ଜିଲାସ୍ତର ପର୍ଯ୍ୟନ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ପାହାଡ଼ପଦର ଗାଁରୁ ବୁଧବାର ଆରମ୍ଭ ହୋଇଥିବା ଏହି ପଦଯାତ୍ରାକୁ ବିଭିନ୍ନ ଗାଁରେ ବାଜା ବଜାଇ ଲୋକେ ସ୍ୱାଗତ କରୁଥିବା ଦେଖାଯାଉଛି। ନିର୍ବାଚିତ ପ୍ରତିନିଧିଠାରୁ ଆରମ୍ଭ କରି ସବୁବର୍ଗର ଲୋକେ ଏହି ଅଭିଯାନରେ ସାମିଲ ହେଉଛନ୍ତି। ନୂଆବର୍ଷରେ ନୂଆ ସମ୍ଭାବନାକୁ ନେଇ ଯୁବଗୋଷ୍ଠୀଙ୍କ ଏହି ଅଭିଯାନ ମାଓବାଦୀ ପ୍ରବଣ ଅଞ୍ଚଳ ପାଇଁ ଶୁଭଙ୍କର ହେବ ବୋଲି ଆଶା କରାଯାଉଛି। ଯୁବ ସାମାଜିକ କର୍ମୀ ବ୍ରିଜେଶ କୁମାରଙ୍କ ନେତୃତ୍ୱରେ ହୋଇଥିବା ଆଜିର ଏହି ସଚେତନତା କାର୍ଯ୍ୟକ୍ରମରେ ପୂର୍ବତନ ଲାଞ୍ଜିଗଡ଼ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆ, ପାହାଡ଼ପଦର ପୂର୍ବତନ ସରପଞ୍ଚ କୁଞ୍ଜ ମାଝି, ବୈଦ୍ୟନାଥ ବାବୁ, ଲଳିତା ମାଝୀ, ପାହାଡପଦର ସରପଞ୍ଚ ଉମୁଣି ମାଝି, ନୂଆ ମାଝି, ରିମା ମାଝି, ଲୋକନାଥ ମାଝି, କୁନି ମାଝି, ମାଧବ ନାଏକ ପ୍ରମୁଖଙ୍କ ସହ ଖଣ୍ଡୁଆଳମାଳି ସୁରକ୍ଷା ସମିତିର ସମସ୍ତ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ବୋରପଦର, ପୁଞ୍ଜାମ୍, ଜୀରାଗାଁ, କାଞ୍ଚନମୁହିଁ, ମଦନଗୁଡ଼ା, ତାଲବୁରା, ଘାଟିକୁଣ୍ଡରୁ, ପାହାଡ଼ପଦର, ପଟାଙ୍ଗପଦର ଆଦି ଗାଁର ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ନୂତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ - ୨୦୨୦
ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ।
ଦିପଙ୍କର ମୁଖାର୍ଜୀ
ଜୟ ଭୋଲେନାଥ
ପେଟ୍ରୋଲ ପମ୍ପ ମ୍ୟାନେଜର
ବାଉଁଶୁଣୀ, ବୌଦ୍ଧ

ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ସମସ୍ତ ମା', ମାଉସୀ, ମଉସା, ଭାଇ, ଭଉଣୀମାନଙ୍କୁ ନବବର୍ଷର ଅଭିନନ୍ଦନ ।
ରାଜେନ୍ଦ୍ର କୁଜୁର
ସମିତି ସଭ୍ୟ ତଥା
ବରିଷ୍ଠ ବିଜେଡି ନେତା

ପୁଟୁରୀଖମଣ ପଞ୍ଚାୟତବାସୀଙ୍କୁ ନବବର୍ଷର ଅଭିନନ୍ଦନ
ଦେବବ୍ରତ ଦାସ
ପଞ୍ଚାୟତ ନିର୍ବାହୀ ଅଧିକାରୀ
ରୀନା ଟପ୍ପୋ
ସରପଞ୍ଚ

ନୂତନ ବର୍ଷର ଅଭିନନ୍ଦନ
ନୂତନ ବର୍ଷ ମୋର ଜିଲ୍ଲାବାସୀଙ୍କ ପାଇଁ ସୁଖ ଓ ଶାନ୍ତିର ବର୍ଷ ହେଉ । ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ।
ବୁଦ୍ଧି ସାଗର ମିଶ୍ର
ମା' ଭବାନୀ ଷ୍ଟୋନ କ୍ରସର
ଖରଭୂଇଁ, ହରଭଙ୍ଗା, ବୌଦ୍ଧ

ନୂତନ ବର୍ଷର ଅଭିନନ୍ଦନ - ୨୦୨୦
ପ୍ରଭୁ ଜଗନ୍ନାଥ ନୂତନ ବର୍ଷର ମୋର ପଞ୍ଚାୟତବାସୀଙ୍କୁ ସମୃଦ୍ଧି ଭରି ଦିଅନ୍ତୁ ।
ହରିଶ୍ଚନ୍ଦ୍ର ଭୋଇ
ସମିତିସଭ୍ୟ
ମନୁପାଲି ପଞ୍ଚାୟତ, ବୌଦ୍ଧ

ଡୁମେରଯୋର ପଞ୍ଚାୟତବାସୀଙ୍କୁ ନବବର୍ଷର ଅଭିନନ୍ଦନ
ସନ୍ଧ୍ୟାରାଣୀ ବେହେରା
ପଞ୍ଚାୟତ ନିର୍ବାହୀ ଅଧିକାରୀ
ସୁକରାମ ଓରାମ
ସରପଞ୍ଚ

ବଡ଼ଗାଁ ବ୍ଲକ୍‌ର ସମସ୍ତ ଭାଇଭଉଣୀମାନଙ୍କୁ ନବବର୍ଷ-୨୦୨୦ର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା । ବଡ଼ଗାଁ ବ୍ଲକ୍ ବରଙ୍ଗାକଛାର ପଞ୍ଚାୟତର ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ରାଜେଶ୍ୱରୀ କାଲୋ
ସରପଞ୍ଚ
ଦଶରଥ ବେହେରା
ନାଏବ ସରପଞ୍ଚ

ନୂତନବର୍ଷର ଅଭିନନ୍ଦନ
ନବବର୍ଷ- ୨୦୨୦ ଅବସରରେ ସମଗ୍ର ଓଡିଶା ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ । ଗୁରୁଜନମାନଙ୍କ ଆଶୀର୍ବାଦ ଭିକ୍ଷା କରୁଛୁ । ଏହି ବର୍ଷଟି ସମସ୍ତଙ୍କ ପାଇଁ ମଙ୍ଗଳଦାୟକ ହେଉ । ଏତିକି ମାଁ ସମଲେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା ।
Bijaya Srivastab
Manager
M/s. BALDEV SAHU & SONS
BADBAZAR, SAMBALPUR

ନବବର୍ଷ-୨୦୨୦ର ହାର୍ଦ୍ଦିକ ଶୁଭେଚ୍ଛା
ନମିତା ବେହେରା
ଉପର ବାଲିଯୋଡ଼ି,
ରାଉରକେଲା

ନବବର୍ଷ ଅଭିନନ୍ଦନ
ବିଜୁ ଜନତା ଦଳ
ନୂତନ ବର୍ଷ ୨୦୨୦ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ନବବର୍ଷ ଅବସରରେ ସୋନପୁର ନିର୍ବାଚନ ମଣ୍ଡଳୀ ତଥା ଓଡ଼ିଶାର ସମସ୍ତ ଗୁରୁଜନ ଓ ଭାଇଭଉଣୀମାନଙ୍କ ସୁଖ, ସମୃଦ୍ଧି ଓ ବିକାଶ ପାଇଁ ମାଁ ସୁରେଶ୍ୱରୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛି ।
ଶ୍ରୀଯୁକ୍ତ ନିରଞ୍ଜନ ପୂଜାରୀ
ମାନ୍ୟବର ମନ୍ତ୍ରୀ, ଅର୍ଥ ଓ ଅବକାରୀ ବିଭାଗ, ଓଡ଼ିଶା

ନବବର୍ଷର ଶୁଭେଚ୍ଛା
Khederia Sponge Iron Pvt. Ltd.
Naikenbahal, Kuarmunda

ନବବର୍ଷ-୨୦୨୦ ଉପଲକ୍ଷେ ସାହାଜବାହାଲ ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଏହାର ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।
ବିକ୍ରମ ଟପ୍ପୋ
ସରପଞ୍ଚ
ସାହାଜବାହାଲ ପଞ୍ଚାୟତ

ପରିବେଶ ପରିଚିନ୍ତା

# ଚନ୍ଦ୍ର ଓ ସାମୁଦ୍ରିକ ଜୀବ

ମାନେକା ଗାନ୍ଧୀ

ପୂର୍ଣ୍ଣମୀ ଜହ୍ନର ରୁପେଲି ଆଲୋକରେ ଆକାଶ ଯେତେବେଳେ ଆଲୋକିତ ହୋଇଯାଏ ସେତେବେଳେ ମୋତେ ଭାରି ଖୁସି ଲାଗେ। ଚନ୍ଦ୍ର କେମିତି ପୃଥିବୀର ଭୂମିରୂପକୁ ବଦଳାଇପାରେ ତାହା ଆମେ ଭୁଲିଯାଇଛୁ କାରଣ ଆମ ପାଖରେ ଅନେକ କୃତ୍ରିମ ଆଲୋକ ରହିଛି। କିନ୍ତୁ ଚନ୍ଦ୍ର ପୃଥିବୀ ଚାରିପାଖରେ ପରିକ୍ରମା କରୁଥିବାରୁ ଏହା ଶହ ଶହ ପ୍ରଜାତିର ଜୀବଙ୍କ ଜୀବନ, ଖାଦ୍ୟ, ଆଶ୍ରୟ ଓ ପ୍ରଜନନଚକ୍ରକୁ ପ୍ରଭାବିତ କରି ପୃଥିବୀର ପର୍ଯ୍ୟାବରଣକୁ ବଦଳାଇଦେଇ ପାରୁଛି। ସମୁଦ୍ର ଜୁଆର ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ଯୋଗୁ ସୃଷ୍ଟି ହେଉଛି। ପୂର୍ଣ୍ଣମୀ ଓ ଅମାବାସ୍ୟାରେ ଚନ୍ଦ୍ର ଯେତେବେଳେ ସୂର୍ଯ୍ୟ ଓ ପୃଥିବୀ ସହ ଏକ ସରଳରେଖାରେ ରହେ ସେତେବେଳେ ସମୁଦ୍ର ଉପରେ ଏହାର ଆକର୍ଷଣ ଶକ୍ତି ବୃଦ୍ଧିପାଏ ଓ ବଡ ଜୁଆର ଆସିଥାଏ। କିନ୍ତୁ ଅଷ୍ଟମୀ ତିଥିରେ ଅର୍ଦ୍ଧଚନ୍ଦ୍ର ପୃଥିବୀ ଓ ସୂର୍ଯ୍ୟଙ୍କ ସିଧାରେ ରହେନି। ଏହାଦ୍ୱାରା ଭଟ୍ଟା ଆସେ। କିନ୍ତୁ ଜୁଆର ଉପରେ ଉପକୂଳରେ ରହୁଥିବା ଜୀବମାନଙ୍କ ଜୀବନଚକ୍ର ନିର୍ଭର କରିଥାଏ। ମାର୍ଚ୍ଚରୁ ଅଗଷ୍ଟ ମଧ୍ୟରେ କାଲିଫର୍ନିଆର ସମୁଦ୍ରକୂଳ ବାଲିରେ ଛୋଟ ଛୋଟ ରୁପେଲି ଗ୍ରୁନିୟନ ମାଛ ଭର୍ତ୍ତି ହୋଇଯାନ୍ତି। ଏମାନେ ବାଲିରେ ଗାତ ଖୋଳି ଏହା ମୁହଁରେ ପ୍ରଜନନ କ୍ରିୟା ସମ୍ପାଦନ କରିବା ପରେ ଗାତ ଭିତରେ ଅଣ୍ଡା ଦେଇଥାନ୍ତି। ଏହାର ଠିକ୍ ୧୦ ଦିନ ପରେ ଅଣ୍ଡାରୁ ଛୁଆ ଫୁଟି ଜୁଆରରେ ସମୁଦ୍ରକୁ ଭାସିଯାଏ। ଏହି ସମଗ୍ର ପ୍ରକ୍ରିୟା ଚନ୍ଦ୍ର ଦ୍ୱାରା ହିଁ ସଂଘଟିତ ହୋଇଥାଏ। କେତେକ ପ୍ରଜାତିର ସାମୁଦ୍ରିକ କଇଁଛ କୂଳକୁ ଆସି ବାଲିରେ ଅଣ୍ଡା ଦେବା ଲାଗି ପୂର୍ଣ୍ଣମୀ ଦିନର ଉଚ୍ଚ ଜୁଆରକୁ ଅପେକ୍ଷା କରିଥାନ୍ତି। ସାମୁଦ୍ରିକ ଆନେଲିଡ୍ ପୋକ, ପ୍ଲାଟିନେରିସ ଡୁମେରିଲି (ପୋକ ବିଶେଷ) ଭଳି ସାମୁଦ୍ରିକ ଜୀବ ଚନ୍ଦ୍ରର ବିଭିନ୍ନ ପର୍ଯ୍ୟାୟରେ ବା ବିଭିନ୍ନ ତିଥିରେ ଅଦ୍ଭୁତଭାବେ ସେମାନଙ୍କ ପ୍ରଜନନଚକ୍ର ସମ୍ପାଦନ କରିଥାନ୍ତି। ସମୁଦ୍ରର ନିମ୍ନଦେଶରେ ଏମାନେ ବାସ କରନ୍ତି। ପୂର୍ଣ୍ଣମୀରେ ବୟସ୍କ ପୋକର ଯୌନକୋଷ ପରିପକ୍ୱ ହୋଇଥାଏ। ଏହାର ଠିକ୍ ୧୪ ଦିନ ପରେ ଅମାବାସ୍ୟା ତିଥିରେ ଏବଂ ସୂର୍ଯ୍ୟାସ୍ତର ଚାରିଘଣ୍ଟା ପରେ ଏମାନେ ସମୁଦ୍ର ଉପରକୁ ଭାସିଆସି ଏକ ସମୟରେ ଅଣ୍ଡା ଓ ଶୁକ୍ରାଣୁ ଛାଡିଥାନ୍ତି। ଅଣ୍ଡାଦେବା ପରେ ପୋକଗୁଡ଼ିକ ମରିଯାନ୍ତି ଏବଂ ଅଣ୍ଡାରୁ ଛୁଆ ବାହାରି ସମୁଦ୍ରର ନିମ୍ନଦେଶରେ ଏକ ନୂଆ ବଂଶ ସୃଷ୍ଟି ହୋଇଥାଏ।

ବହୁ ସାମୁଦ୍ରିକ ଜୀବଙ୍କର ଜୈବିକ ଘଡ଼ି ଚନ୍ଦ୍ରର ତିଥିଚକ୍ର ସହ ବଦଳିଥାଏ। କ୍ଷୁଦ୍ର ଜୀବ ଜୁପ୍ଲାଙ୍କଷ୍ଟନ୍ ଦଳ ପ୍ରତି ରାତିରେ ସମୁଦ୍ର ତଳୁ ଉପରକୁ ପହଁରି ପହଁରି ଆସି ଶୈବାଳ ଖାଇଥାନ୍ତି। ଏତିକିବେଳେ ଏମାନେ ବି ବହୁ ଜୀବଙ୍କ ଶିକାର ହୁଅନ୍ତି। ଭୋର ହେବା କ୍ଷଣି ଜୁପ୍ଲାଙ୍କଷ୍ଟନ ଦଳ ପୁଣି ସମୁଦ୍ର ତଳକୁ ଚାଲିଯାନ୍ତି। ସେମାନଙ୍କର ଏହି କାର୍ଯ୍ୟକଳାପ ସୂର୍ଯ୍ୟଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ। କିନ୍ତୁ ମେରୁ ଅଞ୍ଚଳରେ ଯେଉଁଠି ଶୀତଦିନେ ସୂର୍ଯ୍ୟ ମାସ ମାସ ଧରି ଦେଖାଯାଏନି, ସେଠାରେ ଜୁପ୍ଲାଙ୍କଟନ ଚନ୍ଦ୍ର ଅନୁସାରେ କାର୍ଯ୍ୟ କରିଥାଏ। ମେରୁ ଅଞ୍ଚଳରେ ଯେତେବେଳେ ପୂର୍ଣ୍ଣମୀ ହୁଏ ସେତେବେଳେ ଚନ୍ଦ୍ର ଆକାଶରେ ବେଶ୍ କିଛିଦିନ ରହିଥାଏ। ଜୁପ୍ଲାଙ୍କଟନ ଶିକାରୀ ଜୀବଙ୍କଠାରୁ ବଞ୍ଚିବା ଲାଗି ଚନ୍ଦ୍ର ଦୃଶ୍ୟମାନ ହେବା ଅବଧି ମଧ୍ୟରେ ପାଣିରେ ବୁଡି ରହିଥାନ୍ତି ଓ ଅସ୍ତ ବା ଅଦୃଶ୍ୟ ହେବା ପରେ ବାହାରନ୍ତି।

ଅଣ୍ଡାଦେବା କିମ୍ବା ଖାଇବା ସମୟରେ ଶାମୁକା ତା’ ଖୋଳ ଖୋଲିଥାଏ। ଏହି ଜୀବ ଚନ୍ଦ୍ର ଦ୍ୱାରା ପ୍ରଭାବିତ ହୁଏ। ଆକାଶରେ ଚନ୍ଦ୍ର ତିଥି ଅନୁସାରେ ବଢୁଥିବା ବା ଛିଡୁଥିବା ସମୟରେ ଶାମୁକା ତା’ର ଖୋଳକୁ କେତେ ଖୋଲେ ବା ବନ୍ଦ କରେ ସେ ସମ୍ପର୍କରେ ଫ୍ରାନ୍ସର ଗବେଷକମାନେ ଅନୁଧ୍ୟାନ କରିଥିଲେ। ଅନ୍ଧକାର ପକ୍ଷରେ ଅମାବାସ୍ୟା ପର୍ଯ୍ୟନ୍ତ ଶାମୁକା ତା’ ଖୋଳକୁ କ୍ରମଶଃ ଖୋଲୁଥିବା ବେଳେ ଶୁକ୍ଳପକ୍ଷରେ ପୂର୍ଣ୍ଣମା ପର୍ଯ୍ୟନ୍ତ କ୍ରମଶଃ ବନ୍ଦ କରିଥାଏ। ଇଣ୍ଟରଟାଇଡାଲ ଜୋନ୍ (ଜୁଆରବେଳେ ପାଣି ଭର୍ତ୍ତି ହେଉଥିବା ଓ ଛାଡିଲେ ଶୁଖିଲା ପଡୁଥିବା ସ୍ଥାନ)ରେ ସ୍ପେକ୍ଲଡ୍ ସି ଲାଇସ୍ ବାଲିରେ ଗାତ ଖୋଳି ତା’ ଭିତରେ ରହନ୍ତି। ଏମାନେ ମଧ୍ୟ ପୂର୍ଣ୍ଣମୀ ଓ ଅମାବାସ୍ୟାରେ ଜୁଆରର ସ୍ରୋତ ତୀବ୍ର ରହିଲେ ଅଧିକ ସକ୍ରିୟ ରହିଥାନ୍ତି। ଭଟ୍ଟା ସମୟରେ ପୂରା ଶାନ୍ତ ପଡିଯାନ୍ତି। ସ୍ୟାଣ୍ଡହପର୍ସ ଉପକୂଳ ବାଲି ଭିତରେ ରୁହନ୍ତି। ସେମାନେ ସୂର୍ଯ୍ୟାଲୋକ ଓ ଚନ୍ଦ୍ରାଲୋକ ମଧ୍ୟରେ ପ୍ରଭେଦ ବାରି ପାରନ୍ତି। ସେମାନେ ସମୁଦ୍ର ଓ ଉପକୂଳ ମଧ୍ୟରେ ଦିନବେଳା ବ୍ୟତୀତ ଚନ୍ଦ୍ରାଲୋକରେ ମଧ୍ୟ ଠିକ୍ ଦିଗରେ ଯିବା ଲାଗି ସକ୍ଷମ ହୋଇଥାନ୍ତି।

ଶତପଦୀ ପରି ଦେଖାଯାଉଥିବା ସାମୁଦ୍ରିକ ବ୍ରିସ୍‌ଲ ୱର୍ମ ପ୍ଲାଟିନେରିସ୍ ଡୁମେରିଲି ଶୈବାଳ ଖାଇ ବଞ୍ଚନ୍ତି। ଅମାବାସ୍ୟା ପରେ ଏହି ପୋକ ସମୁଦ୍ରଜଳର ଉପର ସ୍ତରକୁ ଆସିଥାନ୍ତି ଓ ସଙ୍ଗମ ସମୟରେ ଗୋଲାକାର ହୋଇ ନାଚ କରନ୍ତି। ଚନ୍ଦ୍ରାଲୋକରେ ପରିବର୍ତ୍ତନ ହେଲେ ଏମାନଙ୍କ ଅଣ୍ଡା ଦେବା ଧାରାରେ ପରିବର୍ତ୍ତନ ହୋଇଥାଏ। ଫିଡ୍‌ଲର କଙ୍କଡ଼ା ଉପରେ ବି ଅନୁଧ୍ୟାନ କରାଯାଇଥିଲା। ଏହାକୁ ପରୀକ୍ଷାଗାରରେ ସ୍ଥିର ଆଲୋକ ଓ ତାପମାତ୍ରା ମଧ୍ୟରେ ରଖାଯାଇଥିଲେ ବି ଯେଉଁ ସମୟରେ ଜୁଆର ଆସିବା କଥା ସେହି ସମୟରେ ଏହି ଜୀବ ସବୁଠୁ ଅଧିକ ସକ୍ରିୟତା ପ୍ରକାଶ କରିଥିଲା। ଏହି ଜୀବ ମଧ୍ୟରେ ରହିଥିବା ଲୁନାର କ୍ଲକ୍ ଚନ୍ଦ୍ର ସହ ଏକ ସମୟରେ କାର୍ଯ୍ୟ କରିଥାଏ। ଏଥିଲାଗି ଏହି ଜୀବ ଜୁଆର ସମୟରେ ଜୁଆରର ଗତିକୁ ଜାଣିପାରେ। ଏଭଳି ପ୍ରତିକ୍ରିୟା ପ୍ରକାଶ କରିବା ଏହି ଜୀବର ଏକ ସ୍ୱତନ୍ତ୍ରତା। ଗାଲାପାଗୋସ୍ ମେରାଇନ୍ ଇଗୁଆନାର ଚନ୍ଦ୍ରଘଡ଼ି ଏକଦମ୍ ଠିକ୍‌ଭାବେ କାର୍ଯ୍ୟ କରିଥାଏ। ସମ୍ଭବତଃ ଏହା କଠିନ ସମୟରେ ତାକୁ ବଞ୍ଚିବାରେ ସହାୟକ ହୋଇଥାଏ। କାରଣ, ଚନ୍ଦ୍ରଘଡ଼ି ଦ୍ୱାରା ବେଳାଭୂମିର ଖାଦ୍ୟ ସ୍ଥାନରେ ଏମାନେ ପ୍ରଥମେ ଓ ଶୀଘ୍ର ପହଞ୍ଚି ଯାଇଥାନ୍ତି।

ପ୍ରତି ଡିସେମ୍ବରର ପୂର୍ଣ୍ଣମୀ ରାତିରେ ପୃଥିବୀର ସବୁଠାରେ ବିଶେଷ କରି ଅଷ୍ଟ୍ରେଲିଆର ସୌନ୍ଦର୍ଯ୍ୟମୟୀ ଉପକୂଳରେ ପ୍ରବାଳମାନେ ଏକ ସମୟରେ ଅଧିକ ପରିମାଣରେ ଅଣ୍ଡା ଓ ଶୁକ୍ରାଣୁ ମୁକ୍ତ କରିଥାନ୍ତି। ଏହି ସମୟରେ ଏଗୁଡ଼ିକ ପାଟଳ ରଙ୍ଗର ଛୋଟ ଗୋଲାକାର ପିଣ୍ଡୁଳା ହୋଇ ଭାସୁଥାନ୍ତି। ଏହି ସମୟରେ ତାପମାନ, ଲବଣତା ଓ ଉପଲବ୍ଧ ଖାଦ୍ୟ ଏହି ପ୍ରକ୍ରିୟାକୁ ବଢାଇ ଦେଇଥାଏ। ଏହି ପ୍ରକ୍ରିୟା ଉପରେ ଚନ୍ଦ୍ରାଲୋକର ପ୍ରଭାବ ରହିଛି ବୋଲି ଗବେଷକମାନେ ଜାଣି ପାରିଛନ୍ତି। ଆକାଶ ମେଘୁଆ ରହିଲେ ଚନ୍ଦ୍ରାଲୋକ ପଡେନି ଓ ଏଥିପାଇଁ ଏମାନେ ବହୁ ସମୟରେ ଅଣ୍ଡା ଦେଇ ନ ଥାନ୍ତି। ବେଳେବେଳେ ଏମାନେ ଆଗାମୀ ପୂର୍ଣ୍ଣମୀକୁ ଅପେକ୍ଷା କରି ରହିଯାନ୍ତି। କେବଳ ପ୍ରବାଳଗୁଡ଼ିକର ଏଭଳି ଆଲୋକସମ୍ବେଦୀ ସ୍ନାୟୁକୋଷ ରହିଛି ତାହା ନୁହେଁ, ଏମାନଙ୍କ ମଧ୍ୟରେ ଏକ ପ୍ରକାର ଜିନ୍ ମଧ୍ୟ ରହିଛି। ଏହି ଜିନ୍ ଚନ୍ଦ୍ରର କ୍ଷୟ ଓ ବୃଦ୍ଧି ସହ ତାଳଦେଇ ପ୍ରବାଳର ସକ୍ରିୟତାରେ ପରିବର୍ତ୍ତନ କରିବା ସହ ପ୍ରଜନନକୁ ବି ନିୟନ୍ତ୍ରଣ କରିଥାଏ।

ପାଲୋଲୋ କୀଟ ବିଶ୍ୱରେ ସବୁଆଡେ ଉଷ୍ଣ ସମୁଦ୍ର ଜଳରେ ରହନ୍ତି। ଏମାନେ ଏକାଠି ଠିକ୍ ସମୟରେ ଅଣ୍ଡା ଓ ଶୁକ୍ରାଣୁ ଛାଡିଥାନ୍ତି। ଏହି ଜୀବ ଜୀବନର ଅଧିକାଂଶ ସମୟ ପ୍ରବାଳପ୍ରାଚୀରରେ କିମ୍ବା ସମୁଦ୍ର ତଳେ ରହି ଖାଦ୍ୟ ସଂଗ୍ରହ କରିଥାନ୍ତି। କିନ୍ତୁ ଅକ୍ଟୋବର ମାସରେ ପଡୁଥିବା ପୂର୍ଣ୍ଣମୀ ତିଥିର ପ୍ରଥମ ଦୁଇଦିନ ଏମାନଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଏମାନଙ୍କ ଶରୀରର ପଛଭାଗ ଅଣ୍ଡା କିମ୍ବା ଶୁକ୍ରାଣୁର ଥଳି ପାଲଟିଯାଏ। ଏହାପରେ ଏହି ଭାଗଟି ଶରୀରରୁ ଅଲଗା ହୋଇଯାଇ ଚନ୍ଦ୍ରାଲୋକ ଆଡକୁ ପହଁରି ପହଁରି ସମୁଦ୍ର ଉପର ଭାଗକୁ ଆସିଯାନ୍ତି। ଠିକ୍ ଗୋଟିଏ ମାସ ପରେ ଏମାନେ ଅଧିକ ସଂଖ୍ୟାରେ ଏଭଳି କାର୍ଯ୍ୟ ପୁଣି କରିଥାନ୍ତି।

ଅନେକ ଜୀବଙ୍କ ପାଇଁ ଚନ୍ଦ୍ରାଲୋକ ପ୍ରବ୍ରାଜନ ଓ ସ୍ଥାନ ପରିବର୍ତ୍ତନ ଲାଗି ଖୁବ୍ ଆବଶ୍ୟକ। ଚନ୍ଦ୍ରର ହ୍ରାସବୃଦ୍ଧିର ବିଭିନ୍ନ ପର୍ଯ୍ୟାୟରେ ଜାପାନର ସେସର୍ମା କଙ୍କଡ଼ା ଏକାଠି ପାହାଡର ଗଡ଼ାଣିଆ ସ୍ଥାନରେ ଶୀଘ୍ର ଶୀଘ୍ର ସମୁଦ୍ରାଭିମୁଖୀ ନଈ ଆଡକୁ ଯାଇ ସେଠାରେ ଅଣ୍ଡା ଦେଇଥାନ୍ତି। ଖ୍ରୀଷ୍ଟମାସ ଆଇଲାଣ୍ଡ କଙ୍କଡ଼ା ଦ୍ରୁତଗତିରେ ସଙ୍ଗମ ଓ ଅଣ୍ଡା ଦେବା ଲକ୍ଷ୍ୟରେ ଜଙ୍ଗଲରୁ ସମୁଦ୍ର ଆଡକୁ ମାଡି ଚାଲନ୍ତି। ଏହାର ସମ୍ପର୍କ ଚନ୍ଦ୍ରାଲୋକର ତୀବ୍ରତା ସହ ରହିଛି ବୋଲି ଜଣାଯାଇଛି। ଅନ୍ୟ ପ୍ରଜାତିର ଜୀବଙ୍କ ଲାଗି ସମୁଦ୍ର ପଥରେ ଯିବା ଲାଗି ସଙ୍କେତ ଭାବେ କାର୍ଯ୍ୟ କରେ ଚନ୍ଦ୍ରାଲୋକ। ମାଇଗ୍ରେଟିଂ ଚମ୍ ସାଲମନ ପୂର୍ଣ୍ଣମୀରେ ଅଗଭୀର ଜଳରେ ଶୀଘ୍ର ପହଁରିଥାଏ। କାରଣ ଧ୍ରୁବତାରା ଭଳି ଚନ୍ଦ୍ର ଏମାନଙ୍କୁ ବାଟ କଢ଼େଇ ନେବାରେ ସାହାଯ୍ୟ କରେ। ଆଲ୍‌ବାଟ୍ରୋସ୍ (ଏକ ବଡ଼ ସାମୁଦ୍ରିକ ପକ୍ଷୀ) ଓ ଷ୍ଟ୍ରେକ୍‌ଡ୍ ଶିୟରୱାଟର୍ସ ଚନ୍ଦ୍ରାଲୋକରେ ଭଲଭାବେ ଅଧିକ ସମୟ ଧରି ଉଡିପାରନ୍ତି। ପ୍ରାୟତଃ ଏମାନେ ଚନ୍ଦ୍ରାଲୋକରେ ଭଲଭାବେ ଦୂରରୁ ଦେଖିପାରନ୍ତି। ବାରୁସ୍ ପିଟ୍ରେଲ୍ ଭାରତ ମହାସାଗରର ରିୟୁନିୟନ ଆଇଲାଣ୍ଡରେ ପ୍ରଜନନ କରିଥାନ୍ତି। ପ୍ରଜନନ ପୂର୍ବରୁ ଓ ପରେ ଏମାନେ ଦିନରେ ହିଁ ଯାତ୍ରା କରିଥାନ୍ତି। ପ୍ରଜନନ କ୍ରିୟା ଆରମ୍ଭ କରିବା ପୂର୍ବରୁ ଏମାନେ ସାଢ଼େ ୧୨ ଘଣ୍ଟା ଯାଏ ଅପେକ୍ଷା କରିଥାନ୍ତି। ସବୁବେଳେ ଏହି ପକ୍ଷୀ ଏକାବେଳକେ ଯାତ୍ରାକରି ପ୍ରଜନନ ସ୍ଥଳରେ ଠିକ୍ ପୂର୍ଣ୍ଣମୀରେ ହିଁ ପହଞ୍ଚିଥାନ୍ତି।

Email: gandhim@nic.in

## ଏଇ ଭାରତରେ

ଛତିଶଗଡ଼ ପତ୍ରାର ଏକ ସରକାରୀ ସ୍କୁଲ୍ ପିଲାମାନଙ୍କ ଭବିଷ୍ୟତ ନିଆରା ଢଙ୍ଗରେ ଗଢୁଛି। ଏହି ସ୍କୁଲ୍‌ରେ ପିଲାମାନେ ସେମାନଙ୍କ ଆତ୍ମବିଶ୍ୱାସ ବଢାଇବା ଲାଗି ଖୋଲା ଆଲୋଚନା କରୁଛନ୍ତି। ଭାଷଣ ଦେଉଛନ୍ତି ଓ ବିତର୍କ ମଞ୍ଚର ମଧ୍ୟ ଆୟୋଜନ କରୁଛନ୍ତି। ଛତିଶଗଡ଼ରେ କେବଳ ଏହି ସ୍କୁଲରେ ହିଁ ଥିଏଟର ରହିଛି। ୨୦୧୬ରେ ଗ୍ରାମବାସୀ ଓ ଶିକ୍ଷକମାନେ ସ୍କୁଲ ପ୍ରତି ପିଲାମାନଙ୍କ ଆକର୍ଷଣ ବଢାଇବା ଲାଗି ପ୍ରଥମେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ପରେ ଶିକ୍ଷକ ଓ ଗ୍ରାମବାସୀ ୧ ଲକ୍ଷ ଟଙ୍କା ଚାନ୍ଦା କରି ଥିଏଟର ନିର୍ମାଣ କରିଥିଲେ। ପ୍ରସିଦ୍ଧ ଚିତ୍ରଶିଳ୍ପୀ ହବିବ୍ ତନ୍‌ବୀରଙ୍କ ନାମରେ ଏହା ନିର୍ମାଣ କରାଯାଇଛି। ପ୍ରତିଦିନ ଏହି ମଞ୍ଚରେ ପିଲାମାନଙ୍କୁ ଗାଇବାର ସୁଯୋଗ ଦିଆଯାଉଛି। ପ୍ରଥମରୁ ପଞ୍ଚମ ଯାଏ ପିଲାମାନଙ୍କୁ କହିବାର ସୁଯୋଗ ବି ମିଳୁଛି। ପିଲାମାନଙ୍କ ମନରୁ ସଙ୍କୋଚ ଦୂର କରି ଆତ୍ମବିଶ୍ୱାସ ବଢାଇବା ଲକ୍ଷ୍ୟ ନେଇ ଏହା କରାଯାଇଛି ବୋଲି କୁହନ୍ତି ସ୍କୁଲ୍‌ର ପ୍ରଧାନଶିକ୍ଷକ ଶିବ ଚନ୍ଦ୍ରବଂଶୀ। ସବୁ ସରକାରୀ ସ୍କୁଲ୍‌ର ପିଲାମାନଙ୍କ ପାଇଁ ନୀଳରଙ୍ଗର ୟୁନିଫର୍ମ ରହିଥିବାବେଳେ ଏହି ସ୍କୁଲ୍‌ରେ ହଳଦିଆ ରଙ୍ଗର ୟୁନିଫର୍ମ ରଖାଯାଇଛି। ଏଥିଲାଗି ସବୁ ପିଲାଙ୍କୁ ସ୍ଥାନୀୟ ପଞ୍ଚାୟତ ସହଯୋଗ କରୁଛି। ସ୍କୁଲ୍‌ରେ ବିଭିନ୍ନ କାର୍ଯ୍ୟକ୍ରମକୁ ସୋସିଆଲ ମିଡିଆରେ ପୋଷ୍ଟ କରାଯାଉଛି। ସ୍କୁଲ୍‌ର ନିଜସ୍ୱ ୱେବ୍‌ସାଇଟ ମଧ୍ୟ ରହିଛି। ପିଲାମାନଙ୍କୁ ଆରମ୍ଭରୁ କୃଷି ସହ ଯୋଡ଼ିବାର ପ୍ରୟାସ କରାଯାଉଛି। ସ୍କୁଲ୍ ପରିସରରେ ଗ୍ରାମବାସୀଙ୍କ ସହଯୋଗରେ କିଚେନ୍ ଗାର୍ଡେନ୍ କରାଯାଇଛି ଓ ସେଠାରେ ପିଲାମାନେ ଜୈବିକ ଉପାୟରେ ପନିପରିବା ଚାଷ କରୁଛନ୍ତି। ଏହା ତାଙ୍କ ମଧ୍ୟାହ୍ନଭୋଜନରେ ଉପଯୋଗ ହେଉଛି। ସ୍କୁଲ୍‌ରେ ୮୩ ଜଣ ପିଲା ପଢୁଛନ୍ତି ଓ ଥିଏଟରର ଲାଭ ସବୁ ପିଲାଙ୍କୁ ମିଳୁଛି।

## ଚିରନ୍ତନୀ

ନୟନ ଜଳେ ତମସା କୋଳେ
ପାହିଛି କେତେ ଶ୍ରାବଣ ରାତି
କେତେ ଫଗୁଣ ମଧୁର ଗନ୍ଧେ
ଉଲୁସି ମୋର ଉଠିଲା ଛାତି।
(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 0 | | | 7 | | | | 5 |
| E | 0 | | | | | | | | 3 | | D | 1 | 9 | |
| | | 6 | 8 | | 5 | | | D | | 9 | | C | | A |
| | | | | | | | | | | 2 | C | E | D | |
| 1 | 3 | 5 | | | | | 2 | | | A | | | 8 | |
| 5 | | | | | | | 7 | | | E | | | | D |
| | 2 | | | 6 | 0 | | E | 8 | 4 | | | | | 3 |
| | 8 | 3 | A | B | | | | | | | 9 | | | |
| 7 | 1 | | | | | | | 9 | 8 | | | A | | |
| | | A | | | | | | | 7 | | | 0 | | |
| | C | | | | | 9 | 8 | | | | | | | 0 |
| | D | 0 | | | | | | C | | 1 | | | 3 | 6 |
| A | | | | D | 1 | 4 | | | | B | 0 | | | 7 |
| | | | | 3 | | | | | 2 | | E | | | C |
| 4 | | 9 | | E | | | | | | | 6 | B | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | B | 4 | C | 8 | 1 | 0 | E | 5 | 7 | 9 | 3 | A | 6 | 2 |
| 2 | C | 0 | 5 | A | 3 | 9 | 1 | 8 | D | 4 | 6 | E | B | 7 |
| A | E | 8 | D | 6 | 0 | B | 2 | 7 | C | 5 | 1 | 3 | 9 | 4 |
| 6 | 5 | 3 | 9 | 7 | 2 | 4 | A | D | B | E | 0 | 8 | C | 1 |
| 1 | 9 | 7 | B | 4 | E | 6 | 3 | C | 2 | 8 | A | 5 | 0 | D |
| E | 0 | 5 | 1 | C | B | A | 6 | 9 | 4 | 3 | 2 | D | 7 | 8 |
| 3 | D | B | 7 | 9 | A | 1 | 5 | E | 8 | 6 | C | 2 | 4 | 0 |
| 7 | 4 | 9 | 3 | 2 | 8 | D | B | 0 | E | 1 | 5 | C | A | 6 |
| 8 | 6 | 1 | 4 | 0 | D | 3 | C | 2 | A | 7 | 9 | B | 5 | E |
| C | 2 | A | 6 | E | 5 | 7 | 8 | 4 | 0 | B | D | 1 | 3 | 9 |
| 9 | 1 | D | E | 3 | C | 2 | 0 | 6 | 5 | A | 7 | 4 | 8 | B |
| 4 | 7 | C | 2 | 5 | 6 | 8 | D | 3 | 1 | 0 | B | 9 | E | A |
| 5 | A | 6 | 8 | 1 | 7 | E | 9 | B | 3 | 2 | 4 | 0 | D | C |
| 0 | 3 | E | A | B | 4 | C | 7 | 1 | 9 | D | 8 | 6 | 2 | 5 |
| B | 8 | 2 | 0 | D | 9 | 5 | 4 | A | 6 | C | E | 7 | 1 | 3 |

ଗତକାଲିର ଉତ୍ତର

# ଦେଶର ନାଗରିକତ୍ୱ ବିଦେଶୀର ହକ୍ କି

ଡ. ଇନ୍ଦୁଲତା ଦାସ

ଗୋଟିଏ ଘର ସେହି ଘରର ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ। ତା’ ଭିତରେ ଯେ କୌଣସି ବାହାର ଲୋକ ପଶି ରହିପାରେ ନାହିଁ। ସେହିପରି ଗୋଟିଏ ଦେଶ ତାହାର ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ। ଦେଶ ତାହାର ନାଗରିକର ସୁଖ–ସୁବିଧାର ବ୍ୟବସ୍ଥା କରିଥାଏ। ସମୟ ସମୟରେ ଦେଶ ଭିତରକୁ ବିଦେଶୀ ମଧ୍ୟ ଆସିଥାଆନ୍ତି। ତାହା ସେହି ଦେଶର କର୍ତ୍ତୃପକ୍ଷଙ୍କ ଅନୁମତି ଦ୍ୱାରା ସମ୍ଭବ ହୋଇଥାଏ। ସେହି ଅନୁମତିକୁ ‘ଭିଜା’ ବୋଲି କୁହାଯାଏ। ଜଣେ ଲୋକ ‘ଭିଜା’ ନେଲେ ସେ କାହିଁକି, କେତେଦିନ ପାଇଁ ଆସୁଛି, ତା’ର ଖର୍ଚ୍ଚ କିଏ ବହନ କରିବ ଇତ୍ୟାଦି ସବୁକିଛି ଦେଶକୁ ଜଣାଇବାକୁ ପଡ଼େ। ‘ଭିଜା’ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ପାଇଁ ଦିଆଯାଏ। ସେହି ସମୟ ସୀମା ସରିଯିବା ପରେ ଗୋଟିଏ ଦିନ ମଧ୍ୟ ସେହି ଦେଶରେ ସେ ବିଦେଶୀ ରହିପାରେ ନାହିଁ।

ବେଳେ ବେଳେ ଗୋଟିଏ ଦେଶର ଜଣେ ଲୋକ କୌଣସି କାରଣରୁ ନିଜ ଦେଶ ଛାଡ଼ି ଅନ୍ୟ ଦେଶରେ ବସବାସ କରିବାକୁ ଇଚ୍ଛୁକ ହୋଇଥାଏ। ସେ ସେହି ଦେଶର ନାଗରିକତ୍ୱ ପାଇଁ ଆବେଦନ କରିଥାଏ। ଦେଶ ସବୁଆଡୁ ପରୀକ୍ଷା କରି ଦେଖେ। ଯଦି ସେହି ଲୋକର ଯୋଗ୍ୟତା ରହିଛି, ତେବେ ତାହାକୁ ସେହି ଦେଶରେ ନାଗରିକତ୍ୱ ମିଳିଥାଏ। ଯେଉଁ ଦେଶ ଯେତେ ସଭ୍ୟ, ଯେତେ ଉନ୍ନତ, ଯେତେ ଅଗ୍ରଣୀ ସେଠାରେ ନାଗରିକତ୍ୱ ମିଳିବା ସେତେ କଷ୍ଟକର। ନାଗରିକତ୍ୱ ଦେବା ସମ୍ପୂର୍ଣ୍ଣ ଭାବେ ସେହି ଦେଶ ଉପରେ ନିର୍ଭର କରେ। ଏଥିପାଇଁ ନିୟମ ନିର୍ଦ୍ଧାରଣ କରିବାରେ ସେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ଏଥିପାଇଁ ଅନ୍ତର୍ଜାତୀୟ ସ୍ତରରେ କୌଣସି ନିୟମ ନିର୍ଦ୍ଧାରଣ କରାଯାଇନାହିଁ। କୌଣସି ବିଦେଶୀ ବ୍ୟକ୍ତି ଅନ୍ୟ ଦେଶରେ ନିଜର ଅଧିକାର ଭାବେ ନାଗରିକତ୍ୱ ଦାବି କରିପାରିବ ନାହିଁ। ଅନ୍ୟ ଦେଶରେ ନାଗରିକତ୍ୱ ପାଇବା କୌଣସି ବିଦେଶୀ ବ୍ୟକ୍ତିର ମୌଳିକ ଅଧିକାର ନୁହେଁ।

ଏ ତ ଗଲା ନାଗରିକତ୍ୱ ଆବେଦନ ଓ ମଞ୍ଜୁର ହେବାର ସାଧାରଣ ପ୍ରକ୍ରିୟା। ନାଗରିକତ୍ୱ ନ ଥାଇ ମଧ୍ୟ ବେଳେବେଳେ ଲୋକେ ଅନ୍ୟଦେଶରେ ପ୍ରବେଶ କରିଯାଆନ୍ତି। ଯଦି ଦେଶର ସୀମା ସେଭଳି କଡ଼ାକଡ଼ି ଭାବେ ସୁରକ୍ଷିତ ନ ଥାଏ ତେବେ ତାହାର ସୁଯୋଗ ନେଇ କିଛି ବିଦେଶୀ ସେହି ଦେଶରେ ପଶିଯାଆନ୍ତି। କେତୋଟି ବିଶେଷ ପରିସ୍ଥିତିରେ ଏହା ହୋଇଥାଏ। ଯଦି ନିଜ ଦେଶରେ କୌଣସି କାରଣରୁ ସେମାନେ ଅତ୍ୟାଚାରିତ ହୁଅନ୍ତି, ତେବେ ନିଜର ପ୍ରାଣ ବଞ୍ଚେଇବା ପାଇଁ ଲୋକେ ପାଖ ଦେଶକୁ ପଳାଇଯାଆନ୍ତି। ଦ୍ୱିତୀୟ କାରଣ ହେଲା ଆର୍ଥିକ। ଅଧିକ ରୋଜଗାରର ସମ୍ଭାବନା ଥିବା ଦେଶକୁ, ଅଧିକ ସୁଖ–ସୁବିଧା ଥିବା ଦେଶକୁ ଗରିବ ଦେଶର ଲୋକେ ଚାଲିଯାଆନ୍ତି। ଏ ଦୁଇ ଶ୍ରେଣୀ ଛାଡ଼ି ଗୋଟିଏ ତୃତୀୟ ଶ୍ରେଣୀର ଲୋକ ଅଛନ୍ତି। ସେମାନେ ଅସାମାଜିକ। ମାନବିକତାର ଶତ୍ରୁ। ଯେପରି ଘରର କବାଟ ଖୋଲା ଥିଲେ ଚୋର ପଶିଯାଏ, ସେହିପରି ସୀମା ଯଦି କଡ଼ାକଡ଼ି ଭାବେ ସୁରକ୍ଷିତ ନ ରହେ ତେବେ ତା’ ଭିତର ଦେଇ ମାନବିକତାର ଶତ୍ରୁ ପଶିଯା’ନ୍ତି। ହିଂସା, କ୍ଷୟକ୍ଷତି ଉପୁଜାଇ ଅନ୍ୟ ଦେଶର କ୍ଷତିସାଧନ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ।

ଏହି ତିନୋଟି ଶ୍ରେଣୀ ଭିତରେ ପ୍ରଥମ ଶ୍ରେଣୀର ଲୋକଙ୍କୁ ଶରଣାର୍ଥୀ ବୋଲି କୁହାଯାଇପାରେ। କିନ୍ତୁ ଅନ୍ୟ ଦୁଇପ୍ରକାର ଲୋକେ ଶରଣାର୍ଥୀ ଶ୍ରେଣୀରେ ଆସନ୍ତି ନାହିଁ। ସେମାନେ ଅନୁପ୍ରବେଶକାରୀ। ସେମାନେ କଠୋର ଦଣ୍ଡର ଅଧିକାରୀ।

ସମୟ ସମୟରେ ମାନବିକତା ଆଧାରରେ କୌଣସି କୌଣସି ଦେଶ ଶରଣାର୍ଥୀଙ୍କୁ ନାଗରିକତ୍ୱ ଦେଇଥାଏ। ଭାରତରେ ଅତୀତରେ ବିଭିନ୍ନ ସମୟରେ ଶରଣାର୍ଥୀଙ୍କୁ ନାଗରିକତ୍ୱ ଦିଆଯିବାର ଦୃଷ୍ଟାନ୍ତ ରହିଛି। ଇନ୍ଦିରା ଗାନ୍ଧୀଙ୍କ ସମୟରେ ଉଗାଣ୍ଡାରୁ ବିତାଡ଼ିତ ହିନ୍ଦୁ ଶରଣାର୍ଥୀଙ୍କୁ ଓ ବାଂଲାଦେଶରୁ ଆସିଥିବା ସବୁ ଶରଣାର୍ଥୀଙ୍କୁ ନାଗରିକତ୍ୱ ଦିଆଯାଇଛି। ଶ୍ରୀଲଙ୍କାରୁ ଆସିଥିବା ତାମିଲ ଶରଣାର୍ଥୀଙ୍କୁ ମଧ୍ୟ ଏହି ଦେଶରେ ନାଗରିକତ୍ୱ ମିଳିଛି। ତା’ ଛଡ଼ା ବିଭିନ୍ନ ସମୟରେ ବ୍ୟକ୍ତିବିଶେଷଙ୍କ ଆବେଦନ ଉପରେ ବିଚାର କରି ତାଙ୍କୁ ମଧ୍ୟ ନାଗରିକତ୍ୱ ମିଳିଥାଏ। ଗତ ସାଢ଼େ ପାଞ୍ଚବର୍ଷ ଭିତରେ (ମୋଦି ସରକାର ଅମଳରେ) ପ୍ରାୟ ଛଅ ଶହ ମୁସଲମାନଙ୍କୁ ଏ ଦେଶରେ ନାଗରିକତ୍ୱ ଦିଆଯାଇଛି।

ଧର୍ମ ଆଧାରରେ ଭାରତର ବିଭାଜନ ହେବା ପରେ ହିନ୍ଦୁ, ଶିଖ୍ ଇତ୍ୟାଦି ପାକିସ୍ତାନରେ ସଂଖ୍ୟାଲଘୁରେ ପରିଣତ ହେଲେ ଓ ନାନା ପ୍ରକାର ଅତ୍ୟାଚାର ସହିବାକୁ ବାଧ୍ୟ ହେଲେ। ନିଜେ ମହାତ୍ମା ଗାନ୍ଧୀ, ନେହେରୁ, ବଲ୍ଲଭଭାଇ ପଟେଲ୍ ଏପରି କି ମନମୋହନ ସିଂ ସୁଦ୍ଧା ବିଭିନ୍ନ ସମୟରେ ସେଠାକାର ସଂଖ୍ୟାଲଘୁଙ୍କୁ ଭାରତରେ ନାଗରିକତ୍ୱ ଦେବା ସପକ୍ଷରେ ଦୃଢ଼ଭାବେ ପ୍ରସ୍ତାବ ରଖିଆସିଥିଲେ। ଏହା ଏକ ବହୁଦିନର ପ୍ରଲମ୍ବିତ ସର୍ବଜନସମ୍ମତ ପ୍ରସ୍ତାବ। ବହୁଦିନରୁ ପ୍ରଲମ୍ବିତ ଏହି ପ୍ରସ୍ତାବକୁ କାର୍ଯ୍ୟାନ୍ୱିତ କଲେ ବର୍ତ୍ତମାନର ସରକାର। ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ସଂଖ୍ୟାଲଘୁ ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିଆନ୍‌ଙ୍କୁ ଏହି ଦେଶର ନାଗରିକତ୍ୱ ଦିଆଯିବା ପାଇଁ ଦେଶରେ ବିଲ୍ ଅଣାଗଲା ଓ ଦୁଇଟିଯାକ ସଦନରେ ବହୁମତରେ ଅନୁମୋଦନ ହେଲା। ଆଇନ ପ୍ରଣୟନ କରିବା ପାଇଁ ଏ ଦେଶର ସଂସଦ ହିଁ ସର୍ବୋଚ୍ଚ ଅଧିକାରୀ। ସେଠାରେ ବହୁମତରେ ଗୃହୀତ ହେବା ପରେ ତାହା ଲାଗୁ ହୁଏ। ନାଗରିକତ୍ୱ ଆଇନ ମଧ୍ୟ ସେହି ପ୍ରକ୍ରିୟାରେ ଗୃହୀତ ହୋଇ ଲାଗୁ ହେଲା। ଏହାଦ୍ୱାରା କିଛି ଲୋକଙ୍କୁ ନାଗରିକତ୍ୱ ମିଳିବ। ଏଥିରେ କାହାରି କିଛି କ୍ଷତି ହେବନାହିଁ ବା କାହାରି ନାଗରିକତ୍ୱ ଚାଲିଯିବାର ପ୍ରଶ୍ନ ଉଠୁନାହିଁ। ଏହା କିଛି ପୀଡ଼ିତ ଲୋକଙ୍କୁ ସହାୟତା କରୁଛି ମାତ୍ର। ଏହା ଏକ ଅଭିନନ୍ଦନୀୟ ମାନବୀୟ ପଦକ୍ଷେପ।

କିନ୍ତୁ ଏ ଦେଶର କିଛି ଲୋକ ଓ ଅନୁଷ୍ଠାନ ଏହାର ବିରୋଧ କରୁଥିବାର ଦେଖାଯାଉଛି। ସେମାନଙ୍କ ମତରେ ଭାରତରେ ସବୁ ଧର୍ମ ସମାନ। ତେଣୁ ନାଗରିକତ୍ୱ ପାଇବା ଏ ଦେଶରେ ବେଆଇନ ଭାବେ ରହୁଥିବା ମୁସଲମାନଙ୍କର ମୌଳିକ ଅଧିକାର।

ଏହା ଏକ ଅଦ୍ଭୁତ ଯୁକ୍ତି। ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ, ପାର୍ସୀ ଓ ଖ୍ରୀଷ୍ଟିଆନ ଧର୍ମର ଲୋକେ ମୁସଲମାନବହୁଳ ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନରେ ନିଜର ଧର୍ମ ଯୋଗୁ ଅତ୍ୟାଚାରିତ। ତେଣୁ ସେମାନେ ଭାରତରେ ଶରଣାର୍ଥୀ। ମୁସଲମାନଙ୍କୁ ନିଜ ଦେଶରେ ଅତ୍ୟାଚାରିତ ବୋଲି କୁହାଯାଇପାରିବ ନାହିଁ। ସେମାନେ ଯଦି ଭାରତରେ କୌଣସି ପ୍ରକାରେ ଆସି ପଶିଯାଇଛନ୍ତି ତେବେ ସେମାନେ ଅନୁପ୍ରବେଶକାରୀ। ଅନୁପ୍ରବେଶକାରୀର ପୁଣି ମୌଳିକ ଅଧିକାର? ଦେଶରେ ନାଗରିକତ୍ୱ ପାଇବା ବିଦେଶୀର ମୌଳିକ ଅଧିକାର କି?

ଦେଶର ଏପରି ଦୁର୍ଦ୍ଦିନରେ ଦେଶକୁ ଭଲ ପାଉଥିବା ଦେଶଭକ୍ତ ନାଗରିକ ନୀରବ ହୋଇ ବସିରହିବା ଦେଶ ପାଇଁ ଘାତକ। ସେମାନେ ନିଜର କଥା ଓ ଲେଖନୀ ମାଧ୍ୟମରେ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଦେଶର ମନୋବଳ ବଢ଼ାଇବା ପାଇଁ ଆଗକୁ ଆସିବା ନିତାନ୍ତ ଆବଶ୍ୟକ।

ମୋ– ୮୭୬୩୩୭୬୬୨୭୩

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକମାନେ ସମାଜର ଶିକ୍ଷକ

ମହାଶୟ,

ଧରିତ୍ରୀ(୧୫।୧୧)ରୁ ଡ. କୁଳାଙ୍ଗାରଙ୍କ ଲେଖା ‘ଶିକ୍ଷକଙ୍କ ସପକ୍ଷରେ’ ପାଠ କରିବା ପରେ ମନେହେଉଛି ଶିକ୍ଷକମାନେ ପାଠ ନ ପଢ଼େଇ ଅନ୍ୟ ଧନ୍ଦାରେ ମସ୍‌ଗୁଲ ରହିବା ଅର୍ଥ ପିଲାଙ୍କ ଜୀବନ ସହ ଖେଳିବା। ଶିକ୍ଷକ କେବଳ ଛାତ୍ରୀଛାତ୍ରଙ୍କର ଶିକ୍ଷକ ନୁହନ୍ତି, ସେମାନେ ସମାଜର ଶିକ୍ଷକ। ସେମାନଙ୍କ ଆଚାର, ବ୍ୟବହାର, ଉଚ୍ଚାରଣ ପ୍ରତ୍ୟେକଟି ସମାଜର ସବୁ ବର୍ଗର, ସବୁ ବୟସର ଲୋକଙ୍କ ଶିକ୍ଷଣୀୟ ହେବା ଦରକାର। ଗୁରୁ ପରମ୍ପରାରେ ଏ ଶିକ୍ଷାଜଗତ ଉଦ୍ଭାସିତ। ଶିକ୍ଷକ ଗୁରୁ ପାଲଟିଯାଆନ୍ତୁ। ଦରମାଖିଆ ଶିକ୍ଷକ ବା ଟ୍ୟୁଶନ ମାଷ୍ଟ୍ର ନ ସାଜନ୍ତୁ।

କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, ବଲରା, ବିଲାସୁଣୀ, ନିଆଳୀ, କଟକ

### ପୁନର୍ବିଚାର ହେଉ

ସରକାର ନୂତନ ପରିବହନ ନିୟମ ଅନୁସାରେ ଦୁଇଚକିଆ ଯାନ ପାଇଁ ପୁନଃପଞ୍ଜୀକରଣ ଫି ଟ୧୭୫୦ (ପ୍ରତି ମାସର ବିଳମ୍ବ ପାଇଁ ଟ୩୦୦) ଧାର୍ଯ୍ୟ କରିଛନ୍ତି। ସରକାର ମଝିରେ ହୁଗୁଳା ହୋଇଯିବାରୁ ଲୋକେ ବି ଢିଲା ହୋଇଗଲେ। ହଠାତ୍ ଏ ପଦକ୍ଷେପ ଦ୍ୱାରା ଗାଡିଗୁଡ଼ିକୁ କବାଡିଆକୁ ଦେବା ସାର ହେବ। ତେଣୁ ମାସକ ବଦଳରେ ବର୍ଷକୁ ବରଂ ଟ୩୦୦ ଫାଇନ ନେଇ ଗାଡିଗୁଡ଼ିକୁ ରେଗୁଲାରାଇଜ କରାଇଦେଲେ ଲୋକେ ଉପକୃତ ହୁଅନ୍ତେ। ଦ୍ୱିତୀୟତଃ ସରକାର ଯେତେ ଜୋରରେ କହୁଛନ୍ତି ସେତେ ଜୋରରେ ଆର୍‌ଟିଓ ଅଫିସରେ କାମ ହେଉନାହିଁ। ଏବେ ବି ଆର୍‌ଟିଓ ଅଫିସରେ ଲମ୍ବା ଲାଇନ ଲାଗୁଛି।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜିଏସ୍‌ଟିର ସମୀକ୍ଷା ଲୋଡ଼ା

ଡ. ଭରତ ଝୁନ୍‌ଝୁନ୍‌ୱାଲା

ଦେଶରେ ଜିଏସ୍‌ଟି ଲାଗୁହେବା ପରେ ପ୍ରଥମ ପାଞ୍ଚବର୍ଷ ପାଇଁ ରାଜ୍ୟଗୁଡ଼ିକ ଯଦି ଜିଏସ୍‌ଟି କମ୍ ପାଆନ୍ତି ତେବେ କେନ୍ଦ୍ର ତାହା ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ପ୍ରତିବର୍ଷ ଜିଏସ୍‌ଟି ୧୪ ପ୍ରତିଶତ ବୃଦ୍ଧିହେବ ବୋଲି କେନ୍ଦ୍ର ମଧ୍ୟ ଆଶା କରିଥିଲା। ପାଇବାକୁ ଥିବା ଏହି ଜିଏସ୍‌ଟିରୁ କେନ୍ଦ୍ର ହୁଏ ତ ରାଜ୍ୟଗୁଡ଼ିକୁ ଦେଇପାରେ, ତେବେ ଗ୍ୟାରେଣ୍ଟି ଦିଆଯାଇଥିବା ରାଜସ୍ୱର ପାଞ୍ଚବର୍ଷ ଶେଷହେବା ପରେ ବାସ୍ତବ ପଦକ୍ଷେପ ଆରମ୍ଭ ହୋଇଯିବ। ସେତେବେଳେ ରାଜ୍ୟଗୁଡ଼ିକ ପାଇଁ ଏହି ଅଭାବ ବା କ୍ଷତିଭରଣା କରିବା ଲାଗି କିଛି ବାଟ ନ ଥିବ। ସେମାନେ ବ୍ୟୟ ହ୍ରାସ କରିବା ନିମନ୍ତେ ବାଧ ହେବେ। ପୂରା ଅର୍ଥନୀତି ପାଇଁ ଏହା ଗୁରୁତ୍ୱ ରଖିବ। ୨୦୧୦–୨୦୧୧ରେ ରାଜ୍ୟଗୁଡ଼ିକର ପୁଞ୍ଜିଗତ ବ୍ୟୟ ୧.୭ ଲକ୍ଷ କୋଟି ଟଙ୍କା ଥିଲାବେଳେ ୨୦୧୯–୨୦ରେ ଏହା ବୃଦ୍ଧି ପାଇ ପହଞ୍ଚିଛି ୬.୨ ଲକ୍ଷ କୋଟିରେ। ତୁଳନାତ୍ମକ ଭାବେ କେନ୍ଦ୍ରର ଏହି ବ୍ୟୟ ୨୦୧୦–୨୦୧୧ରେ ୧.୬ ଲକ୍ଷ କୋଟି ଟଙ୍କା ରହିଥିଲାବେଳେ ତାହା ବୃଦ୍ଧି ପାଇ ୨୦୧୯–୨୦୨୦ରେ ୩.୪ ଲକ୍ଷ କୋଟିରେ ପହଞ୍ଚିଛି। ୨୦୧୦–୨୦୧୧ରେ ରାଜ୍ୟଗୁଡ଼ିକ ସହ କେନ୍ଦ୍ରର ପୁଞ୍ଜିଗତ ବ୍ୟୟ ପ୍ରାୟତଃ ସମାନ ରହିଥିଲା। କିନ୍ତୁ ସେହି ରାଜ୍ୟଗୁଡ଼ିକର ଏହି ବ୍ୟୟ ୨୦୧୯–୨୦ରେ କେନ୍ଦ୍ରଠାରୁ ପାଖାପାଖି ଦୁଇଗୁଣ ହୋଇଯାଇଛି।

ରାଜ୍ୟଗୁଡ଼ିକର ରାଜସ୍ୱରେ କ୍ରମାଗତ ହ୍ରାସ ପାଇବାର ଆଶଙ୍କା ଦୂର କରିବା ଲାଗି ଆମକୁ ଆଗୁଆ ଚିନ୍ତା କରିବା ସହ ଏଥିପାଇଁ ଯୋଜନା ହେବା ଦରକାର। ତେବେ କାହିଁକି ଆମେ ଜିଏସ୍‌ଟି ଲାଗୁ କଲେ? ଆସନ୍ତୁ ଟିକେ ପଛକୁ ଫେରିଯାଇ ତା’ର ସମୀକ୍ଷା କରିବା। ଅନ୍ତଃରାଜ୍ୟ ବାଣିଜ୍ୟକୁ ସୁଗମ କରିବା ପାଇଁ ଏହା ଲାଗୁ କରାଯାଇଥିଲା। କିନ୍ତୁ ଆମେ ତାୱାରୁ ନିଆଁକୁ ଖସି ପଡିବା ଭଳି ଅବସ୍ଥା ହୋଇଛି। ଆମେ ଆନ୍ତଃରାଜ୍ୟ ବାଣିଜ୍ୟ ସମସ୍ୟା ଦୂର କରିପାରିଛୁ ସତ, କିନ୍ତୁ ରାଜ୍ୟକୁ ନଷ୍ଟ କରୁଥିବା ସମସ୍ୟା ଭିତରେ ଫସିଯାଇଛୁ। ଏଣୁ ରାଜ୍ୟର ସ୍ୱାୟତ୍ତତା ବଜାୟ ରଖିବା ଲାଗି ଆବଶ୍ୟକ ବାଣିଜ୍ୟ କାରବାରର ଅନ୍ୟ ସହଜ ବାଟ ସମ୍ପର୍କରେ ଆମକୁ ଅନୁଧ୍ୟାନ କରିବାକୁ ପଡିବ।

ଆମେରିକାରେ ଜିଏସ୍‌ଟି ନାହିଁ। ଆମ ଭଳି ତାଙ୍କର କେନ୍ଦ୍ରୀୟ ବିକ୍ରିକର ବି ନାହିଁ। ସେଠାରେ ରାଜ୍ୟଗୁଡ଼ିକରେ ବିକ୍ରି ଅନୁଯାୟୀ ସେମାନେ ବିକ୍ରିକର ଆଦାୟ କରନ୍ତି। ରାଜ୍ୟଗୁଡ଼ିକ ମଧ୍ୟରେ ଏହାର ଫରକ ହାରାହାରି ଶୂନରୁ ୧୦ ପ୍ରତିଶତ ରହେ। ତଥାପି ଗୋଟିଏ ରାଜ୍ୟରୁ ଆଉ ଏକ ରାଜ୍ୟକୁ ଜିନିଷପତ୍ର ନେବା ଆଣିବାରେ କିଛି ଅସୁବିଧା ହୁଏନାହିଁ। ରାଜ୍ୟ ସୀମାରେ କୌଣସି ଚେକ୍ ପୋଷ୍ଟ ମଧ୍ୟ ନାହିଁ। ଆମେରିକାର ନ୍ୟୁଜର୍ସିରେ ବିକ୍ରି କର କମ୍ ଥିବାରୁ ଗ୍ରାହକମାନେ ଜିନିଷ କିଣିବା ଲାଗି ନ୍ୟୁୟର୍କରୁ ସେଠାକୁ ଯାଇଥାନ୍ତି। ୟୁରୋପରେ ବି ଏକାପ୍ରକାର ପରିସ୍ଥିତି, ଯଦିଓ ସେଠାରେ ବିକ୍ରିକରରେ ଫରକ ରହିଛି। ଫିନ୍‌ଲାଣ୍ଡ ଭଳି ଦେଶ ତା’ରାଜ୍ୟଗୁଡ଼ିକୁ ଅଧିକ ସ୍ୱାଧୀନତା ଦେଇଥିବାବେଳେ ୟୁରୋପର ଅନ୍ୟ ଦେଶଗୁଡ଼ିକ ସେମାନଙ୍କ ରାଜ୍ୟଗୁଡ଼ିକୁ ବାଣିଜ୍ୟ କାରବାରରେ ସ୍ୱାଧୀନତା ଦେଇନାହାନ୍ତି। ତଥାପି ଆନ୍ତଃରାଜ୍ୟ ବାଣିଜ୍ୟ ସହଜ ହୋଇପାରିଛି। ଏଥିରୁ ଜଣାପଡେ ଯେ, ରାଜ୍ୟଗୁଡ଼ିକ ମଧ୍ୟରେ ବିକ୍ରିକର ଓ ଜିଏସ୍‌ଟି ଆଦାୟ କରିବାରେ ପାର୍ଥକ୍ୟ ରହିଥିଲେ ମଧ୍ୟ ସେଠାରେ ଆନ୍ତଃରାଜ୍ୟ ବାଣିଜ୍ୟ କାରବାର ସମ୍ଭବ। ଏହାର ଗୋଟିଏ କାରଣ ହେଉଛି ଜିନିଷଗୁଡ଼ିକର ବିଭିନ୍ନ ବର୍ଗୀକରଣରୁ ଉପୁଜୁଥିବା ସମସ୍ୟାକୁ ଦୂର କରାଯାଇଛି। ଉଦାହରଣ ସ୍ୱରୂପ, ପଞ୍ଜାବରେ କ୍ରାଫ୍ଟ ପେପରକୁ ‘ପେପର’ ବର୍ଗରେ ରଖାଯାଇଥିବାବେଳେ ହରିୟାଣାରେ ଏହାକୁ ‘ପ୍ୟାକିଂ ମ୍ୟାଟେରିଆଲ’ ବର୍ଗରେ ରଖାଯାଇଥିଲା। ଏଭଳି ଅବସ୍ଥାରେ ରାଜ୍ୟଗୁଡ଼ିକ ମଧ୍ୟରେ ଗୋଟିଏ ଜିନିଷ ଉପରେ ଲଗାଯାଇଥିବା କର କାରଣରୁ ଅନ୍ତଃରାଜ୍ୟ ବାଣିଜ୍ୟରେ ଅସୁବିଧା ଉପୁଜୁଥିଲା। ଜିଏସ୍‌ଟି ଲାଗୁହେବା ଦ୍ୱାରା ଏହି ସମସ୍ୟା ଦୂର ହୋଇଯାଇଛି। ଏବେ ରାଜ୍ୟଗୁଡ଼ିକ ଦ୍ୱାରା ସ୍ଥିର କରାଯିବାକୁ ଥିବା ଜିଏସ୍‌ଟିର ବିଭିନ୍ନ ରେଟ୍ ପୁଣି ଲଗାଇବା ଉଚିତ। ଆମେରିକା ଓ ଫିନଲାଣ୍ଡର ଉଦାହରଣ ଆମକୁ ସୂଚାଇ ଦିଏ ଯେ ବିଭିନ୍ନ କର ବ୍ୟବସ୍ଥାରେ ବି ଅନ୍ତଃରାଜ୍ୟ ବାଣିଜ୍ୟ ସମ୍ଭବ। ଏଥିପାଇଁ ଆମେ ଜିନିଷଗୁଡ଼ିକୁ ଏକ ସାଧାରଣ ବର୍ଗରେ ରଖି ରାଜ୍ୟଗୁଡ଼ିକୁ ବିକ୍ରି ଉପରେ ବିଭିନ୍ନ ରେଟ୍‌ର ଟ୍ୟାକ୍ସ ସଂଗ୍ରହ କରିବାକୁ ଅନୁମତି ଦେଇପାରିବା। ଆମେ ଅନ୍ୟ ବିକଳ୍ପ ବ୍ୟବସ୍ଥା ମଧ୍ୟ କରିପାରିବା। କିନ୍ତୁ ମୁଖ୍ୟ କଥା ହେଉଛି ରାଜ୍ୟଗୁଡ଼ିକର ସ୍ୱାଧୀନତା ଯେମିତି ବଜାୟ ରହେ ଯାହାଦ୍ୱାରା ସେମାନେ ସେମାନଙ୍କ ଟ୍ୟାକ୍ସ ରେଟ୍ ଓ ରାଜସ୍ୱକୁ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଆଡ୍‌ଜଷ୍ଟ କରିପାରିବେ। ଏହା ପ୍ରଥମରୁ ଉଚ୍ଚ ହାରରେ ବିକ୍ରିକର ଆଦାୟ କରୁଥିବା ଆସାମ ଓ ଅନ୍ୟ ରାଜ୍ୟଗୁଡ଼ିକର ଅତ୍ୟଧିକ ଚାପକୁ ଦୂର କରିପାରିବ। ସେମାନେ ଅଧିକ ହାରରେ ଜିଏସ୍‌ଟି ଆଦାୟ କରିବା ସହ ପୂର୍ବଭଳି ସେମାନଙ୍କ ବ୍ୟୟଭରଣା କରିବାକୁ ସକ୍ଷମ ହୋଇପାରିବେ। ସମସ୍ୟାକୁ ବି ସହଜରେ ବୁଝିହେବ। ଗୋଟିଏ ଯୌଥପରିବାରରେ ଯଦି ଯୁବକମାନଙ୍କୁ ମାସିକ ଓ ଅନ୍ୟାନ୍ୟ ବ୍ୟୟ ସୀମା ସ୍ଥିର କରି ତା’ ଭିତରେ ରହିବାକୁ ବାଧ କରାଯିବ ତେବେ ପରିବାର ଭୁଶୁଡି ପଡିବ। ଅନ୍ୟପକ୍ଷରେ ମୁଖିଆ ସେମାନଙ୍କ ଆବଶ୍ୟକତା ଓ ରୁଚି ଅନୁଯାୟୀ ବଞ୍ଚିବାକୁ ସ୍ୱାଧୀନତା ଦେଲେ ପରିବାର ଏକାଠି ରହିପାରିବ। ସେମିତି ଯଦି ଆମେ ଜିଏସ୍‌ଟି କୋହଳ କରି ରାଜ୍ୟଗୁଡ଼ିକୁ ବିଭିନ୍ନ ରେଟ୍‌ରେ ଆଦାୟ କରିବାକୁ ଅନୁମତି ଦେବା ତେବେ ଦେଶରେ ଏକତା ରହିବ। ଜିଏସ୍‌ଟିର ଲକ୍ଷ୍ୟ ହେଉଛି ‘ୱାନ୍ ଟ୍ୟାକ୍ସ, ୱାନ୍ କଣ୍ଟ୍ରି’। ଏବକାର ପରିସ୍ଥିତିକୁ ଲକ୍ଷ୍ୟ କଲେ ଯଦି ରାଜ୍ୟଗୁଡ଼ିକର ସ୍ୱାଧୀନତା ନ ରହେ ତେବେ ଜିଏସ୍‌ଟି ଲକ୍ଷ୍ୟର ବିପରୀତ ‘ୱାନ୍ ଟ୍ୟାକ୍ସ, ମେନି କଣ୍ଟ୍ରି’ ହୋଇଯିବାର ଆଶଙ୍କା ରହିଛି।

Email: bharatjj@gmail.com



"ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମିକୀ



## ସଂକ୍ଷେପରେ

### ଗାନ୍ଧୀ ମିନାରରୁ ଶହେ ପର୍ଯ୍ୟଟକଙ୍କୁ ଉଦ୍ଧାର କଲା ପୋଲିସ

ସମ୍ବଲପୁର, ୧୧ (ବ୍ୟୁରୋ): ସମ୍ବଲପୁର ହୀରାକୁଦଠାରେ ରୋପୱେ ହେଲାପରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବୁଧବାର ଅପରାହ୍ନ ୫ଟାରେ ରୋପୱେ ସେବା ବନ୍ଦ ହୋଇଯିବାରୁ ଗାନ୍ଧୀମିନାରରେ ପ୍ରାୟ ୧୦୦ ଜଣ ପର୍ଯ୍ୟଟକ ଫସି ଯାଇଥିଲେ। ସେମାନଙ୍କୁ ରାତି ୮ଟା ପର୍ଯ୍ୟନ୍ତ ପୋଲିସ ପିସିଆର ଭ୍ୟାନ ଓ ମହାନଗର ନିଗମ ପକ୍ଷରୁ ଗାଡି ଯୋଗାଇ ଦେଇ ତଳକୁ ଅଣାଯାଇଥିଲା । ଗାନ୍ଧୀ ମିନାରରେ ଫସିଥିବା ବରିଷ୍ଠ ନାଗରିକ, ଛୋଟ ଶିଶୁ, ମହିଳାମାନେ ନାହିଁ ନ ଥିବାର ସମସ୍ୟା ଭୋଗିଥିଲେ। ଅନେକ ସମୟ ଧରି ପାଟିତୁଣ୍ଡ ହୋଇଥିଲା। ରୋପୱେ ଚଳାଉଥିବା କଲିକତାର ଦାମଦୋର ରୋପୱେ ନାମକ ଠିକା କମ୍ପାନୀର କର୍ମଚାରୀ ସେବା ଯୋଗାଇ ଦେବାକୁ ରୋକଠୋକ ମନା କରିଦେଇଥିଲେ । ଶେଷରେ ମହାନଗର ନିଗମ ଓ ପୋଲିସ ପାଖରେ ଅଭିଯୋଗ ହୋଇଥିଲା। ପୋଲିସର ୨ଟି ପିସିଆର ଭ୍ୟାନ ଓ ମହାନଗର ନିଗମର ଗାଡି ଯୋଗାଇ ଦେଇ ସମସ୍ତ ପର୍ଯ୍ୟଟକଙ୍କୁ ତଳକୁ ଅଣାଯାଇଥିଲା । ରୋପ୍‌ୱେ ଦାୟିତ୍ୱରେ ଥିବା ମହାନଗର ନିଗମ ଏନଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି କହିଛନ୍ତି ଯେ, ସନ୍ଧ୍ୟା ହୋଇଯାଇଥିବାରୁ ରୋପୱେ ସେବା ବନ୍ଦ ହୋଇଯାଇଥିଲା । ହେଲେ ମହାନଗର ନିଗମ ପକ୍ଷରୁ ଓ ପୋଲିସର ସହାୟତା ନେଇ ସମସ୍ତ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଥିଲା। ଦିନକୁ ୧ହଜାର ପର୍ଯ୍ୟଟକଙ୍କୁ ରୋପୱେ ସେବା ଯୋଗାଇଦେବାର କ୍ଷମତା ରହିଛି। ହେଲେ ବୁଧବାର ୮୮୫ ଜଣ ପର୍ଯ୍ୟଟକ ଟିକେଟ କରିଥିଲେ । ସମସ୍ତେ ଗାନ୍ଧୀମିନାର ଉପରକୁ ଯାଇଥିଲେ। ହେଲେ ଫେରିବା ବେଳକୁ ବିଳମ୍ବ କରିଥିଲେ। ବାରମ୍ବାର ଏ ନେଇ ଡାକବାଜି ଯନ୍ତ୍ରରେ ଘୋଷଣା କରାଯାଇଥିଲା। ଟିକେଟ ପଛପଟେ ସମୟ ମଧ ଉଲ୍ଲେଖ ରହିଛି। ହେଲେ ପର୍ଯ୍ୟଟକମାନେ ସାଢ଼େ ୪ଟା ସୁଦ୍ଧା ନ ଫେରିବାରୁ ଏଭଳି ସମସ୍ୟା ଉପୁଜିଛି । ଆଗମି ଦିନରେ ସମୟ ସୀମା ସାଢ଼େ ୪ଟା କରି ଦିଆଯିବ। ପର୍ଯ୍ୟଟକଙ୍କୁ ଶୀଘ୍ର ଫେରିବାକୁ ସଚେତନ କରାଯିବ ବୋଲି କହିଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ରେଭେନ୍‌ଶାରେ ୧୭୯ ପଦବୀ ପୂରଣ ହେବ

କଟକ ଅଫିସ,୧୧

ରାଜ୍ୟ ସରକାରଙ୍କ ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ନୂଆବର୍ଷରେ ଏକ ଭେଟି ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟରେ ଫାଙ୍କା ପଡ଼ିଥିବା ୧୭୯ ଅଧାପକ ପଦବୀକୁ ଖୁବ୍‌ଶୀଘ୍ର ପୂରଣ କରିବା ନିମନ୍ତେ ରାଜ୍ୟ ସରକାର ବୁଧବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ପ୍ରଦାନ କରାଯାଇଥିବାବେଳେ ଏହା ମଧରେ ଅଧାପକ ନିଯୁକ୍ତି ଶେଷ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ କୁଳସଚିବ ମହେଶ୍ୱର ଅଗସ୍ତିଙ୍କ ନିକଟକୁ ଏକ ଚିଠି ମଧ ଆସିଛି। ୨୦୧୪ରୁ ଏହି ବିଶ୍ୱବିଦ୍ୟାଳୟରେ ଅଧାପକ ନିଯୁକ୍ତି ଉପରେ ଏକ ପ୍ରକାର ଅଙ୍କୁଶ ଲାଗିଛି। ଯାହାଫଳରେ ପାଠପଢ଼ାଠାରୁ ଆରମ୍ଭକରି ପ୍ରଶାସନିକ କାର୍ଯ୍ୟ ପରିଚାଳନା କରିବାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୨୯ଟି ପ୍ରଫେସର ପଦବୀ ମଞ୍ଜୁରୀପ୍ରାପ୍ତ ରହିଥିବାବେଳେ ଏବେ ୨୪ ପଦବୀ ଫାଙ୍କା ରହିଛି। ସେହିପରି ୭୧ଟି ଆସୋସିଏଟ ପ୍ରଫେସର ପଦବୀ ମଞ୍ଜୁରୀପ୍ରାପ୍ତ ରହିଥିବାବେଳେ ୪୫ଟି ପଦବୀ ଫାଙ୍କା ପଡ଼ିଛି। ୧୬୭ଟି ଆସିଷ୍ଟାଣ୍ଟ ପ୍ରଫେସର ମଞ୍ଜୁରୀପ୍ରାପ୍ତ ପଦବୀରୁ ଏବେ ୬୪ ଜଣ ଅଛନ୍ତି। ଏହାଛଡ଼ା ଦର୍ଶନଶାସ୍ତ୍ର, ମନସ୍ତତ୍ତ୍ୱ ବିଭାଗ ଓ ପ୍ରାଣୀ ବିଜ୍ଞାନରେ ଜଣେ ଲେଖାଏଁ ଅଧାପକ ଠିକାଭିତ୍ତିରେ ନିଯୁକ୍ତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଗାମୀ କିଛିଦିନ ଭିତରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।



## ଜିଲା ଚିଠି
### କେନ୍ଦ୍ରାପଡ଼ା

### ଜବରଦଖଲରେ ଶ୍ରୀବଳଦେବଜୀଉଙ୍କ ଭୂସମ୍ପତ୍ତି

କୁହାଯାଏ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପରେ ତୁଳସୀକ୍ଷେତ୍ରରେ ଅବସ୍ଥାନ କରୁଥିବା ବଡଭାଇ ଶ୍ରୀବଳଦେବଜୀଉଙ୍କ ଦର୍ଶନ ଆବଶ୍ୟକ। ଏହାଦ୍ୱାରା ଶ୍ରଦ୍ଧାଳୁଙ୍କୁ ସାତ ଜନ୍ମର ପୁଣ୍ୟ ମିଳେ। ତେବେ ଶ୍ରୀଜୀଉଙ୍କ ଭୂସମ୍ପତ୍ତି ଦୀର୍ଘବର୍ଷ ହେଲା ଜବରଦଖଲକାରୀଙ୍କ ଅକ୍ତିଆରରେ ଥିବାରୁ ଅନେକ ସମୟରେ ନୀତିକାନ୍ତିରେ ବିଭ୍ରାଟ ସୃଷ୍ଟି ହେଉଛି। ୧୯୭୪ ମସିହାରେ ରାଜ୍ୟ ଦେବୋତ୍ତର ବିଭାଗ ଆଇନ ଧାରା ୬ ଓ ୭ରେ ୮୬୬.୯୯ ଏକର ଭୂସମ୍ପତ୍ତି ଶ୍ରୀଜୀଉଙ୍କ ନାମରେ ଫଇସଲା ହୋଇଛି। ସେହି ସମୟରୁ ଏହାର ଖଜଣା ଓ ଜଳକର ନିୟମିତ ପଇଠ ହେଉଛି। ତେବେ ଏଥିମଧ୍ୟରୁ ଶତାଧିକ ଏକର ଜମି ଜବରଦଖଲକାରୀଙ୍କ କବଳରେ ଅଛି। ମାର୍ଫତଦାରଙ୍କ ନିକଟରେ ଥିବା ୨୩୨ ଏକର ଓ ସିକିମ ପ୍ରଜାଙ୍କ ନିକଟରେ ଥିବା ୧୧୭.୩୫ ଏକର ଜମିରୁ କୌଣସି ଆୟ ଦେବୋତ୍ତର ତହବିଲକୁ ଆସୁନାହିଁ। ଟ୍ରଷ୍ଟ ବୋର୍ଡ ଅଧୀନ ୧୪୬ ଏକର ଚାଷଜମିର ଆୟ ଏହି ମନ୍ଦିର ରୀତିନୀତି ସହ ଡେରାବିଶ ବ୍ଲକ ଅନ୍ତର୍ଗତ କୁଶିଆପାଳ ଲଛମନଜୀଉଙ୍କ ମନ୍ଦିର ପାଇଁ ପୃଥକ୍ ବିନିଯୋଗ ହୋଇଆସୁଛି। ୨.୨ ଏକର ଦେବସ୍ଥଳ, ୧୦ ଏକର ରଥଦାଣ୍ଡ, ୨ଏକର ଜମିରେ ଗୋରୁହାଟ (ଅବ୍ୟବହୃତ), ୮ ଏକର ପୁଷ୍କରଣୀକୁ ବାଦ୍ ଦେଲେ ୧୬୦ ଏକର ପତିତ ଜମିରୁ ଟଙ୍କାଟିଏ ଆୟ ହେଉନାହିଁ। ଶ୍ରୀଜୀଉଙ୍କ ନିଜ ଦଖଲରେ ଥିବା ୧୯୨.୮୬ ଏକର ଚାଷ ଜମିରୁ ବର୍ଷକୁ ମାତ୍ର ୩୦୦ରୁ ୩୫୦ ବସ୍ତା ଧାନ ଆଦାୟ ହେଉଛି। ଏହି ଆଦାୟ ମୂଲ୍ୟ ଠାରୁ ସମସ୍ତ ସମ୍ପତ୍ତିର ଖଜଣା ଓ ଜଳକର ବାବଦ ଦେୟ ଅଧିକ ଯାଉଛି। ୨୦୦୭ ମସିହାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ତତ୍କାଳୀନ ଆଇନମନ୍ତ୍ରୀଙ୍କ ପକ୍ଷରୁ ଜବରଦଖଲକାରୀଙ୍କ କବ୍‌ଜାରୁ ଶ୍ରୀଜୀଉଙ୍କ ଜମି ଉଦ୍ଧାର ପାଇଁ ଜିଲାପାଳଙ୍କୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଥିଲା। ତେବେ ପ୍ରଶାସନର ଅସହଯୋଗ ଓ ଟ୍ରଷ୍ଟବୋର୍ଡର ଉଦାସୀନତା ଯୋଗୁ ଦୀର୍ଘ ୧୩ ବର୍ଷ ହେଲା ଏହି ନିର୍ଦ୍ଦେଶନାମା ଫାଇଲ ତଳେ ଚାପି ହୋଇରହିଛି। ଦୈନନ୍ଦିନ ନୀତିକାନ୍ତି, ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣି ପାଇଁ ବାର୍ଷିକ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ ପଡୁଛି। ଏଥିସହିତ ରଥଯାତ୍ରା ଅବସରରେ ପ୍ରାୟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏସବୁର ଭରଣା ପାଇଁ ଭୂସମ୍ପତ୍ତିର ଉଦ୍ଧାର ଜରୁରୀ ହୋଇଛି। ତେବେ ସୁଖର ବିଷୟ ଯେ, ଶ୍ରୀଜୀଉଙ୍କ ପରିସରର ଶୋଭାବର୍ଦ୍ଧନ ପାଇଁ ରାଜ୍ୟ ସରକାର ମୋଟ ସାଢ଼େ ଦଶ କୋଟି ଟଙ୍କା ମଞ୍ଜୁରୀ କରିଛନ୍ତି। ଏହାସତ୍ତ୍ୱେ ଶ୍ରୀଜୀଉଙ୍କ ଭୂସମ୍ପତ୍ତି ଉଦ୍ଧାର ହେଲେ ନୀତିକାନ୍ତିକୁ ଶୃଙ୍ଖଳିତ କରାଯାଇପାରିବ।

– ଜଗନ୍ନାଥ ଧଳ

# ଓଡ଼ିଶାର ଇ-ଗେଜେଟ୍ ପୋର୍ଟାଲ ଉଦ୍‌ଘାଟିତ

## ବ୍ୟବସ୍ଥାର ପୂର୍ଣ୍ଣ ବିନିଯୋଗ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧(ବ୍ୟୁରୋ)




ଇ-ଗେଜେଟ୍ ପୋର୍ଟାଲର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ରାଜ୍ୟରେ ୫ମ ଥର ପାଇଁ ବିଜେଡି ନେତୃତ୍ୱାଧୀନ ସରକାର ଶାସନ କ୍ଷମତାକୁ ଫେରିବାପରେ ବିଭିନ୍ନ ପ୍ରକାର ନୂଆ ନୂଆ ପଦକ୍ଷେପ ଗ୍ରହଣ କରାଯାଉଛି। ଦୁର୍ନୀତି ବିରୋଧରେ ସରକାର ଏକ ପ୍ରକାର ମିଶନ ଆରମ୍ଭ କରିଦେଇଛନ୍ତି। ସେହିକ୍ରମରେ ବର୍ତ୍ତମାନ ସରକାରୀ ଗେଜେଟ୍ ବ୍ୟବସ୍ଥାରେ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ଗେଜେଟ୍ ପ୍ରସ୍ତୁତି ପରେ ତାର ବିଷୟବସ୍ତୁକୁ ଯେପରି ପରିବର୍ତ୍ତନ ଏବଂ ବିକୃତ କରା ନ ଯିବ ସେଥିଲାଗି ସେଥିରେ ଅନଲାଇନ ବ୍ୟବସ୍ଥା କରାଯାଇଛି।

ରାଜ୍ୟ ସରକାରଙ୍କ ୫-ଟି ସୂତ୍ରର ରୂପାୟନ ଦିଗରେ ବୁଧବାର ଆଉ ଏକ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ସରକାରୀ ମୁଦ୍ରଣାଳୟର ଇ-ଗେଜେଟ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ନୂଆବର୍ଷ ଅବସରରେ ଲୋକସେବା ଭବନଠାରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏହି ପୋର୍ଟାଲ ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଇ-ଗେଜେଟ୍ ବ୍ୟବସ୍ଥାର ପୂର୍ଣ୍ଣ ବିନିଯୋଗ କରିବା ସକାଶେ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ତ୍ରିପାଠୀ କହିଛନ୍ତି ଯେ, ଇ-ଗେଜେଟ୍ ଉତ୍ତମ ପ୍ରଶାସନ ପଥରେ ଏକ ମାଇଲ ଖୁଣ୍ଟ। ଏହାଦ୍ୱାରା ଗେଜେଟ୍ ବିଜ୍ଞପ୍ତି ତ୍ୱରିତ ଏବଂ ତ୍ରୁଟିମୁକ୍ତ ହେବ। ଏହାଦ୍ୱାରା ଟ୍ରକ ଟ୍ରକ କାଗଜର ପରିବହନ ଆବଶ୍ୟକ ପଡିବନାହିଁ। ଅନ୍ୟପଟେ ମୁଦ୍ରଣ ଖର୍ଚ୍ଚ ମଧ ହ୍ରାସ ହେବ। ଇ-ଗେଜେଟ୍ ସମ୍ପର୍କରେ ସୂଚନା ଦେବାକୁ ଯାଇ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଜି.ଶ୍ରୀନିବାସ କହିଛନ୍ତି ଯେ, ଏଥିରେ ବିଭାଗ ଓ ବିଷୟୱାରୀ ଗେଜେଟ୍ ଖୋଜିବାର ବ୍ୟବସ୍ଥା ରହିବ। ଗେଜେଟ୍ ସକାଶେ କୌଣସି ବ୍ୟକ୍ତିଙ୍କୁ ଆଉ ସରକାରୀ ମୁଦ୍ରଣାଳୟ, କାର୍ଯ୍ୟାଳୟ ବା ଲୋକସେବା ଭବନ ଆସିବାକୁ ପଡିବନାହିଁ। ଯେକୌଣସି ବ୍ୟକ୍ତି http://egazetteodisha.nic.inରେ ଲଗ୍‌ଇନ କରି ସେମାନଙ୍କ ଆବଶ୍ୟକ ଅନୁଯାୟୀ ଗେଜେଟ୍ ପାଇପାରିବେ। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ମନୋଜ ମିଶ୍ର କହିଛନ୍ତି, ଇ-ଗେଜେଟ୍ ହେଉଛି ଏକ ସ୍ୱୀକୃତିପ୍ରାପ୍ତ ସାର୍ବଜନୀନ ପତ୍ରିକା। ଏହାକୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗରେ ପ୍ରସ୍ତୁତ କରାଯାଇଛି। ଏପରି ମୁଦ୍ରଣ ଆଇ.ଟି ଆଇନର ଧାରା ୮ ଅନୁଯାୟୀ ଆଇନତଃ ସିଦ୍ଧ ଅଟେ। ଏ ସମ୍ପର୍କରେ ଦର୍ଶାଇବାକୁ ଏକ ଇ-ଗେଜେଟ୍ ଉପସ୍ଥାପନା କରାଯାଇଥିଲା। ସେଥିରୁ ଜଣାପଡିଛି ଯେ, ବିଭିନ୍ନ ବିଭାଗଗୁଡିକ ଇ-ଗେଜେଟ୍ ପୋର୍ଟାଲରେ ନିଜକୁ ପଞ୍ଜୀକୃତ କରିବାପରେ ପ୍ରକାଶନ ଲାଗି ନିର୍ଦ୍ଧାରିତ ବିଷୟବସ୍ତୁ ପୋର୍ଟାଲରେ ଅପଲୋଡ୍ କରିବେ। ଏହାଦ୍ୱାରା ଗେଜେଟ୍ ନମ୍ବର ଏବଂ ତାରିଖ ପୋର୍ଟାଲରେ ପ୍ରଦର୍ଶିତ ହେବ। ବିଷୟବସ୍ତୁର ବୈଧକରଣ ପାଇଁ ଇ-ଦସ୍ତଖତ ବ୍ୟବସ୍ଥା କରାଯାଇଛି। ଫଳରେ କୌଣସି ବିଷୟ ବସ୍ତୁକୁ ପରବର୍ତ୍ତୀ ସମୟରେ ପରିବର୍ତ୍ତନ ବା ବିକୃତ କରାଯାଇପାରିବ ନାହିଁ। ଏହି ପୋର୍ଟାଲ ଏନଆଇସି ଦ୍ୱାରା ଡିଜାଇନ କରାଯାଇଛି, ଯାହା ଭାରତରେ ପ୍ରଥମ ବୋଲି କୁହାଯାଉଛି।

# ୫୨୬ ହିତାଧିକାରୀଙ୍କ ସହ କଥାହେଲେ ମନ୍ତ୍ରୀ

ଭୁବନେଶ୍ୱର, ୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ବିଭାଗଗୁଡ଼ିକୁ ଯୋଡ଼ା ଯାଉଛି। ସେହିକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମଧ ଏହି କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟ ସରକାର ଆଣିଛନ୍ତି। ଏହାଦ୍ୱାରା ଜନସାଧାରଣ ତଥା ହିତାଧିକାରୀଙ୍କ ଠାରୁ ମିଳୁଥିବା ମତାମତ ଅନୁଯାୟୀ ଏହି ବିଭାଗକୁ ଅଧିକ ସକ୍ରିୟ ଓ ଲୋକାଭିମୁଖୀ କରାଯିବ ବୋଲି ସରକାରଙ୍କ ତରଫରୁ କୁହାଯାଉଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମଗ୍ରୀଗୁଡ଼ିକ ଯେପରି ନିୟମିତ ପାଇପାରିବେ ତାକୁ ନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ନିଜ ବିଭାଗର ହିତାଧିକାରୀଙ୍କ ସହ କଥା ହୋଇ ସେମାନଙ୍କଠାରୁ ସମସ୍ୟା ସମ୍ପର୍କରେ ବୁଝିଛନ୍ତି। ସେହି ଅନୁଯାୟୀ ସରକାରଙ୍କ କହିବା କଥା ବ୍ୟାପକ ପରିବର୍ତ୍ତନ ପାଇଁ ୫-'ଟି' କାର୍ଯ୍ୟକ୍ରମ ଅଧୀନରେ 'ମୋ ସରକାର' ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ। 'ମୋ ସରକାର' କାର୍ଯ୍ୟକ୍ରମରେ ମନ୍ତ୍ରୀ ସ୍ୱାଇଁଙ୍କ ଦ୍ୱାରା ଡିସେମ୍ବର ମାସ ସୁଦ୍ଧା ୫୨୬ଜଣ ହିତାଧିକାରୀଙ୍କ ସହ ଟେଲିଫୋନ ଦ୍ୱାରା ଯୋଗାଯୋଗ କରାଯାଇଥିଲା। ହିତାଧିକାରୀଙ୍କୁ ରାଶନ୍ କାର୍ଡ ମିଳିଛି ନା ନାହିଁ, ପ୍ରତ୍ୟେକ ମାସରେ ରାଶନ୍ ସାମଗ୍ରୀ ମିଳିବା ବିଷୟ, ଡିଲରଙ୍କଠାରୁ ସେମାନଙ୍କୁ ରାଶନ୍ ନେବାକୁ ଅଧିକ ଅର୍ଥ ଦେବାକୁ ପଡୁଛି କି, ଡିଲରଙ୍କ ବ୍ୟବହାର କିପରି ରହୁଛି ଆଦି ବିଷୟରେ ପଚାରିଛନ୍ତି। ଫୋନ ଯୋଗେ ହିତାଧିକାରୀମାନେ ଦେଇଥିବା ଉତ୍ତରଗୁଡ଼ିକ ସନ୍ତୋଷଜନକ ଥିଲା ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଜନସାଧାରଣଙ୍କ ସେବା ପାଇଁ ଉଦ୍ଦିଷ୍ଟ ଏବଂ ଲୋକମାନେ ଏହାର ପ୍ରକୃତ ମାଲିକ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ସହ ବୃତ୍ତିଗତ ଏବଂ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ମୃତ୍ୟୁଞ୍ଜୟ ଜେନା



ଗୀତାଞ୍ଜଳି ରଣା



ପ୍ରିୟା ମହାନ୍ତି



ରଞ୍ଜିତ ବେହେରା

No Plastic Bags

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଗ୍ୟାସ୍, ରେଳଭଡ଼ା ବୃଦ୍ଧି : ଆନ୍ଦୋଳନ କରିବ ସମାଜବାଦୀ ପାର୍ଟି

ଭୁବନେଶ୍ୱର, ୧୧(ବ୍ୟୁରୋ)

ନୂଆବର୍ଷରେ ରେଳଭଡ଼ା ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ଦେଶବାସୀଙ୍କୁ ମୋଦି ସରକାରଙ୍କ ଉପହାର। କେନ୍ଦ୍ର ସରକାରଙ୍କ ଏହି ଦୁଇ ନିଷ୍ପତ୍ତିକୁ ବିରୋଧ କରି ସମାଜବାଦୀ ପାର୍ଟିର ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ ଏଭଳି ସମାଲୋଚନା କରିଛି। ମୋଦି ସରକାରରେ ପିଆଜ ୨୦୦ ଟଙ୍କା, ଆଳୁ ୪୦ ଟଙ୍କା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଛି। ଆଉ ଏବେ ରେଳଭଡ଼ା ବୃଦ୍ଧି କରାଯାଇଛି, ଯାହା ସାଧାରଣରେ ଦରଦାମ୍ ଉପରେ ଗୁରୁତର ପ୍ରଭାବ ପକାଇବ। ଏହି ନିଷ୍ପତ୍ତି ଖୁବ୍‌ଶୀଘ୍ର ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ସମାଜବାଦୀ ପାର୍ଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

## କୁହୁଡ଼ି ପାଇଁ ବଦଳିଲା ଟ୍ରେନ୍ ସମୟ

ଭୁବନେଶ୍ୱର, ୧୧(ବ୍ୟୁରୋ)

ଉତ୍ତର ଭାରତରେ ଘନ କୁହୁଡ଼ି ଜାରି ରହିଛି। ଏଥିଯୋଗୁ ଟ୍ରେନ୍ ସେବା ବାଧାପ୍ରାପ୍ତ ହୋଇଛି। ସଂଯୋଗୀକାରୀ ଟ୍ରେନ୍‌ଗୁଡିକ ବିଳମ୍ବରେ ଚଳାଚଳ କରୁଥିବାରୁ ଗୁରୁବାର ପାଇଁ ଦୁଇଟି ଏକ୍ସପ୍ରେସ୍‌ର ସମୟସୂଚୀ ପରିବର୍ତ୍ତନ କରାଯାଇଛି। ପୁରୀରୁ ପୂର୍ବାହ୍ନ ୧୦ଟା ୫୫ରେ ଛାଡ଼ିବାକୁଥିବା ପୁରୀ-ଆନନ୍ଦବିହାର ନନ୍ଦନକାନନ ଏକ୍ସପ୍ରେସ୍ (୧୨୮୧୫) ଅପରାହ୍ନ ୨ଟାରେ ଛାଡ଼ିବ। ସେହିପରି ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ସକାଳ ୯ଟା ୩୦ ପରିବର୍ତ୍ତେ ଅପରାହ୍ନ ୪ଟା ୩୦ରେ ଛାଡ଼ିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

### ହରେକୃଷ୍ଣ ମହତାବଙ୍କ ଜନ୍ମ ବାର୍ଷିକୀ ଲାଗି ବ୍ୟାପକ ପ୍ରସ୍ତୁତି

## ବର୍ଷସାରା ଦେଶବ୍ୟାପୀ ଚାଲିବ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୧(ବ୍ୟୁରୋ)

ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୦ତମ ଜନ୍ମ ବାର୍ଷିକୀ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ନବ ଉତ୍କଳ ନିର୍ମାତା ଡ. ମହତାବଙ୍କର ରାଷ୍ଟ୍ର ନିର୍ମାଣ ଓ ସ୍ୱାଧୀନତା ଆନ୍ଦୋଳନରେ ପ୍ରମୁଖ ଭୂମିକା ଥିଲା। ତାଙ୍କ ତ୍ୟାଗକୁ ନୂଆପିଢ଼ିଙ୍କ ପାଖରେ ପହଞ୍ଚାଇବା ପାଇଁ ସାରା ଦେଶର ପ୍ରମୁଖ ସହରରେ ବର୍ଷେବ୍ୟାପୀ ଜନ୍ମବାର୍ଷିକୀ ପାଳନ କରାଯିବ ବୋଲି ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ରାଜ୍ୟ ପୂର୍ତ୍ତ, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କଲିକତାସ୍ଥିତ କଳା ମନ୍ଦିର ପ୍ରେକ୍ଷାଳୟରେ ଆସନ୍ତା ଫେବୃୟାରୀ ୯ରେ ଦିବସବ୍ୟାପୀ ଜାତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମହତାବଙ୍କ ଜୀବନୀକୁ ନେଇ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ସହ ଏକ ସ୍ମାରକୀ ଗ୍ରନ୍ଥ ଓ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ। କାର୍ଯ୍ୟକ୍ରମରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟର ବହୁ ମନ୍ତ୍ରୀ, ସାଂସଦ ଓ ବିଧାୟକ ଯୋଗଦେବେ। ଏହାପରେ ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁରେ ମଧ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହିଭଳି ରାଜ୍ୟର ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଓ ବାଲେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ଓ ଜାତୀୟ ଶାନ୍ତି ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ମୁଖ୍ୟ ପୃଷ୍ଠପୋଷକ ଥିବାବେଳେ ମନ୍ତ୍ରୀ ମଲ୍ଲିକ ପ୍ରମୁଖ ସଂଯୋଜକ, ଉପସଭାପତି ଭାବେ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ ଅଧକ୍ଷ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବୀପ୍ରସାଦ ମିଶ୍ର ଓ ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି ରହିଛନ୍ତି। ପ୍ରଫେସର ଉପେନ୍ଦ୍ର ପାଢ଼ୀ କମିଟି ଆବାହକ ରହିଥିବାବେଳେ ବହୁ ମନ୍ତ୍ରୀ ଓ ବିଧାୟକ ସଦସ୍ୟ ରହିଥିବା ସୂଚନା ମିଳିଛି।

## ୩୦ କର୍ମଚାରୀଙ୍କୁ ପ୍ରାକ୍ ଅବସର ନୋଟିସ ନିଷ୍ପତ୍ତି

ଛତ୍ରପୁର,୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ପ୍ରଶାସନ ୫-ଟି ମାନଦଣ୍ଡରେ ସରକାରୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ଗୁରୁତ୍ୱ ଦେଉଛି। ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜିଲାର ଦକ୍ଷତାବିହୀନ ୫ ସରକାରୀ କର୍ମଚାରୀଙ୍କୁ ପ୍ରାକ୍ ଅବସର ଦେବାକୁ ନିଷ୍ପତ୍ତି ନେଇଥିଲେ। ବୁଧବାର ଆଉ ୩୦ କର୍ମଚାରୀଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି। ଏମାନଙ୍କୁ ପ୍ରାକ୍ ଅବସର ଦେବାକୁ ନୋଟିସ ଦେବା ନିମନ୍ତେ ଜିଲାପାଳ ନିଷ୍ପତ୍ତି ନେଇଛନ୍ତି। ୫-ଟି ମାନଦଣ୍ଡରେ ଜିଲାରେ ଯେଉଁ ସରକାରୀ କର୍ମଚାରୀ କାର୍ଯ୍ୟକ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦନ କରି ପାରୁନାହାନ୍ତି କିମ୍ବା ଦାୟିତ୍ୱରେ ଅବହେଳା କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ବିଭିନ୍ନ ବିଭାଗର ଉଚ୍ଚ ପଦାଧିକାରୀଙ୍କଠାରୁ ମିଳିଥିବା ଏପରି କର୍ମଚାରୀଙ୍କ ତାଲିକା ଉପରେ ଅନୁଧ୍ୟାନ କରିବା ପାଇଁ ଜିଲାପାଳ ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ କରିଛନ୍ତି। ଉକ୍ତ ଟିମ୍ ରିପୋର୍ଟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏପରି ଆହୁରି ଅନେକ ଯେଉଁମାନେ କାର୍ଯ୍ୟରେ ଅବହେଳା କରୁଛନ୍ତି, ଯାହାଙ୍କର ବୟସ ୫୦ବର୍ଷରୁ ଊର୍ଦ୍ଧ୍ୱ କିମ୍ବା ଚାକିରି କାଳ ୩୦ ବର୍ଷରୁ ଅଧିକ ହୋଇଥିବ ସେମାନଙ୍କୁ ପ୍ରାକ୍ ଅବସର ଦେବା ପାଇଁ ଜିଲା ପ୍ରଶାସନ ଧ୍ୟାନ ଦେଉଛି। ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ପାଇଁ ପ୍ରଣୟନ କରାଯାଇଥିବା ଚାକିରି ସର୍ତ୍ତାବଳୀ ମୁତାବକ ଏମାନଙ୍କର ଅବସର କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ୫ ଦକ୍ଷତାବିହୀନ ସରକାରୀ କର୍ମଚାରୀଙ୍କୁ ପ୍ରାକ୍ ଅବସର ପାଇଁ ୩ ମାସିଆ ନୋଟିସ ଜାରି କରାଯାଇଛି। ନୋଟିସ ଅବଧି ସରିବା ପରେ ଏମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବ।




प्रतिवादी की उपस्थिति के लिए नोटिस
(अन्तर्गत आदेश 5 नियम 20 व्य. प्र. सं.)
न्यायालय : न्यायाधीश, कुटुम्ब न्यायालय, रायगढ़ (छ.ग.)

विविध आपराधिक प्रकरण क.–एफ 72/2019
सुनवाई दिनांक – 20/01/2020
प्रोसेस कमांक 972

1- श्रीमती ममता साहू, पति सुजीत साहू, उम्र– 27 वर्ष, पेशा कुछ नहीं निवासी– गुल होटल के पीछे भटली चौक सोहेला रोड बरगढ़ थाना तहसील व जिला– बरगढ़ (उड़िसा) हा. मु. पुसौर थाना व तह. पुसौर जिला–रायगढ़ (छ.ग.) ............ आवेदक।

बनाम

सुजीत साहू आ. श्री चित्रसेन साहू, उम्र– 34 वर्ष, पेशा नौकरी, निवासी–गुल होटल के पीछे भटली चौक सोहेला रोड बरगढ़ थाना व तह. जिला–बरगढ़ (ओड़िसा) ............ अनावेदक।

—00—

उपरोक्त वादी ने इस न्यायालय के समक्ष धारा 125 द.प्र.सं. का वाद प्रस्तुत किया है।

इस सूचना द्वारा उक्त अनावेदक सुजित साहू आ. चित्रसेन साहू को सूचित किया जाता है कि आप इस न्यायायल में दिनांक 20/01/2020 को समय ठीक 11:00 बजे उपस्थित होकर अपना जवाब पेश करें। यदि आप दिये गये समय पर उपस्थित नहीं होते हैं, तो प्रकरण में आपकी अनुपस्थिति में सुनवाई किया जाकर नियमानुसार कार्यवाही की जायेगी।

यदि उक्त तिथि को अवकाश घोषित हो जाता है या पीठासीन अधिकारी अवकाश पर हो तो सुनवाई अगले कार्यदिवस पर किया जावेगा।

आज दिनांक 23/12/2019 को मेरे हस्ताक्षर एवं न्यायालय की मुद्रा सहित जारी किया गया।

23.12.19
(ओम प्रकाश सिंह चौहान)
न्यायाधीश
परिवार न्यायालय रायगढ़ (छ.ग.)



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।
- ଚାଣକ୍ୟ

# ଦେବଗଡ଼ ଜିଲାର ୨୬ତମ ପ୍ରତିଷ୍ଠା ଦିବସ

ଦେବଗଡ଼,୧।୧(ଡି.ଏନ.ଏ.)

ଦେବଗଡ଼ ଜିଲା ବିକାଶ ମଞ୍ଚ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଟାଉନହଲଠାରେ ବୁଧବାର ଦେବଗଡ଼ ଜିଲାର ୨୬ତମ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସନ୍ଧ୍ୟାରେ ମଞ୍ଚର ଆବାହକ ସୁଧୀର ବ୍ରହ୍ମାଙ୍କ ଆବାହକତ୍ୱ ଓ ଉପଦେଷ୍ଟା ମିତ୍ରଭାନୁ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲା ସଂସ୍କୃତି ପରିଷଦ ସଂଯୋଜକ ବିଜୟ କୁମାର ମିଶ୍ର, ବାମଣ୍ଡା ସାହିତ ସଂସଦର ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ର, ମଞ୍ଚର ସଦସ୍ୟ ତରଣୀକାନ୍ତ ଦାଶ ଏବଂ ମୁଖ୍ୟବକ୍ତା ଭାବେ ଆଇନଜୀବୀ ସୁଧାଂଶୁ କୁମାର ଦ୍ୱିବେଦୀ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରଦୀପ୍ତ ଗଙ୍ଗଦେବଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସଭାକାର୍ଯ୍ୟ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଅତିଥି ଓ ବକ୍ତାମାନେ ବକ୍ତବ୍ୟରେ ଦେବଗଡ଼ ଜିଲା ଗଠନର ଇତିହାସ, ବର୍ତ୍ତମାନ ଏବଂ ଆଗାମୀ ଦିନର ସମ୍ଭାବ୍ୟ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଦୁର୍ଗା ପ୍ରସାଦ ଦ୍ୱିବେଦୀ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ସୁଶୀଳ କପରଦାର, ସୁଶୀଳ କୁମାର କର, ସୁଧୀର କୁମାର କପରଦାର, ଚିତ୍ତରଞ୍ଜନ ପ୍ରଧାନ, ବିଭୁତି ଗଙ୍ଗଦେବ, ମନୋଜ ପାଢୀ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଦେବଗଡ଼ ଜିଲା ଗଠରେ ବିଶେଷ ଅବଦାନ ପାଇଁ ଏହି ଅବସରରେ ସ୍ୱର୍ଗତ ରାଜେନ୍ଦ୍ର କୁମାର ଜିତ ଓ ସ୍ୱର୍ଗତ ନିତ୍ୟାନନ୍ଦ ପାଣିଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଜିଲା ଗଠରେ ବିଶେଷ ଅବଦାନ ପାଇଁ ସୁଧୀର କପରଦାର, ବିଭୂତି ଗଙ୍ଗଦେବ, ପ୍ରଣବ କୁମାର ପ୍ରଧାନ, ବନୀନ କୁମାର ପାଣି ଓ ପ୍ରଫୁଲ୍ଲ କୁମାର ନାୟକଙ୍କୁ ମଧ୍ୟ ଉପଢୀକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନିଶା ବାରିକ ଓ ସୁମିତ ଦ୍ୱିବେଦୀଙ୍କୁ ପ୍ରତିଭା ସମ୍ମାନ ଓ ସିବିଏସ୍ଇ ପରୀକ୍ଷାରେ ଟପ୍ପର ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଚ୍ଚିନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶୀଳ କୁମାର କରଙ୍କୁ ସ୍ୱେଚ୍ଛାସେବୀ ଭାବେ ସମ୍ମାନିତ କରାଯାଇଥିବା ବେଳେ ସ୍ୱଚ୍ଛତା ନିମନ୍ତେ ଦେବଗଡ଼ ପୌର ପରିଷଦ ସଫେଇ କର୍ମଚାରୀ ଓ ଆଦର୍ଶ ଗ୍ରାମ ଭାବେ ରିଆମାଳ ବ୍ଲକର କୀର୍ତ୍ତନପାଲି ଗ୍ରାମକୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜନ୍ମେଜୟ ନାୟକ, ଚନ୍ଦନ କୁମାର ସାହୁ ଓ ରୂପେନ୍ଦ୍ର କୁମାର ଗୁମାନସିଂଙ୍କ ପରିଚାଳନାରେ ନୃତ୍ୟ ଓ ସଂଗୀତର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ମଞ୍ଚର ଉପଦେଷ୍ଟା ମାର୍କଣ୍ଡେଶ୍ୱର ଶତପଥୀ, ସଦସ୍ୟ ମୋତିଲାଲ ଶର୍ମା, କୁମୁଦ ଚନ୍ଦ୍ର ଶତପଥୀ, ଚନ୍ଦନ ସୋନକାରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ବିଧାୟକ ସ୍ୱେଚ୍ଛାସେବୀ ସୁଶୀଳ କୁମାର କରଙ୍କୁ ସମ୍ମାନିତ କରୁଛନ୍ତି।

## ସଂକ୍ଷେପରେ

### ନୂଆବର୍ଷରେ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ

ରେଙ୍ଗାଲି, ୧।୧ (ଡି.ଏନ.ଏ.): ରେଙ୍ଗାଲି ବ୍ଲକ ଗଣେଶନଗରଠାରେ ନୂତନ ବର୍ଷ-୨୦୨୦ର ସ୍ୱାଗତ ପାଇଁ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ନୂତନ ବର୍ଷର ସ୍ୱାଗତ ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିମାଂଶୁଶେଖର ମିଶ୍ର, ଉଦୟ ଚନ୍ଦ୍ର ସାହୁ, ଡା. ସି.କେ. କର, ମହେନ୍ଦ୍ର ଓରାମ, କୃଷ୍ଣ ମେହେର, ମନୋଜ ନାୟକ, ରମେଶ ବାରିକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ହିମାଂଶୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଫେବୃୟାରୀରୁ ମୋ ସରକାରରେ ସାମିଲ ହେବ ଗ୍ରାମ୍ୟ ଉନ୍ନୟନ ବିଭାଗ

ଭୁବନେଶ୍ୱର,୧।୧(ବ୍ୟୁରୋ): ଆସନ୍ତା ଫେବୃୟାରୀରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୋ ସରକାର କାର୍ଯ୍ୟକ୍ରମ ପରିସରଭୁକ୍ତ ହେବ। ବୁଧବାର ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏହି ସୂଚନା ଦେଇଛନ୍ତି। ୨୦୦୩ରେ ଆରମ୍ଭ କରାଯାଇଥିବା ଜିଲା ରାସ୍ତା ନେଟୱର୍କ ଯୋଜନା ଉପରେ ଚଳିତ ବର୍ଷ ଧ୍ୟାନ ଦିଆଯିବ। ଏଥିସହିତ ୧୦୦ ଜନସଂଖ୍ୟା ଗ୍ରାମକୁ ରାସ୍ତା ସଂଯୋଗ କରାଯିବ। ଏହାଛଡା ଆସନ୍ତା ୫ ବର୍ଷ ମଧ୍ୟରେ ଆନ୍ତଃବ୍ଲକ, ଆନ୍ତଃଜିଲା ଏବଂ ଆନ୍ତଃରାଜ୍ୟ ସୀମାରେ ଥିବା ରାସ୍ତାଗୁଡିକୁ ସଂଯୋଗ କରିବା ଦିଗରେ ଚଳିତ ବର୍ଷ ପ୍ରାଧାନ୍ୟ ଦିଆଯିବ। କେତେକ ଗ୍ରାମ ଓ ପଡ଼ାଗ୍ରାମ ସଂଯୋଗ ହୋଇ ନ ଥିବା ଗତ ସର୍ଭେରୁ ଜଣାପଡିଛି। ସେହିସବୁ ଗ୍ରାମକୁ ରାସ୍ତା ସଂଯୋଗ କରାଯିବ। ଏଥିପାଇଁ ପଞ୍ଚାୟତିରାଜ, ଏସସି/ଏସଟି ଉନ୍ନୟନ, ଜଳସମ୍ପଦ, ପୂର୍ତ୍ତ ବିଭାଗର ସହାୟତା ନିଆଯିବ ବୋଲି ଜେନା କହିଛନ୍ତି।

### ରିଆମାଳରେ ଥମୁନି ହାତୀ ଉପଦ୍ରବ

ରିଆମାଳ, ୧।୧(ଡି.ଏନ.ଏ,)
ଦେବଗଡ ଜିଲା ରିଆମାଳ ବ୍ଲକ ନୂଆଡିହି ପଞ୍ଚାୟତ ଅନ୍ତର୍ଗତ ମହାସିନ୍ଧୁ ଗ୍ରାମରେ ବୁଧବାର ସକାଳେ ପଲରେ ଥିବା ୪ଟି ହାତୀ ବ୍ୟାପକ ଫସଲ ଓ ପରିବା ଚାଷ ଉଜାଡିଛନ୍ତି। ଗ୍ରାମର ଧରଣୀଧର ଦେହୁରୀ ଓ ଜାତକ ଦେହୁରୀଙ୍କ ଘର ଭାଙ୍ଗିବା ସହିତ ଡିଲ ଦେହୁରୀ, ଯଯାତି ଦେହୁରୀ, ଯାଦବ ନାୟକଙ୍କ ବାଡିରେ ପଶି ପାରିବା ଚାଷ ନଷ୍ଟ କରିଛନ୍ତି ହାତୀପଲ। ଗତ ୫ମାସ ହେବ ହାତୀ ଉପଦ୍ରବ ଜାରି ରହିଥିଲେ ମଧ୍ୟ ବନ ବିଭାଗ ଘଉଡାଇବାରେ ସଫଳ ହେଉନାହିଁ।

# କୋର୍ଟ ପ୍ରକୋଷ୍ଠରୁ ଓକିଲଙ୍କ ମୃତଦେହ ଉଦ୍ଧାର

**ଅନୁଗୋଳ ଅଫିସ, ୧।୧**–ଅନୁଗୋଳ ଜିଲା କୋର୍ଟ ପରିସରରେ ଥିବା ଏକ ପ୍ରକୋଷ୍ଠରୁ ବୁଧବାର ଜଣେ ଓକିଲଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଢେଙ୍କାନାଳ ଜିଲା ନୂଆ ଓଡ଼ାପଡ଼ା ଗ୍ରାମର ପ୍ରତାପ ପଟ୍ଟନାୟକ (୪୯)। ପ୍ରତାପ ଢେଙ୍କାନାଳ ବାର ଆସୋସିଏଶନର ସଦସ୍ୟ। ସେ କିଛିଦିନ ହେଲା ଅନୁଗୋଳ କୋର୍ଟରେ କାମ କରୁଥିଲେ। ସେ ମଙ୍ଗଳବାର କୋର୍ଟ ପରିସରରେ ଥିବା ଏକ କୋଠରିରେ ଶୋଇଥିଲେ। ସକାଳୁ ବାରଣ୍ଡାରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କେଉଁ ପରିସ୍ଥିତିରେ ପ୍ରତାପଙ୍କ ମୃତ୍ୟୁ ହେଲା ତାହାର ତଦନ୍ତ କରାଯାଉଛି। ପ୍ରତାପ ପୂର୍ବରୁ ରୋଗରେ ପୀଡ଼ିତ ଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

# ପ୍ରଧାନପାଟ ସ୍ୱର୍ଗଦ୍ୱାରରେ ସଫେଇ କାର୍ଯ୍ୟକ୍ରମ

ଦେବଗଡ଼,୧।୧(ଡି.ଏନ.ଏ.)

ନୂତନବର୍ଷକୁ ସ୍ୱାଗତ ଜଣାଇ ମା'ପଧାନୀ ବୁଢୀ ପୂଜା କମିଟିର ସଦସ୍ୟମାନେ ବୁଧବାର ପ୍ରଧାନପାଟସ୍ଥିତ ସ୍ୱର୍ଗଦ୍ୱାରର ସଫେଇ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ପ୍ରଫୁଲ୍ଲ କୁମାର ନାୟକ, ପ୍ରଶାନ୍ତ ଭୁକ୍ତା, ଉଦୀପ୍ତ ନାୟକ, ମୁକେଶ ଜିନ୍ଦଲ, ପ୍ରତାପ କିଶୋର ନାୟକ, ପ୍ରତାପ ପାତ୍ର, ବିକାଶ ପ୍ରଧାନ, ବାସୁଦେବ ମିଶ୍ର, ସୁଜିତ ଭୋଇ, ରୁନା ନାଏକ, ପୁଟୁ ନାୟକଙ୍କ ସହ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଶ୍ମଶାନ ଘାଟ ପରିସରରେ ପଡିରହିଥିବା ଅଳିଆ ଆବର୍ଜନା ଫିଙ୍ଗିବା ସହ ବ୍ଲିଚିଂ ପାଉଡର, ଫିନାଇଲ ପକାଇ ସଫା କରିଥିଲେ।



ସଫେଇ କାର୍ଯ୍ୟକ୍ରମରେ ଉପସ୍ଥିତ କମିଟିର ସଦସ୍ୟମାନେ।

# ଦେବଝରନରେ ଭିତ୍ତିଭୂମି ବିକାଶ ପାଇଁ ଭୂମିପୂଜା

ସମ୍ବଲପୁର,୧।୧(ବ୍ୟୁରୋ)

ସମ୍ବଲପୁର ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳ ଦେବଝରନକୁ ରାଜ୍ୟ ସରକାର ଇକୋ ଟୁରିଜିମ ଭାବେ ଘୋଷଣା କରିଛନ୍ତି। ଏଠାରେ ପର୍ଯ୍ୟଟକଙ୍କ ସୁବିଧା ଲାଗି ଭିତ୍ତିଭୂମିର ବିକାଶ ପାଇଁ ବୁଧବାର ପୂଜାର୍ଚ୍ଚନା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଶୌଚାଳୟ, ପିଇବା ପାଣି ବ୍ୟବସ୍ଥା, ଜଳ ପ୍ରପାତକୁ ରାସ୍ତା, ଡଷ୍ଟବିନ, ବୋଟିଂ ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଛି। ଏହି ଅବସରରେ ଜିଲାପାଳ ଶୁଭମ୍ ସକ୍ସେନା, ଆଞ୍ଚଳିକ ବନ ସଂରକ୍ଷକ ଚିତ୍ତରଞ୍ଜନ ମିଶ୍ର, ସମ୍ବଲପୁର ଡିଏଫଓ ଡ. ସଞ୍ଜୀତ କୁମାର, ଏସିଏଫ ତେଜରାଜ ନାଏକ, ରେଞ୍ଜର ଗୌରୀ ଦାସ, ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଦେବଝରନ ବିକାଶ ମଞ୍ଚର ବିରେନ ଭୋଇ, ବରୁଣ ଦେହୁରୀ, ସିରାଜ ଏହମଦ, ଦୀପକ ପ୍ରଧାନ ପ୍ରମୁଖ ମଧ୍ୟ ଉପସ୍ଥତ ଥିଲେ।



ଦେବଝରନରେ ଭିତ୍ତିଭୂମିର ବିକାଶ ପାଇଁ ଭୂମିପୂଜା କରାଯାଉଛି।

# ୫ରେ ଦେବଗଡ଼ ବାଟେଘାଟେ

ଦେବଗଡ,୧।୧(ଡି.ଏନ.ଏ.)

ଆସନ୍ତା ୫ ତାରିଖ ବାଟେଘାଟେ କାର୍ଯ୍ୟକ୍ରମ ଦେବଗଡ ପ୍ରଧାନପାଟ ରାସ୍ତାରେ ସକାଳ ୭ଟାରୁ ଆରମ୍ଭ ହେବ। ଏହି ବାଟେଘାଟେରେ ରାସ୍ତାର ଉଭୟ ପାର୍ଶ୍ୱର ବିଭିନ୍ନ ସ୍ଥାନ ଏବଂ ପାର୍ଶ୍ୱ ପଡିଆରେ ରଙ୍ଗୋଲି, ପେଣ୍ଟିଂ, ଦଳଗତ ନୃତ୍ୟ, ଏଇରୋବିକ, ସଙ୍ଗୀତ ଏବଂ ବାଦ୍ୟଯନ୍ତ୍ର, କବିତା, ଶାୟରୀ, ପଥପ୍ରାନ୍ତ, ଏକାଙ୍କିକା, କୁଇଜ୍ ଏବଂ ବିଷୟଭିତ୍ତିକ ବକ୍ତୃତା, କୌତୁକ ପୋଷାକ, ର୍ୟାମ୍ପ ଶୋ ଅନୁଷ୍ଠିତ ହେବ। ଏଥିସହିତ ଭଲି, କ୍ରିକେଟ୍, ବ୍ୟାଟମିଣ୍ଟନ, କବାଡ଼ି, ଖୋଖୋ, ଫୁଟବଲ, ଦୌଡିଡିଆଁ ଆଦି ଖେଳ ଏବଂ ମହିଳାମାନଙ୍କ ଆତ୍ମସୁରକ୍ଷା କୌଶଳ ମଧ୍ୟ ପ୍ରଦର୍ଶନ କରାଯିବ। ଏହା ବ୍ୟତୀତ ସ୍ୱାସ୍ଥ୍ୟ ଶିବିର, ଯୋଗ, ଧ୍ୟାନ ଏବଂ ପ୍ରାଣାୟାମ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଡେପୁଟି କଲେକ୍ଟର ସିପ୍ରା ସେଠୀ, ଗୀତାଞ୍ଜଳି ବେହେରା, ସହକାରୀ ଜିଲାପାଳ କୈବଲ୍ୟ କର, ସୁଶାନ୍ତ ନାୟକ, ଯଶୋବନ୍ତ ଦେହୁରୀ, ପୌରାଞ୍ଚଳ ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇ, ଜିଲା କ୍ରୀଡା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ଫୋରମ ସମ୍ପାଦକ ଏବଂ ଜିଲା କ୍ରୀଡା ସଂଘର ସମ୍ପାଦକ ଯୋଗଦେଇଥିଲେ।

# ସୁଗନ୍ଧିତ ପୁଷ୍ପ, ଭୋଜିଭାତରେ ମହକିଲା ଲୋକସେବା, ଖାରବେଳ ଭବନ

**ଭୁବନେଶ୍ୱର,୧।୧(ବ୍ୟୁରୋ):** ବୁଧବାର ଥିଲା ନୂଆବର୍ଷର ପ୍ରଥମ ଦିବସ। ସବୁଠାରେ ପରସ୍ପରକୁ ନବ ବର୍ଷର ଶୁଭେଚ୍ଛା ଜଣାଇବାରେ ବ୍ୟସ୍ତ ଥିଲେ କର୍ମଚାରୀ। ଲୋକସେବା ଭବନଠାରୁ ଆରମ୍ଭକରି ଖାରବେଳ ଭବନ, ବିଭାଗୀୟ ମୁଖ୍ୟ ଦପ୍ତର ଏବଂ ସରକାରଙ୍କ ଅନ୍ୟ କାର୍ଯ୍ୟାଳୟରେ ବୁଧବାର ଦିନତମାମ ଥିଲା ଏମିତି ଦୃଶ୍ୟ। ଲୋକସେବା ଭବନରେ ଫୁଲର ସୁଗନ୍ଧିତ ମହକ ସାଙ୍ଗକୁ ଭୋଜିଭାତର ଆସର ଦେଖିବାକୁ ମିଳିଥିଲା। ପରିବେଶକୁ ଅଧିକ ଆକର୍ଷଣୀୟ କରିଥିଲା ଗ୍ରାମ୍ୟ ଉନ୍ନୟନ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍କୁଲ ଓ ଗଣ ଶିକ୍ଷା ବିଭାଗର ଫୁଲହାର, ବେଲୁନ, ଝୋଟି ଓ ସାଜସଜ୍ଜା। କର୍ମଚାରୀମାନେ ଉପରିସ୍ଥ ଅଧିକାରୀଙ୍କୁ ବୁଲି ବୁଲି ଫୁଲତୋଡା ଦେବା ସହ ନୂଆ ବର୍ଷର ଅଭିନନ୍ଦନ ଜଣାଇଥିଲେ। ବିଭିନ୍ନ କମ୍ପାନୀ ଓ ସଂସ୍ଥାର ସଦସ୍ୟମାନେ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ବିଭାଗୀୟ ସଚିବଙ୍କୁ ସାକ୍ଷାତ କରି ଫୁଲତୋଡା ଦେଇ ନବ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଏପରିକି ସଜା ଯାଇଥିବା ଝୋଟି ନିକଟରେ ନିଯୁକ୍ତି ପାଇଥିବା ଯୁବ କର୍ମଚାରୀମାନେ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ବିଭାଗର ସାଂସ୍କୃତିକ ସଂଘ ବ୍ୟାନର ଓ ଫୁଲ ସଜାଇ ନିଜ ନିଜ ବିଭାଗର ଆକର୍ଷଣକୁ ବଢ଼ାଇଥିଲେ।

■ନବବର୍ଷକୁ ସ୍ୱାଗତ

# ସରକାରୀ କାର୍ଯ୍ୟାଳୟରେ ଶୁଭେଚ୍ଛାର ସୁଅ

■ ପାଳିଲେନି ମୁଖ୍ୟମନ୍ତ୍ରୀ
■ ବର୍ଷର ସଂକଳ୍ପ କହିଲେ ସଚିବ, ମନ୍ତ୍ରୀ

ଭୁବନେଶ୍ୱର, ୧।୧(ବ୍ୟୁରୋ)

ନୂଆବର୍ଷର ପ୍ରଥମ ଦିନରେ ସରକାରୀ କାର୍ଯ୍ୟାଳୟଗୁଡିକରେ ଶୁଭେଚ୍ଛାର ସୁଅ ଛୁଟିଛି। ସଚିବାଳୟଠାରୁ ଆରମ୍ଭ କରି ବିଭିନ୍ନ ବିଭାଗୀୟ ମୁଖ୍ୟ ଦପ୍ତରରେ କର୍ମଚାରୀମାନେ ପରସ୍ପରକୁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଭିଣୋଇ ସନି ମେହେଟାଙ୍କ ମୃତ୍ୟୁରେ ଶୋକ ପାଳନ କରୁଥିବାରୁ ବୁଧବାର ତାଙ୍କୁ ସଚିବାଳୟରେ ଦେଖିବାକୁ ମିଳି ନ ଥିଲା। ଅନୁରୂପ ଭାବେ ନବୀନ ନିବାସରେ ମଧ୍ୟ ମୁଖ୍ୟମନ୍ତ୍ରୀ ନୂଆବର୍ଷ ପାଳି ନ ଥିଲେ। ହେଲେ ସଚିବାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏବଂ ଉନ୍ନୟନ କମିଶନର ସୁରେଶ ମହାପାତ୍ରଙ୍କୁ ଭେଟି ଅଧିକାରୀ ଏବଂ କର୍ମଚାରୀମାନେ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ ମଧ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ନବବର୍ଷର ଶୁଭେଚ୍ଛା ଜଣାଇବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ।

ଏହି ଅବସରରେ ଗଣମାଧ୍ୟମକୁ ମତ ଦେଇ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି ଯେ ଅତୀତରେ ରାଜ୍ୟ ପ୍ରଶାସନ ଅନେକ ସଫଳତା ପାଇବା ସହ ମାଇଲଖୁଣ୍ଟ ଅତିକ୍ରମ କରିଛି। ସମସ୍ତ ଅଫିସର, କର୍ମଚାରୀଙ୍କ ସମନ୍ୱୟ ଏହି ସଫଳତା ଆଣିଦେଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ଓଡ଼ିଶା ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରାଯିବ। ସବୁ ମାନଦଣ୍ଡରେ ରାଜ୍ୟକୁ ଦେଶର ଶୀର୍ଷ ୩ ରାଜ୍ୟରେ ପରିଣତ କରିବା ପାଇଁ ଚେଷ୍ଟା କରାଯିବ। ଏଥିପାଇଁ ମୁଖ୍ୟ ଶାସନ ସଚିବ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଚାଷୀଙ୍କ ଆୟ ଦ୍ୱିଗୁଣ କରିବା ସହ କୃଷକ ସଶକ୍ତୀକରଣ କାର୍ଯ୍ୟ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। କୃଷି ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ କହିଛନ୍ତି ଯେ କୃଷକଙ୍କ ଆୟ ଦ୍ୱିଗୁଣା କରିବା ନେଇ ଚେଷ୍ଟା ଜାରି ରହିଛି। ନିକଟରେ ଏଥିପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରାଯାଇଛି। କ୍ରପ ଡାଇଭରସିଫିକେଶନ୍ ସହ ବୈଷୟିକ ଜ୍ଞାନକୌଶଳ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଥିବା ଗର୍ଗ କହିଛନ୍ତି। ଚଳିତ ବର୍ଷ ଓଡ଼ିଶାରେ ୧୭ ବର୍ଷରୁ କମ୍ ଫୁଟବଲ ବିଶ୍ୱକପ୍ ହେବାର ରହିଛି। ଆଗାମୀ ଦିନରେ ବିଶ୍ୱକପ୍ ହକି ପ୍ରତିଯୋଗିତା ମଧ୍ୟ ଆୟୋଜନ ହେବାକୁ ଯାଉଛି। ତେଣୁ ଏହାର ପ୍ରସ୍ତୁତି ଏବଂ ହକି ଭିତ୍ତିଭୂମି ଉନ୍ନତୀକରଣ ପାଇଁ ଅଧିକ ଆଷ୍ଟ୍ରୋଟର୍ଫ ନିର୍ମାଣ ଉପରେ କ୍ରୀଡା ବିଭାଗ ଗୁରୁତ୍ୱ ଦେବ ବୋଲି ବିଭାଗୀୟ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ଭୁବନେଶ୍ୱର ସମେତ ରାଉରକେଲା ସ୍ମାର୍ଟସିଟି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି଼ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଉଜ୍ଜୀବନ ଫାଇନାନ୍ସ କମ୍ପାନୀ
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ — ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଆଧାରକାର୍ଡ ଋଣ, ପର୍ସନାଲ ଋଣ
ବ୍ୟବସାୟ ଋଣ, ଆଦି ସବୁ ଋଣ
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର
094738-08189
073762-57896

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ–2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

BUSINESS BUSINESS

ASTROLOGY ASTROLOGY

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି଼ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରିମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରଷ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"୨୦୨୦ରେ କାର୍ଯ୍ୟକାରୀ କରାଯିବାକୁ ଥିବା ପ୍ରଥମ କାର୍ଯ୍ୟସୂଚୀ ହେଉଛି ଚଳିତ ମାସରେ ୟୁରୋପୀୟ ସଂଘରୁ ବ୍ରିଟେନକୁ ଅଲଗା କରିବା।"
-ବୋରିସ୍ ଜନସନ,
ବ୍ରିଟେନ ପ୍ରଧାନମନ୍ତ୍ରୀ



ନବବର୍ଷରେ ବିହାରର ବୋଧଗୟାରେ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କୁ ଭେଟୁଛନ୍ତି ବୌଦ୍ଧ ଭକ୍ତ।



ପ୍ରୟାଗରାଜରେ ନୂଆବର୍ଷ ପାଳନ ଅବସରରେ ଗଙ୍ଗାନଦୀରେ ଭକ୍ତ ବୁଡ଼ ପକାଉଥିବାବେଳେ ଉଡୁଛନ୍ତି ବିଦେଶାଗତ ପକ୍ଷୀ।



ନୂଆବର୍ଷରେ ଦାବି ପୂରଣ ପାଇଁ ହାତର ୫ ଅଙ୍ଗୁଳି ଦେଖାଉଛନ୍ତି ହଂକଂ ବିକ୍ଷୋଭକାରୀ।

# ବର୍ଷ ଆରମ୍ଭରୁ ମୁହାଁମୁହିଁ

## ଦୂତାବାସ ଆକ୍ରମଣ ପରେ ବାକ୍‌ଯୁଦ୍ଧ

ୱାଶିଂଟନ,୧।୧(ପି.ଟି.)

ଇରାକ ରାଜଧାନୀ ବାଗଦାଦରେ ଇରାନ ସମର୍ଥିତ ବିଦ୍ରୋହୀଙ୍କ ଉପରେ ଆକାଶମାର୍ଗରୁ ଆକ୍ରମଣ କରିଥିଲା ଆମେରିକା। ଏହାକୁ ନେଇ ଉତ୍ତ୍ୟକ୍ତ ବିକ୍ଷୋଭକାରୀମାନେ ବାଗଦାଦସ୍ଥିତ ଆମେରିକା ଦୂତାବାସକୁ ଟାର୍ଗେଟ କରିଥିଲେ। ସେମାନଙ୍କୁ ଘଉଡାଇବା ପାଇଁ ଆମେରିକୀୟ ବଳ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲେ। ଆକ୍ରମଣ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନକୁ ଦାୟୀ କରିଛନ୍ତି। ଏଥିଲାଗି ତେହେରାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଟୁଇଟରରେ ସେ କଡ଼ା ଚେତାବନୀ ଦେଇଛନ୍ତି। ଟ୍ରମ୍ପଙ୍କ ଧମକ ପରେ ଆମେରିକା ପ୍ରତିରକ୍ଷା ସଚିବ ମାର୍କ ଏସ୍ପର ମଧ୍ୟପ୍ରାଚ୍ୟ କ୍ଷେତ୍ରକୁ ତତ୍କାଳ ୭୫୦ ସୈନ୍ୟଙ୍କୁ ପଠାଇବା ପାଇଁ ଘୋଷଣା କରିଛନ୍ତି। ଫଳରେ ବର୍ଷ ଆରମ୍ଭରୁ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି ଶକ୍ତିଶାଳୀ ଆମେରିକା ଓ ଏହାର ପାରମ୍ପରିକ ଶତ୍ରୁ ଇରାନ।

ଦୂତାବାସ ଉପରେ ଆକ୍ରମଣ ଲାଗି ଇରାନକୁ ବହୁମୂଲ୍ୟ ଦେବାକୁ ପଡିବ। ତେବେ ତେହେରାନ ସହ ଯୁଦ୍ଧ ସମ୍ଭାବନାକୁ ଟ୍ରମ୍ପ୍ ଅସ୍ୱୀକାର କରିଛନ୍ତି। ମଙ୍ଗଳବାର ଦିନ ବାଗଦାଦରେ ଥିବା ଆମେରିକା ଦୂତାବାସ ଉପରେ ଇରାନ ସମର୍ଥକ ଶତାଧିକ ଇରାକୀ ଆକ୍ରମଣ କରିଥିଲେ। ଉତ୍ତ୍ୟକ୍ତ ଶିହା ମିଲିସିଆ ସମର୍ଥକମାନେ କଡ଼ା ସୁରକ୍ଷାବଳୟରେ ଥିବା ଆମେରିକା ଦୂତାବାସ ପରିସରକୁ ଧସେଇ ପଶିବା ସହ ମୁଖ୍ୟଦ୍ୱାରକୁ ଭାଙ୍ଗିଦେଇଥିଲେ। ଏଥିସହ ସେମାନେ ରିସେପ୍ସନ ସ୍ଥାନରେ ନିଆଁ ଲଗାଇଦେବା ସହ ଆମେରିକା ମୁର୍ଦ୍ଦାବାଦ ସ୍ଲୋଗାନ ଦେଇଥିଲେ। ଆମେରିକାର ଏୟାର ଷ୍ଟ୍ରାଇକ୍‌ରେ ଇରାକରେ ଇରାନ ସମର୍ଥିତ ୨୫ ମିଲିସିଆଙ୍କ ମୃତ୍ୟୁ ହୋଇଥିଲା। ସେଥିପାଇଁ ମିଲିସିଆମାନେ ସେମାନଙ୍କ କ୍ରୋଧ ଜାହିର କରିବାକୁ ଯାଇ ଆମେରିକା ଦୂତାବାସ ଉପରେ ଆକ୍ରମଣ କରିଥିଲେ। ଦୂତାବାସ ଉପରେ ଆକ୍ରମଣ ପଛରେ ଆତଙ୍କବାଦୀଙ୍କ ଗୁପ୍ତ ଷଡ଼ଯନ୍ତ୍ର ରହିଛି ଏବଂ ଏଥିରେ ଅବୁ ମହଦି ଅଲ୍-ମୁହାନ୍ଦିସ୍ ସମ୍ପୃକ୍ତ ବୋଲି ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ କହିଛନ୍ତି। ମୁହାନ୍ଦିସ୍ ହେଉଛନ୍ତି ତେହେରାନ୍ ସମର୍ଥିତ ହାଶେଦ୍ ଅଲ୍ ଶାବି ଆତଙ୍କବାଦୀ ସଂଗଠନର ଦ୍ୱିତୀୟ ମୁଖ୍ୟ।

ଅନ୍ୟପକ୍ଷରେ ବାଗ୍‌ଦାଦସ୍ଥିତ ଆମେରିକା ଦୂତାବାସ ଉପରେ ଆକ୍ରମଣକୁ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନୀ ନିନ୍ଦା କରିଛନ୍ତି। ତେବେ ଆମେରିକାର ଯେକୌଣସି ଧମକର ମୁକାବିଲା ପାଇଁ ତାଙ୍କ ଦେଶ ପ୍ରସ୍ତୁତ ବୋଲି ଖାମେନୀ ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। ଇରାକ୍‌ର କାମଚଳା ପ୍ରଧାନମନ୍ତ୍ରୀ ଆଦିଲ ଅବ୍‌ଦେଲ ମେହଦୀ ଏବଂ ରାଷ୍ଟ୍ରପତି ବରହାମ ସାଲେହ ଫୋନ ଯୋଗେ ଆମେରିକା ପରରାଷ୍ଟ୍ର ସଚିବଙ୍କ ସହ କଥା ହୋଇଛନ୍ତି। ସ୍ୱାଧୀନ ଓ ସାର୍ବଭୌମ ଇରାକକୁ ସମର୍ଥନ କରୁଥିବା ଲୋକଙ୍କୁ ଆମେରିକା ସୁରକ୍ଷା ଯୋଗାଇଦେବ ବୋଲି ଏହାର ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି।



ଇରାନକୁ ବହୁମୂଲ୍ୟ ଦେବାକୁ ହେବ: ଟ୍ରମ୍ପ



ଆମେରିକାର ମୁକାବିଲା ପାଇଁ ପ୍ରସ୍ତୁତ: ଖାମେନୀ

### ଦୂତାବାସ ଅଧିକାରୀଙ୍କୁ ଇରାନର ସମନ

ତେହେରାନ,୧।୧(ପି.ଟି.)

ପଡୋଶୀ ଇରାକରେ ଆମେରିକା ଯୁଦ୍ଧ ଉତ୍ତେଜନା ସୃଷ୍ଟି କରୁଥିବାରୁ ଇରାନରେ ଏହାର ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥିବା ସ୍ୱିସ୍ ଦୂତାବାସର ଅଧିକାରୀଙ୍କୁ ତେହେରାନ ସମନ କରିଛି। ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ଆମେରିକା ଧମକ ଉପରେ ତୀବ୍ର ପ୍ରତିକ୍ରିୟା ଦୂତାବାସ ଅଧିକାରୀଙ୍କୁ ଜଣାଇ ଦେଇଛି। ସୂଚନାଯୋଗ୍ୟ ଶୁକ୍ରବାର ଇରାକରେ ଏକ ରକେଟ ଆକ୍ରମଣରେ ଜଣେ ଆମେରିକୀୟ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଥିଲା। ଏଥିପାଇଁ ଆମେରିକା ଅଧିକାରୀମାନେ ସିଧାସଳଖ ଇରାନକୁ ଦାୟୀ କରିଛନ୍ତି। ବାଗଦାଦ୍‌ସ୍ଥିତ ଦୂତାବାସ ଆକ୍ରମଣ ପଛରେ ଇରାନ ସମ୍ପୃକ୍ତ ବୋଲି ସେମାନେ କହିଛନ୍ତି।



ଆମେରିକା ଦୂତାବାସରୁ ଧୂଆଁ ବାହାରୁଥିବାବେଳେ ସେଠାରେ ମୁତୟନ ଇରାକୀ ସୈନ୍ୟ।

## ସିଡିଏସ୍ ଦାୟିତ୍ୱ ନେଲେ ରାୱତ

### ରାଜନୀତିଠାରୁ ଦୂରେଇ ରହିବ ସେନା

ନୂଆଦିଲ୍ଲୀ,୧।୧(ପି.ଟି.)



ସଶସ୍ତ୍ର ବାହିନୀ ରାଜନୀତିଠାରୁ ଦୂରେଇ ରହିବ ଏବଂ ସରକାରଙ୍କ ନର୍ଦ୍ଦେଶରେ କାର୍ଯ୍ୟ କରିବ ବୋଲି ବୁଧବାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜେନେରାଲ ବିପିନ ରାଓତ୍ ବୁଧବାର କହିଛନ୍ତି। ସିଡିଏସ୍ ଭାବେ ତିନି ବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା କରି ଗୋଟିଏ ଟିମ୍ ଭାବେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେବେ। ସ୍ଥଳସେନା, ବାୟୁସେନା ଓ ନୌସେନା ଗୋଟିଏ ଟିମ୍ ଭାବେ କାର୍ଯ୍ୟ କରିବେ ଏବଂ ସେମାନଙ୍କ ଉପରେ ସିଡିଏସ୍‌ଙ୍କ ନିୟନ୍ତ୍ରଣ ରହିବ। ତେବେ ଟିମ୍ ୱାର୍କ ମାଧ୍ୟମରେ କାର୍ଯ୍ୟ ହେବ ବୋଲି ତିନି ବାହିନୀରୁ ଗାର୍ଡ ଅଫ୍ ଅନର ଗ୍ରହଣ କଲାବେଳେ ଜେନେରାଲ ରାୱତ୍ କହିଛନ୍ତି। ସୈନ୍ୟବାହିନୀର ରାଜନୀତୀକରଣ ନେଇ ଅଭିଯୋଗ ଉଠୁଥିବାବେଳେ ସିଡିଏସ୍ ସୃଷ୍ଟିକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଥିବା ସମ୍ପର୍କରେ ପ୍ରଶ୍ନ ହେବାରୁ ଜେନେରାଲ ରାୱତ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ତିନି ବାହିନୀକୁ ମଞ୍ଜୁର ସମ୍ବଳର ସର୍ବୋତ୍ତମ ବ୍ୟବହାର ଉପରେ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ରାୱତ ରାଜନୀତି ଆଡ଼କୁ ଢଳୁଥିବା କେତେକ ବିରୋଧୀ ଦଳ ଅଭିଯୋଗ କରିଥିଲେ।

ଅନ୍ୟପକ୍ଷରେ ଦେଶର ସୁରକ୍ଷାର ସୁଦୃଢ଼ୀକରଣ ପାଇଁ ସରକାର ନେଉଥିବା କୌଣସି ପଦକ୍ଷେପକୁ ଆମେ ବିରୋଧ କରୁନୁ ବୋଲି କଂଗ୍ରେସ କହିଛି। ସିଡିଏସ୍ ନିଯୁକ୍ତ ନେଇ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଏବଂ ମନୀଷ ତିୱାରୀଙ୍କ ମନ୍ତବ୍ୟଠାରୁ ଦଳ ନିଜକୁ ଦୂରେଇ ରଖିଛି। ସିଡିଏସ୍ ନିଯୁକ୍ତି ସରକାରଙ୍କ ନିଷ୍ପତ୍ତି। ସେଥିରେ ଆମର କିଛି କହିବାର ନାହିଁ ବୋଲି କଂଗ୍ରେସ ମୁଖପାତ୍ର ସୁସ୍ମିତା ଦେବ କହିବା ସହ ଏହି ପଦବୀରେ ଜେନେରାଲ ରାୱତ୍ ତାଙ୍କ ଦାୟିତ୍ୱ ଠିକ୍ ଭାବେ ପାଳନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ତେବେ ଚୌଧୁରୀ ଓ ତିୱାରୀଙ୍କ ମନ୍ତବ୍ୟ ସମ୍ପର୍କରେ ସେ କିଛି କହିବାକୁ ମନା କରିଦେଇଥିଲେ।

ପ୍ରଥମ ସିଡିଏସ୍ ଜେନେରାଲ ରାୱତଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଅଭିନନ୍ଦନ ଜଣାଇଛନ୍ତି। ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ଶାହା କହିଛନ୍ତି। ତିନିବାହିନୀର ଯବାନମାନଙ୍କ କଲ୍ୟାଣକୁ ଏହା ସୁନିଶ୍ଚିତ କରିବ ବୋଲି ସେ ମତ ଦେଇଛନ୍ତି।

**ସୁରକ୍ଷା ସୁଦୃଢ଼ୀକରଣ ଲାଗି ସରକାରଙ୍କ ପଦକ୍ଷେପକୁ ଆମେ ବିରୋଧ କରୁନୁ: କଂଗ୍ରେସ**



ନୂଆବର୍ଷ ଲାଗି ବୁଧବାର ତାଜମହଲରେ ପର୍ଯ୍ୟଟକଙ୍କ ଭିଡ଼।

### ଆଣବିକ କ୍ଷେପଣାସ୍ତ୍ର ଘାଟି

## ଭାରତ-ପାକିସ୍ତାନ ତାଲିକା ଦିଆନିଆ

ନୂଆଦିଲ୍ଲୀ,୧।୧(ପି.ଟି.)

ଭାରତକୁ ଆଣବିକ ଯୁଦ୍ଧାସ୍ତ୍ରର ଭୟ ଦେଖାଉଥିବା ପାକିସ୍ତାନରେ କେତେ ଆଣବିକ କ୍ଷେପଣାସ୍ତ୍ର ଘାଟି ରହିଛି ତାହାର ଏକ ତାଲିକା ନୂଆଦିଲ୍ଲୀକୁ ପ୍ରଦାନ କରିଛି ଇସ୍‌ଲାମାବାଦ। ୨୯ ବର୍ଷ ଧରି ଦୁଇଦେଶ ମଧ୍ୟରେ ଏହି ତାଲିକା ଦିଆନିଆ ପରମ୍ପରା ବଜାୟ ରହିଛି। ଆଣବିକ କ୍ଷେପଣାସ୍ତ୍ର ଘାଟି ଉପରେ ଆକ୍ରମଣ ନିରୋଧୀ ଚୁକ୍ତି ଅନୁସାରେ ଭାରତ ଓ ପାକିସ୍ତାନ ବୁଧବାର ପରସ୍ପରକୁ ନିଜ ନିଜ ସାମର୍ଥ୍ୟ ନେଇ ଅବଗତ କରାଇଛନ୍ତି। କଶ୍ମୀର ପ୍ରସଙ୍ଗରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦରେ କୂଟନୀତିଜ୍ଞଙ୍କ ମଧ୍ୟରେ ଏହି ତାଲିକା ବିନିମୟ ପ୍ରକ୍ରିୟା ଶେଷ ହୋଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପ୍ରକାଶ ଯେ, ୧୯୮୮ ଡିସେମ୍ବର ୩୧ରେ ସ୍ୱାକ୍ଷରିତ ଏହି ଦ୍ୱିପାକ୍ଷିକ ଚୁକ୍ତି ୧୯୯୧ ଜାନୁୟାରୀରୁ କାର୍ଯ୍ୟକାରୀ ହେଉଛି। ଚୁକ୍ତି ଅନୁସାରେ ଦୁଇ ପଡ଼ୋଶୀ ପରସ୍ପରର ପରମାଣୁ ଘାଟି ଉପରେ ଆକ୍ରମଣ କରିପାରିବେ ନାହିଁ। ପ୍ରତିବର୍ଷ ଜାନୁୟାରୀ ୧ରେ ନିଜ ନିଜ ଆଣବିକ କ୍ଷମତା ନେଇ ପରସ୍ପରକୁ ତାଲିକା ପ୍ରଦାନ କରାଯିବା ଏଥିରେ ବାଧ୍ୟତାମୂଳକ କରାଯାଇଛି।

### ପାକ୍ ଜେଲରେ ୨୮୨ ଭାରତୀୟ

ଇସ୍‌ଲାମାମାଦ,୧।୧(ପି.ଟି.)

ପାକିସ୍ତାନର ଜେଲ୍‌ଗୁଡ଼ିକରେ ୨୮୨ ଭାରତୀୟ ବନ୍ଦୀ ରହିଛନ୍ତି। ପାକିସ୍ତାନ ପକ୍ଷରୁ ଭାରତକୁ ହସ୍ତାନ୍ତର କରାଯାଇଥିବା କଏଦୀଙ୍କ ତାଲିକାରୁ ଏହା ଜଣାପଡ଼ିଛି। ଉଭୟ ଦେଶ ପରସ୍ପରକୁ ବର୍ଷକୁ ଦୁଇଥର (ଜାନୁୟାରୀ ୧ ଓ ଜୁଲାଇ ୧)ରେ ନିଜ ନିଜ ଦେଶରେ ବନ୍ଦୀ ଥିବା ଅପରପକ୍ଷର ନାଗରିକଙ୍କ ତାଲିକା ପ୍ରଦାନ କରିଥାନ୍ତି।

## ଚାଇନା ସୀମା ଉପରେ ଅଧିକ ନଜର ଆବଶ୍ୟକ: ନୂଆ ସେନାଧ୍ୟକ୍ଷ

ନୂଆଦିଲ୍ଲୀ,୧।୧



ମନୋଜ ମୁକୁନ୍ଦ ନରୱଣେ

ଚାଇନା ସୀମା ଉପରେ ଅଧିକ ନଜର ରଖାଯିବା ଜରୁରୀ ବୋଲି ନୂଆ ସେନାଧ୍ୟକ୍ଷ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ ବୁଧବାର କହିଛନ୍ତି। ସବୁ ସମୟରେ ଆକ୍ରମଣ ପାଇଁ ପ୍ରସ୍ତୁତ ରହିବା ସେନାର ପ୍ରାଥମିକତା ହେବ। ଏଥିସହିତ ମାନବାଧିକାରକୁ ସମ୍ମାନ ଦେବା ଉପରେ ସେନା ସ୍ୱତନ୍ତ୍ର ଧ୍ୟାନ ଦେବ ବୋଲି ନୂଆଦିଲ୍ଲୀରେ ଖବରଦାତାମାନଙ୍କ ସହ ଆଲୋଚନା ବେଳେ ସେନାଧ୍ୟକ୍ଷ କହିଛନ୍ତି। ଏହି ଅବସରରେ ସେ ଜାତୀୟ ଯୁଦ୍ଧ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଗାର୍ଡ ଅଫ୍ ଅନର ଗ୍ରହଣ କରିଥିଲେ। ଜେନେରାଲ ନରୱଣେ ଭାରତର ୨୮ତମ ସେନାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଯେକୌଣସି ନିରାପତ୍ତାଜନିତ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ଲାଗି ସେନା ସମର୍ଥ। ଆମେ ଅତୀତରେ ୱେଷ୍ଟର୍ନ ଫ୍ରଣ୍ଟ ଉପରେ ଅଧିକ ଧ୍ୟାନ ଦେଇଆସିଛେ। ଏବେ ନର୍ଦ୍ଦର୍ନ ଫ୍ରଣ୍ଟ ଉପରେ ସମାନ ଧ୍ୟାନ ଦିଆଯିବାର ସମୟ ଆସିଛି ବୋଲି ଜେନେରାଲ ନରଭନେ ଖବରଦାତାମାନଙ୍କୁ କହିଛନ୍ତି।

### ଇତିହାସର ଆଇନାରେ

## ଜାନୁୟାରୀ ୨ର ପ୍ରମୁଖ ଘଟଣା

୧୯୭୫ ଜାନୁୟାରୀ ୨ରେ ବିହାରର ସମସ୍ତିପୁରଠାରେ ଏକ ରେଳଲାଇନ୍‌ର ଶୁଭ ଉଦ୍‌ଘାଟନ କରାଯାଉଥିବାବେଳେ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ରେଳମନ୍ତ୍ରୀ ଲଳିତ ନାରାୟଣ ମିଶ୍ର ଗୁରୁତର ଆହତ ହୋଇଥିଲେ। ପରଦିନ ତାଙ୍କର ଦେହାନ୍ତ ହୋଇଥିଲା।

୧୯୭୮ ଜାନୁୟାରୀ ୨ରେ ପାକିସ୍ତାନର ରାଷ୍ଟ୍ରପତି ମହମ୍ମଦ ଜିଆ ଉଲ୍ ହକ୍‌ଙ୍କ ନିର୍ଦ୍ଦେଶକ୍ରମେ ମୁଲ୍‌ତାନ କଲୋନୀ ଟେକ୍ସଟାଇଲ୍ ମିଲ୍‌ରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରୁଥିବା କର୍ମଚାରୀଙ୍କ ଉପରେ ସେନା ପକ୍ଷରୁ ଗୁଳିମାଡ଼ କରାଯାଇଥିଲା। ଏଥିରେ ୨୦୦ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ଅନେକ ଆହତ ହୋଇଥିଲେ।

## ଆତଙ୍କବାଦୀଙ୍କ ଗୁଳିମାଡ଼:୨ ଯବାନ ଶହୀଦ

ଶ୍ରୀନଗର,୧।୧(ପି.ଟି.)

ନୂଆବର୍ଷ ଆରମ୍ଭରୁ ଉତ୍ପାତ ଆରମ୍ଭ କରିଛି ପାକିସ୍ତାନ। ଜମ୍ମୁ-କଶ୍ମୀରର ନୌଶେରା ସେକ୍ଟରରେ ମଙ୍ଗଳବାର ରାତିରେ ପାକିସ୍ତାନୀ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ଟଳି ପଡ଼ିଛନ୍ତି ଦୁଇଜଣ ଭାରତୀୟ ଯବାନ। ଦୁଇ ଯବାନ ହେଲେ ନାଏକ ସାୱନ୍ତ ସନ୍ଦୀପ ରଘୁନାଥ (୨୯) ଏବଂ ରାଇଫଲମ୍ୟାନ ଅର୍ଜୁନ ଥାପା ମଗାର(୨୫)। ସନ୍ଦୀପ ରଘୁନାଥଙ୍କ ଘର ମହାରାଷ୍ଟ୍ରର ସତାରା ଜିଲା ମୁଣ୍ଡେ ଗ୍ରାମରେ ହୋଇଥିବାବେଳେ ଅର୍ଜୁନ ଥାପା ନେପାଳର ଗୋର୍ଖା ଜିଲା ଅନ୍ତର୍ଗତ ରିପ୍ ଗ୍ରାମର ବାସିନ୍ଦା। ଦୁଇ ବୀରଙ୍କ ତ୍ୟାଗ ଓ ବଳିଦାନକୁ ଦେଶ ମନେରଖିବ ବୋଲି ସେନା ପକ୍ଷରୁ କୁହାଯାଇଛି। ନୌଶେରାରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବଳକୁ ସୂଚନା ମିଳିଥିଲା। ଯବାନମାନେ ମଙ୍ଗଳବାର ରାତିରେ ନିୟନ୍ତ୍ରଣରେଖା (ଏଲ୍‌ଓସି) ସଂଲଗ୍ନ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଆଖିବୁଜା ଗୁଳିବର୍ଷା କରିଥିଲେ। ଉଭୟ ପଟୁ ଗୁଳି ବିନିମୟ ହୋଇଥିଲା। ଗୁଳିମାଡ଼ରେ ସନ୍ଦୀପ ଓ ଅର୍ଜୁନ ଶହୀଦ ହୋଇଥିଲେ। ବୁଧବାର ୨ ଶହୀଦଙ୍କ ମୃତଦେହ ମିଳିଛି। ପ୍ରକାଶ ଯେ, ଜମ୍ମୁ-କଶ୍ମୀରରେ ୨୫୦ ଆତଙ୍କବାଦୀ ସକ୍ରିୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୦୦ ପାକିସ୍ତାନୀ ଓ ଅବଶିଷ୍ଟ ୧୫୦ ସ୍ଥାନୀୟ ବୋଲି ମଙ୍ଗଳବାର ପୋଲିସ ମହାନିର୍ଦ୍ଦେଶକ ଦିଲବାଗ ସିଂ ସୂଚନା ଦେଇଥିଲେ।

## ନିଟ୍ ଆବେଦନ ଅବଧି ବଢ଼ିଲା

ନୂଆଦିଲ୍ଲୀ,୧।୧

ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ନିଟ୍)ର ୟୁଜି ୨୦୨୦ ପାଇଁ ଆବେଦନ ଫର୍ମ ଦାଖଲ ଶେଷ ତାରିଖକୁ ଜାନୁୟାରୀ ୬ ପର୍ଯ୍ୟନ୍ତ ବଢ଼ାଇଦିଆଯାଇଛି। ୱେବ୍‌ସାଇଟରେ ଭିଡ଼ ଯୋଗୁ ଯେଉଁ ଆଗ୍ରହୀ ପ୍ରାର୍ଥୀ ଅନ୍‌ଲାଇନ ଆବେଦନ ଫର୍ମ ଦାଖଲ କରିପାରିନାହାନ୍ତି, ସେମାନେ ୬ ତାରିଖ ରାତି ୧୧ଟା ୫୦ ପର୍ଯ୍ୟନ୍ତ ଆବେଦନ କରିପାରିବେ। ତେବେ ଅନ୍‌ଲାଇନ ଆବେଦନ ଫର୍ମର ବିବରଣୀରେ ସଂଶୋଧନ ପାଇଁ ସମୟସୀମା ପୂର୍ବଭଳି ଜାନୁୟାରୀ ୧୫ରୁ ୩୧ ତାରିଖ ରାତି ୧୧ଟା ୫୦ ରହିଛି।

## ତାଲିବାନ ଆକ୍ରମଣରେ ୨୬ ଆଫ୍‌ଗାନ ସୈନ୍ୟ ନିହତ

କାବୁଲ,୧।୧



ଉତ୍ତର ଆଫଗାନିସ୍ତାନରେ ତାଲିବାନମାନେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିଛନ୍ତି। ବିଭିନ୍ନ ସ୍ଥାନରେ ସେମାନେ ଆକ୍ରମଣ କରିଥିବାବେଳେ ଏଥିରେ ୨୬ ଜଣ ଆଫ୍‌ଗାନ ସୈନ୍ୟ ପ୍ରାଣ ହରାଇଥିବା ଜଣାପଡ଼ିଛି। ତାଲିବାନ ପକ୍ଷରୁ ଏହି ଆକ୍ରମଣ ଲାଗି ନିଜକୁ ଦାୟୀ କରାଯାଇଛି। ଉତ୍ତର କୁନ୍ଦୁଜ୍‌ର ଏକ ପୋଲିସ ଚେକ୍ ପଏଣ୍ଟରେ ତାଲିବାନମାନେ ଆକ୍ରମଣ କରିବାରୁ ୧୦ ଆଫ୍‌ଗାନ ଯବାନ ପ୍ରାଣ ହରାଇଥିବାବେଳେ ୪ ଆହତ ହୋଇଛନ୍ତି। ସେହିଭଳି ବାଲ୍‌ଖ ପ୍ରଦେଶର ଏକ ପୋଲିସ ଚେକ୍‌ପଏଣ୍ଟରେ ଆକ୍ରମଣ କରାଯିବାରୁ ୯ ପୋଲିସ ଅଧିକାରୀ ପ୍ରାଣ ହରାଇଥିବା କୁହାଯାଇଛି। ତୃତୀୟ ଆକ୍ରମଣ ତଖାର ପ୍ରଦେଶରେ ତାଲିବାନ ପକ୍ଷରୁ କରାଯାଇଥିବାବେଳେ ୭ ସୁରକ୍ଷାକର୍ମୀ ଏଥିରେ ପ୍ରାଣ ହରାଇଛନ୍ତି। ଗୁଳି ବିନିମୟରେ ୧୦ ତାଲିବାନ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଗତ ସୋମବାର ଜଜ୍‌ଜାନ ପ୍ରଦେଶରେ ସେମାନେ ୧୪ ଆଫ୍‌ଗାନ ସୁରକ୍ଷାକର୍ମୀଙ୍କୁ ହତ୍ୟା କରିଥିଲେ। ପ୍ରକାଶଥାଉ କି, ଗତ ୨ ଦିନ ଧରି ତାଲିବାନ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ସ୍ଥାନରେ ଏଭଳି ଆକ୍ରମଣ ଜାରି ରହିଛି।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ



### କମ୍ବଳ, ଖାଦ୍ୟ ବଣ୍ଟନ

**ଗାଇସିଲେଟ, ୧।୧ (ଡି.ଏନ.ଏ.)**
ଗାଇସିଲେଟ ବ୍ଲକ କଟାବାହାଲ ପଞ୍ଚାୟତ କୁଲଆରୀ ଗାଁରେ ୧୯୦ ଜଣ ଗରିବ ବୃଦ୍ଧାବୃଦ୍ଧଙ୍କୁ ରନ୍ଧା ଖାଦ୍ୟ ସହିତ କମ୍ବଳ ପ୍ରଦାନ କରାଯାଇଛି। ଗାଇସିଲେଟ ସମୀର ଦିବ୍ୟାଙ୍ଗ ସଂଘର ପ୍ରତିଷ୍ଠାତା କୀର୍ତ୍ତନ ଦାଶ, ସରପଞ୍ଚ ପ୍ରମିଳା ବଢେଇ, ସମିତି ସଭ୍ୟ ଗୋକୁଲ ସାହୁ, ଆଇନଜୀବୀ ରୁବୁଲ ଦାଶ, ଝସକେତନ ସାହୁ, ନାରଦ ବରିହା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

### ନବବର୍ଷ ଅବସରରେ ମନ୍ଦିର, ପିକ୍‌ନିକ୍ ସ୍ପଟ୍‌ରେ ଭିଡ଼

**ଭେଡ଼େନ,୧।୧(ଡି.ଏନ.ଏ.):** ନବବର୍ଷ ପାଳନ ଅବସରରେ ବୁଧବାର ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଦେବାଳୟରେ ବୁଧବାର ବଡ଼ିଭୋରରୁ ପ୍ରବଳ ଭିଡ଼ ହୋଇଥିଲା। ଭେଡ଼େନ ସିଦ୍ଧେଶ୍ୱର ଶିବ ମନ୍ଦିର ସମେତ ରେମଣ୍ଡା ସମଲାଇ ମନ୍ଦିରରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ରେମଣ୍ଡା ସମଲାଇ ମନ୍ଦିରରେ ସ୍ୱତନ୍ତ୍ର ମହା ଆଳତି ଏବଂ ଦୀପ ଦାନ ହୋଇଥିଲା। ଦିନସାରା ବ୍ଲକର ବିଭିନ୍ନ ପିକ୍‌ନିକ୍ ସ୍ପଟ୍‌ରେ ବହୁତ ଭିଡ଼ ହୋଇଥିଲା। ପପଙ୍ଗା ପାହାଡ଼ରେ ଜିଲା ତଥା ଜିଲା ବାହାରର ଶତାଧିକ ପିକ୍‌ନିକ୍ ପାର୍ଟି ଯୋଗ ଦେଇଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

**ଜାମଟିକ୍ରା,୧।୧ (ଡି.ଏନ.ଏ.):** ଅତାବିରା ବ୍ଲକ ଅନ୍ତର୍ଗତ ଜାମଟିକ୍ରା ଗ୍ରାମରେ ନବବର୍ଷ ଅବସରରେ ବୁଧବାର ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ନୀରଞ୍ଜନ ପଧାନଙ୍କ ତତ୍ତ୍ୱାବଧାନରେ ଏହି ଯଜ୍ଞରେ ଆନନ୍ଦ ପଧାନ ଓ ତାଙ୍କ ପତ୍ନୀ ସୁଷମା ପଧାନ କର୍ତ୍ତା ଦାୟୀତ୍ୱ ତୁଲାଇଥିଲେ । ଯଜ୍ଞ ସମାପ୍ତ ପରେ ପ୍ରବଚନ, ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞର ମହତ୍ତ୍ୱ ବିଷୟରେ ପ୍ରବଚକମାନେ ପ୍ରବଚନ ମାଧ୍ୟମରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ।

### ଜୟ ଭୈରବୀ କ୍ଲବ ପକ୍ଷରୁ ଜିରୋ ନାଇଟ

**ବୌଦ୍ଧ,୧।୧(ସ୍ୱ.ପ୍ର.):** ବୌଦ୍ଧ ସହରସ୍ଥିତ ଜୟ ଭୈରବୀ କ୍ଲବ ପକ୍ଷରୁ ଜିରୋ ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ଏସ୍‌ପି ଭି. ରଘୁନାଥ ରାଓ, ଇଂ ସଂଜୟ ପଣ୍ଡା ଯୋଗ ଦେଇଥିଲେ। ନିରୋଦ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୈଳାସ ବେହେରା, ପ୍ରଫୁଲ୍ଲ ସାହୁ, ସୁବାସ ଚନ୍ଦ୍ର ପଣ୍ଡା, ତୃପ୍ତିରଞ୍ଜନ ଦାନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାହିତ୍ୟ ସମାଜର ପଥ ପ୍ରଦର୍ଶକ

**ବୌଦ୍ଧ,୧।୧(ସ୍ୱ.ପ୍ର.)**

ସାହିତ୍ୟ ସମାଜର ପଥ ପ୍ରଦର୍ଶକ। ସବୁ କ୍ଷେତ୍ରରେ ଏହାର ଗୁରୁତ୍ୱ ରହିଆସିଛି। ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସାହିତ୍ୟ ସାଙ୍ଗରେ ରହିଆସିଛି। ତେଣୁ ସାହିତ୍ୟକୁ ଗୁରୁତ୍ୱ ଦିଆଗଲେ ସମାଜରେ ଶୃଙ୍ଖଳା ଆସିପାରିବ। ସ୍ଥାନୀୟ ଟାଉନ ହଲଠାରେ ବୌଦ୍ଧ ଜିଲା କଲଚରାଲ ଏକାଡେମୀର ରୌପ୍ୟ ଜୟନ୍ତୀ ଓ ବାର୍ଷିକ ଉତ୍ସବ ସମାରୋହରେ ଯୋଗ ଦେଇଥିବା ଅତିଥିମାନେ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ଅଧ୍ୟାପକ ପ୍ରତାପ ରଥ, ଡ. ବୈରାଗୀ ଚରଣ ପଟ୍ଟନାୟକ, କବି କିଶୋର ମିଶ୍ର, ଅଧ୍ୟାପକ ମୋହନ ସୁନ୍ଦର କ୍ଷେତି, ଅନୁଷ୍ଠାନର ଉପସଭାପତି ଧ୍ରୁବ ଚରଣ ଘିବେଲା ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ହରିହର



ଜିଲା କଲଚରାଲ ଏକାଡେମୀର ବାର୍ଷିକ ଉତ୍ସବରେ ଅତିଥିମାନେ।

ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସୋନପୁର ଜିଲା ଡୁଙ୍ଗୁରିପାଲିର ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କୁ ବିବେକାନନ୍ଦ ସାହିତ୍ୟ ପୁରସ୍କାର, ଭୁବନେଶ୍ୱରର ବୈରାଗୀ ଚରଣ ପଟ୍ଟନାୟକଙ୍କୁ ପ୍ରଫୁଲ୍ଲ ମହାକୁଡ ସାହିତ୍ୟ ପୁରସ୍କାର, ବୌଦ୍ଧର ବ୍ରହ୍ମା କୁମ୍ଭାରଙ୍କୁ ଭିକାରୀ ନାଏକ କଳା ଓ ସଂଗୀତ ପୁରସ୍କାର, ନୟାଗଡର ଶରତ ଆଚାର୍ଯ୍ୟଙ୍କୁ ବେଣୁଧର ମିଶ୍ର ସାହିତ୍ୟ ପୁରସ୍କାର, ବୌଦ୍ଧର ପଦ୍ମାଳୟା ମିଶ୍ରଙ୍କୁ ଶିଶୁ ସାହିତ୍ୟ ପୁରସ୍କାର, ବୌଦ୍ଧର ଶିବ ନାରାୟଣ ଦାସଙ୍କୁ ଭକ୍ତି ସାହିତ୍ୟ ପୁରସ୍କାର, ଫଟାମୁଣ୍ଡାର ବଂଶୀଧର ମାଝିଙ୍କୁ ଅଭିଷେକ ପ୍ରଧାନ ଯୁବ ପୁରସ୍କାର ପ୍ରଦାନ କରାଯାଇଛି। ଶେଷରେ ସଂପାଦକ ସୁଶାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ଆଜିଠୁ ବୌଦ୍ଧ ଜିଲା ମହୋତ୍ସବ

**ବୌଦ୍ଧ,୧।୧(ସ୍ୱ.ପ୍ର.)**

### ୫ ଦିନ ଧରି ଦୁଲୁକିବ ଗୌତମ ବୁଦ୍ଧ ମଣ୍ଡପ

ବୌଦ୍ଧ ଜିଲା ଗୁରୁବାର ନିଜର ୨୬ତମ ସ୍ୱନକ୍ଷତ୍ର ଦିବସ ପାଳନ କରିବ । ଏହି ଅବସରରେ ଆରମ୍ଭ ହେବାକୁ ଯାଉଛି ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ ବୌଦ୍ଧ ଜିଲା ମହୋତ୍ସବ। ସଜେଇ ହୋଇଛି ବୌଦ୍ଧ ସହର ଓ ମହୋତ୍ସବ ପଡିଆ। ମହୋତ୍ସବ ପଡିଆର ପାଚେରିରେ ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ବିକାଶର ବାର୍ତ୍ତାକୁ ନେଇ ଚିତ୍ର ଅଙ୍କାଯାଇଛି। ୨୩୨ଟି ଷ୍ଟଲ ନିର୍ମାଣ ହୋଇଛି। ସାଂସ୍କୃତିକ ମଞ୍ଚକୁ ଜିଲାର ପରିଚୟ ଗୌତମ ବୁଦ୍ଧଙ୍କ ନାମରେ ନାମିତ କରାଯାଇଛି। ଏହି ମହୋତ୍ସବକୁ ଭୁବନେଶ୍ୱରରୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ଜିଲାବାସୀଙ୍କୁ ନବବର୍ଷ ଓ ମହୋତ୍ସବର ବାର୍ତ୍ତା ପ୍ରଦାନ କରିବେ। ସାଂସ୍କୃତିକ ପତାକାକୁ ମହୋତ୍ସବ ପଡିଆରେ ଅତିଥି, ପ୍ରଶାସନିକ ଅଧିକାରୀ ଓ ସାଧାରଣ ନାଗରିକଙ୍କ ଉପସ୍ଥିତିରେ ଉତ୍ତୋଳନ କରାଯିବ। ମଧ୍ୟାହ୍ନରେ ରାଜପ୍ରାସାଦ ନିକଟରେ ସ୍ଥାପିତ ବୌଦ୍ଧ ମାଟିର ପରିଚୟ ଭଗବାନ ବୁଦ୍ଧଙ୍କ ପୀଠରେ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ମହୋତ୍ସବ ପଡିଆ ଅଭିମୁଖେ ଯାତ୍ରା କରିବ। ଏହି ଶୋଭାଯାତ୍ରାକୁ ରାସ୍ତାରେ ସମସ୍ତ ବୌଦ୍ଧବାସୀ ପୂର୍ଣ୍ଣକଳସୀ ସହ ସ୍ୱାଗତ କରିବେ। ଏଥିରେ ସହରର ଆବାଳବୃଦ୍ଧବନିତା ସାମିଲ ହେବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ସାଂସ୍କୃତିକ ଶୋଭାଯାତ୍ରାରେ ଜିଲାର ବିଭିନ୍ନ ସାଂସ୍କୃତିକ ଦଳଙ୍କ ସମେତ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ଝଲକ ଦେଖିବାକୁ ମିଳିବ। ସାଂସ୍କୃତିକ ଶୋଭାଯାତ୍ରା ମହୋତ୍ସବ ପଡିଆରେ ପହଞ୍ଚିବା ପରେ ଅତିଥିମାନଙ୍କ ଗହଣରେ ୫ଦିନ ଧରି ହେବାକୁ ଥିବା ଏହି ପର୍ବକୁ ଉଦ୍‌ଘାଟନ କରାଯିବ। ମହୋତ୍ସବ ପଡିଆରେ ବିଭିନ୍ନ ବିଭାଗର ପ୍ରଦର୍ଶନୀ ଲାଗି ଷ୍ଟଲ ନିର୍ମାଣ ହୋଇଛି। ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା, କୃଷିମେଳା ଓ ଖାଦ୍ୟସାମଗ୍ରୀ ବିକ୍ରୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜିଲାର ବିଭିନ୍ନ ବିଭାଗର ବିକାଶର ଝଲକ ମଧ୍ୟ ପ୍ରଦର୍ଶିତ ହେବ ବୋଲି ସୂଚନା ଦିଆଯାଇଛି।



ୱେସ୍କୋ ଲାଇନ୍‌ମ୍ୟାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ସହକର୍ମୀମାନେ।

## ୱେସ୍କୋ ଲାଇନ୍‌ମ୍ୟାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ପାଇକମାଲ, ୧।୧(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲ ସେକ୍ସନରେ ୱେସ୍କୋର ଲାଇନମ୍ୟାନ ଗ୍ରେଡ-ଏ ଭାବରେ କାମ କରୁଥିବା ଭରତ ରଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ସ୍ଥାନୀୟ ଗ୍ରୀଡ୍ ସବଷ୍ଟେସନ ପରିସରରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ଏସ୍‌ଡିଓ ପୁରନ୍ଦର ସାହ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜେଇ ଅମରେଶ କନ୍ଧ, ବଡ ଶତପଥୀ, ସୁରଥ ସାହୁ, ସିଦ୍ଧେଶ୍ୱର ସାହୁ, ବିଭୂତିଭୂଷଣ ମେହେର, ସତ୍ୟବ୍ରତ ମାଝି ପ୍ରମୁଖ ଯୋଗ ଦେଇଥିଲେ। ଜଗବନ୍ଧୁ ପୋଥାଳ, ଶଶାଙ୍କ ସାହୁ, ସୁଧାକର ଗଡତିଆ ପ୍ରମୁଖ ସହଯୋଗ କରିଥିଲେ।



ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

## ଡାକ୍ତରଖାନା, କୁଷ୍ଠାଶ୍ରମରେ କମ୍ବଳ ବଣ୍ଟନ

**ପଦ୍ମପୁର,୧।୧(ଡି.ଏନ.ଏ.)**

ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସେବକରାମ ମେହେରଙ୍କ ଆର୍ଥିକ ସହଯୋଗକ୍ରମେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଏହି କମ୍ବଳ ବଣ୍ଟନ କରିଛନ୍ତି। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ନରେଶ ପ୍ରଧାନ, ସୁନୀଲ ଅଗ୍ରୱାଲ, ପ୍ରବୀଣ ମେହେର, ଶେଷଦେବ ମେହେର, ଶ୍ରୀକାନ୍ତ ମିଶ୍ର, ସତ୍ୟ ବେହେରା, ରାଜେନ୍ଦ୍ର ସେଠୀ, ଅଶୋକ ମିଶ୍ର ଉପସ୍ଥିତ ଥିଲେ। ଅନ୍ୟପକ୍ଷେ କୁଷ୍ଠାଶ୍ରମ ଅନ୍ତେବାସୀ ଓ ରାସ୍ତା କଡରେ ଜୀବନ ବିତାଉଥିବା ଅସହାୟ ବ୍ୟକ୍ତିଙ୍କୁ ମଧ୍ୟ କମ୍ବଳ ପ୍ରଦାନ କରାଯାଇଛି।

## ଜଙ୍ଗଲରେ ପଡ଼ିଛି ହେଟାବାଘର ମୃତଦେହ

**ବୌଦ୍ଧ,୧।୧(ସ୍ୱ.ପ୍ର.):** ବୌଦ୍ଧ ରେଞ୍ଜ ଅନ୍ତର୍ଗତ ବାମଣ୍ଡା ପଞ୍ଚାୟତର ଖଣ୍ଡବର ଜଙ୍ଗଲରେ ଏକ ହେଟା ବାଘର ମୃତଦେହ ୨ ଦିନ ହେଲା ପଡିଛି।

### ବନ ବିଭାଗ ପାଖରେ ସୂଚନା ନାହିଁ

ସୋସିଆଲ ମିଡିଆରେ ଏହାର ଫଟୋ ଘୁରି ବୁଲୁଥିଲେ ମଧ୍ୟ ବନ ବିଭାଗ ପାଖରେ ଏପର୍ଯ୍ୟନ୍ତ ଖବର ନାହିଁ। ବୌଦ୍ଧ ରେଞ୍ଜର ଆଶିଷ କହଁରଙ୍କୁ ପଚାରିବାରୁ ଏ ସମ୍ପର୍କରେ ସେ କୌଣସି ସୂଚନା ପାଇ ନାହାନ୍ତି। ଏବେ ଜାଣିବା ପରେ ଘଟଣାର ତଦନ୍ତ କରାଯିବ ବୋଲି ପ୍ରକାଶ କରଛନ୍ତି।

## ମିନିଟ୍ରକ୍-କାର୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

**ଜହ୍ନାପଙ୍କ, ୧।୧ (ଡି.ଏନ.ଏ.)**

ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥର ବୁରକଟା ଛକଠାରେ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ କାର (ନଂ. ଓଡି ୧୫ ଜି- ୭୯୫୦) ଓ ଗୋଟିଏ ମିନିଟ୍ରକ (ନଂ. ଓଡି ୦୨ ଡି- ୯୮୮୧) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। କାରରେ ଥିବା ୩ ଜଣ ଗୁରୁତର ହୋଇଛନ୍ତି। ଏମାନେ ହେଲେ ଖୋର୍ଦ୍ଧା ଜିଲା ରାମେଶ୍ୱରବିହାରର ଦୁର୍ଗାପ୍ରସାଦ ପଟ୍ଟନାୟକ (୪୫), ତାଙ୍କ ପୁଅ ଅଭିଜିତ ପଟ୍ଟନାୟକ (୧୪) ଓ ଡ୍ରାଇଭର ବୌଦ୍ଧ ଜିଲା ଲୁଣ୍ଡାବେରେଣାର ହାଡୁ ପାଣ୍ଡେ। ଏମାନଙ୍କୁ ଏକ ଅଟୋ ଯୋଗେ ବୌଦ୍ଧ ଡାକ୍ତରଖାନାକୁ ନିଆଯାଇଥିଲା। ଦୁର୍ଗା ଓ ଅଭିଜିତଙ୍କୁ ପରେ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜହ୍ନାପଙ୍କ ଫାଣ୍ଡି ପୋଲିସ ଗାଡି ଦୁଇଟିକୁ ଜବତ କରିଛି।

# ଦେଶୀ ହିସାବେ ଇଂରାଜୀ ନୂଆଁବଛର ପାଳନ

**ଜାମଟିକ୍ରା, ୧।୧ (ଡି.ଏନ୍.ଏ.)**

- ବୁଢ଼ାବୁଢ଼ିକର ଗୋଡ଼ ଧୁଇଲେ, ଆଶିର୍‌ବାଦ ନେଲେ
- ସମାଜ ଲାଗି ଉଦାହରନ୍ ସୁରୁଷ୍‌ଟି କଲେ ଗାଁର ପିଲେ

ଆଏଜ୍‌କାଲି ଭେଁଡିଆ ପିଲାମାନେ ନାଚ୍‌ଗୀତ, ଭୁଜିଭାତ, ମଦ୍ କୁକ୍‌ରା କରି ନୂଆଁବଛର ପାଳନ କରୁଛନ୍। ହେଲେ ବରଗଡ଼ ଜିଲା ଅତାବିରା ଏନ୍‌ଏସି ଅଧୀନ ଲାଦରପାଲି ଗାଁର ଭେଁଡିଆମାନେ ଟିକେ ଅଲଗ ଢଂଗ୍‌ରେ ନୂଆବଛର ପାଳନ କରିଥିବାର ଦେଖିବାକେ ମିଲିଛେ। ଫିବଛର ଲେଖେଁ ଇ ବଛର ଭିଲ ବୁଧୁବାର ଦିନ ଗାଁର ଭେଁଡିଆମାନେ ଥାନୀଅ ହନୁମାନ ଗୁଡ଼ିନେ ଗାଁର ବୁଢ଼ାବୁଢ଼ିକୁ ଏକ୍‌ଠାନିଆଁ କରିଥିଲେ। ପରଥା ଅନ୍‌ସାରେ ଘଁଟ, ଶଁଖ୍, ହୁଲାହୁଲି ଦେଇ ଭେଁଡିଆମାନେ ବୁଢ଼ାବୁଢ଼ିମାନକର ଗୋଡ଼ ଧୁଇ, ଫୁଲ ଚଁଦନ୍ ଦେଇ ଆଶିର୍‌ବାଦ ନେଇଥିଲେ। ଇ ଅବ୍‌ଛରରେ ଆସିଥିବାର ସବୁ ବୁଢ଼ାବୁଢ଼ିମାନକୁ ଗାଁର ପିଲାମାନେ ଗାମ୍‌ଛା, ଫୁଲମାଲ ଦେବାର ସଂଗେ ତାକର ଲାଗି ପରସାଦ ସେବନର ବେବସ୍‌ତା କରିଥିଲେ। ଗାଁର ଭେଁଡିଆମାନେ ଗଲା ୧୫ ବଛର ଧରି ଏନ୍‌ଥେଇ ନୂଆବଛର ପାଳନ କରିଆସୁଛନ୍। ଇ ନିଆରା ପରଂପରାକେ ଅତାବିରା ଅଂଚଲବାସୀ ବଡ଼ଭାରି ପରଶଁସା କରିଛନ୍। ଇ ଅବ୍‌ଛରରେ ଛୋଟ ଛୋଟ ଛୁଆମାନେ ଗୁରୁବନ୍ଦନା ଗାଇଥିଲେ। ସେନ୍‌ତା ଆରପାରକେ ଚାଲିଯାଇଥିବାର ଗାଁର ବୁଢ଼ାବୁଢ଼ିକର ଆତ୍‌ମାର ସଦ୍‌ଗତି ଲାଗି ସଭେ ୨ ମିନିଟ ନୀରବ୍ ପାର୍‌ଥନା କରିଥିଲେ। ଦୁଇପହରେ ଅଇଁଠୁ ସାହୁ ଆର ତାକର ସାଥିମାନେ ଭଜନ ଆର ପରବଚନ ଦେଇଥିଲେ। ସେନ୍‌ତା ବେଲବୁଡେ ମୋନାଲି ମହାପାତ୍ର ଆର ତାକର ସାଥିମାନେ ସୁନ୍ଦରାକାଣ୍ଡ ପାଠ୍ କରିଥିଲେ।



ବୁଧବାର ମଧ୍ୟରାତ୍ରରେ ଧନୁଯାତ୍ରା କଳାକାରମାନେ ନବବର୍ଷକୁ ସ୍ୱାଗତ କରୁଛନ୍ତି।

## ନୂଆବର୍ଷକୁ ସ୍ୱାଗତ କଲେ ଧନୁଯାତ୍ରା କଳାକାର

**ମଥୁରାନଗରୀ,୧।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବର କଳାକାରମାନେ ମଙ୍ଗଳବାର ଅଭିନୟ ସରିବା ପରେ ମଧ୍ୟରାତ୍ରରେ ରାଜମହଲ (ମାରୱାଡ଼ି ଧର୍ମଶାଳା)ରେ ନବବର୍ଷ-୨୦୨୦କୁ ନିଆରା ଢ଼ଙ୍ଗରେ ସ୍ୱାଗତ କରିଛନ୍ତି। ଅଭିନୟ ପରେ ରାଜମହଲକୁ ଆସି ନିଜ ବେଶଭୂଷା ପରିବର୍ତ୍ତନ କରି କେକ୍ କାଟିଥିଲେ। ପରସ୍ପରକୁ କେକ୍ ଖୁଆଇବା ପରେ ନାଚଗୀତରେ ମସଗୁଲ୍ ହୋଇଥିଲେ। ଏଥିରେ କଂସ ଭୂମିକାରେ ଅଭିନୟ କଳାକାର ଭୁବନେଶ୍ୱର ପ୍ରଧାନଙ୍କ ସମେତ ଅନ୍ୟ କଳାକାରମାନେ ମଧ୍ୟ ସାମିଲ ଥିଲେ।



ନିତ୍ୟାନନ୍ଦ ଆଶ୍ରମରେ ବିଶ୍ୱଶାନ୍ତି ପାଇଁ ଚଣ୍ଡୀହୋମ କରାଯାଉଛି।

## ନବବର୍ଷରେ ବିଶ୍ୱଶାନ୍ତି ପାଇଁ ଚଣ୍ଡୀହୋମ

**ବିଜେପୁର, ୧।୧ (ଡି.ଏନ.ଏ.)**

ବରଗଡ ଜିଲା ବିଜେପୁର ସହର ଉପକଣ୍ଠ ନିତ୍ୟାନନ୍ଦ ଆଶ୍ରମରେ ବିଶ୍ୱଶାନ୍ତି ପାଇଁ ନବବର୍ଷ ଆଗମନରେ ବୁଧବାର ଚଣ୍ଡୀହୋମ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଆଶ୍ରମ ପରିସର ଶୋଧ କରାଯାଇଥିଲା। ମଧ୍ୟାହ୍ନରେ ରୀତିନୀତି ସହକାରେ ଚଣ୍ଡୀହୋମ କରାଯାଇଥିଲା। ଇଂ. ମନୋଜ କୁମାର ପଣ୍ଡା, ରଜନୀକାନ୍ତ ଗଡତିଆ, ନରେନ୍ଦ୍ର ମହାପାତ୍ର, ପାଣ୍ଡବ ପଧାନ, ସୁବ୍ରତ ରଥ, ପ୍ରେମାନନ୍ଦ ମହାପାତ୍ର, ଗୌରାଙ୍ଗ ପଧାନ ପ୍ରମୁଖ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କିଶୋରଚନ୍ଦ୍ର ପୂଜାରୀ ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ଭାଗବତ ପଧାନ, ସୁବ୍ରତ ପଧାନ ସହଯୋଗ କରିଥିଲେ।

### ■ ରେମଣ୍ଡା ଗ୍ରାମାଞ୍ଚଳ ରୌପ୍ୟ ଜୟନ୍ତୀ କ୍ରିକେଟ

# ବରଗଡ଼ ବ୍ଲୁଡାଇମଣ୍ଡ ଚାମ୍ପିୟନ

**ଭେଡ଼େନ,୧।୧(ଡି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା କ୍ରୀଡ଼ା ସଂସଦ ତରଫରୁ ଚାଲିଥିବା ୨୫ତମ ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତାରେ ବରଗଡ଼ ବ୍ଲୁଡାଇମଣ୍ଡ ଦଳ ଚାମ୍ପିୟନ ହୋଇଛି। ବୁଧବାର ଖେଳା ଯାଇଥିବା ଫାଇନାଲ ମ୍ୟାଚରେ ବରଗଡ଼ ବ୍ଲୁଡାଇମଣ୍ଡ ଦଳ ଏଫସିସି ବଲାଙ୍ଗୀର ଦଳକୁ ୬ ଉଇକେଟରେ ହରାଇ ଏହି ସଫଳତା ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ଦଳ ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ ରନ୍ କରିଥିଲା। ଦଳ ପକ୍ଷରୁ ଜିତେଶ ୩ଟି ଛକା ଓ ୩ ଟି ଚୌକା ସହ ସର୍ବାଧିକ ୩୪ ରନ୍ କରିଥିଲେ। ଜବାବରେ ବରଗଡ଼ ବ୍ଲୁଡାଇମଣ୍ଡ ଦଳ ୧୩.୪ ଓଭରରେ ୪ ଉଇକେଟ ହରାଇ ୧୦୫ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ମହମ୍ମଦ ସଲିମ ୨୭ ଓ ମଳୟ ହାତୀ ଅପରାଜିତ ୪୫ ରନ୍ କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଅମିତ ନନ୍ଦ (ବଲାଙ୍ଗୀର), ଶ୍ରେଷ୍ଠ ବୋଲର ଭାବେ ବାଦଲ ପରଦେଶୀ ନିଶାଦ (ବରଗଡ଼), ଶ୍ରେଷ୍ଠ ଫିଲଡ଼ର ଭାବେ ନୀତିଶ



ରେମଣ୍ଡା ଗ୍ରାମାଞ୍ଚଳ କ୍ରିକେଟର ଉଦ୍‌ଯାପନୀ ଉତ୍ସବର ଅତିଥିଗଣ।

ଭଞ୍ଜ (ବଲାଙ୍ଗୀର), ଶ୍ରେଷ୍ଠ ଉଇକେଟ କିପର ଭାବେ ଆର୍ଯ୍ୟମାନ ମିଶ୍ର (ବରଗଡ଼), ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ଏସଏଏ ସୋହେଲା, ମ୍ୟାନ ଅଫ ଦି ଫାଇନାଲ ଭାବେ ମଳୟ ହାତୀ (ବରଗଡ଼), ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ଅମିତ ନନ୍ଦ (ବଲାଙ୍ଗୀର)ଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଇଂ ଜୟନ୍ତ ପଣ୍ଡା ମୁଖ୍ୟ ଅତିଥି, ଯାଜ୍ଞସେନୀ ବହିଦାର, ମନ ଠାକୁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଅମ୍ପାୟର ଏକାଦଶିଆ ହଟେଇ ଓ ସୁକୁମାର ଶତପଥୀ ପରିଚାଳନା କରିଥିଲେ। ବିନାୟକ ମେହେର ସ୍କୋରର ଥିବାବେଳେ ଦୁଷ୍ମନ୍ତ ଶତପଥୀ, ଶଙ୍କର ଅଗ୍ରୱାଲ, ପ୍ରଭଞ୍ଜନ ଶତପଥୀ ଧାରାବିବରଣୀ ପ୍ରଦାନ କରିଥିଲେ।



"ବାନ୍ଧବୀ ରଶ୍ମି ଦେଶାଇଙ୍କ ଘର ଓ ଟଙ୍କାର ମୁଁ ଅପବ୍ୟବହାର କରିନାହିଁ। ତାଙ୍କ ପାଖରେ ଘରର ଅଲଗା ଚାବି ରହିଥାଏ। ମୋ ବିରୋଧରେ ଅଣାଯାଇଥିବା ଅଭିଯୋଗ ଭିତ୍ତିହୀନ।

-ଆର୍‌ହାନ୍ ଖାନ୍,
ବିଗ୍‌ବସ-୧୩ ପ୍ରତିଯୋଗୀ

# ମୋଦିଙ୍କ ସହ ସାଧାରଣତନ୍ତ୍ର ପରେଡ୍ ଦେଖିବେ ହିତେଶ୍ୱର



**ନୂଆଦିଲ୍ଲୀ:** ଦିନ କେଇଟା ପରେ ଆସିବ ସାଧାରଣତନ୍ତ୍ର ଦିବସ। ଏଥର ବ୍ରାଜିଲ ରାଷ୍ଟ୍ରପତି ଜୈର୍ ମେସିଆସ୍ ବୋଲ୍‌ସୋନାରୋ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁରୋଧକୁ ରକ୍ଷାକରି ବୋଲ୍‌ସୋନାରୋ ସମ୍ମତି ମଧ୍ୟ ପ୍ରଦାନ କରିସାରିଛନ୍ତି। ଜାନୁୟାରୀ ୨୬ରେ ଏହାକୁ ଧୁମ୍ ଧାମ୍‌ରେ ପାଳନ କରିବା ଲାଗି ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଗଲାଣି। ହେଲେ ସବୁଠାରୁ ବଡ଼ କଥା ହେଲା ହରିୟାଣାର ସିଭିଲ ସର୍ଭିସେସ୍ ଅଫିସରଙ୍କ ପୁଅ ହିତେଶ୍ୱର ଶର୍ମାଙ୍କୁ ସାଧାରଣତନ୍ତ୍ର ଦିବସ ପରେଡ୍ ଦେଖିବା ଲାଗି କେନ୍ଦ୍ର ସରକାର ଆମନ୍ତ୍ରଣ କରିଛନ୍ତି। ପଞ୍ଚକୁଲାର ଏହି ଟିନ୍ ଏଜ୍ ଯୁବକ ଏବେ ଏକାଦଶ ଶ୍ରେଣୀରେ ପାଠ ପଢୁଥିବାବେଳେ ପରେଡ୍ ଦେଖିବାକୁ ଦିଲ୍ଲୀ ଆସିବେ ବୋଲି ପ୍ରକାଶ କରିଛନ୍ତି। ହିତେଶ୍ୱରଙ୍କ ଦିଲ୍ଲୀରେ ଜାନୁୟାରୀ ୨୫ରୁ ୨୭ ପର୍ଯ୍ୟନ୍ତ ରହିବା, ଯାତାୟାତ ଖର୍ଚ୍ଚ ସରକାର ବହନକରିବେ ବୋଲି କହିଛନ୍ତି। ପରେଡ୍ ଦେଖିବା ଲାଗି ଆମନ୍ତ୍ରଣ କରାଯାଇଥିବା ୧୦୦ ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହିତେଶ୍ୱର ଅନ୍ୟତମ। ସେ ମାଟ୍ରିକ ପରୀକ୍ଷାରେ ୯୯.୬ ପ୍ରତିଶତ ମାର୍କ ରଖିଥିଲେ। କେନ୍ଦ୍ର ସରକାରଙ୍କ ନିମନ୍ତ୍ରଣପତ୍ର ପାଇଥିବା ସେ କହିବା ସହ ବହୁତ ଖୁସି ଅନୁଭବ କରୁଥିବା ପ୍ରକାଶ କରିଛନ୍ତି।

# ପିଲାଙ୍କୁ ପସନ୍ଦ ଡିଜିଟାଲ୍ ଲର୍ନିଂ



**ୱାଶିଂଟନ୍:** ସ୍ମାର୍ଟଫୋନ୍, ଇ-ବୁକ୍ସ ଓ ଟାବଲେଟ୍ ପ୍ରତି ଛୋଟ ପିଲାମାନେ ଅଧିକ ଆକର୍ଷିତ ହେଉଛନ୍ତି। କିନ୍ତୁ ଏସବୁର ବ୍ୟବହାର ଦ୍ୱାରା ପିଲାମାନେ କିଛି ଶିଖି ପାରିବେ ନାହିଁ ବୋଲି ଅଭିଭାବକ ଚିନ୍ତାରେ ରହୁଛନ୍ତି। ହେଲେ ସ୍ମାର୍ଟଫୋନ୍‌ରେ ଯଦି ପିଲାଙ୍କୁ ଆକର୍ଷିତ କରୁଥିବା ଲର୍ନିଂ ଆପ୍ ରଖାଯାଏ, ତା'ହେଲେ ପିଲାମାନେ ବହି ତୁଳନାରେ ଏଥିରୁ ଅଧିକ ଶିକ୍ଷା ଗ୍ରହଣ କରିପାରିଥାନ୍ତି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ପଢ଼ା ବହିରୁ ବୁଝିବାକୁ ପିଲାଙ୍କୁ କଷ୍ଟ ଲାଗୁଥିବା ବେଳେ ଆନିମେଟେଡ୍ କାହାଣୀ ବା କବିତା ସେମାନେ ସମସ୍ତ ବିଷୟକୁ ଭଲରେ ବୁଝିପାରନ୍ତି ବୋଲି ଡାଇଟ୍ରିକ୍ କଲେଜ ଅଫ୍ ହ୍ୟୁମାନିଟିଜ୍ ଆଣ୍ଡ ସାଇନ୍ସର ପ୍ରଫେସର୍ ଏରିକ୍ ଥିଏସନ୍ କହିଛନ୍ତି। ସେ କହିଛନ୍ତି, ବିଗତ କିଛି ବର୍ଷ ମଧ୍ୟରେ ଡିଜିଟାଲ୍ ପ୍ଲାଟ୍‌ଫର୍ମର ବ୍ୟବହାର ବେଶ୍ ବୃଦ୍ଧି ପାଇଥିବା ବେଳେ ପିଲାଙ୍କ ପାଠପଢ଼ା କ୍ଷେତ୍ରରେ ମଧ୍ୟ ଏହାର ଯୋଗଦାନ ରହିଛି। ଯେତେବେଳେ ପିଲାଙ୍କୁ ଇ-ବୁକ୍ସ, ସ୍ମାର୍ଟଫୋନ୍ ବା ଟାବଲେଟ୍ ଦ୍ୱାରା କୌଣସି ଶିକ୍ଷା ଦିଆଯାଇଛି, ସେତେବେଳେ ସେମାନେ ଅଧିକ ଶିଖି ପାରିଛନ୍ତି। ଆନିମେଟେଡ୍ କାହାଣୀ ବା କବିତା ଖୁବ୍‌ଶୀଘ୍ର ପିଲାଙ୍କୁ ଆକର୍ଷିତ କରିପାରୁଥିବା ବେଳେ ଏହାର ବିଷୟବସ୍ତୁ ସେମାନଙ୍କ ମସ୍ତିଷ୍କରେ ଖୁବ୍ ସହଜରେ ବସିଯାଏ। ଏବେ ଏହିଭଳି ଅନେକ ଆପ୍ ଉପଲବ୍ଧ ହେଉଛି, ଯାହା ସାହାଯ୍ୟରେ ଯେକୌଣସି ବିଷୟ ସମ୍ପର୍କରେ ସହଜରେ ସମସ୍ତ ତଥ୍ୟ ଜାଣିହେବ। ଅଧ୍ୟୟନ ବେଳେ ପିଲାମାନଙ୍କୁ ପ୍ରଥମେ ପାଠ୍ୟ ପୁସ୍ତକ ପଢ଼ାଯିବା ପରେ ଆନିମେଟେଡ୍ ଭିଡିଓ ବା ଗୀତ ମାଧ୍ୟମରେ ସେହି ଷ୍ଟୋରି ସମ୍ପର୍କରେ ସୂଚନା ପଢ଼ା ଯାଇଥିଲା। ତେବେ ଆନିମେଟେଡ୍ ଭିଡିଓ ପିଲାଙ୍କୁ ଅଧିକ ଆକର୍ଷଣୀୟ ଲାଗିବା ସହ ଏହାକୁ ସେମାନେ ଅତି ସହଜରେ ମନେ ରଖିପାରୁଥିବା ପ୍ରଫେସର୍ ଥିଏସନ୍ କହିଛନ୍ତି।

# ଓସ୍କାର ଦୌଡ଼ରେ ନୀନାଙ୍କ ଫିଲ୍ମ



ନୀନା ଗୁପ୍ତା

**ମୁମ୍ବାଇ:** ସେଲିବ୍ରିଟି ସେଫ୍‌ରୁ ଫିଲ୍ମମେକର୍ ହୋଇଥିବା ବିକାଶ ଖାନ୍ନାଙ୍କ ପ୍ରଥମ ଫିଲ୍ମ 'ଦ ଲାଷ୍ଟ କଲର୍' ଓସ୍କାର ଆୱାର୍ଡ ଦୌଡ଼ରେ ଫିଚର୍ ଫିଲ୍ମ ତାଲିକାଭୁକ୍ତ ହୋଇଛି। ଏନେଇ ଖୋଦ୍ ବିକାଶ ଖାନ୍ନା ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ତାଙ୍କ ପ୍ରଥମ ଫିଲ୍ମ ଓସ୍କାର ପାଇଁ ମନୋନୀତ ହୋଇଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। ଖାନ୍ନା ନିଜ ଅଫିସିଆଲ୍ ଟୁଇଟର ହ୍ୟାଣ୍ଡେଲରେ ଲେଖିଛନ୍ତି, "୨୦୨୦ ଭଲରେ ଆରମ୍ଭ ହେଲା। ମିରାକଲ୍...ମିରାକଲ୍.. ବିଶ୍ୱକୁ ଧନ୍ୟବାଦ। ଆମ ଫିଲ୍ମ 'ଦ ଲାଷ୍ଟ କଲର୍' ହେଉଛି ନିର୍ମଳ ହୃଦୟ। ଓସ୍କାର ଏକାଡେମୀ ୨୦୧୯ର ବେଷ୍ଟ ୩୪୪ ଫିଲ୍ମର ତାଲିକା ଘୋଷଣା କରିଛି।"

ସେହିପରି ଫିଲ୍ମର ଅଭିନେତ୍ରୀ ନୀନା ଗୁପ୍ତା ମଧ୍ୟ ଟୁଇଟରରେ ଏନେଇ ନିଜ ପ୍ରତିକ୍ରିୟା ରଖିଛନ୍ତି। ଖାନ୍ନାଙ୍କ ଟୁଇଟ୍‌କୁ ରିଟୁଇଟ୍ କରି ସେ ନିଜର ଖୁସି ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ଫିଲ୍ମ 'ଦ ଲାଷ୍ଟ କଲର୍' ଏଯାବତ୍ ଭାରତରେ ରିଲିଜ୍ ହୋଇନାହିଁ। ତେବେ ମୁମ୍ବାଇ ଫିଲ୍ମ ଫେଷ୍ଟିଭାଲ୍ ୨୦୧୯ରେ ଏହାର ସ୍କ୍ରିନିଂ ରଖାଯାଇଥିଲା। ସେହିପରି ଆୱାର୍ଡ ପର୍ଯ୍ୟାୟରେ ସାମିଲ ହେବା ନିୟମାନୁଯାୟୀ ଫିଲ୍ମଟି ଜାନୁୟାରୀ ୪ରେ ୟୁଏସ୍‌ଏର ୩୦ତମ ପାମ୍ ସ୍ପ୍ରିଙ୍ଗ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ରିଲିଜ୍ ହୋଇଥିଲା। ଫିଲ୍ମର କାହାଣୀ ବୃନ୍ଦାବନ ଓ ବାରାଣସୀରେ ରହୁଥିବା ବିଧବା ସ୍ତ୍ରୀ ଲୋକଙ୍କ ଜୀବନୀ ଉପରେ ଆଧାରିତ।

# ପ୍ରତି ୬ ମାସରେ ବଦଳିଥାଏ ଫିଜାଣ୍ଟ ଦ୍ୱୀପର ମାଲିକାନା

**ପ୍ୟାରିସ୍:** ବିଶ୍ୱରେ ଏମିତି ଏକ ଦ୍ୱୀପ ଅଛି, ଯାହାର ମାଲିକାନା ପ୍ରତି ୬ ମାସରେ ବଦଳିଥାଏ। ଦ୍ୱୀପଟି ଫ୍ରାନ୍ସ ଏବଂ ସ୍ପେନ୍ ମଝିରେ ଅବସ୍ଥିତ। ଯେଉଁଥିପାଇଁ ପ୍ରତି ୬ ମାସରେ ଦ୍ୱୀପଟି ଦେଶ ବଦଳାଇଥାଏ। ଏହି ଦୁଇ ଦେଶ ୬ ମାସ ଲେଖାଏ ଉକ୍ତ ଦ୍ୱୀପରେ ମାଲିକାନା ଜାହିର କରିଥାନ୍ତି। ଦ୍ୱୀପଟିର ନାମ ଫିଜାଣ୍ଟ। ଏହାର ଲମ୍ବ ୨୦୦ ମିଟର ଏବଂ ଚଉଡ଼ା ୪୦ ମିଟର। ଏହା ଏକ ଶାନ୍ତ ଦ୍ୱୀପ ଭାବରେ ଜଣାଶୁଣା। ଖାସ୍ କଥା ହେଲା, ଏହି ଦ୍ୱୀପକୁ ନେଇ ଫ୍ରାନ୍ସ ଏବଂ ସ୍ପେନ୍ ମଧ୍ୟରେ କେବେ ଝଗଡ଼ା ହୋଇନାହିଁ। ଦୁଇ ଦେଶ ପ୍ରତି ୬ ମାସରେ ନିଜ ଇଚ୍ଛାରେ ମାଲିକାନା ପରିବର୍ତ୍ତନ କରିଦିଅନ୍ତି। ଏହି ପରମ୍ପରା ପ୍ରାୟ ୩୫୦ ବର୍ଷ ଧରି ଚାଲିଆସୁଛି। ଉକ୍ତ ଦ୍ୱୀପଟି ଫେବୃୟାରୀ ପହିଲାରୁ ଜୁଲାଇ ୩୧ ଯାଏ ସ୍ପେନ୍ ନିକଟରେ ରହୁଥିବା ବେଳେ ଅଗଷ୍ଟ ପହିଲାରୁ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଫ୍ରାନ୍ସ ନିକଟରେ ରହିଥାଏ। ଏହି ଦୁଇ ଦେଶକୁ ଅଲଗା କରିଛି ନଦୀ ବିଦାସୋ।



୧୬୬୯ ମସିହାରୁ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଏହି ଚୁକ୍ତିକୁ ପାଇନ୍‌ସ କୁହାଯାଏ।

# ମଲାଇକା-ଅର୍ଜୁନଙ୍କ ରୋମାଣ୍ଟିକ୍ ନ୍ୟୁ ଇୟର ସେଲିବ୍ରେଶନ

**ମୁମ୍ବାଇ:** ଅର୍ଜୁନ କପୁର-ମଲାଇକା ଅରୋରା ହେଉଛନ୍ତି ବଲିଉଡ୍‌ର ଚର୍ଚ୍ଚିତ କପଲ୍‌ମାନଙ୍କ ମଧ୍ୟରୁ ଅନ୍ୟତମ। ଉଭୟଙ୍କ ରିଲେଶନଶିପ୍‌କୁ ନେଇ ଅନେକ ସମୟରେ ଖବର ଚର୍ଚ୍ଚା ସାଉଁଟିଥାଏ। କିଛିଦିନ ପୂର୍ବେ ଅର୍ଜୁନ ନିଜ ଜନ୍ମଦିନ ଅବସରରେ ମଲାଇକାଙ୍କ ପ୍ରେମ ସମ୍ପର୍କ ଥିବା ନେଇ ସୋସିଆଲ ମିଡିଆରେ ସାର୍ବଜନୀନ କରିଥିଲେ। ଏହାପରେ ଫ୍ୟାନ୍‌ମାନେ ଉଭୟ ଲଭ୍-ବାର୍ଡ ବୋଲି ନିଶ୍ଚିତ ହୋଇଯାଇଥିଲେ। ଏବେ ଏହି କପଲ୍ ଗୋଆରେ ନିଜ ଆତ୍ମୀୟଙ୍କ ଗହଣରେ ନୂଆବର୍ଷ ସେଲିକବ୍ରେଶନରେ ବ୍ୟସ୍ତ ଅଛନ୍ତି। ଫିଟ୍‌ନେସ୍ ଫ୍ରିକ୍ ମଲାଇକା ଅରୋରା ଗୋଆରେ ନିଜ ବୟଫ୍ରେଣ୍ଡ ଅର୍ଜୁନ କପୁରଙ୍କ ସହ ନୂଆବର୍ଷ ଅବସରକୁ ମନଭରି ଉପଭୋଗ କରୁଛନ୍ତି। ଏହି ଅବସରରେ ନିଜର କିଛି ସ୍ୱତନ୍ତ୍ର ମୁହୂର୍ତ୍ତକୁ ସେ ସୋସିଆଲ ମିଡିଆରେ ଶେୟାର ମଧ୍ୟ କରିଛନ୍ତି। ମଲାଇକା ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ଅର୍ଜୁନଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଅର୍ଜୁନଙ୍କୁ କିସ୍ ଦେଉଥିବା ଦେଖିବାକୁ ମିଳିଛି। ଏହାସହ ସେ କ୍ୟାପ୍‌ଶନରେ ଲେଖିଛନ୍ତି, "ସନ୍, ଷ୍ଟାର୍, ଲାଇଟ୍, ହାପିନେସ୍....୨୦୨୦" ମଲାଇକା-ଅର୍ଜୁନଙ୍କ ଏହି ଫଟୋକୁ ସୋସିଆଲ ମିଡିଆରେ ଅନେକ ରେସ୍‌ପନ୍ସ ମିଳୁଛି। ଫ୍ୟାନ୍ ଓ ୟୁଜରମାନେ ସେମାନଙ୍କ ରୋମାଣ୍ଟିକ୍ ଅନ୍ଦାଜ୍‌କୁ ପସନ୍ଦ କରୁଛନ୍ତି। ତେବେ ସବୁଠାରୁ ମଜାଦାର କଥା ହେଲା ଏହି ଫଟୋରେ ଅର୍ଜୁନଙ୍କ ଆଣ୍ଟି ତଥା ସଞ୍ଜୟ କପୁରଙ୍କ ପତ୍ନୀ ମାହୀପ କପୁର ମଧ୍ୟ କମେଣ୍ଟ ଦେଇଛନ୍ତି। ଏହାଛଡ଼ା ମଲାଇକା ବନ୍ଧୁ ଓ ଆତ୍ମୀୟଙ୍କ ଗହଣରେ ଥାଇ ଆଉ ଏକ ଫଟୋ ଶେୟାର କରିଛନ୍ତି ଏବଂ ସମସ୍ତଙ୍କୁ "ହାପି ନ୍ୟୁ ଇୟର" ଲେଖି ଶୁଭେଚ୍ଛା ଜଣାଇଛନ୍ତି।



## ଓବାମାଙ୍କ ଫେଭରାଇଟ୍ ମ୍ୟୁଜିକ୍ ତାଲିକାରେ

# ପ୍ରତୀକଙ୍କ ଆଲ୍‌ବମ୍

**ନୂଆଦିଲ୍ଲୀ:** ସଙ୍ଗୀତ ବିନା ଜୀବନ ରଙ୍ଗହୀନ। ଏହାର ଯାଦୁରେ ସମସ୍ତେ ମତୁଆଲା। ମନରେ ନୂଆ ଆନନ୍ଦ ଆଣିଦେଇଥାଏ ସଙ୍ଗୀତ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ମଧ୍ୟ ଜଣେ ସଙ୍ଗୀତପ୍ରେମୀ। ସମଗ୍ର ବିଶ୍ୱର ଲୋକପ୍ରିୟ ଗାୟକଙ୍କ ଗୀତ ସେ ଶୁଣିଥାନ୍ତି। ୨୦୧୯ ରେ ସେ ଶୁଣିଥିବା ଗୀତ ମଧ୍ୟରେ ତାଙ୍କ ପସନ୍ଦର ଗୀତଗୁଡ଼ିକର ଏକ ତାଲିକା ସେ ପ୍ରସ୍ତୁତ କରିଛନ୍ତି। ଏଥିରେ ୩୫ଟି ଗୀତ ଏବଂ ଆଲ୍‌ବମ୍ ରହିଛି। ଓବାମାଙ୍କ ପ୍ରସନ୍ଦର ଗୀତ ତାଲିକାରେ ବେୟୋନ୍ସ, ଲିଜୋ, ନୀଲ୍ ନସ୍ ଏକ୍ସ, ବ୍ରୁଶ୍ ସ୍ପ୍ରିଙ୍ଗ୍‌ସ୍ଟିନ୍, ଫ୍ରାଙ୍କ୍ ଓସେନ୍, ମ୍ୟାଗି ରୋଜର୍ସଙ୍କ ଭଳି ବିଶ୍ୱର ଲୋକପ୍ରିୟ ଗାୟକଙ୍କ ଗୀତ ସାମିଲ୍ ଥିବାବେଳେ ସେଥିରେ ଭାରତୀୟ ଗାୟକ ପ୍ରତୀକ୍ କୁହାଡ଼୍‌ଙ୍କ ଏକ ଆଲ୍‌ବମ୍ 'କୋଲ୍ଡ/ମେଶ୍' ମଧ୍ୟ ରହିଛି। ପ୍ରତୀକ୍‌ଙ୍କ ଏହି ଆଲ୍‌ବମ୍ ୨୦୧୮ ଶେଷ ପର୍ଯ୍ୟାୟରେ ମୁକ୍ତିଲାଭ କରିଥିଲା। ଓବାମା ଏହି ତାଲିକାକୁ ଟୁଇଟ୍ କରିଥିବାବେଳେ ଏହାର ରିଟୁଇଟ୍ କରିଥିଲେ, କୋଲ୍ଡ/ମେଶ୍ ତାଙ୍କ ନିକଟରେ କିପରି ପହଞ୍ଚିଲା ତାହା ମୁଁ ଜାଣିନି, ଓବାମା ଏବଂ ସମଗ୍ର ବିଶ୍ୱକୁ ମୁଁ କୃତଜ୍ଞତା ଜଣାଉଛି। ଏହା ମୋ ପାଇଁ ଏକ ବଡ଼ ସମ୍ମାନ। ୨୦୧୯ ମୋ ପାଇଁ ଏତେ ସଫଳତା ଆଣିଦେବ ବୋଲି ଭାବି ନ ଥିଲି। ଓବାମା ନିଜ ଗୀତ ତାଲିକା ସହ ଲେଖିଛନ୍ତି, କୌଣସି ଲଙ୍ଗ୍ ଡ୍ରାଇଭ୍‌ରେ ଯାଉଥିଲେ କିମ୍ବା ବ୍ୟାୟାମ ସମୟରେ ମ୍ୟୁଜିକ୍‌ର ଆବଶ୍ୟକତା ଥିଲେ ଏଥିରେ ଥିବା କେତୋଟି ଗୀତ ନିଶ୍ଚୟ ପସନ୍ଦ ଆସିବ। ଅନ୍ୟପକ୍ଷରେ ଓମାବାଙ୍କ ଗୀତ ତାଲିକା ସୋସିଆଲ୍ ମିଡିଆରେ ଶେୟାର୍ କରାଯିବା ପରେ ସମଗ୍ର ବିଶ୍ୱର ସଙ୍ଗୀତ ପ୍ରେମୀ ଜୟପୁର(ରାଜସ୍ଥାନ)ର କୁହାଡ଼୍‌ଙ୍କୁ ଖୋଜୁଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ମଧ୍ୟ ଛୁଟିଛି।



# ନୂଆବର୍ଷରେ ଜନ୍ମନେଲେ ୪ ଲକ୍ଷ ଶିଶୁ

**ଭାରତରେ ସର୍ବାଧିକ ୬୭ ହଜାର**

**ୱାଶିଂଟନ:** ୨୦୨୦ର ପ୍ରଥମ ଦିନରେ ପୃଥିବୀରେ ମୋଟ ୩ ଲକ୍ଷ ୯୨ ହଜାର ୭୮ ଜଣ ନବଜାତକ ଜନ୍ମଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ଭାରତରେ ସର୍ବାଧିକ ୬୭ ହଜାର ୩ ଶହ ୮୫ ଜଣ ଶିଶୁଙ୍କ ଜନ୍ମ ହୋଇଥିବା ୟୁନିସେଫ୍ ରିପୋର୍ଟରୁ ଜଣାପଡ଼ିଛି। ପ୍ରକାଶିତ ତାଲିକାରେ ଚାଇନା ଦ୍ୱିତୀୟ ସ୍ଥାନରେ ରହିଛି। ଏଠାରେ ୪୬ ହଜାର ୨ଶହ ୯୯ ଶିଶୁ ଜନଗ୍ରହଣ କରିଛନ୍ତି। ସେହିପରି ତୃତୀୟ ସ୍ଥାନରେ ନାଇଜେରିଆ ରହିଛି। ଏଠାରେ ନୂଆବର୍ଷରେ ୨୬ ହଜାର ୩୯ ଜଣ ଶିଶୁ ଜନ୍ମ ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ସେହିପରି ପାକିସ୍ତାନରେ ୧୬ ହଜାର ୭ଶହ ୮୭, ଇଣ୍ଡୋନେସିଆରେ ୧୩ ହଜାର ୨୦, ଆମେରିକାରେ ୧୦ ହଜାର ୪ଶହ ୫୨, କଙ୍ଗୋରେ ୧୦ ହଜାର ୨ଶହ ୪୭ ଏବଂ ଇଥୋପିଆରେ ୮ ହଜାର ୪ଶହ ୯୩ ଜଣ ଶିଶୁ ଜନ୍ମ ହୋଇଥିବା ୟୁନିସେଫ୍ ରିପୋର୍ଟରେ ଦର୍ଶାଯାଇଛି।



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ଶୁଭାରମ୍ଭ

**ସମ୍ବଲପୁର,୧୧(ବ୍ୟୁରୋ):** ସମ୍ବଲପୁର ଜିଲାରେ ଗୋରୁଗାଈ ଓ ଅନ୍ୟାନ୍ୟ ବୁଲା ପ୍ରାଣୀଙ୍କ ପାଇଁ ବୁଧବାର ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପରିସରରେ ଜିଲାପାଳ ଶୁଭମ୍ ସକ୍ସେନା ଏହାର ଶୁଭାରମ୍ଭ କରିଛନ୍ତି। ଏହି ଆମ୍ବୁଲାନ୍ସ ସମ୍ପର୍କରେ ମୁଖ୍ୟ ପ୍ରାଣୀ ଚିକିତ୍ସକ ସରୋଜ କାନୁନଗୋ କହିଛନ୍ତି ଯେ, ଅନେକ ସମୟରେ ରାସ୍ତା ଦୁର୍ଘଟଣାରେ ଗୋରୁଗାଈ ଓ ଅନ୍ୟ ପ୍ରାଣୀ ଆହତ ହୋଇ ପଡି ରହିଥାନ୍ତି। ଅନ୍ୟ କାରଣରୁ ମଧ୍ୟ ସେମାନେ ଚାଲି ବୁଲି ପାରନ୍ତି ନାହିଁ। ଜନ ସାଧାରଣ ଚାହିଁଲେ ମଧ୍ୟ ଡାକ୍ତରଖାନାକୁ ନେବାକୁ ବହୁ କଷ୍ଟକର ହୋଇ ପଡିଥାଏ। ଲମ୍ବା ସମୟ ଧରି ରାସ୍ତାକଡରେ ଛଟପଟ ହୋଇ ପଡିଥାନ୍ତି। ଏଣୁ ସେମାନଙ୍କ ଜୀବନ ରକ୍ଷା ଲାଗି ଏକ ଟୋଲ ଫ୍ରି ନମ୍ବର (୮୮୯୫୮୧୪୦୪୨) ଜାରି କରାଯାଇଛି। ଏହା ପ୍ରତିଦିନ ସକାଳ ୮ଟାରୁ ମଧ୍ୟାହ୍ନ ୧ଟା ଓ ପୁଣି ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ପ୍ରାଣୀ ଚିକିତ୍ସାଳୟ ଉପନିର୍ଦ୍ଦେଶକ ହାଡିବନ୍ଧୁ ସ୍ୱାଇଁ, ଡାକ୍ତର ରବୀନ୍ଦ୍ର କୁମାର ହୋତା, ଡାକ୍ତର ସାରଦା ସିଂ ବରିହା, ଡାକ୍ତର ରାଜୀବ ଶର୍ମା, ଡାକ୍ତର ସରିତ ପାତ୍ର, ଡାକ୍ତର ସତ୍ୟଜିତ ପଣ୍ଡା ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

### ପର୍ଯ୍ୟଟକଙ୍କଠାରୁ ମୋବାଇଲ ଲୁଟ୍ ଅଭିଯୋଗରେ ୨ ଗିରଫ

**ସମ୍ବଲପୁର, ୧୧ (ବ୍ୟୁରୋ):** ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ସମଲେଇ ମନ୍ଦିର ପାର୍କିଂରେ ପର୍ଯ୍ୟଟକ ସୁନୀଲ କୁମାର ସ୍ୱାଇଁଙ୍କଠାରୁ ଲୁଟ ହୋଇଥିବା ମୋବାଇଲ ପୋଲିସ ଉଦ୍ଧାର କରିବା ସହ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କ୍ଷେତରାଜପୁର ଥାନା ଘୁନଘୁଟିପଡାର ଅଜୟ ମହାନନ୍ଦ (୨୧) ଓ ଆକାଶ ଜଗଦଲା (୨୦)। ଏନେଇ ଥାନାରେ କେସ ନଂ. ୩୩୦/୧୯ରେ ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଡିସେମ୍ବର ୨୬ ତାରିଖ ଖୋର୍ଦ୍ଧା ଜିଲା ନାଥପୁର ଗ୍ରାମର ସୁନୀଲ ଓ ତାଙ୍କ ପରିବାର ସମ୍ବଲପୁର ବୁଲିବାକୁ ଆସିଥିଲେ। ସମଲେଇ ମନ୍ଦିର ଦର୍ଶନ କରିବା ପାଇଁ ପାର୍କିଂରେ ରହିଥିଲେ। ସେ ସମୟରେ ଗିରଫ ୨ଜଣ ଅଭିଯୁକ୍ତ ଆସି ମୋବାଇଲ ଲୁଟି ନେଇ ପଳାଇଥିଲେ। ଏହାକୁ ନେଇ ଥାନାରେ ଅଭିଯୋଗ ହୋଇଥିଲା।

### ହାଇଡ୍ରା ମାଡ଼ିଯିବାରୁ ଶ୍ରମିକ ମୃତ

**ସମ୍ବଲପୁର,୧୧(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ହାତୀବାରୀ ଗ୍ରାମ ନିକଟରେ ଏକ ହାଇଡ୍ରା (ନଂ. ଓଆର ୦୫ ଏଭି- ୨୯୫୮) ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାଡ଼ଖଣ୍ଡ ଭୋଳାନାଥପୁର ଥାନା ଅଞ୍ଚଳର ଲକ୍ଷ୍ମୀଶଙ୍କର ଯାଦବ (୩୫)। ତେବେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ହେଲେ ସ୍ଥାନୀୟ ଯୁବକମାନେ ହସ୍ତକ୍ଷେପ କରିଥିଲେ। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ସଦର ଡାକ୍ତରଖାନାକୁ ପଠାଇଛି। ଡ୍ରାଇଭର ଫେରାର ହୋଇ ଯାଇଛନ୍ତି।



ନୂତନବର୍ଷ ୨୦୨୦ ଉପଲକ୍ଷେ ବୁଧବାର ସମ୍ବଲପୁର ସମଲେଇ ମନ୍ଦିରରେ ଭକ୍ତଙ୍କ ଭିଡ।



ସମଲେଇ ମନ୍ଦିରରେ ଭକ୍ତମାନଙ୍କୁ ଖେଚୁଡ଼ି ଭୋଗ ବଣ୍ଟନ କରାଯାଉଛି ।

# ସମଲେଇ ମନ୍ଦିରରେ ଭକ୍ତଙ୍କ ଭିଡ଼

**ସମ୍ବଲପୁର, ୧୧ (ବ୍ୟୁରୋ)**

ଐତିହାସିକ ସମ୍ବଲପୁର ସହର ଜିରୋ ନାଇଟରେ ନୃତ୍ୟ, ଗୀତ, ରଙ୍ଗୀନ ଆଲୋକମାଳାରେ ପ୍ରକମ୍ପିତ ହୋଇଥିଲା। ଯୁବକମାନେ ବିଭିନ୍ନ ଛକଗୁଡିକରେ ନବବର୍ଷକୁ ସ୍ୱାଗତ କରି ନୃତ୍ୟ ପରିବେଷଣ କରିଥିଲେ। ବୁଧବାର ପ୍ରାତଃରେ ଭକ୍ତମାନେ ଇଷ୍ଟଦେବୀ ସମଲେଇଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ନୂତନବର୍ଷ- ୨୦୨୦ ସୁଖ, ଶାନ୍ତିରେ କିପରି କଟିବ ସେ ନେଇ ମାଁଙ୍କୁ ଗୁହାରି କରିଛନ୍ତି। ସମ୍ବଲପୁର ମହାନଗର ନିଗମ ସମେତ ରାଜ୍ୟ ତଥା ରାଜ୍ୟବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଭକ୍ତମାନଙ୍କ ପାଇଁ ଖିଚିଡି ଭୋଗ, ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ପ୍ରାତଃ ୪ଟାରେ ମଙ୍ଗଳ ଆଳତୀ ଓ ୫ଟାରେ ଭକ୍ତମାନେ ଦେବୀଙ୍କୁ ଦର୍ଶନ କରିଥିଲେ। ଚଳିତ ବର୍ଷ ଭକ୍ତମାନଙ୍କ ଲାଗି ଧାଡି ଓ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ସମଲେଇ ମନ୍ଦିର ଟ୍ରଷ୍ଟ ବୋର୍ଡ, ପୂଜକ, ସମଲେଶ୍ୱରୀ ଯୁବକ ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ଶାନ୍ତି ଶୃଙ୍ଖଳାପାଇଁ ସହଯୋଗ କରିଥିଲେ। ଏଥିସହ ଟ୍ରାଫିକ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ଲାଗି ଜିଲା ପୋଲିସ ପ୍ରଶାସନ ମୁତୟନ ଥିଲା। ଗୋଶାଳା ଛକ ଓ ସମଲେଇ ମନ୍ଦିର ଛକରେ ବେରିକେଟ କରାଯାଇ କେବଳ ଭକ୍ତମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରାଯାଉଥିଲା। ଅପରପକ୍ଷେ ୨ ଚକିଆ ଓ ୪ଚକିଆ ଯାନ ଯିବା ଆସିବା ବନ୍ଦ ରହିଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କ ତତ୍ତ୍ୱାବଧାନରେ ଭକ୍ତମାନଙ୍କୁ ଖିଚିଡି ଭୋଗ ପ୍ରଦାନ କରାଯାଇଥିଲା। ସେହିପରି ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ଅନ୍ୟ ପୂଜକମାନେ ପୂଜାକାର୍ଯ୍ୟ ତଲାଇଥିଲେ।

### ନୂଆବର୍ଷରେ ଘଣ୍ଟେଶ୍ୱରୀ ପୀଠରେ ଭିଡ଼

**ଚିପିଲିମା, ୧୧ (ଡି.ଏନ.ଏ.):** ସମ୍ବଲପୁର ଜିଲା ଚିପିଲିମା (ବଗବିରା)ସ୍ଥିତ ପର୍ଯ୍ୟଟନ କ୍ଷେତ୍ର ମା' ଘଣ୍ଟେଶ୍ୱରୀଙ୍କ ପୀଠରେ ବୁଧବାର ଇଂରାଜୀ ନବବର୍ଷ ଅବସରରେ ଭକ୍ତ ତଥା ପର୍ଯ୍ୟଟକଙ୍କ ସମାଗମ ହୋଇଛି। ବରିଷ୍ଠ ପୂଜକ ନୃପରାଜ ନାଏକଙ୍କ ତତ୍ତ୍ୱାବଧାନରେ ମନ୍ଦିରରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୀଠ ଆଖପାଖରେ ପର୍ଯ୍ୟଟକ ଦଳ ଭୋଜିଭାତରେ ମସଗୁଲ ଥିବା ବେଳେ ଆତସବାଜି ସହ ନାଚଗୀତର ତାଳେ ତାଳେ ପର୍ଯ୍ୟଟକ ନୂଆବର୍ଷର ମଜା ନେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବୁର୍ଲା ଥାନା ପକ୍ଷରୁ ଚିପିଲିମା ଫାଣ୍ଡି ଅଧିକାରୀ ସୁଶାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ପୋଲିସ ମୁତୟନ ଥିଲେ।

# ଜିଲାପାଳଙ୍କ ହସ୍ତକ୍ଷେପ ପରେ ଉଠିଲା ଧାନ

**ବାମରା, ୧୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା ବାମରା ବ୍ଲକ ଉଢକାପାଟ ମଣ୍ଡିରେ ଗତ ୧୫ଦିନ ହେବ ପଡି ରହିଥିବା ଧାନ ଶେଷରେ ଜିଲାପାଳଙ୍କ ହସ୍ତକ୍ଷେପ ପରେ ଉଠିଛି। ଧାନ ନ ଉଠିଲେ ବାମରା-ଗଡପୋଷ ରାସ୍ତା ଅବରୋଧ କରିବାକୁ ଜୟ ଆଦିମ କୃଷକ ସୁରକ୍ଷା ସଂଗଠନ ନିଷ୍ପତ୍ତି ନେଇଥିଲା। ପ୍ରଶାସନ କାନରେ ଏହା ପଡିବା ପରେ ତୁରନ୍ତ ଜିଲାପାଳ ହସ୍ତକ୍ଷେପ କରିଥିଲେ। ସିଏସଓ ରଞ୍ଜନ ସେଠ, କୁଚିଣ୍ଡା ଏସିଏସଓ ଦେବାଶିଷ ମହାନ୍ତିଙ୍କ ସହ ଏକ ଟିମ୍ ଆସି ଚାଷୀ ନେତାଙ୍କ ସହ ଆଲୋଚନା କରିଥିଲା। ଆଲୋଚନା ପରେ ପଡି ରହିଥିବା ଧାନ ଉଠାଇବାକୁ ମିଲର୍ସଙ୍କୁ ଅଧିକାରୀମାନେ ନିର୍ଦ୍ଦେଶ ଦେବା ପରେ ଧାନ ଉଠାଇବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଚାଷୀମାନେ ମଧ୍ୟ ରାସ୍ତାରୋକ ନିଷ୍ପତ୍ତିକୁ ପ୍ରତ୍ୟାହୃତ କରିଥିଲେ। ହେଲେ କେବଳ ଉଢକାପାଟ ମଣ୍ଡି ନୁହେଁ, ଅନ୍ୟାନ୍ୟ ମଣ୍ଡିଗୁଡିକ ମଧ୍ୟ ଦଲାଲଙ୍କ କବଜାରେ ରହିଛି। କାହା ଧାନ ଉଠିବ ଆଉ କାହା ଧାନ ଉଠିବନି ତାହା ଧାନ ମାଫିଆମାନେ ନିର୍ଣ୍ଣୟ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ମିଶି ମାଫିଆମାନେ ନିଷ୍ପତ୍ତି ନେଉଛନ୍ତି। ଏଣୁ ଚାଷୀ ଶୋଷଣର ଶିକାର ହେଉଛନ୍ତି। ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡୁଛି। ପ୍ରକାଶଯୋଗ୍ୟ, ବାମରା ବ୍ଲକର ବିଭିନ୍ନ ଧାନ ମଣ୍ଡିରେ ମାଫିଆ ଓ ପ୍ରଶାସନିକ ଅଧିକାରୀଙ୍କ ଭିତରେ ମଧୁଚନ୍ଦ୍ରିକା ଯୋଗୁ ସାଧାରଣ ଚାଷୀ ହଇରାଣ ହେଉଛନ୍ତି। ଉଢକାପାଟ ଧାନ ମଣ୍ଡି ଏହା କେବଳ ଏକ ଉଦାହରଣ। ଏହି ମଣ୍ଡିକୁ ଚାଷୀ ବିକ୍ରି ପାଇଁ ଧାନ ଆଣିଲେ ମନଇଚ୍ଛା କଟନି ଛାଟନି କରାଯାଉଛି। ରାଜି ନ ହେଲେ ଧାନ ଉଠାଇବାକୁ ମିଲର୍ସମାନେ ରୋକଠୋକ ମନା କରିଦେଉଛନ୍ତି। ଏଣୁ ଉଢକାପାଟ ମଣ୍ଡିରେ ଗତ ୧୫ ଦିନ ହେଲା ୨୩ ଜଣ ଚାଷୀଙ୍କ ୨୨୪୦ ବସ୍ତା ଧାନ ପଡି ରହିଥିଲା। ଚାଷୀ ଶୀତ କାକରରେ ଧାନ ଜଗିବା ପାଇଁ ବାଧ ହୋଇଥିଲେ। ଶେଷରେ ଧାନ ନ ଉଠିଲେ ରାସ୍ତା ରୋକ କରାଯିବ ବୋଲି ଚାଷୀ ସଂଗଠନ ଚେତାବନୀ ଦେଇଥିଲା।

## ପଶ୍ଚିମ ଓଡ଼ିଶା ପୂର୍ବତନ ସୈନିକ ସଂଘ ନିର୍ବାଚନ

**ସମ୍ବଲପୁର, ୧୧ (ବ୍ୟୁରୋ)**

ପଶ୍ଚିମ ଓଡିଶା ପୂର୍ବତନ ସୈନିକ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଇନ୍ଦୁଭୂଷଣ ମହାପାତ୍ର ସଭାପତି ଓ ସୁବୋଧ ପାଣିଗ୍ରାହୀ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ବିଶ୍ୱନାଥ ପଣ୍ଡା ଉପସଭାପତି, ଅନୀଲ ମିଶ୍ର ସହସମ୍ପାଦକ, ସୋମନାଥ ସାହୁ କୋଷାଧ୍ୟକ୍ଷ ଭାବେ ରହିଛନ୍ତି। ଦେବୀପ୍ରସାଦ ନାଥ ନିର୍ବାଚନ ପରିଚାଳନା କରିଥିଲେ। ବରିଷ୍ଠ ସଭ୍ୟ ରବିନାରାୟଣ ବେହେରା ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ରେ ଚାଷୀ ସଂଗଠନର ମହାବନ୍ଦ ଡାକରା

**କୁଚିଣ୍ଡା, ୧୧ (ଡି.ଏନ.ଏ)**

କୁଚିଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ଉପଖଣ୍ଡ ପ୍ରଶାସନ ଓ ଚାଷୀ ସଂଗଠନ ମଧ୍ୟରେ ଶସ୍ୟବୀମାକୁ ନେଇ ଆଲୋଚନା ବିଫଳ ହୋଇଛି। ଜାନୁୟାରୀ ୪ ତାରିଖରେ ଚାଷୀ ସଂଗଠନ ପକ୍ଷରୁ କୁଚିଣ୍ଡା ମହାବନ୍ଦ ଡାକରା ଦିଆଯାଇଛି। ଏଣୁ ଏହା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ ଏବଂ ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ର ଏହି ମହାବନ୍ଦ ଡାକରାରୁ ନିବୃତ୍ତ ରହିବାକୁ ଚାଷୀ ସଙ୍ଗଠନକୁ ନିବେଦନ କରିଥିଲେ। ହେଲେ ବୀମା କମ୍ପାନୀର ଅନୁପସ୍ଥିତି ନେଇ ଚାଷୀ ସଂଗଠନ ସନ୍ଦେହ କରି ଏହି ଆଲୋଚନାରୁ ଉଠି ଚାଲି ଯାଇଥିଲା। ଜାନୁୟାରୀ ୪ ତାରିଖରେ ମହାବନ୍ଦକୁ ତୀବ୍ର କରିବା ସହ ରାସ୍ତାଘାଟ, ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବୀମା ସଂସ୍ଥା ସହ ଦୋକାନ ବଜାର, ଯାନବାହନ ବନ୍ଦ ରହିବ ବୋଲି ସଙ୍ଗଠନ ନିଷ୍ପତ୍ତି ନେଇଛି। ଏକ ଖବରଦାତା ସମ୍ମିଳନୀରେ ଚାଷୀ ନେତା କୁଶଧ୍ୱଜ ଚୌଧୁରୀ, ଯୋଗବିହାରୀ ପରିଡା, ଚୂଡାମଣି ପଟେଲ, ମହେନ୍ଦ୍ର ବାଘଙ୍କ ସହ ବହୁ ଚାଷୀନେତା ଏହା ପ୍ରକାଶ କରିଛନ୍ତି। ଯଦି ସରକାର ଏଥିରେ କର୍ଣ୍ଣପାତ ନ କରନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଚାଲୁ ରହିବ ବୋଲି ଚାଷୀନେତାମାନେ ରୋକ୍‌ଠୋକ୍ ପ୍ରକାଶ କରିଛନ୍ତି। ଏହି ମହାବନ୍ଦକୁ ସମର୍ଥନ କରିବାକୁ ସମସ୍ତ ରାଜନୈତିକ ଦଳ, ବିଭିନ୍ନ ସଂଗଠନକୁ ନିବେଦନ କରାଯାଇଛି। ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଜୟନ୍ତ ପ୍ରଧାନଙ୍କ ସମେତ ବାମରା, ଜମନକିରା, କୁଚିଣ୍ଡା ବ୍ଲକ ଓ କୁଚିଣ୍ଡା ଏନଏସିର ଶତାଧିକ ଚାଷୀନେତା, ଚାଷୀ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ବାମରା, ଜମନକିରା, କୁଚିଣ୍ଡା ବ୍ଲକର ବିଡିଓମାନେ ଉପସ୍ଥିତ ଥିଲେ। ସହକାରୀ ଜିଲାପାଳ, କୁଚିଣ୍ଡା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୨୪ରୁ ସମ୍ବଲପୁର ପୁସ୍ତକମେଳା

**ସମ୍ବଲପୁର, ୧୧ (ବ୍ୟୁରୋ)**

ସମ୍ବଲପୁର ପୁସ୍ତକମେଳା ୨୪ ତାରିଖରୁ ଅଇଁଠାପାଲି ପିଏଚଡି ପଡିଆରେ ୧୦ଦିନ ପର୍ଯ୍ୟନ୍ତ ଚାଲିବ। ଆୟୋଜକ 'ସେତୁ' ସଭାପତି କେଦାରନାଥ ବେହେରା ପ୍ରସ୍ତୁତି ବୈଠକରେ ଏହି ସୂଚନା ଦେଇଛନ୍ତି। ପ୍ରତ୍ୟେକ ଦିନ ସାଂପ୍ରତିକ ବିଷୟ ଉପରେ ଆଲୋଚନାଚକ୍ର ହେବ। ୧୯୯୯ରେ ମାତ୍ର ୨୮ଟି ପ୍ରକାଶନ ସଂସ୍ଥା ଓ ବିକ୍ରେତା ଏବଂ ୪୩ଟି ଷ୍ଟଲକୁ ନେଇ ଏହି ମେଳା ଆରମ୍ଭ ହୋଇଥିଲା ବୋଲି ସମ୍ପାଦକ ଡ. ସନ୍ତୋଷ କୁମାର ଦାଶ କହିଛନ୍ତି। ପୁସ୍ତକମେଳା ସମୟରେ ସେତୁ ପକ୍ଷରୁ ବହୁମୁଖୀ ପ୍ରତିଭାଙ୍କୁ ସେତୁ ସମ୍ମାନ, ଆଦର୍ଶ ଶିକ୍ଷକଙ୍କୁ ଶିକ୍ଷାବିତ ବାଳକୃଷ୍ଣ କର ସ୍ମୃତି ସମ୍ମାନ, କର୍ମଯୋଗୀ ମହିଳା ସମ୍ମାନ ଓ ମ୍ୟାଟ୍ରିକ ପରୀକ୍ଷାରେ ସମ୍ବଲପୁର ଜିଲାରେ ସର୍ବୋଚ୍ଚ ମାର୍କ ରଖିଥିବା ପରୀକ୍ଷାର୍ଥୀଙ୍କୁ କ୍ଷୀରୋଦ ମିଶ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯିବ। ସେହିପରି ଚଳିତ ବର୍ଷଠାରୁ ଅବିଭକ୍ତ ସମ୍ବଲପୁର ଜିଲାରେ ସର୍ବୋଚ୍ଚ ମାର୍କ ରଖିଥିବା ପରୀକ୍ଷାର୍ଥୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି ପୁରସ୍କାର ପ୍ରଦାନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମ ପାଇଁ ଜିଲା ସଂସ୍କୃତି ପରିଷଦ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତା କରିବ ବୋଲିସେତୁଅନୁଷ୍ଠାନର କର୍ମକର୍ତ୍ତା କହିଛନ୍ତି।



ଚିପିଲିମାରୁ ଘଣ୍ଟେଶ୍ୱରୀ ପୀଠକୁ ସଂଯୋଗ କରୁଥିବା ଦୁଇଟି ଅଣଓସାରିଆ ଲୁହା ପୋଲ ମଧ୍ୟରୁ ପାହାଡ ପାର୍ଶ୍ୱର ପୋଲଟି ହୁଡହୁଡ ବାତ୍ୟା ସମୟରେ ଭାଙ୍ଗି ଯାଇଛି। ବର୍ତ୍ତମାନ ଗୋଟିଏ ପୋଲ ଦେଇ ପର୍ଯ୍ୟଟକ ବିପଦ ସଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି।

# ବିପଦପୂର୍ଣ୍ଣ ଅଣଓସାରିଆ ଲୁହାପୋଲ

**ଚିପିଲିମା, ୧୧ (ଡି.ଏନ.ଏ.)**

ଚିପିଲିମାରୁ ଘଣ୍ଟେଶ୍ୱରୀ ପୀଠକୁ ସଂଯୋଗ କରୁଥିବା ଅଣଓସାରିଆ ଦୁଇଟି ଲୁହାପୋଲ ମଧ୍ୟରୁ ପାହାଡ ପାର୍ଶ୍ୱର ପୋଲଟି ହୁଡହୁଡ ବାତ୍ୟା ସମୟରେ ଭାଙ୍ଗିଯାଇଛି। ଏଣୁ ବର୍ତ୍ତମାନ ଗୋଟିଏ ପୋଲ ଦେଇ ପର୍ଯ୍ୟଟକ ବିପଦସଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ଏହି ପୋଲଟି ଚିପିଲିମା ଜଳ ବିଦ୍ୟୁତ ପ୍ରକଳ୍ପ (ସିଏଚଇପି) ଅଧୀନରେ ଆସୁଛି। ହେଲେ ଦୀର୍ଘବର୍ଷ ହେଲା ଏହାର ମରାମତି ପ୍ରତି ସିଏଚଇପି ଧ୍ୟାନ ଦେଉନି। ଏ ନେଇ ଗତ ବିଶ୍ୱକର୍ମା ପୂଜାଦିନ ଏମ୍‌ପି ନୀତିଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ନାଉରି ନାଏକଙ୍କୁ ସ୍ଥାନୀୟ ବୃଦ୍ଧିଜୀବୀ ଦୃଷ୍ଟି ଆକର୍ଷଣ କରିଥିଲେ। ଅବିଳମ୍ବେ ପୋଲ ମରାମତି ସକାଶେ ସିଏଚଇପି କର୍ତ୍ତୃପକ୍ଷଙ୍କୁ ଏମ୍‌ପି ଓ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଦ୍ୟାବଧି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନାହାନ୍ତି।

## ଫଟୋରେ ଖବର



ବୁଧବାର ସମ୍ବଲପୁର ସାକ୍ଷୀପଡା ରାଧାମୋହନ ଗୋପାଳ ଠାକୁରଙ୍କୁ ନୂତନବର୍ଷରେ ଫୁଲରେ ବେଶ କରାଯାଇଛି ।

# ସବୁଜ ସମ୍ବଲପୁର ପାଇଁ ପ୍ରୟାସ

**ସମ୍ବଲପୁର,୧୧(ବ୍ୟୁରୋ)**

ସମ୍ବଲପୁର ସହରକୁ ସବୁଜ ସୁନ୍ଦର କରିବା ପାଇଁ ଆଉ ଏକ ଅଭିନବ ପ୍ରୟାସ କରାଯାଇଛି। ବନ ବିଭାଗ, ମହାନଗର ନିଗମ, ସାମାଜିକ ଅନୁଷ୍ଠାନ ଜଲାନ ଫାଉଣ୍ଡେସନ ଏହାର ଦାୟିତ୍ୱ ନେଇଛି। ବୁଧବାର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ 'ପ୍ଲାଣ୍ଟେସନ ଫର ହୁଇଲ' ଉଦ୍‌ଘାଟନ କରାଯାଇଛି। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଡିଏଫଓ ଡ. ସଞ୍ଜୀତ କୁମାର, ଆଶୋକ ଜଲାନ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ଏହିଗାଡି ସହରର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିବାକୁ ସହଯୋଗ କରିବ। ଚାରା, ଖତ, ନେଇ ଚାରା ରୋପଣ ସ୍ଥାନରେ ପହଞ୍ଚିବ। ସାଥିରେ ୩ଜଣ ସ୍ୱେଚ୍ଛାସେବୀ ଯୁବକ ରହି ଚାରାରୋପଣରେ ସହଯୋଗ କରିବେ। ସ୍କୁଲ, କଲେଜ, ବିଭିନ୍ନ ଅନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ପ୍ରଥମେ ଆଗ୍ରାଧିକାର ଦିଆଯିବ। ଜିଲା ସଦର ଡାକ୍ତରଖାନାରେ ନବଜାତକ କିମ୍ବା କୌଣସି ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କ ଜନ୍ମଦିନ ଥିଲେ ସେମାନେ ତାଙ୍କ ନାମରେ ଚାରା ରୋପଣ କରିବାକୁ ଆହ୍ୱାନ କରାଯାଇଛି। ମହାନଗର ନିଗମ ଓ ବନ ବିଭାଗକୁ ଫୋନ୍ କରି କେତେ ଗଛ ଲଗାଇବେ ସେ ନେଇ ଜଣାଇବାକୁ ପଡିବ। ଏହାପରେ ଚାରା ଯୋଗାଇ ଦିଆଯିବ। ଏହାସହ ଗଛ ଲଗାଇବା ପାଇଁ ଯାହା ସବୁ ଦରକାର ସେସବୁ ଯୋଗାଇ ଦିଆଯିବ। ଯଦି କୌଣସି ଲୋକ ଚାରା ରୋପଣ କରିବାକୁ ଚାହିଁବ କିନ୍ତୁ ତାଙ୍କ ପାଖରେ ଜମି ନ ଥିବା ତାହା ହେଲେ ବନ ବିଭାଗ ଓ ମହାନଗର ନିଗମ ପକ୍ଷରୁ ଜମି ଯୋଗାଇ ଦିଆଯବ। ଚାରା ରୋପଣ ପରେ କେବଳ ସେମାନେ ଗଛର ଯତ୍ନ ନେବେ ବୋଲି ଡିଏଫଓ କହିଛନ୍ତି। ସେହିଭଳି ଜିଲା ପ୍ରଶାସନ ସହ ଯୋଗାଯୋଗ କରାଯାଇଛି। ଡାକ୍ତରଖାନାରେ ନବଜାତକ ଓ ମହାହନଗର ନିଗମ ଅଫିସରେ ବିବାହ ପଞ୍ଜୀକରଣ ସାର୍ଟିଫିକେଟ ଦେବା ସମୟରେ ଗୋଟିଏ ଗଛ ଲଗାଇବାକୁ ବାଧ୍ୟତାମୂଳକ କରାଯିବକୁ ନିୟମ କରାଯିବ। ଏ ବର୍ଷ ୧ ଲକ୍ଷ ଚାରା ରୋପଣ କରାଯିବ। ପ୍ରତ୍ୟକ ଗଛର ନମ୍ବର କରାଯିବ। ଯେଉଁ ବ୍ୟକ୍ତି ଚାରା ରୋପଣ କରିବେ ତାଙ୍କ ନାମରେ ରହିବ। ସେମାନେ ଗଛର ଯତ୍ନ ନେବେ। ଯଦି ଗଛ ମରିଯିବ ତାହା ହେଲେ ପୁଣି ସେହି ସ୍ଥାନରେ ଚାରା ରୋପଣ କରାଯିବ। ସବୁ ସୁବିଧା ମାଗଣାରେ କରାଯିବ ବୋଲି ଡିଏଫଓ କହିଛନ୍ତି।




ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ପ୍ଲାଣ୍ଟେସନ ଫର ହୁଇଲର ଉଦ୍‌ଘାଟନ କରାଯାଉଛି।

# ମନେପଡ଼େ ପିଲାଦିନ


କରୀନା

ବଲିଉଡ୍‌ର ଅନ୍ୟତମ ଆଗଧାଡ଼ି ନାୟିକା ଭାବରେ କରୀନା କପୁର ବେଶ୍ ପରିଚିତ। ତାଙ୍କର ପିଲାଦିନ କିପରି କଟିଥିଲା ଏ ସମ୍ପର୍କରେ ନିକଟରେ ଏକ କାର୍ଯ୍ୟକ୍ରମରେ ସେ ସୂଚନା ଦେଇଥିଲେ। ସେ କହିଥିଲେ, ‘‘ସମସ୍ତେ ଭାବନ୍ତି ଆମେ କପୁର ପରିବାରରୁ ଆସିଛୁ। ପିଲାଦିନ ଆମର ବେଶ୍ ସ୍ମରଣୀୟ ହୋଇଥିବ। କିନ୍ତୁ ସେହି ସମୟ କିପରି କଟିଥିଲା ତାହା ଏବେ ମନେପଡ଼ିଲେ ଆଖିକୁ ଲୁହ ଚାଲିଆସେ। ମୋ ବଡ଼ ଭଉଣୀ ଲୋଲୋ (କରିସ୍ମା) କଲେଜରେ ପଢ଼ିବା ସମୟରେ ଲୋକାଲ ଟ୍ରେନ୍‌ରେ ଯିବାଆସିବା କରୁଥିଲା। ଆମ ପାଖରେ କାର୍ ଥିଲା ସତ, ହେଲେ ଜଣେ ଡ୍ରାଇଭର ରଖିବା ସେତେବେଳେ ଆମ ପକ୍ଷେ ସମ୍ଭବ ନ ଥିଲା। ମୁଁ ମଧ୍ୟ ସ୍କୁଲରେ ପଢ଼ିବା ବେଳେ ସ୍କୁଲ ବସ୍‌ରେ ଯିବାଆସିବା କରୁଥିଲି। ତା’ପରେ ସମୟ ଆଣି ଆମକୁ କେଉଁଠି ପହଞ୍ଚାଇଛି ତାହା ସମସ୍ତେ ଜାଣନ୍ତି।’’ ସୂଚନାଯୋଗ୍ୟ, କରୀନା-ଅକ୍ଷୟ କୁମାର ଅଭିନୀତ ‘ଗୁଡ୍ ନ୍ୟୁଜ୍’ ନିକଟରେ ରିଲିଜ ହୋଇ ଭଲ ବିଜ୍‌ନେସ କରୁଛି।

## ନୂଆ ସିନେମା

### ଅଫିସର



ଏକ ରାଜ୍ୟରେ ପାଞ୍ଚଜଣ ଅଫିସରଙ୍କ ଭିତରେ ଥାଏ ଅତୁଟ ବନ୍ଧୁତା। ସତେଯେମିତି ସେମାନେ ଗୋଟିଏ ରଜ୍ଜୁରେ ବନ୍ଧା। କାହାର ଅସୁବିଧା ପଡ଼ିଲେ ଏକାଠି ହୋଇ ସାହାଯ୍ୟର ହାତ ବଢ଼ାଇ ଦିଅନ୍ତି। ହେଲେ ହଠାତ୍ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଜୀବନ ଆକାଶରେ କଳା ବାଦଲ ମାଡ଼ିଆସେ। ସେତେବେଳେ ସେମାନଙ୍କ ବନ୍ଧୁତା ଏହାଦ୍ୱାରା ପ୍ରଭାବିତ ହୁଏ କି ? ଏହା ପରେ ରାଜ୍ୟ ଚଳାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ପାଞ୍ଚଜଣ ଅଫିସର ନିଜ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇ ପାରନ୍ତି ତ ? ଏସବୁ ପ୍ରଶ୍ନର ଉତ୍ତରକୁ ଆଧାର କରି ପ୍ରସ୍ତୁତ ହୋଇଛି ଏକ ଭିନ୍ନ ଧରଣର କାହାଣୀ, ଯାହାକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା ‘ଅଫିସର’। ଅନୀତା ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ପ୍ରଭାକର ମହାନ୍ତି। ଡ. ନିର୍ମଳ ନାୟକ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯଜ୍ଞ ଦାଶ। ଫିଲ୍ମର ମେଲ୍ ଲିଡ୍‌ରେ ନବୀନ, ରୁଦ୍ର ପାଣିଗ୍ରାହୀ, ଦୁଷ୍ମନ୍ତ, ଜଗା, ପ୍ରିନ୍ସ, ରାମ, ନାଗଜ ନିରଞ୍ଜନ, ଜିନା, ସୁନୟନା, ସୋନୁ, ଦେବୀ ବାରିକ, ଦେବୁ ବ୍ରହ୍ମା, ଥିନ୍, ପ୍ରିୟ ମିଶ୍ର, ପ୍ରିୟଙ୍କା, ରତନ ମେହେର, ମିଟୁ ମିଥୁନ୍ ପ୍ରମୁଖ କଳାକାର ଅଭିନୟ କରିବେ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବେ ନାରାୟଣ ଘଡ଼େଇ।

### ମୁଁ ପରଦେଶୀ ଚଢ଼େଇ


ଅର୍ଦ୍ଧେନ୍ଦୁ

ଥରେ ମନେପକାନ୍ତୁ ନା ରବି କିନ୍ନାଗୀଙ୍କ ନିର୍ଦ୍ଦେଶିତ ତଥା ଶ୍ରୀରାମ ପଣ୍ଡା-ରାମେଶ୍ୱରୀ ଅଭିନୀତ ସେହି ସୁପରହିଟ୍ ଓଡ଼ିଆ ସିନେମା ‘ମାନିନୀ’କୁ। ରାଧାକୃଷ୍ଣ ଭଞ୍ଜଙ୍କ ସ୍ୱର ସଂଯୋଜନାରେ ଏହାର ସମସ୍ତ ଗୀତ ଦର୍ଶକଙ୍କୁ ପ୍ରଭାବିତ କରିଥିଲା। ତନ୍ମଧ୍ୟରୁ ଗୋଟିଏ ଥିଲା ‘ମୁଁ ପରଦେଶୀ ଚଢ଼େଇ, ଗାଇବାର ସ୍ୱପ୍ନ ନେଇ ଗାଇଯାଏ କାହା ପାଇଁ, ଜାଣେନା, ଜାଣେନା ଜାଣେନା।’ ହଁ, ନିକଟରେ ପ୍ରସ୍ତୁତ ହୋଇଛି ଏକ ନୂଆ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି ‘ମୁଁ ପରଦେଶୀ ଚଢ଼େଇ’। ମା’ ସିଂହାସନୀ ଫିଲ୍ମସ ବ୍ୟାନରରେ ଏବଂ ଏକ୍‌ଜିକ୍ୟୁଟିଭ ପ୍ରଯୋଜକ ଅଶ୍ୱିନୀ ତ୍ରିପାଠୀଙ୍କ ପ୍ରଯୋଜନାରେ ଫିଲ୍ମଟି ଚଳିତ ମାସ ୧୦ରେ ପରଦା ଉପରକୁ ଆସିବାର ଯୋଜନା ରହିଛି। ଖାସ୍ କଥା ହେଲା ଏଥିରେ ନାୟକ ଅର୍ଦ୍ଧେନ୍ଦୁ ସାହୁଙ୍କୁ ଏକ ନୂଆ ହେୟାର ଷ୍ଟାଇଲରେ ଦେଖିବାକୁ ମିଳିବ। ଉକ୍ତ ଚିତ୍ରରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅନୁଭା। ଏହାର ବିଭିନ୍ନ ଭୂମିକାରେ ମିହିର ଦାସ, ହର ରଥ, ଇଲୁ ବାନାର୍ଜୀ, ଜୀବନ ପଣ୍ଡା, ପୁଷ୍ପା ପଣ୍ଡା ଅଭିନୟ କରିଛନ୍ତି। କେ. ମୁରଲୀକ୍ରିଷ୍ଣା ନିର୍ଦ୍ଦେଶନା ଦେଇଛନ୍ତି ଏବଂ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆସାଦ ନିଜାମ୍।

## ସ୍ୱପ୍ନ ସତ ହେଲା


ପ୍ରଦୀପ ବିଶ୍ୱାଳ

ନାଟ୍ୟକାର, ନିର୍ଦ୍ଦେଶକ ତଥା ଅଭିନେତା ପ୍ରଦୀପ ବିଶ୍ୱାଳ। ହିନ୍ଦୁ-ମୁସ୍‌ଲିମ ଭାଇଚାରାକୁ ନେଇ ନିଜେ ରଚନା କରିଥିବା ଏବଂ ନିର୍ଦ୍ଦେଶନା ଦେଇଥିବା ତଥା ଅନ୍ୟତମ ଅଗ୍ରଣୀ ଥିଏଟର ନାଟ୍ୟାନୁଷ୍ଠାନ ‘ଶ୍ୱେତପଦ୍ମ’ ଦ୍ୱାରା ପରିବେଷିତ ମଞ୍ଚ ନାଟକ ‘ଜୀନତ’ର ସଫଳତା ତାଙ୍କ ପାଇଁ ଆଉ ଏକ ସ୍ମରଣୀୟ ଘଟଣା। କେବଳ ଏହି ନାଟକ ନୁହେଁ, ନିଜ ରଚିତ ଏବଂ ନିର୍ଦ୍ଦେଶିତ ‘ଅର୍ଦ୍ଧସତ୍ୟ’ ମଧ୍ୟ ଥିଏଟରପ୍ରେମୀଙ୍କୁ ଦେଇଛି ଏକ ଭିନ୍ନ ଧରଣର ମନୋରଞ୍ଜନ। ପ୍ରଦୀପଙ୍କର ୩୫ ବର୍ଷର ମଞ୍ଚ ନାଟକ କ୍ୟାରିୟର ଭିତରେ ସେ ୮୦ଟି ନାଟକରେ ଅଭିନୟ କରିସାରିଲେଣି। ଖାସ୍ କଥା ହେଲା, ତାଙ୍କ ରଚିତ ପ୍ରତିଟି ନାଟକରେ ଖଳନାୟକ ଚରିତ୍ରକୁ ସେ ଆଦୌ ସ୍ଥାନ ଦେଇ ନ ଥାଆନ୍ତି। ଏ ସମ୍ପର୍କରେ ପ୍ରଦୀପ କହନ୍ତି, ‘‘ମୋର ଦୁଇଟି ନାଟକ-‘ଜୀନତ ଏବଂ ଅର୍ଦ୍ଧସତ୍ୟ’ର ସଫଳତାର ଶ୍ରେୟ ମୁଁ ଦର୍ଶକଙ୍କୁ ଦେବି। ଏଥିରେ ଅଭିନୟ କରିଥିବା କଳାକାର ଯେଉଁ ପରିଶ୍ରମ କରିଛନ୍ତି, ତାହାର ଫଳ ମିଳିଛି ଏବଂ ମୋର ସ୍ୱପ୍ନ ସାର୍ଥକ ହୋଇଛି। ନାଟକ ଦ୍ୱୟ ଏବେ ରାଉରକେଲାରେ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ଥିଏଟର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଶଂସିତ ହୋଇଛି। ନାଟକଟିଏ ଲେଖିବା ସମୟରେ ମୁଁ ସବୁବେଳେ ଆମ ସମାଜରେ ଘଟୁଥିବା ସାମ୍ପ୍ରତିକ ଘଟଣାବଳୀକୁ ସ୍ଥାନ ଦେଇଥାଏ। ଏଥିରେ ସମାଜ ପାଇଁ ଅନେକ ଭଲ ସନ୍ଦେଶ ରହିଥାଏ। ମଞ୍ଚ ନାଟକକୁ ନୂଆ ରୂପ ଦେବାକୁ ମୁଁ ଚେଷ୍ଟା ଜାରି ରଖିଛି। ମୋ ପ୍ରତି ଥିବା ଦର୍ଶକଙ୍କ ଭଲପାଇବା ପାଇଁ ସେମାନଙ୍କ ନିକଟରେ ମୁଁ ଚିର ଋଣୀ।’’

## ଭିନ୍ନ ଧରଣର ସିନେମା ନିର୍ମାଣକୁ ଗୁରୁତ୍ୱ ଦିଏ

**ଚର୍ଚ୍ଚିତ ଓଡ଼ିଆ ସିନେମା ‘ପାଟଣାଗଡ଼’ର ପ୍ରଯୋଜକ ନିକଟରେ ଅନ୍ତର୍ଜାତୀୟ ସିନେମା ଉତ୍ସବରେ ଶ୍ରେଷ୍ଠ ପ୍ରଯୋଜକ ଭାବରେ ସମ୍ମାନିତ ହୋଇଛନ୍ତି। ଓଡ଼ିଆ ସିନେମା ଆଉ ଭବିଷ୍ୟତ ଯୋଜନା ସମ୍ପର୍କରେ ଓଲିଉଡ୍‌ର ଆଗଧାଡ଼ିର ପ୍ରଯୋଜକ ଶ୍ରୀଧର ମାର୍ଥା ଯାହା କହନ୍ତି...**


୧୦ଟି କଥା
ଶ୍ରୀଧର ମାର୍ଥା

**ପ୍ର. ଚାରୋଟି ଫିଲ୍ମ ପ୍ରଯୋଜନା ପରେ ଓଡ଼ିଆ ସିନେମା ଭବିଷ୍ୟତକୁ ନେଇ କ’ଣ କହିବେ?**

**ଉ:** ଏଇଠି ଭାଗ୍ୟ, ଏଇଠି ଭବିଷ୍ୟତ। ଯଦି ଓଡ଼ିଆ ସିନେମାଟିଏ ଠିକ୍ ଭାବରେ ନିର୍ମାଣ କରାଯାଏ, ତେବେ ତାହାକୁ ଦେଖିବାକୁ ଦର୍ଶକ ନିଶ୍ଚୟ ଆଗ୍ରହ ପ୍ରକାଶ କରିବେ। ଏବେ ଯେମିତି ଭାବରେ ଆମ ଓଡ଼ିଆ ଇଣ୍ଡଷ୍ଟ୍ରି ଚାଲିଛି, ଏପରି ସ୍ଥିତିରେ ଇଣ୍ଡଷ୍ଟ୍ରି ଆଗକୁ ଯିବା ଅସମ୍ଭବ।

**ପ୍ର. ଓଡ଼ିଆ ସିନେମା ପ୍ରତି ଦର୍ଶକଙ୍କ ମନୋଭାବ କ’ଣ ରହିଛି ବୋଲି ଆପଣ ଭାବୁଛନ୍ତି?**

ଉ: ଗତ କିଛି ବର୍ଷ ହେଲା ଆମ ଓଡ଼ିଆ ସିନେମାରେ କପି ପେଷ୍ଟ ଯୁଗ ଚାଲିଛି। ତେଣୁ ଏପରି ଉତରା ସିନେମା ଦେଖିବାକୁ ଦର୍ଶକ ଆଗ୍ରହ ପ୍ରକାଶ କରୁନାହାନ୍ତି। ସିନେମା ହଲ୍‌ର ପୁନରୁଦ୍ଧାର ଦରକାର। ଏହା ସହ ଜାତୀୟ ସ୍ତରରେ ପ୍ରଭାବିତ କରିବା ଭଳି ସିନେମା ନିର୍ମାଣ କରିବାକୁ ଯୋଜନାବଦ୍ଧ ପ୍ରସ୍ତୁତିର ଆବଶ୍ୟକତା ରହିଛି।

**ପ୍ର. ‘ପାଟଣାଗଡ଼’ ସିନେମା ସମ୍ପର୍କରେ କ’ଣ କହିବେ?**

**ଉ:** ‘କଥା ଦେଲି ମଥା ଛୁଇଁ’ ଏବଂ ‘ଯୋଗୀ’ ନିର୍ମାଣ କରିଥିଲି। ଅନେକ ଆଶା ଥିଲା। କିନ୍ତୁ ଦର୍ଶକ ଫିଲ୍ମ ଦୁଇଟିକୁ ଗ୍ରହଣ କଲେ ନାହିଁ। ସେ ସମୟର ଦୋଷତ୍ରୁଟିକୁ ଭଲ ଭାବରେ ତର୍ଜମା କରିବା ପରେ ‘ପାଟଣାଗଡ଼’ ସିନେମା ନିର୍ମାଣ କରିବାକୁ ଚିନ୍ତା କଲି। ଏହି ସମୟରେ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇଛି। ଏପରି କି ସେସନ କୋର୍ଟରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ କଥା ଯାଇଛି। ମୋଟ ଉପରେ କହିବାକୁ ଗଲେ ଏହି ଫିଲ୍ମଟି ଏକ ସ୍ମରଣୀୟ ଫିଲ୍ମ ହେଉ ବୋଲି ଆଶା ରଖିଛି। ନିକଟରେ ଏକ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଏହି ଫିଲ୍ମକୁ ଶ୍ରେଷ୍ଠ ପ୍ରଯୋଜକ ଏବଂ ଶ୍ରେଷ୍ଠ ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ ପୁରସ୍କାର ମିଳିଛି।

**ପ୍ର.** ଏବେ ଶ୍ରୀଧର ବଲିଉଡ୍‌ମୁହାଁ ହୋଇଛନ୍ତି। କାରଣ କ’ଣ ?

**ଉ:** ପ୍ଲିଜ୍, ୱେଟ୍ ଆଣ୍ଡ ସି...।

**ପ୍ର.** ନୂଆ ପ୍ରଯୋଜକଙ୍କୁ କ’ଣ ବାର୍ତ୍ତା ଦେବେ ?

**ଉ:** ନୂଆ ପ୍ରଯୋଜକ ପ୍ରଥମେ ଅଭିଜ୍ଞତା ହାସଲ କରନ୍ତୁ। ତା’ପରେ ସିନେମା ନିର୍ମାଣ କରିବେ। ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିକୁ ଆଗେଇ ନେବାକୁ ଏପରି ପ୍ଲାନିଂ କରନ୍ତୁ ଯେ ଆପଣଙ୍କର ସିନେମାକୁ ସମସ୍ତେ ମନେରଖିବେ।

**ପ୍ର.** ସମାଜକୁ ନୂଆ ବାର୍ତ୍ତା ଦେବାକୁ ଶ୍ରୀଧର ଭିନ୍ନ ଭିନ୍ନ ଅବତାରରେ ଆସିଥାଆନ୍ତି। ଏଭଳି ଚିନ୍ତାଧାରା ମନରେ କେବେ ଓ କାହିଁକି ଆସିଲା ?

**ଉ :** ଏପରି ଗେଟ୍‌ଅପ୍‌ରେ ମୁଁ ସବୁବେଳେ ସମାଜକୁ ନୂଆ ବାର୍ତ୍ତା ଦେବାକୁ ଚେଷ୍ଟା କରେ। ତେଣୁ ଏପରି ଚେଷ୍ଟା ଜାରି ରହିବ।

**ପ୍ର.** ଓଡ଼ିଆ ସିନେମା ନିର୍ମାଣଶୈଳୀରେ ପରିବର୍ତ୍ତନ ଆବଶ୍ୟକ ବୋଲି ଆପଣ ଭାବୁଛନ୍ତି ?

**ଉ :** ଅନେକ କଥା ଉପରେ ଗୁରୁତ୍ୱ ଦେବାର ଅଛି। ସେସବୁକୁ ପାଥେୟ କରି ମୁଁ ‘ପାଟଣାଗଡ଼’ ନିର୍ମାଣ କରିଛି।

**ପ୍ର.** ପୂର୍ବ ଅଭିଜ୍ଞାତାକୁ ପାଥେୟ କରି କେବେ ନିର୍ଦ୍ଦେଶନା ବିଷୟରେ ଚିନ୍ତା କରିଛନ୍ତି ?

**ଉ :** ଏହାର ଉତ୍ତର ଆଗାମୀ ସମୟ ହିଁ କହିବ।

ପ୍ର. ପ୍ରଯୋଜକ ଭାବରେ ମନରେ ଆଉ କ’ଣ ଅବସୋସ ରହିଛି ?

**ଉ :** ମୁଁ ବହୁତ ଆମ୍ବିସିୟସ୍। ଭିନ୍ନ ଧରଣର ସିନେମାଟିଏ ନିର୍ମାଣ କରିବାକୁ ଚାହୁଁଛି। ଦେଖାଯାଉ, ସମୟ ଆଉ ପରିସ୍ଥିତି ମୋତେ କେତେ ସାହାଯ୍ୟ କରୁଛି।

**ପ୍ର.** ସିନେମାକୁ ବାଦ୍ ଦେଇ ଆଉ କ’ଣ ଅଭିନବ ଚିନ୍ତାଧାରା ମନରେ ରହିଛି ?

**ଉ:** ଓଡ଼ିଆ ସିନେମାରେ ତ ଅଭିନୟ କରିଆସୁଛି। ଆଗକୁ ଭଲ ଭଲ ସିନେମା ନିର୍ମାଣ କରିବା ସହ ଅଭିନୟ ଜାରି ରଖିବାକୁ ଆଶା ରଖିଛି।

## ବାବାଜି ଅବତାର


ବିଜୁ ବଡ଼ଜେନା

ବିଜୁ ବଡ଼ଜେନା ଖଳନାୟକ ଭାବରେ ଅନେକ ଥର ବଡ଼ ପରଦାରେ ମୁହଁ ଦେଖାଇ ସାରିଛନ୍ତି। ଗତ ବର୍ଷ ରିଲିଜ୍ ହୋଇଥିବା ‘ମାଲ୍ ମହୁ ଜୀବନ ମାଟି’ରେ ସେ କମେଡି ଖଳନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଏବେ ବାବାଜି ଅବତାରରେ ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି। ଫିଲ୍ମଟି ହେଲା ‘ହୀରୋ ନଂ. ଜିରୋ’। ଏଥିରେ ନିଜ ଭୂମିକା ସମ୍ପର୍କରେ ବିଜୁ କହନ୍ତି, ‘‘ଏଥିରେ ମୋ ଭୂମିକା ବାବାଜି। ଗେରୁଆ ବସ୍ତ୍ର ପିନ୍ଧିଛି। ହେଲେ ଖଳନାୟକୀକୁ ଉସ୍‌କାଇବାରେ ଓସ୍ତାଦ। ମୋ ଇସାରା ଆଉ କଥାରେ ଜଣେ ଆଣ୍ଟିସୋସିଆଲ କାମରେ ବ୍ୟସ୍ତ। ମୋତେ ସେ ଲଭ୍ ଗୁରୁ ଭାବରେ ମାନିନେଇଛି। ଏହି ଭୂମିକାରେ କମେଡି ମଧ୍ୟ ରହିଛି।’’ ନିର୍ମାଣାଧୀନ ‘ହୀରୋ ନଂ. ଜିରୋ’ର ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା। ଲିଡ୍ ରୋଲ୍‌ରେ ଅଛନ୍ତି ଜ୍ୟୋତି ଏବଂ ନବାଗତା ଖୁସି। ସଂଗ୍ରାମ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ‘ମହାସଂଗ୍ରାମ’ରୁ ଆରମ୍ଭ ହୋଇଥିଲା ତାଙ୍କର ବଡ଼ ପରଦା କ୍ୟାରିୟର। ‘ପ୍ରେମ ପାଇଁ ମହାଭାରତ’ରେ ଶକୁନି ଚରିତ୍ର ତାଙ୍କୁ ନିକଟରେ ବେଶ୍ ମାଇଲେଜ୍ ଦେଇଥିଲା। ଏହାବ୍ୟତୀତ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ ‘ଆସିବି ଫେରି ମୁଁ ବସୁଧା ଚିରି’ରେ ତାଙ୍କୁ ମିଳିଛି ମନଲାଖି ଭୂମିକା। ତେବେ ବିଜୁଙ୍କ ବାବାଜି ଅବତାର ଦର୍ଶକଙ୍କୁ କେତେ ଏଣ୍ଟରଟେନ୍ କରୁଛି ତାହା ଦେଖିବାକୁ ବାକି ରହିଲା।

## କ’ଣ କରୁଛନ୍ତି ପରିଣୀତି



ପରିଣୀତି ଚୋପ୍ରା ଏବେ କ’ଣ କରୁଛନ୍ତି ? ଯେହେତୁ ଶୁଟିଂ ନାହିଁ ସେ ନିଶ୍ଚୟ ପରିବାର ସହ ସମୟ କଟାଉଥିବେ। ହେଲେ ଏହି ବ୍ରେକ୍ ସମୟରେ ସେ ଫରେନ୍ ଟୁରରେ ଅଛନ୍ତି। ଅର୍ଥାତ୍, ବର୍ତ୍ତମାନ ପରିଣୀତି ଅଷ୍ଟ୍ରିଆରେ ଡେରା ପକାଇଛନ୍ତି। ସେଠାକାର ଟୁରିଷ୍ଟ ସ୍ପଟ୍ ବୁଲି ତାହାର ମଜା ନେଉଛନ୍ତି। ନିକଟରେ ସେ ଫରେନ ଟୁର୍‌ର କିଛି ଫଟୋ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି, ଯାହା ବେଶ୍ ଭାଇରାଲ ହୋଇଛି।

## ଲିଭ୍ ଲାଇଫ ଲଭ୍ ଲାଇଫ

ଜୀବନ ହେଉଛି ଅମୂଲ୍ୟ। ନିଜର ଜୀବନକାଳ ଭିତରେ ଅନେକ ବ୍ୟକ୍ତି ଏପରି କାମ କରିଥାଆନ୍ତି ଯାହା ସ୍ମରଣୀୟ ହୋଇ ରହିଥାଏ। ବାଲୁକାକଳାକୁ ନେଇ ଜଣେ ଯୁବକ ଆଗଉଛନ୍ତି। ତାଙ୍କର ଇଚ୍ଛା ସେ ବାଲିରେ କୋଣାର୍କ ଗଠିବେ। ହେଲେ ତାଙ୍କର ଏହି ସ୍ୱପ୍ନ ପୂରଣ ହେଉଛି ତ ? ଏପରି ଏକ କାହାଣୀକୁ ନେଇ ନିର୍ମିତ ହେଉଛି କ୍ଷୁଦ୍ର ହିନ୍ଦୀ ଚଳଚ୍ଚିତ୍ର ‘ଲିଭ୍ ଲାଇଫ ଲଭ୍ ଲାଇଫ’। ପ୍ରିମିୟର ମିଡିଆ ଦ୍ୱାରା ପ୍ରସ୍ତୁତ ହେଉଥିବା ଏହି ଚିତ୍ରର କାହାଣୀ ରଚନା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ସନ୍ତୋଷ ପଣ୍ଡା। ଏହାର ମୁଖ୍ୟ ଭୂମିକାରେ ଜୁବୁଲି ସୁନ୍ଦରାୟ ଅଭିନୟ କରୁଥିବା ବେଳେ ଭରତ ମଣ୍ଡଳ, ଆର. ଗୁରୁମୂର୍ତ୍ତି, ମମତା ମହାନ୍ତି,ନିତୁ ସିଂ, ଅନନ୍ୟା ଏବଂ କଳିଙ୍ଗ ଦାସ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

**ଜଣେ ଅଭିଯୁକ୍ତ ଗିରଫ, ୨ ଅଟକ**

ଭଦ୍ରକ ଅଫିସ, ୧।୧

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଜଳଙ୍ଗା ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସତ୍ୟବ୍ରତ ଶିଅଳ ନାମକ ଜଣେ ଯୁବକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ବୁଧବାର ଭୋର ସମୟରେ ଏହି ଘଟଣା ଘଟିଥିବାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଳଙ୍ଗା ଗ୍ରାମର ପ୍ରଶାନ୍ତ ବେହେରା। ଅନ୍ୟ ୨ ଜଣ ସହଯୋଗୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ହତ୍ୟା ମାମଲା(ନଂ. ୧/୨୦) ରୁଜୁ ହୋଇଛି। ବୁଧବାର ମଧ୍ୟାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପରିବାର ଲୋକଙ୍କ କହିବା ଅନୁଯାୟୀ, ସତ୍ୟବ୍ରତ ଓ ତାଙ୍କର କେତେଜଣ ସାଙ୍ଗ ମଙ୍ଗଳବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ନୂଆବର୍ଷ ଭୋଜି କରିଥିଲେ। ଭୋଜିରୁ ଫେରି ସତ୍ୟବ୍ରତ ଜଳଙ୍ଗା ବଜାରରେ ଥିବା ତାଙ୍କ ଭାଇଙ୍କ ଦୋକାନକୁ ଶୋଇବାକୁ ଯାଇଥିଲେ। ଭୋର ସମୟରେ ପ୍ରଶାନ୍ତ ଆସି ସତ୍ୟବ୍ରତଙ୍କ ଦାଦା ଅମୂଲ୍ୟଙ୍କୁ ଡାକି ତାଙ୍କ ପୁତୁରା ବିଶୃଙ୍ଖଳିତ ହେଉଥିବା କହିଥିଲେ। ଅମୂଲ୍ୟ ଯାଇ ସ୍ଥାନୀୟ ଏକ ବ୍ୟାଙ୍କ ପାର୍ଶ୍ୱ ରାସ୍ତାକଡ଼ରେ ସତ୍ୟବ୍ରତଙ୍କୁ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଅମୂଲ୍ୟ ଓ ତାଙ୍କ ସମ୍ପର୍କୀୟମାନେ ସଙ୍ଗେ ସଙ୍ଗେ ସତ୍ୟବ୍ରତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।


ମୃତ ସତ୍ୟବ୍ରତ ଶିଅଳ।(ଫାଇଲ୍ ଫଟୋ)

ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସତ୍ୟବ୍ରତ ଜଳଙ୍ଗା ବଜାରରେ ଥିବା ଦୋକାନକୁ ଶୋଇବାକୁ ଯାଉଥିବା ବେଳେ ପ୍ରଶାନ୍ତଙ୍କ ସହ ଗାଁର କେତେଜଣ ଯୁବକ ତାଙ୍କୁ ଡାକି ନେଇ ହତ୍ୟା କରି ଫିଙ୍ଗି ଦେଇଥିବା ଅମୂଲ୍ୟ ଥାନାରେ ଅଭିଯୋଗ କରିଛନ୍ତି। ସତ୍ୟବ୍ରତଙ୍କ ବେକ ଓ ଆଖିରେ ଚିହ୍ନ, ମୁଣ୍ଡ ପଛପାଖ ଫାଟିଥିବା କାରଣରୁ ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ କିଭଳି ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହେବ ବୋଲି ତଦନ୍ତ ଅଧିକାରୀ ଶୋଭନ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ନୂଆବର୍ଷରେ ପର୍ବତାରୋହୀଙ୍କ ମାଉଣ୍ଟ ସନ୍ଦାକ୍‌ଫୁ ଆରୋହଣ

ବଲାଙ୍ଗୀର ଅଫିସ,୧।୧

ଓଡ଼ିଶାର ୧୭ ଜଣିଆ ପର୍ବତାରୋହୀ ଦଳ ବୁଧବାର ନବବର୍ଷର ପ୍ରଥମ ଦିନ ନେପାଳ-ପଶ୍ଚିମବଙ୍ଗ ସୀମାର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ସନ୍ଦାକ୍‌ଫୁ ଚଢ଼ି ରେକର୍ଡ ପ୍ରତିଷ୍ଠା କରିଛନ୍ତି। ବଲାଙ୍ଗୀର ଜିଲାର ପର୍ବତାରୋହୀ ଅନିମେଶ ସାହୁଙ୍କ ନେତୃତ୍ୱରେ ସୁଶୀଳ କୁମାର ହୋତା, ସ୍ୱାଗତ ସାହୁ, ସୌମ୍ୟ ସାନିରାଜ ପାଣ୍ଡିଆ, ସିଦ୍ଧସାଗର ବାଗ, ଆନନ୍ଦ ମାଝି, ବିକି ଶର୍ମା, ରୋଶନ୍ ଅଲି ଏବଂ କଳାହାଣ୍ଡି ଜିଲାର ଡ. ସତ୍ୟପୀର ପଧାନଙ୍କ ନେତୃତ୍ୱରେ ନୃସିଂହ ଚରଣ ପଣ୍ଡା, ସ୍ୱରାଜ କୁମାର ରାଉତ୍, ନୂଆପଡା ଜିଲାରରୁ ହିତେଶ କୁମାର ମେହେର, ମଳୟ କୁମାର ମେହେର, ସୌମିତ୍ରୀ ବାଗ, ନବରଙ୍ଗପୁର ଜିଲାରୁ ପ୍ରଦୀପ କୁମାର ସିହ୍ନା, କନ୍ଧମାଳ ଜିଲାରୁ ସିଦ୍ଧାର୍ଥ କେଶରୀ ପ୍ରଧାନ ଓ ସମ୍ବଲପୁର ଜିଲାରୁ ମନୀଷ କୁମାର ପର୍ବତାରୋହଣ କରିଛନ୍ତି। ବହୁ ବାଧାବିଘ୍ନ ସହି ମାଇନସ୍ ୫ରୁ ମାଇନସ୍ ୧୫ ଡିଗ୍ରୀ ସେଣ୍ଟିଗ୍ରେଡ ତାପମାତ୍ରାରେ ପର୍ବତାରୋହଣ କରି ସଫଳତା ପାଇଥିବାରୁ ଏହି ପର୍ବତାରୋହୀ ଦଳକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ନୂଆବର୍ଷରେ ଏହି ପର୍ବତାରୋହୀ ଦଳ ଓଡ଼ିଶା ପାଇଁ ନୂଆ ଗୌରବ ଆଣି ଦେଇଛନ୍ତି।


ମାଉଣ୍ଟ ସନ୍ଦାକ୍‌ଫୁରେ ଓଡ଼ିଶା ପର୍ବତାରୋହୀ ଦଳ ତ୍ରିରଙ୍ଗା ପତାକା ସହ।

# ବନ୍ୟାର କାରଣ ସମ୍ପର୍କିତ ତଥ୍ୟ ଅନୁଶୀଳନକୁ ଗୁରୁତ୍ୱ

- ଜଗତ୍‌ସିଂହପୁର ଅଞ୍ଚଳରେ ଆଇଆଇଟି ବମ୍ବେ ପକ୍ଷରୁ ସର୍ବେକ୍ଷଣ
- ନୀତି ନିର୍ଦ୍ଧାରଣରେ ପ୍ରାଥମିକତା ଦେବାକୁ ପ୍ରସ୍ତାବ

ଭୁବନେଶ୍ୱର, ୧।୧(ବ୍ୟୁରୋ)

ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ବିଶେଷକରି ଗତ ୨ ଦଶନ୍ଧୀର ଏହାର ଉପକୂଳବର୍ତ୍ତୀ ଅଞ୍ଚଳ ଏକାଧିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ଅର୍ଥନୀତି ଏବଂ ସାମାଜିକ ଜୀବନକୁ ବହୁଳଭାବେ ପ୍ରଭାବିତ କରୁଛି। ବାତ୍ୟା, ବନ୍ୟା, ମରୁଡି ଦ୍ୱାରା ରାଜ୍ୟ ଅଧିକାଂଶ ସମୟରେ ପ୍ରଭାବିତ ହେଉଛି। ବିଶେଷ କରି ବନ୍ୟା ନିୟନ୍ତ୍ରଣ, ଏହାର କାରଣ ଅନୁଧ୍ୟାନ ଏବଂ ଆନୁଷଙ୍ଗିକ ବିଶ୍ଳେଷଣ ପାଇଁ କେତେକ ସଂସ୍ଥା ଆଗ୍ରହ ପ୍ରକାଶ କରିଛନ୍ତି।

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି), ବମ୍ବେ ଏବଂ ଇଣ୍ଡିଆନ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ୍(ଇସ୍ରୋ)ର ନ୍ୟାଶନାଲ ରିମୋଟ ସେନ୍ସିଂ ସେଣ୍ଟର(ଏନ୍‌ଆରଏସ୍‌ସି) ମିଳିତ ପ୍ରଚେଷ୍ଟାରେ ଜଗତ୍‌ସିଂହପୁର ଜିଲାର କେତେକ ବନ୍ୟା ପ୍ରଭାବିତ ଅଞ୍ଚଳର ଅନୁଧ୍ୟାନ କରାଯାଇଛି। ରାଜ୍ୟ ପାଇଁ କରାଯାଉଥିବା ବିଭିନ୍ନ ନୀତି ନିର୍ଦ୍ଧାରଣ କାର୍ଯ୍ୟକ୍ରମରେ ଏହାକୁ ଅନ୍ତର୍ଭୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ବନ୍ୟା ଏବଂ ଏହାର ସାମାଜିକ-ଅର୍ଥନୈତିକ ପ୍ରଭାବକୁ ବିଶେଷଭାବେ ଅନୁଧ୍ୟାନ କରାଯାଇଛି। ଅନୁଧ୍ୟାନକାରୀ ଦଳ ପକ୍ଷରୁ କୁହାଯାଇଛି ଯେ ଏଭଳି ଗବେଷଣାକୁ ଭିନ୍ନ ଦୃଷ୍ଟିକୋଣରେ ଦେଖିବା ଆବଶ୍ୟକ। ବନ୍ୟା ବିପତ୍ତିକୁ ଏହି ନୂତନ ଧାରାରେ ଅନୁଧ୍ୟାନ କରିବା ସହ ଏହାକୁ 'ରିସ୍କ କ୍ଲାସିଫାୟାର' ବୋଲି କୁହାଯାଉଛି। ଏହି ପଦ୍ଧତି ଦ୍ୱାରା ସାରା ଦେଶର ବନ୍ୟା ସମ୍ପର୍କିତ ଗବେଷଣାରେ ବ୍ୟବହାର କରିବା ପାଇଁ ପ୍ରସ୍ତାବ ଦିଆଯାଉଛି। ସମସ୍ୟା ସମ୍ପର୍କିତ ଗବେଷଣା ସମ୍ପର୍କରେ ଜନୈକ ବିଶେଷଜ୍ଞଙ୍କ କହିବାନୁଯାୟୀ, ବନ୍ୟା ପରିସ୍ଥିତିରୁ ଗୋଟିଏ ଅଞ୍ଚଳକୁ ରକ୍ଷା କରିବାକୁ ହେଲେ ଏକ ବହୁମୁଖୀ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ହେଲେ ଏହି ସବୁ ଯୋଜନା ସେତେବେଳେ ଫଳପ୍ରଦ ହୋଇପାରିବ, ଯେତେବେଳେ ସମସ୍ୟାର କାରଣ ସମ୍ପର୍କରେ ଉପଯୁକ୍ତ ଅନୁଧ୍ୟାନ କରାଯାଇଥିବ। ଆଇଆଇଟି ବମ୍ବେ ଏବଂ ଏନ୍‌ଆରଏସ୍‌ସି ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ପଦ୍ଧତି ସାଧାରଣ ଜନତା, ବିଶେଷଜ୍ଞ ପାଇଁ ବେଶ୍ ଉପାଦେୟ ହେବ। ବିଶେଷକରି ବନ୍ଧ ଓ ଘାଇ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ବ୍ୟତୀତ ପ୍ରଭାବିତ ଅଞ୍ଚଳରେ ସମତଳ, ସୁରକ୍ଷିତ ଭୂମି ଚିହ୍ନଟ, ସ୍ଥାନୀୟ ଅଧିବାସୀଙ୍କ ବୀମା ଏବଂ କେତେକ ନୀତିଗତ ଦିଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିବା ଅନୁଧ୍ୟାନକାରୀମାନେ ମତ ରଖିଛନ୍ତି। ସେହିଭଳି ବନ୍ୟା ଦ୍ୱାରା ସାମାଜିକ ଓ ଅର୍ଥନୈତିକ କ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇଥାଏ। ତେଣୁ ଏହାକୁ ନଜର ରଖି ବିଭିନ୍ନ ଯୋଜନା ପ୍ରଣୟନ କରିବା ଆବଶ୍ୟକ ବୋଲି ଆଇଆଇଟି ବମ୍ବେର ପ୍ରଫେସର ଶୁଭଙ୍କର କର୍ମକାର କହିଛନ୍ତି। ଏହି ବୈଷୟିକ ଅନୁଷ୍ଠାନର ସିଭିଲ୍ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ସୁବିମାଲ ଘୋଷ କୁହନ୍ତି ଯେ ଜଗତ୍‌ସିଂହପୁରରେ କରାଯାଇଥିବା ଗବେଷଣା ଏବଂ ତାହାର ପଦ୍ଧତିକୁ ଦେଶର ଅନ୍ୟ କୌଣସି ବନ୍ୟା ପ୍ରବଣ ଅଞ୍ଚଳରେ ବ୍ୟବହାର କରାଯାଇପାରିବ। ନିମ୍ନ ଏବଂ ମଧ୍ୟବିତ୍ତସ୍ତରୀୟ ଅର୍ଥନୀତିଭିତ୍ତିକ ଦେଶରେ ଏହାକୁ ଲାଗୁ କରାଯାଇପାରିବ। ପ୍ରାଥମିକ ଭାବେ ବନ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ ଅଥବା ଇନ୍‌ଭେଣ୍ଟୋରୀ ପ୍ରସ୍ତୁତ କରିବା ନେଇ ଘୋଷ ମତ ଦେଇଛନ୍ତି। ପୂର୍ବତନ ରିସର୍ଚ୍ଚ ସ୍କଲାର ମୋହିତଙ୍କ ମତରେ ବନ୍ୟାର ପ୍ରକୃତ କାରଣ ଖୋଜିବା ଗୁରୁତ୍ୱପୂର୍ଣ୍ଣ ବିଷୟ। ସାମାଜିକ-ଅର୍ଥନୈତିକ ଦିଗକୁ ନଜରରେ ରଖି ସରକାର ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ କାର୍ଯ୍ୟାବଳୀ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି।

# ଟ୍ରକ୍ ଧକ୍କାରେ ନାବାଳିକା ମୃତ

- ରାସ୍ତା ପାର ହେବା କାଳ ହେଲା
- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ
- ଉତ୍ତେଜନା, କ୍ଷତିପୂରଣ ଦାବି
- ୩ ଘଣ୍ଟା ଅଟକି ରହିଲା ଶତାଧିକ ଗାଡ଼ି


ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

କେନ୍ଦୁଝର,୧।୧ (ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବଡପଶି ଗ୍ରାମ ନିକଟ ୨୦ ନମ୍ବର ଜାତୀୟ ରାଜପଥରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରକ ଧକ୍କାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ପରେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ମିଳିଥିବା ସୂଚନା ଅନୁଯାୟୀ, ହରିଚନ୍ଦନପୁର ବ୍ଲକ କଉତିପଦା ଗ୍ରାମର ଶ୍ରାବଣୀ ନାୟକ(୭) ବଡ଼ପଶିରେ ଥିବା ତାଙ୍କ ଅଜାଘରେ ରହି ପାଠ ପଢୁଥିଲେ। ସନ୍ଧ୍ୟା ୬ଟା ସମୟରେ ସେ ସମ୍ପର୍କୀୟଙ୍କ ସହ ଶୌଚ ହେବା ପାଇଁ ରାଜପଥ ପାର ହେଉଥିବାବେଳେ ଏକ ଟ୍ରକ (ନଂ.ଓଆରଜିର-୪ଜେ-୦୪୧୮) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଶ୍ରାବଣୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ଖବର ପାଇ ସଦର ଥାନା ଅଧିକାରୀ ଜୟନାରାୟଣ ଖଣ୍ଡାଇ ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ମୃତ ନାବାଳିକାଙ୍କ ପରିବାର ଲୋକଙ୍କୁ ଅପେକ୍ଷା କରାଯାଇଥିବାରୁ ଅବରୋଧ ହଟାଇବାରେ ବିଳମ୍ବ ହୋଇଥିଲା। ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତା ଅବରୋଧ ରହିବାରୁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ପିକ୍‌ନିକ ପାଇଁ ଆସିଥିବା ଲୋକେ ହୀନସ୍ତା ଭୋଗିଥିଲେ।

# ପୋଲିସ ଜାଲରେ ଲୁଟେରା ଗ୍ୟାଙ୍ଗ


ଗିରଫ ୨ ଅଭିଯୁକ୍ତ।

- ମାରଣାସ୍ତ୍ର ଜବତ, ୨ ଗିରଫ
- ଜୁଏଲାରୀ ଦୋକାନରୁ ଡକାୟତି ଯୋଜନା ପଣ୍ଡ

**ବସ୍ତା, ୧।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ୬୦ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ବସ୍ତା ବାଇପାସ୍ ନିକଟ ଏକ ବ୍ରିଜ୍‌ଠାରେ ମଙ୍ଗଳବାର ରାତିରେ ପୋଲିସ ଚଢ଼ାଉ କରି ଏକ ଲୁଟେରା ଗ୍ୟାଙ୍ଗ ଠାବ କରିଛି। ଏହି ଗ୍ୟାଙ୍ଗର ୨ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ଅନ୍ୟ ୪ ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଦୁଇ ଲୁଟେରା ହେଲେ ଏହି ଥାନା ଅନ୍ତର୍ଗତ ସାମରାଇପୁର ଗ୍ରାମର ଅନାମ ଓରଫ ଦେବାଶିଷ ଜେନା ଏବଂ ଉଇଟିକିରି ଗ୍ରାମର ବଣ୍ଟି ଓରଫ ସ୍ୱାଭିମାନ ସାଗରଜ୍ୟୋତି ଜେନା। ସେମାନଙ୍କଠାରୁ ଏକ ଚୋରି ବାଇକ୍ ସହ ତେଲେଙ୍ଗା କଟୁରୀ, ଲୁହାରଡ଼, ଛୁରୀ, ଭୁଜାଲି ଆଦି ମାରଣାସ୍ତ୍ର ଜବତ ହୋଇଛି। ଏ ନେଇ ଥାନାରେ ଧାରା ୩୯୯, ୪୦୨ ଆଇପିସି/୨୫ ଆର୍ମ୍ସ ଆକ୍ଟରେ ଏକ ମାମଲା(ନଂ. ୪୫୦/୧୯) ରୁଜୁ କରାଯାଇ ଗିରଫ ଅନାମ ଓ ବଣ୍ଟିଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସଠାରୁ ସୂଚନା ମିଳିଛି।

ଉକ୍ତ ବ୍ରିଜ୍‌ଠାରେ ଗ୍ୟାଙ୍ଗର ୬ ଜଣ ଯୁବକ ରାତିରେ ଏକ ଜୁଏଲାରୀ ଦୋକାନରୁ ଡକାୟତି ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରି ଅନାମ ଓ ବଣ୍ଟିଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲା। ଅନ୍ୟ ୪ଜଣ ସେଠାରୁ ଚମ୍ପଟ ମାରିଥିଲେ। ଏହି ଗ୍ୟାଙ୍ଗ ଜିଲାରେ ବିଭିନ୍ନ ଲୁଟ୍, ଛିନ୍‌ତାଇ, ରାହାଜାନୀ, ଡକାୟତି ଓ ବାଇକ୍ ଚୋରି ମାମଲାରେ ସମ୍ପୃକ୍ତ ଥିବା ପୋଲିସ କହିଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବସ୍ତା ଥାନାରେ ୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଜିଲାର ଅନ୍ୟ ଥାନାରେ ମଧ୍ୟ ଗିରଫ ଓ ଫେରାର ଅଭିଯୁକ୍ତଙ୍କ ନାମରେ ବହୁ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଯାଇଛି।


**WESCO UTILITY**
Headquarters Office : At/Po- Burla, Dist.-Sambalpur-768017, Odisha Ph:0663-2430417

**TENDER NOTICE**

No- WESCO/WORKS/19-20/ 03 Date: 01.01.2020

For and on behalf of Administrator, WESCO Utility, sealed tenders on two part bidding system are invited from eligible bidders who comply with the terms and conditions laid down in tender documents for the following works.

**"Shifting of HT, LT Line, Substation and Conversion of Over Head Line to Underground System at Various Locations Under Sambalpur East Electrical Division, Sambalpur and Sonepur Electrical Division, Sonepur on Semi-Turnkey basis."**

The tender documents along with tender specifications, terms & Conditions may be downloaded from our website **www.wescoodisha.com**. The last date / time of submission of tender Documents is **20.01.2020 up to 13.00 Hour**. The techno-commercial bid shall be opened on the same day **at 16.00 Hour,** at WEST BLOCK, Headquarters Office, WESCO, Burla.. Corrigendum, if any, pertaining to above tender will be up loaded in the said website. The prospective bidders are requested to visit our website regularly for latest update.

**Sd/- Gen. Manager (Works)**



**ସର୍ବସାଧାରଣଙ୍କ ପାଇଁ ସୂଚନା**

No.A-525 :- ପ୍ରକଳ୍ପ ଇଞ୍ଜିନିୟର ଜାଇକା (ଡ୍ରେନେଜ୍), କଟକ, ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଅଛନ୍ତି ଯେ, କଟକ ନଗର ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଅପର୍ଣ୍ଣାନଗର ସାହିସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପାଖ ଏମ୍‌ଡି-୨ ନାଳ ଉପରେ ଥିବା ପୁରୁଣା କଲଭର୍ଟ ଭଙ୍ଗାଯାଇ ଡ୍ରେନ୍‌କାମ ହେବାକୁ ଥିବାରୁ ଆସନ୍ତା ୦୩।୦୧।୨୦୨୦ ତାରିଖଠାରୁ ୦୩।୦୨।୨୦୨୦ତାରିଖ ପର୍ଯ୍ୟନ୍ତ ଉପରୋକ୍ତ କଲଭର୍ଟ ଉପରେ ଅପର୍ଣ୍ଣାନଗରରୁ ମହାନଦୀବିହାର ଆଡକୁ ଯାଇଥିବା ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିବ।

୧. ମହାନଦୀ ବିହାର ପଟୁ ଆସୁଥିବା ସମସ୍ତ ଯାନବାହନଗୁଡିକ ଶୂନ୍ୟବାସୀ ଛକରୁ ଡାହାଣପଟକୁ ଯାଇ ଷଷ୍ଠ ବାଟାଲିୟନ ପାଚେରି କଡ ରାସ୍ତାରେ ଅପର୍ଣ୍ଣାନଗର ସାହିକୁ ଆସିପାରିବେ କିମ୍ବା ଆନନ୍ଦ ବିହାର ନୀଳାଦ୍ରିବିହାର ଛକଦେଇ ଆସିପାରିବେ।

୨. ସେହିପରି ନୟାବଜାର ପଟୁ ଆସୁଥିବା ସମସ୍ତ ଯାନବାହନଗୁଡିକ ନୀଳାଦ୍ରିବିହାର ଛକରୁ ବାମକୁ ଯାଇ ଆନନ୍ଦବିହାର ଦେଇ ଅପର୍ଣ୍ଣାନଗର ସାହିକୁ ଆସିପାରିବେ।

୩. ଚାଉଳିଆଗଞ୍ଜ ଦୁର୍ଗାଘର ପଟୁ ଆସୁଥିବା ଯାନବାହନଗୁଡିକ ସିଦ୍ଧେଶ୍ୱର ମନ୍ଦିର ଛକଠାରୁ ବାମକୁ ଯାଇ ଡିଭାଇନ୍‌ନଗର ରାସ୍ତାରେ ମହାନଦୀ ବିହାର ପଟକୁ ଯାଇପାରିବେ।

ଜନସାଧାରଣ ଉପରୋକ୍ତ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରି ସହଯୋଗ କରିବା ପାଇଁ ନିବେଦନ କରାଯାଉଛି।

ଆପଣଙ୍କ ବିଶ୍ୱସ୍ତ
13007/11/0001/1920 ପ୍ରକଳ୍ପ ଯନ୍ତ୍ରୀ, ଜାଇକା ଡ୍ରେନେଜ କଟକ



**ZILLA SWASTHYA SAMITI, DHENKANAL**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

Advt. No.3541 **TENDER CALL NOTICE** Date: 31.12.19

No.E-627 :-
Sealed tenders are invited from registered firms /agencies/Organisation for Outsourcing of Bio Medical waste management Work of DHH.SDH & all CHCs of Dhenkanal District. in complete tender document in any form is liable rejection.The details regarding bidding format, terms & conditions of the tender may be downloaded from District website i.e **www.dhenkanal.nic.in.** The tenders should reach the office of the undersigned by the last date mentioned in the table below through speed post/ registered post/ courier only. The tender will be opened on the date mentioned in the table below in the office of the undersigned in presence of the bidders/ authorized representative of the bidders. The undersigned is not responsible for any kind of postal delay & reserves all right to cancel any or all the tender at any stage of selection/ finalization process without assigning any reason thereof. Any typographical error may be exempted.

| Sl. No. | Name of the Tender | Last date for submission of the tender | Opening date of the Tender & Time | Address |
|---|---|---|---|---|
| 1 | Outsourcing of Bio Medical waste management work of DHH, SDH & all CHCs, Dhenkanal | 13.01.2020 | 14.01.2020 At 11.30 A.M. | O/o the CDM & PHO, DHH, Dakhinakali, Dhenkanal |

10059/11/0012/1920 Sd./- CDM&PHO cum DMD, Dhenkanal



**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ**
**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**
Tele Fax No.06762226717, e-mail id - dfo.dhenkanal@gmail.com

**ନିଲାମ ଇସ୍ତାହାର**

No.MM-129 :- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଢେଙ୍କାନାଳ ବନଖଣ୍ଡ ଅଧୀନରେ ଥିବା କାଜୁ ଜଙ୍ଗଲରୁ ୨୦୧୯-୨୦ (୨୦୨୦ ବର୍ଷର) କାଜୁ ବାଦାମ ସଂଗ୍ରହ କରିବା ପାଇଁ ନିମ୍ନଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁଯାୟୀ ପ୍ରକାଶ୍ୟ ଭାବେ ନିଲାମ କରାଯିବ। ବିକ୍ରି ସର୍ତ୍ତ ଓ କାଜୁ ବାଦାମ ସଂଗ୍ରହ ସ୍ୱତନ୍ତ୍ର ନିୟମାବଳୀଗୁଡିକ କାଏମ ରହିବ। ନିଲାମ ସମାପ୍ତି ପରେ ଦ୍ରବ୍ୟ ଓ ଏରିଆ ଇତ୍ୟାଦି ସମ୍ବନ୍ଧରେ କୌଣସି ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ। ନିଲାମ ସମ୍ବନ୍ଧୀୟ ବିଶେଷ ବିବରଣୀ ଢେଙ୍କାନାଳ ବନଖଣ୍ଡ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟ ଦିବସରେ ଦିବା ୧୦.୦୦ଘଣ୍ଟାଠାରୁ ୫.୩୦ଘଣ୍ଟା ମଧ୍ୟରେ ମିଳିପାରିବ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୧୪।୦୧।୨୦୨୦ ଏବଂ ୨୧।୦୧।୨୦୨୦ | ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ, ଢେଙ୍କାନାଳ | ୧. ବେଗା ରିଜର୍ଭ ଜଙ୍ଗଲର ମିଶ୍ରିତ କାଜୁ ପ୍ଲାଣ୍ଟେସନ୍ (କରଡାବଣି ଭ.ଏସ୍. ଏସ୍. ଏରିଆ) (DL No.47 of 2019-20) ୨. ବେଗା ରିଜର୍ଭ ଜଙ୍ଗଲର ମିଶ୍ରିତ କାଜୁ ପ୍ଲାଣ୍ଟେସନ୍ (କରଡାବଣି ଭ.ଏସ୍. ଏସ୍. ଏରିଆ) (DL No.48 of 2019-20) | ସକାଳ ୧୧.୦୦ |

ସ୍ୱା./- ବନଖଣ୍ଡ ଅଧିକାରୀ, ଢେଙ୍କାନାଳ ବନଖଣ୍ଡ

**ANNUAL/SUPPLEMENTARY (IF NECESSARY) AUCTION SALE NOTICE FOR LEASE OF CASHEW NUTS FROM PLANTATION AREA FOR THE YEAR 2019-20 (2020 CROP YEAR) OF DHENKANAL FOREST DIVISION.**

THE ANNUAL/SUPPLEMENTARY (IF NECESSARY) AUCTION SALE FOR LEASE OF CASHEW NUTS FROM PLANTATION AREA OF BEGA RF UNDER SADANGI RANGE OF DHENKANAL DIVISION FOR THE YEAR 2019-20 (2020 CROP YEAR) WILL BE HELD IN THE OFFICE OF THE DIVISIONAL FOREST OFFICER, DHENKANAL DIVISION ON 14.01.2020 & 21.01.2020 RESPECTIVELY. FOR FURTHER PARTICULARS, THE UNDERSIGNED MAY BE CONTACTED ON ANY WORKING DAY DURING OFFICE HOURS.

Sd./-
DIVISIONAL FOREST OFFICER, DHENKANAL DIVISION
08037/11/0006/1920



**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

No. 45/OMC Date 01.01.2020

**NOTIFICATION**

No.CAD-756 :- With reference to the Advertisement No. 31/OMC dtd. 31.07.2019 regarding recruitment of 21 Executive Posts of different Cadres in Dy. Manager Level (E-2 grade ) in OMC Ltd., this is for information of all the candidates who appeared for Computer Based Test (CBT) held on 25.10.2019, that basing on the qualifying marks secured by the candidates in descending order of merit, the eligible short-listed candidates shall be called for document varification & Personal Interview soon.

However, it is for the notice of all concerned that, the document verification in respect of the shortlisted candidates (as mentioned against Sl No-ii of Stage Two Section ( Document Verification & Personal Interview) w.r.t. the terms & conditions of the Advertisement No 31/31.07.2019 ) shall be taken up simultaneously on the date of Personal Interview.

For further updates / information, the candidates are advised to visit OMC website https://omcld.in.

Sd./-
30005/11/0114/1920 Director (Personnel)



**GOVERNMENT OF ODISHA**
**ODIA LANGUAGE, LITERATURE & CULTURE DEPARTMENT, ODISHA, BHUBANESWAR**
**Quotation Call Notice for providing services for different jobs for the Rabindra Mandap, Bhanjakala Mandap and Utkal Mandap.**
**No.(RM-24/2019) 9069 / OLL&C Deptt. Dated: 31.12.2019**

Sealed quotations are invited from the reputed service providers having past experience in providing services for jobs in differenct Offices / Organization through a suitable agency on contract basis for Data Entry Operators, Sound Operators, Sound Helpers, Stage Light Operators, Stage Light Helpers, Sweepers, Gardeners and Security Guards for day to day smooth management of Rabindra Mandap, Bhanjakala mandap and Utkal Mandap. The bidders are requested to submit the rate chart of 1. Data Entry Operators 2. Sound Operators, Sound Helpers, Stage Light Operators, Stage Light Helpers 3. Sweepers 4. Gardeners and 5. Security Guards separately for each case in the same quotation format as applicable for manpower published in the advertisement. The Service Providers / agencies shall submit the said bid in the prescribed format with on the envelop quoted for the manpower of "Data Entry Operators / Sound Operators / Sound Helpers / Stage Light Operators / Stage Light Helpers / Sweepers / Gardeners / Security Guard" in a sealed envelope. The last date for receiving of quotation is 16.01.2020 upto 5.00 P.M. and will be opened at 3.30 P.M on the next day i.e. on 17.01.2020. Details can be seen and downloaded from website www.orissaculture.gov.in. The authority reserves the right to accept or reject any or all quotations without assigning any reason thereof.

Sd./- Director I/C


ରାକେଶ ଧଳ

# ଫିଲ୍ମ ଲାଗି ସିରିଏଲ ଛାଡ଼ିବିନି

ରାକେଶ ଧଳ। ବହୁ କମ୍ ଦିନରେ ଟେଲିଭିଜନ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ନିଜ ଅଭିନୟ ଯାଦୁରେ ସେ ଘରେ ଘରେ ପରିଚିତ । 'ନେଇ ଯାରେ ମେଘ ମୋତେ', 'ଏସିପି ନିକିତା', 'ରାନୀ', 'ଆମ ଘର ଲକ୍ଷ୍ମୀ', 'ତୋ ଆଖି ମୋ ଆଇନା', 'ଟୁପୁର ଟାପୁର', 'ସିନ୍ଦୂର ବିନ୍ଦୁ' ସିରିଏଲରେ କାମ କରିଥିବା ବେଳେ 'କୁଆଁରୀ ବୋହୂ' ସିରିଏଲରେ ଏବେ ସେ ମୁଖ୍ୟ ଅଭିନେତା । ଏଥର 'ଧରିତ୍ରୀ ଆଳାପ'ରେ ରାକେଶଙ୍କ କଥା।

**ଧରିତ୍ରୀ ଆଳାପ**

**ଅଭିନୟ କ୍ଷେତ୍ରକୁ କିପରି ଆସିଥିଲେ?**

◆ ଛୋଟ ବେଳୁ ମୋର ଅଭିନୟ ପ୍ରତି ଦୁର୍ବଳତା ଥିଲା। ଗୋଟେ ପ୍ରାଇଭେଟ୍ କମ୍ପାନୀରେ ମୁଁ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିବା ବେଳେ ମଡେଲିଂ କ୍ଷେତ୍ରକୁ ଯିବା ପାଇଁ ସାଙ୍ଗମାନେ ମୋତେ ପ୍ରବର୍ତ୍ତାଉଥିଲେ। ତେଣୁ ମଡେଲିଂ କ୍ଷେତ୍ରରେ ପ୍ରଥମେ ପ୍ରବେଶ କରିଥିଲି। ଏହାପରେ ସେଠାରୁ ମୋତେ ସିରିଏଲ୍‌ରେ ଅଭିନୟ କରିବା ପାଇଁ ଅଫର୍ ଆସିଥିଲା।

**ପ୍ରଥମ ଅଫର୍ ମିଳିବା ପରେ କ'ଣ ଅନୁଭୂତି ରହିଥିଲା ?**

◆ 'ନେଇ ଯାରେ ମେଘ ମୋତେ' ସିରିଏଲ ପାଇଁ ପ୍ରଥମେ ମୋତେ ଅଫର ଆସିଥିଲା, ସେତେବେଳେ ମୁଁ ମଡେଲିଂରେ କାମ କରୁଥାଏ। ସେଥିରେ ମୋତେ ନକାରାତ୍ମକ ଚରିତ୍ରରେ ଅଭିନୟ କରିବା ପାଇଁ ଅଫର୍ ମିଳିଥିଲା। ଯଦିଓ ସେହି ଚରିତ୍ର ଅଳ୍ପ ସମୟ ଥିଲା ତେବେ ଦର୍ଶକ ତାକୁ ପସନ୍ଦ କରିଥିଲେ ଏବଂ ମୁଖ୍ୟ ଅଭିନେତା ଭାବେ ଦେଖିବାକୁ ଚାହିଁଥିଲେ। ପରେ ପରେ ମୁଖ୍ୟ ଅଭିନେତା ଭାବେ ମୁଁ ସିରିଏଲ୍‌ରେ ଅଭିନୟ କରିଥିଲି।

**କେଉଁଭଳି ଚରିତ୍ରରେ ଅଭିନୟ କରିବାକୁ ପସନ୍ଦ କରନ୍ତି ?**

◆ ପଜିଟିଭ୍ ସହିତ ଆଟିଚ୍ୟୁଡ୍ ଥିବା ଚରିତ୍ରରେ ମୋତେ ଅଭିନୟ କରିବାକୁ ଭଲଲାଗେ।

**ଶୁଟିଂ ସେଟ୍‌ର କିଛି ସ୍ମୃତି ରହିଛି କି ?**

◆ ଥରେ ରାତି ସାରା ଫାଇଟିଂର ଶୁଟିଂ ହେଉଥିଲା। ଏହି ସମୟରେ ମୁଁ ପଡ଼ିଯାଇଥିଲି ଓ ମୋ ଗୋଡ଼ରେ ଆଘାତ ଲାଗିଥିଲା। ତା' ପରଦିନ ସନ୍ଧ୍ୟାରେ ସିରିଏଲ ଟେଲିକାଷ୍ଟ ହେବାର ଥିଲା। ତେଣୁ କଷ୍ଟ ହେଉଥିଲେ ମଧ୍ୟ ଗୋଡ଼ରେ ପଟି ବାନ୍ଧି ମୁଁ ଶୁଟିଂ କରିଥିଲି।

**ଅଭିନୟ କରିବାକୁ ହେଲେ ଜଣକୁ କେଉଁ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ଭାବନ୍ତି ?**

◆ ଯେଉଁମାନେ ଏ ଦିଗରେ ଆସିବେ ସେମାନେ ଅଭିନୟ ଉପରେ କୋର୍ସ କରି ଆସିବା ଦରକାର। ଆଗରୁ ଏସବୁ ନ ଥିଲା। କିନ୍ତୁ ବର୍ତ୍ତମାନ କମ୍ପିଟିଟିଭ୍ ଯୁଗ ହୋଇଗଲାଣି। ତେଣୁ ଏଠିକୁ ଆସିବା ପୂର୍ବରୁ କ୍ୟାମେରା, ଲାଇଟ୍, ଡ୍ରାମା ଏସବୁ ଦିଗରେ ଜ୍ଞାନ ଥିବା ଆବଶ୍ୟକ।

**ଯଦି ଭବିଷ୍ୟତରେ ଫିଲ୍ମ ପାଇଁ ଅଫର୍ ଆସେ ତେବେ କେଉଁ ଦିଗକୁ ଦେଖି ଅଭିନୟ କରିବାକୁ ନିଷ୍ପତ୍ତି ନେବେ?**

◆ ଫିଲ୍ମରେ ଅଭିନୟ କରିବାକୁ ମୋର ଇଚ୍ଛା ଅଛି। ତେବେ ପ୍ରଥମେ ମୁଁ କାହାଣୀ ସହିତ ଚରିତ୍ରକୁ ଦେଖିବି। ଏଥିସହିତ ସିରିଏଲ କେବେ ଛାଡ଼ି ପାରିବି ନାହିଁ। କାରଣ ସିରିଏଲ ମୋତେ ପରିଚୟ ଦେଇଛି। ତେଣୁ ପ୍ରଥମେ ସିରିଏଲ୍ ଶୁଟିଂ ପରେ ଫିଲ୍ମ ଶୁଟିଂ କରିବାକୁ ପଡ଼ିବ।

**ଫିଲ୍ମ ପାଇଁ ଅଫର ମିଳିଲେ କେଉଁ ଅଭିନେତ୍ରୀଙ୍କ ସହିତ ଅଭିନୟ କରିବାକୁ ପସନ୍ଦ କରିବେ ?**

◆ ଅର୍ଚ୍ଚିତା ସାହୁ। କାରଣ ତାଙ୍କର ଅଭିନୟ ମୋତେ ବହୁତ ପସନ୍ଦ।

**ଅପ୍ କମିଂ ପ୍ରୋଜେକ୍ଟ କିଛି ଅଛି ?**

◆ ଆଗକୁ ମୋର ଏକ ୱେବ୍ ସିରିଜ୍ ଆସିବ। ତା'ର ନାଁ ଏ ପର୍ଯ୍ୟନ୍ତ ନିଷ୍ପତ୍ତି ହୋଇନି।

ସାକ୍ଷାତ୍‌କାର– ସ୍ଥିତପ୍ରଜ୍ଞ ମିଶ୍ର

# ପାଇନ୍‌ଆପଲ୍ ଚିକେନ୍



ଚିକେନ୍‌କୁ ମିଠା ସ୍ୱାଦ ଦେଇ ପ୍ରସ୍ତୁତ ହେଉଥିବା ଖାଦ୍ୟାବଳି ଏକ ନୂଆ ସ୍ୱାଦ ଦେଉଛି। ସେହିଭଳି ପାଇନଆପଲ୍ ଚିକେନ୍ ହେଉଛି ଏକ ମିଠା ସ୍ୱାଦଯୁକ୍ତ ଖାଦ୍ୟ। ଯୁବପିଢ଼ି ଏହାକୁ ଭାରି ପସନ୍ଦ କରୁଛନ୍ତି। ସ୍ନାକ୍ସରେ ଓ ମେନ୍ କୋର୍ସରେ ବି ଏହାକୁ ଖାଇହେବ। ଘରେ ଅତି ସହଜରେ ଏହାକୁ କେମିତି ପ୍ରସ୍ତୁତ କରିବେ ସେ ସମ୍ପର୍କରେ ଓଡ଼ିଆଣୀ ରେସ୍ତୋରାଁର ସେଫ୍ ବାଦ୍‌ଶା ଖାନ୍ ଯାହା କୁହନ୍ତି...।

**ଖାଦ୍ୟ ରୁଚି**

## ଆବଶ୍ୟକ ସାମଗ୍ରୀ

ପାଇନ୍‌ଆପଲ୍–୧୫୦ ଗ୍ରାମ୍, ଚିକେନ୍(ବୋନ୍ ଲେସ୍)– ୨୫୦ ଗ୍ରାମ୍, ପିଆଜ– ୫୦ ଗ୍ରାମ୍, କଞ୍ଚାଲଙ୍କା, ବ୍ରୋକୋଲି, କ୍ୟାପ୍‌ସିକମ୍, ବ୍ଲାକ୍ ପିପର, ଚିନି–୨ ଚାମଚ, ତେଲ–୧୫ ମି.ଲି, କର୍ନଫ୍ଲୋର, ଲୁଣ।

## ପ୍ରସ୍ତୁତି ପ୍ରଣାଳୀ

କଡ଼େଇରେ ତେଲ ଗରମ କରି ରସୁଣ, କଞ୍ଚାଲଙ୍କା ଓ ପିଆଜ ପକାଇ ଭାଜନ୍ତୁ। ଟିକେ ନାଲି ହେବା ପରେ କ୍ୟାପ୍‌ସିକମ୍ ଓ ବ୍ରୋକୋଲି ପକାନ୍ତୁ ଓ ଭାଜନ୍ତୁ। ଏହାକୁ ଭଲ ଭାବେ ଗୋଳେଇ ଭାଜିବା ପରେ ଚିକେନ୍ ପକେଇ ଗୋଳାନ୍ତୁ। ଏହାପରେ ହାଲୁକା ପାଣି ଦେଇ ଚିକେନ୍‌କୁ ସିଝେଇବାକୁ ପଡ଼ିବ। ସଙ୍ଗେ ସଙ୍ଗେ ପାଇନ୍‌ଆପଲ୍ ପେଷ୍ଟ ପକେଇ ଚିକେନ୍ ଓ ପେଷ୍ଟକୁ ଗୋଳେଇ ସିଝିବାକୁ ଛାଡ଼ି ଦିଅନ୍ତୁ। ଚିକେନ୍ ସିଝିଯିବା ପରେ ସ୍ୱାଦ ଅନୁସାରେ ଲୁଣ ପଡିବ। ଆଉ ଏକ ପାତ୍ରରେ ଅଳ୍ପ ପାଣି ଓ କର୍ନଫ୍ଲୋର ଗୋଳେଇ ଚିକେନ୍‌ରେ ଦିଆଯିବ। ଏହାଦ୍ୱାରା ଚିକେନ୍ ଶୁଖିଲା ହୋଇଯିବ। ପରେ କିଛି ସମୟ ଗରମ ହେଲା ପରେ ପ୍ରସ୍ତୁତ ହୋଇଯିବ ପାଇନ୍‌ଆପଲ୍ ଚିକେନ୍। ଏହାକୁ ସ୍ପ୍ରିଙ୍ଗ ପିଆଜରେ ସଜେଇ ପରଷିଲେ ବେଶ୍ ଆକର୍ଷଣୀୟ ଦିଶେ।





ରିପୋର୍ଟ: ଶୋଭେନ୍ ସେଫ: ବାଦ୍‌ଶା ଖାନ୍

**ନିଜ କଥା**
ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ର

ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା । ୨୦୧୪ ବ୍ୟାଚ୍ ଓଡ଼ିଶା କ୍ୟାଡରର ଆଇପିଏସ୍ ଅଫିସର। ଉତ୍ତରପ୍ରଦେଶର ଆମେଠିର ଜଙ୍ଗଲଟୋକ୍ରୀ ଗ୍ରାମର ସୌମ୍ୟା ଭାରତୀୟ ପୋଲିସ ପ୍ରଶାସନିକ ସେବାର ଜଣେ ସୁଦକ୍ଷା ପ୍ରଶାସିକା। ଓଡ଼ିଶାର ଆଦିବାସୀ ବହୁଳ ସୁନ୍ଦରଗଡ଼ ପୋଲିସ ଜିଲାର ଏସ୍‌ପି ଭାବେ ଦାୟିତ୍ୱ ନିର୍ବାହ କରୁଥିବା ସୌମ୍ୟା ଏଥର ନିଜକଥା ସ୍ତମ୍ଭରେ ... ।

# ପୋଲିସ ସେବାରେ ସାମାଜିକ ଦାୟିତ୍ୱବୋଧ ତୁଲାଇବାର ସୁଯୋଗ ରହିଛି



**କେଉଁଠି ଆରମ୍ଭ ହୋଇଥିଲା ଆପଣଙ୍କ ପାଠପଢ଼ା?**

❍ ଲକ୍ଷ୍ନୌ ଲରୋଟୋ କନ୍‌ଭେଣ୍ଟ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ଦିଲ୍ଲୀର ଲେଡିଶ୍ରୀରାମ କଲେଜରେ ସୋସିଓଲୋଜି ଅନର୍ସରେ ଗ୍ରାଜୁଏଶନ ଓ ପୋଷ୍ଟ ଗ୍ରାଜୁଏଶନ କରିଛି । ଜେଆର୍‌ଏଫ୍ ଓ ନେଟ୍ କ୍ୱାଲିଫାଏ କରିବା ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ସିମ୍ବୋସିସ ଲ କଲେଜରେ ଅଧ୍ୟାପନା କରି ୟୁପିଏସ୍‌ସି ପରୀକ୍ଷା ଦେଇଥିଲି । ୨୦୧୪ ଡିସେମ୍ବର ୨୨ରେ ୟୁପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଥମେ ୟୁପି କ୍ୟାଡର ଓ ପରବର୍ତ୍ତୀ ସମୟରେ ଓଡ଼ିଶା କ୍ୟାଡରରେ ଯୋଗ ଦେଇଥିଲି ।

**ପୋଲିସ ସେବାରେ ଯୋଗଦେବା ପାଇଁ କାହିଁକି ଇଚ୍ଛା ପ୍ରକାଶ କଲେ ?**

❍ ଆଜିର ସମୟରେ ଜଣେ ଝିଅ ପୋଲିସ ସେବାରେ ଯୋଗଦେବା ସମାଜକୁ ନାରୀ ସଶକ୍ତୀକରଣର ବାର୍ତ୍ତା ଦେଇଥାଏ । ଯେତେବେଳେ ଜଣେ ବିପଦର ସମ୍ମୁଖୀନ ହୁଏ ସେ ନିଶ୍ଚିତ ଭାବେ ପୋଲିସ ଉପରେ ଆସ୍ଥା ପ୍ରକଟ କରେ । ତେଣୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସାମାଜିକ ଦାୟିତ୍ୱବୋଧ ନିର୍ବାହ କରିବାର ପର୍ଯ୍ୟାପ୍ତ ସୁଯୋଗ ପୋଲିସ ସେବାରେ ରହିଛି । ସେହି ଦକ୍ଷତାକୁ ସଫଳ କରିବା ପାଇଁ ମୁଁ ପୋଲିସ ସେବାକୁ ଆପଣେଇ ନେଇଛି ।

**ଆପଣ କେଉଁ କ୍ଷେତ୍ରରେ ରୁଚି ରଖନ୍ତି?**

❍ ପଢିବା ଓ ସଙ୍ଗୀତ ଶୁଣିବା ପ୍ରତି ମୋର ରୁଚି ରହିଛି । ବିଶେଷ ଭାବେ ଗଳ୍ପ ,ଉପନ୍ୟାସ ପଢିବାକୁ ଭଲପାଏ । ସ୍କୁଲ ଛାତ୍ରୀଜୀବନରୁ ଥିଏଟର ପ୍ରତି ମୋର ଦୁର୍ବଳତା ରହିଛି। ଦିଲ୍ଲୀରେ ପଢୁଥିବା ବେଳେ ଆମର ଏକ ଥିଏଟର ଗ୍ରୁପ ଥିଲା । ବିଶେଷକରି ନାରୀ ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ ସକାଶେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସାମାଜିକ ସଚେତନତା ସୃଷ୍ଟି କରିଥିଲୁ ।

**ପ୍ରଥମେ ଚାକିରି ଜୀବନ କେଉଁଠାରୁ ଆରମ୍ଭ କରିଥିଲେ?**

❍ ହାଇଦ୍ରାବାଦଠାରେ ପ୍ରଶିକ୍ଷଣ ଗ୍ରହଣ ପରେ ଓଡ଼ିଶାର କେଉଁଝର ଜିଲାରେ ୬ମାସ ପ୍ରୋବେସନରେ କାର୍ଯ୍ୟକରିବା ପରେ କିଛିଦିନ ପାଇଁ କୋରାପୁଟକୁ ଟ୍ରେନିଂରେ ଯାଇଥିଲି। ଏହାପରେ ରାଉରକେଲା ପାନପୋଷ ଏସ୍‌ଡିପିଓ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲି। ୨୦୧୮ ମାର୍ଚ୍ଚ ୨୬ରେ ସୁନ୍ଦରଗଡ଼ ଏସ୍‌ପି ଭାବେ କାର୍ଯ୍ୟରେ ଯୋଗ ଦେଇଥିଲି।

**ଓଡ଼ିଶା କେମିତି ଲାଗୁଛି ?**

❍ ଓଡ଼ିଶାର ପ୍ରକୃତି ପରିବେଶ,କଳା ସଂସ୍କୃତି ମୋତେ ଆକର୍ଷିତ କରିଛି । ଓଡ଼ିଶାର ହସ୍ତଶିଳ୍ପ, ହସ୍ତତନ୍ତକୁ ମୁଁ ଖୁବ୍ ଭଲପାଏ । ମୋ ପାଖରେ ଓଡ଼ିଶା ହସ୍ତକଳାର ବହୁ ସାମଗ୍ରୀ ରହିଛି । ସୁନ୍ଦରଗଡ଼ର ଶାନ୍ତ ସରଳ ଅଧିବାସୀଙ୍କ ସହଯୋଗ ମତେ ମିଳିପାରିଛି ।

**ଆପଣଙ୍କୁ କ'ଣ ଖାଇବାକୁ ଭଲଲଗେ ?**

❍ ଏମିତିରେ ତ ମୁଁ ଶୁଦ୍ଧ ଶାକାହାରୀ । ଭାତ, ଡାଲି, ତରକାରି ଆଦି ସବୁପ୍ରକାର ସାଧାରଣ ଖାଦ୍ୟ ଖାଇଥାଏ । କେଉଁଝରରେ ଥିବା ବେଳେ ପଖାଳ ଖାଇବା ଅଭ୍ୟାସରେ ପଡିଯାଇଥିଲା । ସୁନ୍ଦରଗଡ଼ରେ ଚକୁଳି ପିଠା ମୋର ବେଶ୍ ପସନ୍ଦ ।

**ଆପଣ କାହାକୁ ଆଦର୍ଶ ବୋଲି ଭାବନ୍ତି ?**

❍ ବିଶେଷ ଭାବେ ମୋ ଦାଦିମା (ଜେଜେମା) ଓ ମାଆଙ୍କ ଆଦର୍ଶରେ ମୁଁ ଅନୁପ୍ରାଣିତ । ସେମାନଙ୍କ ସହନଶୀଳତା ଓ ଉତ୍ତମ ବ୍ୟବହାର ମୋ ଜୀବନରେ ଗୁରୁତ୍ୱ ଦେଇ ଆଗକୁ ବଢିଚାଲିଛି । ମୋ ବାପା ଆକାଉଣ୍ଟସ ଅଡିଟର ଥିଲେ । ଆମେ ଦୁଇ ଭାଇ ଭଉଣୀ। ୨୦୧୫ରେ ଆମ ଟ୍ରେନିଂ ବ୍ୟାଚର ପଞ୍ଜାବ କ୍ୟାଡର ଆଇପିଏସ୍ ଅଫିସର ଦୀପକ ପାରିକ୍‌ଙ୍କ ସହିତ ମୋର ବିବାହ ହୋଇଥିଲା। ସେ ବର୍ତ୍ତମାନ ପଞ୍ଜାବ ଲୁଧିଆନାର ଡିସିପି ଭାବେ କାର୍ଯ୍ୟରତ । ଆମର ଉଭୟଙ୍କ କାର୍ଯ୍ୟ ପ୍ରତି ପରସ୍ପରର ସମ୍ମାନ ରହିଛି ।

**ଆଜିର ଯୁବ ସମାଜକୁ କି ବାର୍ତ୍ତା ଦେବେ ?**

❍ ଯୁବ ପିଢି ନିଜ ମଧ୍ୟରେ ଦୃଢ ଆତ୍ମବିଶ୍ୱାସ ରଖି ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବା ଉଚିତ୍।

ରିପୋର୍ଟ : ଜୟନାରାୟଣ ମେଣ୍ଡୁଲୀ

# ସେଲ୍‌ଫି କର୍ନର

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ହାବାକୁକ୍


ବିପୁନ୍


ଅଶୋକ


ଜ୍ୟୋତି ପ୍ରକାଶ


ସୁବ୍ରତ


ରାଧାମୋହନ


ସୁମନ୍ତ



ଦେଶରେ ରାଜନୈତିକ ସହମତି ପ୍ରକାଶ ନ ପାଇବା ଯୋଗୁ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ।
**– ଆର୍.ସି. ଭାର୍ଗଭ, ମାରୁତି ସୁଜୁକି ଇଣ୍ଡିଆ ଅଧ୍ୟକ୍ଷ**



୨୦୧୯ ଭାରତୀୟ ଅଟୋମୋବାଇଲ ଶିଳ୍ପ ଲାଗି ଚ୍ୟାଲେଞ୍ଜିଂ ରହିବା ସତ୍ତ୍ୱେ ୪ ନୂଆ ମଡେଲ ଗ୍ରାହକଙ୍କୁ ପ୍ରଦାନ କରିଛୁ।
**– ତରୁଣ ଗର୍ଗ, ହ୍ୟୁଣ୍ଡାଇ ଇଣ୍ଡିଆ ମାର୍କେଟିଂ ନିର୍ଦ୍ଦେଶକ**

# ଜିଏସ୍‌ଟି ଆଦାୟ ଲକ୍ଷେ କୋଟି ଟପିଲା

**ନୂଆଦିଲ୍ଲୀ, ୧-୧**




ଚଳିତ ଆର୍ଥିକ ବର୍ଷରେ ଲଗାତର ଭାବେ ଦ୍ୱିତୀୟ ଥର ଲାଗି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ ଲକ୍ଷେ କୋଟି ଟଙ୍କା ଟପିଛି। ଡିସେମ୍ବର ମାସରେ ଜିଏସ୍‌ଟି ରାଜସ୍ୱ ବାବଦକୁ ୧,୦୩,୪୯୨ କୋଟି ଟଙ୍କା ଆଦାୟ କରାଯାଇଛି। ଲୋକଙ୍କର ଖର୍ଚ୍ଚ ବଢିବା ଯୋଗୁ ରାଜସ୍ୱ ସଂଗ୍ରହ ଉନ୍ନତ ହୋଇଥିବା ଜଣାପଡିଛି। ଏହା ପୂର୍ବରୁ ଚଳିତ ବର୍ଷ ଜୁଲାଇରେ ରାଜସ୍ୱ ସଂଗ୍ରହ ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱରେ ରହିବା ସହ ୧.୦୨ ଲକ୍ଷ କୋଟି ଟଙ୍କା ଛୁଇଁଥିଲା। ୨୦୧୮ ଡିସେମ୍ବରରେ ସରକାର ୯୪,୭୨୬ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ ବୋଲି ସରକାରୀ ଡାଟାରୁ ଜଣାପଡିଛି। ଅନୁପାଳନ ଏବଂ ଲୋକଙ୍କ ଖର୍ଚ୍ଚରେ ଉନ୍ନତି ଯୋଗୁ ରାଜସ୍ୱ ବଢିଥିବା ଜଣେ ସରକାରୀ ଅଧିକାରୀ କହିଛନ୍ତି। ଚଳିତ ବର୍ଷ ଡିସେମ୍ବରରେ ଜିଏସ୍‌ଟି ରାଜସ୍ୱ ଗତ ବର୍ଷ ସମାନ ସମୟ ତୁଳନାରେ ୧୬% ବୃଦ୍ଧି ଘଟିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସେହିଭଳି ଆମଦାନୀରୁ ସଂଗ୍ରହ ହେଉଥିବା ମୋଟ୍ ଜିଏସ୍‌ଟି କଥା ବିଚାରକୁ ନେଲେ ଏଥିରେ ଗତ ବର୍ଷ ଡିସେମ୍ବର ତୁଳନାରେ ୯% ବୃଦ୍ଧି ଘଟିଛି। ସଂଗ୍ରହ ହୋଇଥିବା ମୋଟ ୧.୦୩ ଲକ୍ଷ କୋଟି ଟଙ୍କାର ରାଜସ୍ୱ ମଧ୍ୟରୁ କେନ୍ଦ୍ର ଜିଏସ୍‌ଟି ବା ସିଜିଏସ୍‌ଟି ବାବଦ ୧୯,୯୬୨ କୋଟି, ରାଜ୍ୟ ଜିଏସ୍‌ଟି ବା ଏସ୍‌ଜିଏସ୍‌ଟି ବାବଦ ୨୬,୭୯୨ କୋଟି, ସମନ୍ୱିତ ଜିଏସ୍‌ଟି ବା ଆଇଜିଏସ୍‌ଟି ବାବଦ ୪୮,୦୯୯ କୋଟି, ସେସ୍ ବା ଉପକାର ବାବଦ ୮୩୩୧ କୋଟି ଟଙ୍କା ସାମିଲ ରହିଛି। ଡିସେମ୍ବର ୩୧ ସୁଦ୍ଧା ୮୧.୨୧ ଲକ୍ଷ ଜିଏସ୍‌ଟି ଆର୍ ୩ବି ଫାଇଲ କରାଯାଇଛି। ନିୟମିତ ସମାଧାନ ଦ୍ୱାରା ଆଇଜିଏସ୍‌ଟିରୁ ସରକାର ସିଜିଏସ୍‌ଟି ବାବଦ ୨୧,୮୧୪ କୋଟି ଏବଂ ଏସ୍‌ଜିଏସ୍‌ଟି ବାବଦ ୧୫,୩୬୬ କୋଟି ଟଙ୍କା ସମାଧାନ କରିଛନ୍ତି। ନିୟମିତ ସମାଧାନ ଦ୍ୱାରା ଡିସେମ୍ବରରେ କେନ୍ଦ୍ର ଏବଂ ରାଜ୍ୟ ସରକାର ସିଜିଏସ୍‌ଟି ବାବଦ ୪୧,୭୭୬ କୋଟି ଏବଂ ଏସ୍‌ଜିଏସ୍‌ଟି ବାବଦ ୪୨,୧୫୮ କୋଟି ଟଙ୍କା ପାଇଛନ୍ତି।

ଚଳିତ ଆର୍ଥିକ ବର୍ଷ ବାକି ଥିବା ମାସଗୁଡିକରେ ପ୍ରତିମାସ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ଜିଏସ୍‌ଟି ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବା ପାଇଁ ଟିକସ ଅଧିକାରୀଙ୍କୁ କୁହାଯାଇଛି। ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ ଉଚ୍ଚ ଟିକସ ଅଧିକାରୀଙ୍କ ସହ ଏ ନେଇ ଗତ ମାସରେ ଭିଡିଓ କନଫରେନ୍ସି ଯୋଗେ ବୈଠକ କରିଥିଲେ। ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣ କରିବା ଲାଗି ଆସନ୍ତା ମାସଗୁଡିକରେ ରାଜସ୍ୱ ସଂଗ୍ରହ ଉନ୍ନତ ହେବା ଆବଶ୍ୟକ ବୋଲି ଡେଲଏଟ ଇଣ୍ଡିଆର ପାର୍ଟନର ଏମ୍.ଏସ୍. ମଣି କହିଛନ୍ତି। ଟିକସ ସଂଗ୍ରହରେ ଉନ୍ନତି, ଇନଭଏସିଂ, ନୂଆ ରିଟର୍ନ ପ୍ରଣାଳୀ ଦ୍ୱାରା ରାଜସ୍ୱ ସଂଗ୍ରହ ବଢ଼ିବା ନେଇ ଆଶା ରହିଥିବା ସେ ମତ ଦେଇଛନ୍ତି। ଡିସେମ୍ବରରେ ହିମାଞ୍ଚଳ ପ୍ରଦେଶର ଜିଏସ୍‌ଟି ସଂଗ୍ରହ ୨ ଗୁଣା ବଢି ୨୬ରୁ ୫୮ କୋଟି ଟଙ୍କା ଟପିଛି। ଏହାବାଦ ନାଗାଲାଣ୍ଡରେ ରାଜସ୍ୱ ଆଦାୟ ୮୮%, ମଣିପୁର ୬୪%, ମିଜୋରାମ ୬୦% ବଢିଛି। ସେହିଭଳି ଲାକ୍ଷାଦୀପର ରାଜସ୍ୱ ସଂଗ୍ରହ ୭୮% କମିଥିବାବେଳେ ଝାଡଖଣ୍ଡର ୩% ଟିକସ ସଂଗ୍ରହ କମିଛି।

# ମାଲ୍ୟାଙ୍କ ସ୍ଥାବର ସମ୍ପତ୍ତି ବିକି ପାରିବେ ବ୍ୟାଙ୍କ

**ନୂଆଦିଲ୍ଲୀ, ୧-୧**



ବୃହତ୍ ପରିମାଣର ଋଣ ଖିଲାପକରୀ ବିଦେଶ ପଳାୟନ କରିଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ସ୍ଥାବର ସମ୍ପତ୍ତିର ବିକ୍ରି ଲାଗି କୋର୍ଟ ଏସ୍‌ବିଆଇ ନେତୃତ୍ୱାଧିନ ବ୍ୟାଙ୍କ ସମୂହଙ୍କୁ ଅନୁମତି ଦେଇଛନ୍ତି। ସମ୍ପତ୍ତି ମଧ୍ୟରେ ୟୁନାଇଟେଡ ବ୍ରିୟୁରିଜ ହୋଲଡିଂ ଲିମିଟେଡର ଶେୟାର ସହ ଫାଇନାନସିଆଲ ସିକ୍ୟୁରିଟି ରହିଛି। ବେଆଇନ ଅର୍ଥ କାରବାର ନିରୋଧ ଆଇନ(ପିଏମ୍‌ଏଲ୍‌ଏ) ନ୍ୟାୟାଳୟ ୨୦୧୬ରେ ମାଲ୍ୟାଙ୍କୁ ପଳାତକ ଘୋଷଣା କରିବା ପରେ ଏହି ସମ୍ପତ୍ତିକୁ ଜବତ କରାଯାଇଥିଲା। ଆପରାଧିକ ଆଇନ ମାମଲାରେ କୋର୍ଟ ଏଭଳି ନିଷ୍ପତ୍ତି ଦେଇଛନ୍ତି। ବେଆଇନ ଅର୍ଥ କାରବାରରେ ମାଲ୍ୟା ସମ୍ପୃକ୍ତ ଥିବା ଇଡି ଅଭିଯୋଗ ଆଣିଥିଲା। ମାଲ୍ୟା ୨୦୧୬ ମାର୍ଚ୍ଚରେ ଭାରତ ଛାଡିବା ସହ ଏବେ ଲଣ୍ଡନରେ ରହୁଛନ୍ତି। ବ୍ୟାଙ୍କଗୁଡିକୁ ମାଲ୍ୟାଙ୍କୁ ୬ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଋଣ ପ୍ରଦାନ କରିଛନ୍ତି। ମାଲ୍ୟାଙ୍କୁ ଭାରତ ଫେରାଇ ଆଣିବା ଲାଗି ଏବେ ପ୍ରତ୍ୟାର୍ପଣ ପ୍ରକ୍ରିୟା ଜାରି ରହିଛି।

# ଆର୍ଥିକ ସଂକଳ୍ପକୁ ନିଷ୍ଠାର ସହ ପାଳନ ଜରୁରୀ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଂ, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ କ'ଣ ସବୁ ଆବଶ୍ୟକତା ଅଛି। ବର୍ତ୍ତମାନ ଓ ଭବିଷ୍ୟତ ଆର୍ଥିକ ସ୍ଥିତି ଓ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବା ପାଇଁ ୨୦୨୦ ନୂତନ ଆର୍ଥିକ ବର୍ଷରେ କେଉଁ ସବୁ ଆର୍ଥିକ ସଂକଳ୍ପ କରିବା ଉଚିତ ହେବ? ମୋ ପରିବାରରେ ବାପା, ମା, ସ୍ତ୍ରୀ ଓ ୨ଟି ଝିଅ ଅଛନ୍ତି।**

**– ସୁବ୍ରତ ମାଝୀ, ବାଲେଶ୍ୱର**

▶ ନୂତନ ବର୍ଷର ହାର୍ଦ୍ଦିକ ଶୁଭେଚ୍ଛା। ବର୍ଷ ଆରମ୍ଭରୁ ନିଜର ଆର୍ଥିକ ସ୍ଥିତିକୁ ତନ୍ନତନ୍ନ କରି ପରୀକ୍ଷା ଓ ସମୀକ୍ଷା କରିବା ପରେ ଆବଶ୍ୟକ ପଦକ୍ଷେପ ନେବାର ସମୟ ଆସିଛି। ଆର୍ଥିକ ସଂକଳ୍ପ କରି ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରାଯାଇପାରିବ। ପ୍ରାୟତଃ ଅଧିକାଂଶ ବ୍ୟକ୍ତି ନୂତନ ବର୍ଷ ଦିନ ନିଜ ପାଇଁ ସଂକଳ୍ପ କରିନିଅନ୍ତି। ଆପଣଙ୍କର ନୂତନ ବର୍ଷ ପାଇଁ ଆର୍ଥିକ ସଂକଳ୍ପ ସବୁ ଯାହା ହେଉନା କାହିଁକି କିମ୍ବା ଏକ ସଂକଳ୍ପ ସବୁର ଚିଠା ପ୍ରସ୍ତୁତ କରିବା ବଡ କଥା ନୁହେଁ। ସବୁଠାରୁ ମୁଖ୍ୟ ଦିଗ ହେଉଛି ଆର୍ଥିକ ସଂକଳ୍ପ ସବୁକୁ ନିଷ୍ଠାର ସହିତ ପାଳନ କରିବା।

ଆପଣଙ୍କ ପାଇଁ ୫ଟି ନିମ୍ନଲିଖିତ ସଂକଳ୍ପ ସବୁ ଯାହାକି ଆପଣଙ୍କ ଆର୍ଥିକ ସ୍ୱାସ୍ଥ୍ୟକୁ ଆଜି ଦିନରେ ବଢ଼ାଇ ଦେବ ଓ ଆସନ୍ତା ବର୍ଷରେ ଅନେକ କିଛି ପ୍ରଭାବ ଆସିବ।

### ସଂକଳ୍ପ-୧: ଦୈନଦିନ ଜୀବନଶୈଳୀ ପାଇଁ ଏକ ବଜେଟ

◆ ଏକ ବଜେଟ ପ୍ରସ୍ତୁତ କରନ୍ତୁ ଓ ଭବିଷ୍ୟତ ଆର୍ଥିକ ଲକ୍ଷ୍ୟସବୁ ପାଇଁ ସଞ୍ଚୟ ସ୍ଥିର କରନ୍ତୁ।
◆ ନିଜର ନେଟ୍‌ୱର୍ଥ କେତେ ପ୍ରତ୍ୟେକ ବର୍ଷ କରନ୍ତୁ।
◆ ସବୁଠାରୁ ବଡ ଖର୍ଚ୍ଚସବୁ ପାଇଁ ଏବେଠୁ ଉପାୟ ପ୍ରସ୍ତୁତ କରନ୍ତୁ।
◆ ଅବସର ଗ୍ରହଣ କରିସାରିଛନ୍ତି। ନିଜର ପାଣ୍ଠି ନିମ୍ନ ରିସ୍କ ସ୍କିମ ସହିତ ରକ୍ଷଣଶୀଳ ହିସାବରେ ନିବେଶ କରନ୍ତୁ।
◆ ଏକ ଆକସ୍ମିକ ଖର୍ଚ୍ଚ ପାଇଁ ପ୍ରସ୍ତୁତ ରୁହନ୍ତୁ।

### ସଂକଳ୍ପ-୨: ନିଜର ସମସ୍ତ ଋଣକୁ ସୁପରିଚାଳନା

◆ ସମସ୍ତ ଋଣକୁ ସୁପରିଚାଳନା କରନ୍ତୁ।
◆ ସମସ୍ତ ଋଣ ପଇଠ କିନ୍ତୁ ନିଜର ଆୟତ୍ତ ଭିତରେ ରଖନ୍ତୁ।
◆ ଅଧିକ ସୁଧହାରଜନିତ ଋଣକୁ ଶୀଘ୍ର ପଇଠ କରନ୍ତୁ ଓ କ୍ରେଡିଟ୍ କାର୍ଡକୁ ଶୀଘ୍ର ପଇଠ କରନ୍ତୁ।
◆ ନିଜର ଆର୍ଥିକ ସମୟସୀମା ଭିତରେ ଋଣ ଶୀଘ୍ର ପଇଠ କରନ୍ତୁ।

### ସଂକଳ୍ପ-୩: ନିବେଶ ପୋର୍ଟଫୋଲିଓର ଉନ୍ନତ ଲାଭ ହାସଲ

◆ ସର୍ବପ୍ରଥମେ ନିଜର ନିବେଶ ପୋର୍ଟଫୋଲିଓ ଆସେଟ୍ କ୍ଲାସର ମିଶ୍ରଣକୁ ଦେଖି ନିଅନ୍ତୁ।
◆ ଆସେଟ୍ କ୍ଲାସ ଭିତରେ ଓ ଏପାଖରୁ ସେପାଖ ପର୍ଯ୍ୟନ୍ତ ବିଭିନ୍ନ ଆସେଟ୍ କ୍ଲାସରେ ବିବିଧୀକରଣ କରନ୍ତୁ।
◆ ଆୟକର ପ୍ରଭାବକୁ ଦୃଷ୍ଟି ଦିଅନ୍ତୁ।
◆ ଯେତେବେଳେ ଆବଶ୍ୟକ ସେତେବେଳେ ନିବେଶ ପୋର୍ଟଫୋଲିଓକୁ ସମୀକ୍ଷା ଓ ପୁନଃ ସନ୍ତୁଳନ କରି ନିଅନ୍ତୁ।

### ସଙ୍କଳ୍ପ-୪: ଆକସ୍ମିକ ଆର୍ଥିକ ସଂକଟ ପାଇଁ ପ୍ରସ୍ତୁତି

◆ ଜୀବନର ବଡ ଚିକିତ୍ସାଗତ ଖର୍ଚ୍ଚ ପାଇଁ ସ୍ୱାସ୍ଥ୍ୟବୀମା ସୁରକ୍ଷା ପଲିସ ମାଧ୍ୟମରେ ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରି ନିଅନ୍ତୁ।
◆ ଯଦି ଆପଣଙ୍କର ନିର୍ଭରଶୀଳ ପରିବାରର ସଦସ୍ୟ ଅଛନ୍ତି କିମ୍ବା ଅନ୍ୟ କିଛି ଦାୟିତ୍ୱ ରହିଛି ତେବେ ଯଥେଷ୍ଟ ପରିମାଣର ଜୀବନ ବୀମା ସୁରକ୍ଷା କିଣିନିଅନ୍ତୁ।
◆ ଆପଣଙ୍କର ମାସିକ/ବାର୍ଷିକ ଆୟକୁ ସୁରକ୍ଷା ଦେବା ପାଇଁ ଶାରୀରିକ ଅସାମର୍ଥ୍ୟ ବୀମା ସୁରକ୍ଷା କିଣି ନିଅନ୍ତୁ।
◆ ଆପଣଙ୍କର ଭୌତିକ ଆସେଟ ସବୁକୁ ସୁରକ୍ଷା ପାଇଁ ବୀମା ସୁରକ୍ଷା କରନ୍ତୁ।
◆ ଦୀର୍ଘକାଳୀନ ଜୀବନଶୈଳୀ ପାଇଁ ଏବେଠୁ ଏହାର ଭଲ ଓ ମନ୍ଦକୁ ବୁଝିନିଅନ୍ତୁ।
◆ ଏକ ଆକସ୍ମିକ ବିପତ୍ତି ପାଇଁ ଏକ ଯୋଜନା ପ୍ରସ୍ତୁତ ଯାହାକି ଆପଣଙ୍କୁ ମାନସିକ ଶାନ୍ତି ହେବ।

### ସଂକଳ୍ପ-୫: ଧନସମ୍ପତ୍ତିକୁ ସୁରକ୍ଷିତ ସ୍ଥାନାନ୍ତର ପାଇଁ ଇଷ୍ଟେଟ୍ ପ୍ଲାନିଙ୍ଗ।

◆ ନିଜର ହିତାଧିକାରୀ ବିଷୟରେ ସମୀକ୍ଷା କରନ୍ତୁ।
◆ ନିଜର ଇଚ୍ଛାପତ୍ର ପ୍ରସ୍ତୁତ କରନ୍ତୁ କିମ୍ବା ଅଧୁନାତନ କରନ୍ତୁ।
◆ ନିଜର ସମସ୍ତ ରେକର୍ଡ ପତ୍ରକୁ ସୁରକ୍ଷିତ ରଖନ୍ତୁ।

ଆମର ପରାମର୍ଶ ଆପଣଙ୍କ ଜୀବନର ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବା ଓ ସମୟାନୁଯାୟୀ ଆବଶ୍ୟକ ସମୀକ୍ଷା ପଦକ୍ଷେପ ନେବା ପାଇଁ ଜଣେ ଚାର୍ଟାର୍ଡ ୱେଲ୍‌ଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ ଫାଇନାନସିଆଲ୍ ପ୍ଲାନରଙ୍କ ସହ ସମୀକ୍ଷା ଓ ଆଲୋଚନା କରିବା ଉଚିତ ହେବ।

ଏହି ୨୦୨୦ ନୂତନ ବର୍ଷରେ ନିଜର ଅର୍ଥିକ ସଂକଳ୍ପ ସବୁକୁ ନିଜର କରି ନିଷ୍ଠାର ସହିତ ପାଳନ କରନ୍ତୁ ଓ ଆର୍ଥିକ ଲକ୍ଷ୍ୟସବୁ ହାସଲ କରନ୍ତୁ। ନୂତନ ବର୍ଷରେ ଏକ ଶାନ୍ତିଶାଳୀ ଓ ବଳିଷ୍ଠ ପଦକ୍ଷେପ ନିଅନ୍ତୁ।

**ଆୟକର ଛାଡ ପାଇଁ ସର୍ବାଧିକ କେତେ ଟଙ୍କା ସଞ୍ଚୟ କରିବାକୁ ପଡିବ ? ୪୦ ହଜାର ଟଙ୍କା ସଞ୍ଚୟ ଉପରେ ଆୟକର ଛାଡପାଇ ପାରିବି କି ?**

**–ମିନତି ଜେନା, ଛତ୍ରପୁର**

▶ ଆୟକର ନିୟମ ୮୦ସି ଅନୁଯାୟୀ ସର୍ବାଧିକ ୧.୫ ଲକ୍ଷ ଟଙ୍କା ଏକ ଆର୍ଥିକ ବର୍ଷରେ ସଞ୍ଚୟ କରି ଆୟକର ଛାଡ ପାଇପାରିବେ।

**ମୋର କିଛି ଟଙ୍କା ଅବସରକାଳୀନ ପାଣ୍ଠି ମିଳିଛି। ଏସବୁକୁ କିପରି ନିବେଶ କରିବା ଉଚିତ ହେବ? ସବୁ ଟଙ୍କାକୁ ମ୍ୟୁଚୁଆଲ ଫଣ୍ଡରେ ନିବେଶ ପାଇଁ ଜଣେ ବନ୍ଧୁ ପରାମର୍ଶ ଦେଇଛନ୍ତି?**

**–ସଦାନନ୍ଦ ବେହେରା, ଅନୁଗୁଳ**

▶ ପ୍ରଥମତଃ ଆପଣଙ୍କ ରିସ୍କ ପ୍ରୋଫାଇଲ ବୁଝିବା ନିହାତି ଆବଶ୍ୟକ। ଏହାହିଁ ଉଚିତ୍ ପଦକ୍ଷେପ। ଆପଣ କେତେ ରିସ୍କ୍ ନେଇ ପାରିବେ। ହୁଏତ ଅବସରକାଳୀନ ପାଣ୍ଠିକୁ ଆପଣ ରିସ୍କ ନିହିତ ଥିବା ସ୍କିମ୍‌ରେ ନିବେଶ କରିବା ପାଇଁ ଚାହୁଁ ନ ଥାଇପାରନ୍ତି। ଏମିତି ଅନେକ ପ୍ରଶ୍ନ ଆପଣଙ୍କ ମନରେ ଆସୁଥିବ।

ଆମର ପରାମର୍ଶ ଜଣେ ଦକ୍ଷ ଓ ଅଭିଜ୍ଞ ଆର୍ଥିକ ଯୋଜନାକାରୀଙ୍କ ସହ ପରାମର୍ଶ କରନ୍ତୁ। ଆପଣଙ୍କ ସର୍ବଶେଷ ତଥ୍ୟ ଦେଇଥିଲେ ହୁଏତ ସେ କିଛି ପରାମର୍ଶ ଦେଇପାରିବେ। ସବୁଠାରୁ ମୁଖ୍ୟ ଦିଗ ହେଉଛି ଏକ ବିବିଧୀକରଣ ନିବେଶ ପୋର୍ଟଫୋଲିଓ ଅନୁଯାୟୀ ନିବେଶ କରନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ**
**ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

# ବଢ଼ିଲା ଅଣସବ୍‌ସିଡି ଏଲ୍‌ପିଜି ଦର

**ମୁମ୍ବାଇ, ୧-୧**

ବୁଧବାର ଅଣସବସିଡି ଏଲ୍‌ପିଜି ଏବଂ ବିମାନ ଇନ୍ଧନ ବା ଏଟିଏଫ୍ ମୂଲ୍ୟ ବଢିଛି। ଏଟିଏଫ୍ ମୂଲ୍ୟ ୨.୬% ବଢିଥିବାବେଳେ ଅଣ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ପିଛା ୧୯ ଟଙ୍କା ବୃଦ୍ଧି ଘଟିଛି। ବିମାନ ଇନ୍ଧନର କିଲୋଲିଟର ପିଛା ମୂଲ୍ୟ ୧୬୩୭.୨୫ ଟଙ୍କା ବୃଦ୍ଧି ଘଟି ୬୪,୩୨୩.୭୬ ଟଙ୍କା ରହିଛି। ଅନ୍ତର୍ଜାତୀୟ ବଜାରରେ ମୂଲ୍ୟ ବୃଦ୍ଧି ଯୋଗୁ ଏଭଳି ଦର ବୃଦ୍ଧି ଘଟିଥିବା ଜଣାପଡିଛି। ଏହାବାଦ ପୂର୍ବରୁ ଅଣସବ୍‌ସିଡି ଏଲ୍‌ପିଜି ବାବଦକୁ ପୂର୍ବରୁ ୬୯୫ ଟଙ୍କା ଦେବାକୁ ପଡୁଥିବା ବେଳେ ଏହା ବର୍ତ୍ତମାନ ୭୧୪ ଟଙ୍କାକୁ ବୃଦ୍ଧି ଘଟିଛି। ଚଳିତ ବର୍ଷ ସେପ୍ଟେମ୍ବର ପରଠାରୁ ଏଲ୍‌ପିଜି ମୂଲ୍ୟରେ ଲଗାତାର ମୂଲ୍ୟ ବୃଦ୍ଧି ଘଟୁଛି। ଗତ ପାଞ୍ଚ ମାସରେ ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜିର ସିଲିଣ୍ଡର ପିଛା ମୂଲ୍ୟ ୧୩୯.୫୦ ଟଙ୍କା ବଢିଛି।

# ଦୃଷ୍ଟିବାଧିତଙ୍କ ଲାଗି ନୋଟ୍ ଚିହ୍ନିବା ହେବ ସହଜ

**ମୁମ୍ବାଇ, ୧-୧**

ଦୃଷ୍ଟିବାଧିତଙ୍କ ଲାଗି ନୋଟ୍ ଚିହ୍ନିବା ଏବେ ସହଜ ହେବ। ଏଥି ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ନୂଆ ମୋବାଇଲ ଆପ୍ଲିକେଶନ ଆଣିଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ନୂଆ ଆପ୍ଲିକେଶନକୁ ବୁଧବାର ଶୁଭାରମ୍ଭ କରିଛନ୍ତି। ଏହି ଆପ୍ଲିକେଶନର ନାମ ମୋବାଇଲ ଏଡେଡ ନୋଟ୍ ଆଇଡେଣ୍ଟିଫାୟର (ଏମ୍‌ଏନ୍‌ଆଇ) ରହିଛି। ଆଣ୍ଡ୍ରଏଡ ପ୍ଲେ ଷ୍ଟୋର କିମ୍ବା ଆଇଓଏସ୍ ଆପ୍ ଷ୍ଟୋରରୁ ଏହାକୁ ମାଗଣାରେ ଡାଉନଲୋଡ କରାଯାଇ ପାରିବ। ମୋବାଇଲର ପଛ କ୍ୟାମେରାରେ ଫଟୋ ଉଠାଇ ଦୃଷ୍ଟିବାଧିତ ମହାତ୍ମାଗାନ୍ଧୀ ସିରିଜ ଏବଂ ମହାତ୍ମା ଗାନ୍ଧୀ ନୂଆ ସିରିଜ ନୋଟ୍ ଚିହ୍ନଟ କରିପାରିବେ।

ଜିଲ୍ଲା ସଂସ୍କୃତି ପରିଷଦ, ଝାରସୁଗୁଡ଼ା
୧୮ତମ ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବ
ଜାନୁୟାରୀ ୧ରୁ ୫ ତାରିଖ ପର୍ଯ୍ୟନ୍ତ
ମନମୋହନ ସ୍କୁଲ ପ୍ରାଙ୍ଗଣ,
ଝାରସୁଗୁଡ଼ା
ଦୁଲ୍‌ଦୁଲି ୨୦୨୦ ପଲ୍ଲିଶ୍ରୀ ମେଳା

**ODISHA STATE CIVIL SUPPLIES CORPORATION LTD.,**
**OFFICE OF THE DISTRICT MANAGER, NAYAGARH**
**OFFICE QUOTATION / TENDER CALL NOTICE**

Sealed quotations/ tenders are invited from interested reputed Travel Agencies/ Tour Operators or private individuals for providing 01(one) no. AC/non AC Diesel driven vehicle for paddy procurement operation KMS: 2019-20 up to 30.09.2020 in the Office of the CSO-cum-District Manager, OSCSC Ltd., Nayagarh on monthly rent basis.

1. The vehicle must be in Road Worthy Condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Valid Contract Carriage Permit, proof of up to date tax payment etc. which are mandatory for paying vehicle. The office of the C.S.O-cum-District Manager, OSCSC Ltd., Nayagarh hiring the vehicle shall not be responsible for any damage/ loss caused to hired vehicle or loss of life/ injury made to any person or damage any property on account of use of hired vehicle any manner whatsoever. The hirer shall not be responsible for all such litigation.
2. The driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport vehicle.
3. The driver should be well behave, gentle and obedient in nature.
4. A sum of Rs, 5000/- shall be deposited by the intending bidders in shape of Bank Draft drawn in favor of the District Manager, OSCSC Ltd., Nayagarh and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charges is quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of TUV 300/ Bolero/ SUMO Gold/ Ertiga 12 Kms. Per liter.
7. The details of the make and year of manufacture of the vehicle, registration no., mileage (KMS covered per liter) and name of the driver with Driving License No. and period of validity should be specifically provided in the general bid information to be furnished with the Quotation/Tender.
8. The Quotation completed in all respect should reach the undersigned on or before 09.01.2020 up to 05:00 PM and shall be opened on 10.01.2020 at 11:00 AM in presence of the bidders or their authorized representatives.
9. The application form of Quotation/ Tender containing General Bid information & Terms and condition for Hiring of Vehicles etc. will be available in the Office of the C.S.O-cum-District Manager, OSCSC Ltd., Nayagarh on payment of Rs. 100/- from 03.01.2020 to 09.01.2020.

Sd./-
C.S.O-cum-District Manager,
OSCSC Ltd., Nayagarh

**ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ -୨୦୨୦**

ତା ୦୧.୦୧.୨୦୨୦ ରିଖ କୁ ଯୋଗ୍ୟତା ସୂଚକ ତାରିଖ ଭାବେ ଭିତ୍ତିକରି ଭାରତ ନିର୍ବାଚନ କମିଶନ ରାଜ୍ୟର ୧୪୭ ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ନିମ୍ନ ଲିଖିତ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି।

D-243

| | |
|---|---|
| ଚିଠା ଭୋଟର ତାଲିକା ପ୍ରକାଶନ- | ୧୬.୧୨.୨୦୧୯ |
| ଦାବୀ ଓ ଆପତ୍ତି ଦାଖଲ- | ୧୬.୧୨.୨୦୧୯ ଠାରୁ ୧୫.୦୧.୨୦୨୦ ପର୍ଯ୍ୟନ୍ତ |
| ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ- | ୦୭.୦୨.୨୦୨୦ |

ଚଳିତ ତା-୧୬.୧୨.୨୦୧୯ ଠାରୁ ୧୫.୦୧.୨୦୨୦ରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଭୋଟ ଗ୍ରହଣ କେନ୍ଦ୍ର ଗୁଡିକରେ ସରକାରୀ କାର୍ଯ୍ୟ ଦିବସରେ ଚିଠା ଭୋଟର ତାଲିକାକୁ ଭୋଟର ମାନେ ତନଖି କରିପାରିବେ।

- ଯଦି ଆପଣ ୦୧.୦୧.୨୦୨୦କୁ ୧୮ ବର୍ଷ ବା ତଦୁର୍ଦ୍ଧ୍ୱ ଏବଂ ଭୋଟର ତାଲିକାରେ ନାମ ନାହିଁ ତେବେ ଫର୍ମ-୬ ରେ ପାସପୋର୍ଟ ସାଇଜ ଫଟୋ, ଜନ୍ମ ତାରିଖ ପ୍ରମାଣ ଏବଂ ବାସସ୍ଥାନ ପ୍ରମାଣ ସହ ଦରଖାସ୍ତ ଦିଅନ୍ତୁ।
- ଯଦି ଆପଣଙ୍କ ନାମ ଭୋଟର ତାଲିକାରେ ଏକାଧିକ ସ୍ଥାନରେ ଅଛି, ଗୋଟିଏ ସ୍ଥାନରେ ନିଜ ନାମ ରଖି ଅନ୍ୟ ସ୍ଥାନ / ସ୍ଥାନ ଗୁଡିକରୁ ନାମ ବାଦ ଦେବା ନିମନ୍ତେ ଫର୍ମ-୭ ରେ କିମ୍ବା
- ଭୋଟର ତାଲିକାରେ ନାମ ତ୍ରୁଟି ସଂଶୋଧନ କରିବା ପାଇଁ ଫର୍ମ-୮ ରେ ଦରଖାସ୍ତ ସଂପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବି.ଏଲ୍.ଓ) / ବ୍ଲକ / ମୁନସିପାଲଟି / ଉପ-ଜିଲ୍ଲାପାଳଙ୍କ କାର୍ଯାଳୟରେ ଖୋଲା ଯାଇଥିବା ଭୋଟର ସହାୟତା କେନ୍ଦ୍ରରେ ଦାଖଲ କରିପାରିବେ।
  ଯଦି ଭୋଟର ତାଲିକାରେ ଆପଣଙ୍କ ଫଟୋ ନାହିଁ ତେବେ ବୂଥ୍ ସ୍ତରୀୟ ଅଧିକାରୀ କିମ୍ବା ଭୋଟର ସହାୟତା କେନ୍ଦ୍ରରେ ଆପଣଙ୍କ ରଙ୍ଗିନ୍ ପାସପୋର୍ଟ ସାଇଜ ଫଟୋ ଦିଅନ୍ତୁ।
- ଭୋଟର ତାଲିକାକୁ ସଂପୂର୍ଣ୍ଣ ଶୁଦ୍ଧ ଏବଂ ବିଶ୍ୱସନୀୟ କରିବା ନିମନ୍ତେ ଏହି ପ୍ରୟାସରେ ଆପଣଙ୍କର ସହଯୋଗ ଏକାନ୍ତ ଆବଶ୍ୟକ।
- **ଭୋଟର ତାଲିକାରେ ନାମ ଯୋଗ, ବାଦ୍ ବା ସଂଶୋଧନ ନିମନ୍ତେ www.nvsp.in / www.ceoorissa.nic.in ରେ on-line ଦରଖାସ୍ତ ଦେଇପାରିବେ।**

**ଜାଣି ରଖନ୍ତୁ:-**
- ଏକାଧିକ ସ୍ଥାନରେ ଭୋଟର ତାଲିକାରେ ପଞ୍ଜୀକରଣ କରିବା ଏକ ଦଣ୍ଡନୀୟ ଅପରାଧ
- ଗୋଟିଏ ଭୋଟର ପରିଚୟ ପତ୍ର ସାରା ଭାରତରେ ବୈଧ।
- ଭୋଟର ତାଲିକାରେ ଆପଣଙ୍କ ନାମ ଯାଞ୍ଚ କରିବା ନିମନ୍ତେ website: www.ceoorissa.nic.in / www.nvsp.in ଦେଖନ୍ତୁ।
- ଅଧିକ ଜାଣିବା ପାଇଁ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଖୋଲାଯାଇ ଥିବା ଭୋଟର ସହାୟତା କେନ୍ଦ୍ରରେ ଯୋଗାଯୋଗ କରନ୍ତୁ କିମ୍ବା ନିଃଶୁଳ୍କ ନମ୍ବର 0674-1950 / 1950 କୁ ଫୋନ୍ କରନ୍ତୁ।

12030/11/0002/1920
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା

"ଅଧିନାୟକ ଭାବେ ବିରାଟ କୋହଲି ଦିନକୁ ଦିନ ଉନ୍ନତି କରୁଛନ୍ତି। ପଡ଼ିଆରେ ବିରାଟଙ୍କ ପରି ଉତ୍ସାହ ଓ ଶକ୍ତି ଅନ୍ୟ କୌଣସି ଅଧିନାୟକଙ୍କ ନିକଟରେ ଦେଖିବାକୁ ମିଳେନାହିଁ।
–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ୍ କୋଚ୍



"ଆଇସିସି ଟି୨୦ ବିଶ୍ୱକପ୍ ପୂର୍ବରୁ ଆମକୁ ସୀମିତ ଓଭର କ୍ରିକେଟ୍‌ରେ ବହୁତ କିଛି ଉନ୍ନତି କରିବାକୁ ପଡ଼ିବ ।
–ମିସ୍‌ବା–ଉଲ୍ ହକ୍, ପାକିସ୍ତାନ କ୍ରିକେଟ୍ କୋଚ୍



## ସଂକ୍ଷେପରେ

### ୟୁଥ୍ ଗେମ୍ସରେ ଶ୍ରେଷ୍ଠ ପ୍ରଦର୍ଶନ ଆଶା: ଶିବାଙ୍ଗି



ନୂଆଦିଲ୍ଲୀ, ୧।୧: ଗତ କିଛିବର୍ଷ ଧରି ଭାରତରେ ସନ୍ତରଣ କ୍ରୀଡ଼ାକୁ ଗୁରୁତ୍ୱ ଦିଆଯାଉଛି। ଭାରତ ସରକାର ଆଥଲେଟ୍‌ମାନଙ୍କୁ ଆର୍ଥିକ ସହାୟତା ମଧ ପ୍ରଦାନ କରିବା ବହୁତ ଭଲ କଥା ବୋଲି ୨୦୧୯ ଦକ୍ଷିଣ ଏସୀୟ କ୍ରୀଡ଼ାର ୧୦୦, ୨୦୦ ଓ ୪୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ପଦକ ବିଜୟିନୀ ଶିବାଙ୍ଗି ଶର୍ମା ପ୍ରକାଶ କରିଛନ୍ତି। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଗତ ସଂସ୍କରଣରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଶିବାଙ୍ଗି ଆଗାମୀ ସଂସ୍କରଣରେ ମଧ ସେହି ପ୍ରଦର୍ଶନ ବଜାୟ ରଖିବାନେଇ ଆଶାବାଦୀ ଅଛନ୍ତି। ତୃତୀୟ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଗୁଆହାଟୀଠାରେ ଜାନୁୟାରୀ ୧୦ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। "୨୦୧୯ ୟୁଥ୍ ଗେମ୍ସରେ ମୁଁ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ଜିତିଥିଲି। ଏହି ପ୍ରତିଯୋଗିତାରୁ ମୋତେ ବହୁତ ଅଭିଜ୍ଞତା ମିଳିଥିଲା। ପ୍ରତିଯୋଗିତାର ଆଗାମୀ ସଂସ୍କରଣ ମୋ ରାଜ୍ୟ ଆସାମରେ ହେବାକୁ ଯାଉଛି। ତେଣୁ ମୁଁ କଠିନ ପରିଶ୍ରମ କରି ଆସାମକୁ ଗର୍ବିତ କରିବାକୁ ଚାହେଁ" ବୋଲି ଶିବାଙ୍ଗି କହିଛନ୍ତି।

### ରୋନାଲ୍ଡୋଙ୍କ ହେୟାର ଷ୍ଟାଇଲକୁ ପ୍ରଶଂସକଙ୍କ ନାପସନ୍ଦ

ରୋମ୍,୧।୧- ଲୋକପ୍ରିୟ ଅନ୍ତର୍ଜାତୀୟ ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ନୂଆ ହେୟାର ଷ୍ଟାଇଲକୁ ପ୍ରଶଂସକମାନେ ନାପସନ୍ଦ କରିଛନ୍ତି। ସମ୍ପୃକ୍ତ ପର୍ତ୍ତୁଗାଲ ଷ୍ଟାରଙ୍କୁ ଚଳିତ ସପ୍ତାହରେ ଦୁବାଇଠାରେ ଗ୍ଲୋବ ସକର ପୁରସ୍କାର ବିତରଣ ଉତ୍ସବରେ ବିଶ୍ୱର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସେ ନିଜର ନୂଆ ଲୁକ୍ ଦେଖାଇଥିଲେ। ଏହାକୁ ଟୁଇଟରରେ ପ୍ରଶଂସକମାନେ ନାପସନ୍ଦ କରିବା ସହ ଗାରେଥ ବାଲେଙ୍କ ହେୟାର ଷ୍ଟାଇଲକୁ ନକଲ କରାଯାଇଥିବା ଲେଖିଛନ୍ତି। ଜଣେ ୟୁଜର ଲେଖିଛନ୍ତି, ତୁମେ ରୋନାଲ୍ଡୋଙ୍କୁ ରିୟଲ ମାଡ୍ରିଡରୁ ନେଇପାରିବ, କିନ୍ତୁ ତାଙ୍କ ମଧରେ ଥିବା ବାଲେଙ୍କୁ ନୁହେଁ। ଆଉ ଜଣେ ଟୁଇଟ୍ କରିଛନ୍ତି, ରୋନାଲ୍ଡୋ ବାଲେଙ୍କ ଭଳି ଦେଖାଯାଉଛନ୍ତି। କ୍ରୀଡ଼ାବିତ୍‌ଙ୍କ ମଧରେ ରୋନାଲ୍ଡୋଙ୍କ ସବୁଠୁ ଅଧିକ ଫ୍ୟାନ ଫଲୋଇଂ ରହିଛି। ନିକଟରେ ସେ ଭିନ୍ନକ୍ଷମ ଛୁଆଙ୍କ ସହ ଖେଳୁଥିବାର ଭିଡିଓ ଟୁଇଟ୍ କରି ପ୍ରଶଂସକଙ୍କ ମନ ଜିତିଥିଲେ।

# 'ଟୋକିଓରେ ଟପ୍–୪ ସମ୍ଭବ'

ଭୁବନେଶ୍ୱର, ୧।୧(କ୍ରୀଡ଼ା ପ୍ରତିନିଧି)

୨୦୧୮ ପୁରୁଷ ହକି ବିଶ୍ୱକପର ନୈରାଶ୍ୟକୁ ଭୁଲି ଭାରତୀୟ ହକି ଦଳ ଏବେ ୨୦୨୦ ଟୋକିଓ ଅଲିମ୍ପିକ୍ସ ଉପରେ ଦୃଷ୍ଟି ନିବଦ୍ଧ କରିଛି। ୨୦୧୯ ନଭେମ୍ବରରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରୁ ଦଳକୁ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ମିଳିଥିଲା। ଏବେ ଏହି ଷ୍ଟାଡିୟମରେ ଜାତୀୟ ଦଳର କ୍ୟାମ୍ପରେ ଦଳ ଆଗାମୀ ମେଗା ଇଭେଣ୍ଟ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ଯାଉଛି। "୨୦୧୯ ଭାରତୀୟ ହକି ପାଇଁ ସକାରାତ୍ମକ ରହିଥିଲା। ଆମର ମୁଖ୍ୟ ଟାର୍ଗେଟ ଥିଲା ଅଲିମ୍ପିକ୍ସ ଯୋଗ୍ୟତା। ବର୍ଷ ସାରା ଦଳ ସ୍ଥିର ପ୍ରଦର୍ଶନ ଦେବା ସହ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା। ବିଶ୍ୱ ର୍‍ୟାଙ୍କିଙ୍ଗରେ ୫ ନମ୍ବର ସ୍ଥାନ ବଜାୟ ରଖିବା ମଧ ଦଳର ମନୋବଳକୁ ବଢ଼ାଇ ଦେଇଛି" ବୋଲି ଅଧିନାୟକ ମନପ୍ରୀତ ସିଂ ପ୍ରକାଶ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଟପ୍–୪ରେ ସ୍ଥାନ ପାଇବା ସମ୍ଭବ ବୋଲି ଦଳର ଖେଳାଳିଙ୍କ ହୃଦ୍‌ବୋଧ ହେଉଛି। ଆମେ ସେମିଫାଇନାଲରେ ପ୍ରବେଶ କରିପାରିଲେ ତେଣିକି ନିର୍ଦ୍ଦିଷ୍ଟ ଦିବସର ଖେଳ ଯେ କୌଣସି ଦଳର ହୋଇପାରେ ବୋଲି ସେ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ ୨୦୧୮ ହକି ବିଶ୍ୱକପରେ ଭାରତ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିଲା।

## ଦକ୍ଷ ଯୁବ ଖେଳାଳିଙ୍କ ସଂଖ୍ୟା ବଢ଼ିଛି

ଅନ୍ତର୍ଜାତୀୟ ଷ୍ଟାଣ୍ଡାର୍ଡର ଖେଳାଳିଙ୍କ ସଂଖ୍ୟା ବୃଦ୍ଧି ମଧ ଭାରତୀୟ ଦଳର ଶକ୍ତିବୃଦ୍ଧି କରିଛି ବୋଲି ମନପ୍ରୀତ ବିଶ୍ୱାସ କରୁଛନ୍ତି। "ଗତବର୍ଷ ଅନେକ ଯୁବ ଖେଳାଳି ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଅନ୍ତର୍ଜାତୀୟ ଷ୍ଟାଣ୍ଡାର୍ଡର ଖେଳାଳି ମହଜୁଦ ହେବା ଫଳରେ ଭାରତୀୟ ଦଳର ବେଞ୍ଚ୍‌ଷ୍ଟ୍ରେଙ୍ଗ୍ଥ ବୃଦ୍ଧି ପାଇଛି। ଅନ୍ତର୍ଜାତୀୟ ସ୍ତରରେ ଯୁବ ଖେଳାଳିମାନେ ଚାପରେ ବିଚଳିତ ନ ହେବା ମଧ ଭଲ ଲକ୍ଷଣ ଥିଲା। ଆମେ ଏବେ ଏଫଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଖେଳିବାକୁ ଯାଉଥିବାରୁ ଏହା ଆମକୁ ନିଶ୍ଚିତ ଫାଇଦାରେ ରଖିବ" ବୋଲି ମନପ୍ରୀତ କହିଛନ୍ତି।

## ପ୍ରଥମେ ପ୍ରୋ ଲିଗ୍

ନିକଟରେ ପ୍ରୋ ଲିଗ୍ ଆରମ୍ଭ ହେବାକୁ ଯାଉଥିବାରୁ ଏହି ପ୍ରତିଯୋଗିତା ଆମର ପ୍ରଥମ ଟାର୍ଗେଟ। ଗତ ସୋମବାର ଆମେ ଏକ ବୈଠକରେ ଏକତ୍ରିତ ହୋଇ ଆମର ଇଚ୍ଛା ମୁଖ୍ୟ କୋଚ୍ ଗ୍ରାହାମ ରିଡ୍‌ଙ୍କୁ ଜଣାଇ ଦେଇଛୁ। ଜାନୁୟାରୀ, ଫେବୃୟାରୀରେ ଆମେ ନେଦରଲାଣ୍ଡ୍ସ, ବେଲଜିୟମ ଓ ଅଷ୍ଟ୍ରେଲିଆ ପରି ଦଳକୁ ଭେଟିବୁ। ତେଣୁ ଏହିସବୁ ଦଳ ବିପକ୍ଷରେ କିପରି ବିଜୟ ସମ୍ଭବ ହୋଇପାରିବ ତା ଉପରେ ଫୋକସ୍ କରାଯାଉଛି। ଏହିସବୁ ଦଳ ଗୁଡ଼ିକ ବିପକ୍ଷରେ ଖେଳିସାରିବା ପରେ ଆମେ ଅଲିମ୍ପିକ୍ସ ପାଇଁ କେତେ ପ୍ରସ୍ତୁତ ହୋଇପାରିଛୁ ତାହାର ଆଭାଷ ମିଳିବ ବୋଲି ଏହି ତାରକା ମିଡ୍‌ଫିଲ୍ଡର ପ୍ରକାଶ କରିଛନ୍ତି।

## ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ହ୍ୟାଟ୍ରିକ ଟାଇଟଲ ଲକ୍ଷ୍ୟ

ଭାରତ ୨୦୧୬ ଓ ୨୦୧୮ରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଛି। ୨୦୨୦ରେ ଏହି ପ୍ରତିଯୋଗିତା ଖେଳାଯିବାକୁ ଥିବାରୁ କ୍ରମାଗତ ତୃତୀୟଥର ପାଇଁ ଟାଇଟଲ ଜିତି ହ୍ୟାଟ୍ରିକ କରିବା ଦଳର ଲକ୍ଷ୍ୟ ବୋଲି ମନପ୍ରୀତ କହିଛନ୍ତି। ଏସିଆନ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ବଜାୟ ରଖିବା କଥା ଆମ ମନରେ ରହିଛି। ତେବେ ଆମେ ହଠାତ ଏହି ଟୁର୍ନାମେଣ୍ଟ ସମ୍ପର୍କରେ ଚିନ୍ତା ନ କରି ପ୍ରଥମେ ଆସୁଥିବା ପ୍ରତିଯୋଗିତା ସମ୍ପର୍କରେ ଚିନ୍ତା କରୁଛୁ। ଏହାପରେ ଆମେ ଆଗାମୀ ଟୁର୍ନାମେଣ୍ଟ ସମ୍ପର୍କରେ ଯୋଜନା ପ୍ରସ୍ତୁତ କରି ଆଗକୁ ବଢ଼ିବୁ ବୋଲି ଅଧିନାୟକ ପ୍ରକାଶ କରିଛନ୍ତି।

## ୯ ମାସ ସମୟ

ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଆମେ ମୋଟ ୯ ମାସ ସମୟ ପାଇଥିଲୁ। ତେଣୁ ଦିନକୁ ଦିନ କିପରି ଆମ ପ୍ରଦର୍ଶନରେ ଉନ୍ନତି ହୋଇପାରିବ ସେଥିପାଇଁ ଟ୍ରେନିଂର ପ୍ରତି ସେସନରେ ଯୋଜନା ପ୍ରସ୍ତୁତ ହେଉଛି। ରିଡ୍‌ଙ୍କ ତତ୍ତ୍ୱାବଧାନରେ ଆମେ କିଛି ନିର୍ଦ୍ଦିଷ୍ଟ ଯୋଜନାକୁ ନେଇ ଆଗକୁ ବଢ଼ୁଛୁ। ଆମେ ତାହାକୁ କାର୍ଯ୍ୟକାରୀ କରିପାରିଲେ ଭଲ ଫଳ ମିଳିବାନେଇ ମୁଁ ଦୃଢ଼ ନିଶ୍ଚିତ ବୋଲି ସେ କହିଛନ୍ତି।

"ଟୋକିଓ ଅଲିମ୍ପିକ୍ସ ହକିରେ ଟପ୍-୪ରେ ସ୍ଥାନ ସମ୍ଭବ ବୋଲି ଆମର ହୃଦ୍‌ବୋଧ ହେଉଛି। ସେମିଫାଇନାଲରେ ପ୍ରବେଶ ଭାରତୀୟ ଦଳର ପ୍ରଥମ ଟାର୍ଗେଟ। ତେଣିକି ନିର୍ଦ୍ଦିଷ୍ଟ ଦିବସର ଖେଳ ଯେ କୌଣସି ଦଳର ହୋଇପାରେ"।



ମନପ୍ରୀତ ସିଂ

# ମହିଳା, ପୁରୁଷ ଫାଇନାଲରେ ରେଲୱେ


ପୁରୁଷ ବିଭାଗ ସେମିଫାଇନାଲ ମ୍ୟାଚ୍‌ର ଏକ ଦୃଶ୍ୟ।

**ଜାତୀୟ ସିନିୟର ଭଲିବଲ**

ଭୁବନେଶ୍ୱର, ୧।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ଇନ୍‌ଡୋର ହଲ୍‌ରେ ଚାଲିଥିବା ୬୮ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ର ଉଭୟ ମହିଳା ଓ ପୁରୁଷ ବିଭାଗ ସେମି ଫାଇନାଲ ମ୍ୟାଚ ଶେଷ ହୋଇଛି। ଫଳରେ ମହିଳା ବିଭାଗରେ କେରଳ–ରେଲୱେ ଓ ପୁରୁଷ ବିଭାଗରେ ତାମିଲନାଡୁ–ରେଲୱେ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କେରଳ ୩–୦ ସେଟ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ସେମିରେ ରେଲୱେ ୩–୦ ସେଟ୍‌ରେ ପଶ୍ଚିମବଙ୍ଗକୁ ହରାଇ ଦେଇଥିଲା। ପୁରୁଷ ବିଭାଗର ପ୍ରଥମ ସେମିଫାଇନାଲରେ ତାମିଲନାଡୁ ୩–୧ ସେଟ୍‌ରେ କର୍ଣ୍ଣାଟକକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ସେମିରେ ରେଲୱେ ୩–୦ ସେଟ୍‌ରେ କେରଳକୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି।

## ପାକିସ୍ତାନରେ ଖେଳାଯିବ ପୂରା ପିଏସ୍‌ଏଲ୍

ଲାହୋର,୧।୧

ଇତିହାସରେ ପ୍ରଥମ ଥର ପାଇଁ ପୂରା ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ପାକିସ୍ତାନରେ ଅନୁଷ୍ଠିତ ହେବ। ଏ ନେଇ ପିସିବି ବୁଧବାର ଘୋଷଣା କରିଛି। ଏହି ଇଭେଣ୍ଟ ଫେବୃୟାରୀ ୨୦ରୁ ମାର୍ଚ୍ଚ ୨୨ ତାରିଖ ପର୍ଯ୍ୟନ୍ତ ୪ ସହରରେ ଖେଳାଯିବ। ଚଳିତବର୍ଷ ପିଏସ୍‌ଏଲରେ ମୋଟ୍ ୩୪ଟି ମ୍ୟାଚ୍ ଖେଳାଯିବ ବୋଲି ଇଭେଣ୍ଟର ୫୦ ଦିନ ପୂର୍ବରୁ ଘୋଷଣା କରାଯାଇଛି। ଦେଶକୁ ଟେଷ୍ଟ କ୍ରିକେଟ ଫେରିବା ପରେ ପୂରା ପିଏସ୍‌ଏଲ ଆୟୋଜନ କରିବା ଏକ ବଡ଼ ସଫଳତା। ଏହା ପାକିସ୍ତାନର ଲିଗ୍, ଏଥିରେ କିଛି ଦ୍ୱନ୍ଦ୍ୱ ନାହିଁ। ଏହା ଘରୋଇ ଦର୍ଶକଙ୍କ ସାମ୍ନାରେ ଖେଳାଯିବା ଉଚିତ। ଗତବର୍ଷ ଆମେ ଏ ସମ୍ପର୍କରେ ଦେଶବାସୀଙ୍କୁ କଥା ଦେଇଥିଲୁ ବୋଲି ପିସିବି ଚେୟାରମ୍ୟାନ ଏହସାନ ମାନି କହିଛନ୍ତି। ସିଜନର ପ୍ରଥମ ମ୍ୟାଚ୍ ଡିଫେଣ୍ଡିଂ ଚାମ୍ପିୟନ କ୍ୱେଟା ଗ୍ଲାଡିଏଟର୍ସ ଓ ଇସ୍‌ଲାମାବାଦ ୟୁନାଇଟେଡ୍ ମଧରେ ଖେଳାଯିବ। କରାଚୀସ୍ଥିତ ଜାତୀୟ ଷ୍ଟାଡିୟମରେ ଗ୍ରୁପ୍‌ର ଶୀର୍ଷ ଦୁଇ ଦଳ ମଧରେ କ୍ୱାଲିଫାୟର ଅନୁଷ୍ଠିତ ହେବ। ସେହିଭଳି ଗଦାଫି ଷ୍ଟାଡିୟମରେ ଦୁଇଟି ଏଲିମିନେଟର ଖେଳାଯିବ।

# ଧୋନୀ, କୋହଲିଙ୍କୁ ନେତୃତ୍ୱ

**ଦଶନ୍ଧିର ଦିନିକିଆ, ଟେଷ୍ଟ ଦଳ**



ନୂଆଦିଲ୍ଲୀ,୧।୧(ପି.ଟି.)

ଇଏସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ ତରଫରୁ ଗତ ଏକ ଦଶନ୍ଧିର ଦିନିକିଆ, ଟି୨୦ ଓ ଟେଷ୍ଟ ଦଳ ଘୋଷିତ ହୋଇଛି। ଦିନିକିଆ ଓ ଟି୨୦ ଦଳରେ ମହେନ୍ଦ୍ର ସିଂ ଧୋନୀଙ୍କୁ ନେତୃତ୍ୱ ଦିଆଯାଇଥିବା ବେଳେ ଟେଷ୍ଟରେ ବିରାଟ କୋହଲିଙ୍କୁ ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୩ ଜଣିଆ ସଦସ୍ୟଙ୍କୁ ନେଇ ଗଠିତ ଚୟନ କମିଟି ୩ଟି ଫର୍ମାଟ ପାଇଁ ଦଳ ଚୟନ କରିଛି। ୬ଟି ସକ୍ରିୟ ବର୍ଷର ୫୦ଟି ଟେଷ୍ଟ, ୭୫ଟି ଦିନିକିଆ ଓ ୧୦୦ଟି ଟି୨୦ ମ୍ୟାଚ୍‌କୁ ଦୃଷ୍ଟିରେ ରଖି ଏହି ଦଳଗୁଡିକ ଚୟନ କରାଯାଇଛି।

ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ୟୁଜବେନ୍ଦ୍ର ଚହଲଙ୍କ ଉତ୍ଥାନ ପରେ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଚୟନରେ ଅଣଦେଖା କରାଯାଇଛି। ଟେଷ୍ଟ ଦଳରେ ଏହି ଦୁଇ ରିଷ୍ଟ ସ୍ପିନର ସ୍ଥାନ ପାଇଛନ୍ତି। ଟେଷ୍ଟ ଦଳରେ ଇଂଲଣ୍ଡର ଆଲିଷ୍ଟର କୁକ୍ ଓ ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ମଧ ସ୍ଥାନ ପାଇଛନ୍ତି। ଗତ ଏକ ଦଶନ୍ଧିରେ କୋହଲି ୫୪.୯୭ ହାରରେ ୭,୨୦୨ ରନ ସଂଗ୍ରହ କରିଛନ୍ତି। ସେହିପରି ଅଶ୍ୱିନ ୨୫. ୩୬ ରନ ହାରରେ ୩୬୨ଟି ଉଇକେଟ ନେଇଛନ୍ତି। ଏକମାତ୍ର ଭାରତୀୟ ଖେଳାଳି ଭାବେ କୋହଲି ସବୁ ୩ଟି ଯାକ ଫର୍ମାଟରେ ସ୍ଥାନ ପାଇଛନ୍ତି। ଉପ– ଅଧିନାୟକ ରୋହିତ ଶର୍ମା ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି।

ଟି୨୦ ଦଳରେ ଯଶପ୍ରୀତ ବୁମ୍‌ରାଙ୍କ ସମେତ କୋହଲି ଓ ଧୋନୀ ସ୍ଥାନିତ ହୋଇଛନ୍ତି। ଟି୨୦ ଦଳରେ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି। ସେହିପରି ମହିଳା ଦିନିକିଆ ଓ ଟି୨୦ ଦଳରେ ମିଥାଲି ରାଜ ଓ ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀ ସ୍ଥାନ ପାଇଛନ୍ତି। ଅଷ୍ଟ୍ରେଲିଆର ମେଗ ଲାନିଂ ଅଧିନାୟିକା ନିଯୁକ୍ତ ହୋଇଛନ୍ତି।

# କାଲରା ଏକ ବର୍ଷ ବାସନ୍ଦ

**ବୟସ ଜାଲିଆତି**

ନୂଆଦିଲ୍ଲୀ, ୧।୧(ପି.ଟି.)



ବୟସ ଜାଲିଆତିରେ ଧରାପଡିଛନ୍ତି ୧୯ ବର୍ଷରୁ କମ୍ ବିଶ୍ୱକପ୍ ହିରୋ ମନଜୋତ କାଲରା। ଗତ ବିଶ୍ୱକପ୍ ଫାଇନାଲରେ ଶତକ ହାସଲ କରିଥିବା ଯୁବ ବାମହାତୀ ଓପନର କାଲରା ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) ଓମ୍ବୁଡ୍ସମ୍ୟାନଙ୍କ ଦ୍ୱାରା ବୟସ ଜାଲିଆତି ପାଇଁ ରଣଜୀ ଟ୍ରଫିରୁ ଗୋଟିଏ ବର୍ଷ ବାସନ୍ଦ ହୋଇଛନ୍ତି। ସେ ୧୬ ଓ ୧୯ ବର୍ଷରୁ କମ୍ କ୍ରିକେଟ ଖେଳୁଥିବା ବେଳେ ବୟସ ଜାଲିଆତି କରିଥିବା ଜଣାପଡିଥିଲା।

ତେବେ ସମାନ ପ୍ରକାର ଦୋଷ ପାଇଁ ଦିଲ୍ଲୀ ସିନିୟର ଦଳ ଉପ–ଅଧିନାୟକ ନୀତୀଶ ରାଣାଙ୍କୁ ବର୍ତ୍ତମାନ ପାଇଁ ଦଣ୍ଡିତ କରାଯାଇନାହିଁ। ଜୁନିୟର ସ୍ତରରେ ସେ ଏଭଳି ଜାଲିଆତି କରିଥିଲେ। ତେବେ ତାଙ୍କୁ ଆହୁରି କିଛି କାଗଜପତ୍ର ଦାଖଲ କରିବା ପାଇଁ କୁହାଯାଇଛି। ସେହିପରି ୧୯ ବର୍ଷରୁ କମ୍ ତାରକା ଶିବମ ମାଭିଙ୍କ ମାମଲା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ପ୍ରଦାନ କରାଯାଇଛି। ସେ ଏବେ ସିନିୟର କ୍ରିକେଟରେ ଉତ୍ତର ପ୍ରଦେଶ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି।

ଓମ୍ବୁଡ୍ସମ୍ୟାନ ବଦର ଦୁରେଜ ଅହମ୍ମଦ କାଲରାଙ୍କୁ ବୟସ– ବର୍ଗ କ୍ରିକେଟରୁ ୨ ବର୍ଷ ଓ ରଣଜୀ କ୍ରିକେଟରୁ ଗୋଟିଏ ବର୍ଷ ବାସନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ସେ ଅତିକମ୍‌ରେ ଚଳିତ ସେସନରେ ରଣଜୀ ନ ଖେଳିବା ସ୍ପଷ୍ଟ ହୋଇଛି। ବିସିସିଆଇ ରେକର୍ଡ ଅନୁସାରେ କାଲରାଙ୍କ ବୟସ ଏବେ ୨୦ ବର୍ଷ ୩୫୧ ଦିନ ରହିଛି। ସେ ଗତ ସପ୍ତାହରେ ୨୩ ବର୍ଷରୁ କମ୍ ଦିଲ୍ଲୀ ଦଳ ପାଇଁ ବେଙ୍ଗଲ ବିପକ୍ଷରେ ଖେଳିଥିଲେ ଓ ୮୦ ରନ ସଂଗ୍ରହ କରିଥିଲେ। ସେ ସିନିୟର ଓପନର ଶିଖର ଧାୱନଙ୍କ ବଦଳରେ ଖେଳିବାର କାର୍ଯ୍ୟକ୍ରମ ଥିଲା। ତେବେ ବର୍ତ୍ତମାନ ସେ ଖେଳିବାରୁ ବଞ୍ଚିତ ହେବେ। ଏହି ଘଟଣାରେ ଡିଡିସିଏ ସାଧାରଣ ସମ୍ପାଦକ ବିନୋଦ ତିହାରା ନୈରାଶ୍ୟ ଜାହିର କରିଛନ୍ତି।

## ମା' ଗଜଲକ୍ଷ୍ମୀ କପ୍ କ୍ରିକେଟ
## ବେତାକୁ ହରାଇ କଳଦିଆ ଚାମ୍ପିୟନ

ଆଳି,୧।୧(ଡି.ଏନ.ଏ)

ଆଳି ବଡାମ୍ବିଳା ପଞ୍ଚାୟତର ଦଶିପୁରଠାରେ ଥିବା ଗଜଲକ୍ଷ୍ମୀ ପଡ଼ିଆରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ମା' ଗଜଲକ୍ଷ୍ମୀ କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବେତା କ୍ଲବକୁ ହରାଇ କଳଦିଆ ଚାମ୍ପିୟନ ହୋଇଛି । ଏହି ଟୁର୍ନାମେଣ୍ଟରେ ମା' ଗଜଲକ୍ଷ୍ମୀ କ୍ରିକେଟ ଟିମ ଦଶିପୁର, ଗୁରୁମହାରାଜ ଟିମ କଳଦିଆ, ଅରେହିକଣା ଟିମ, ବଡାମ୍ବିଳା ଟିମ, ଅଟାଳ ଟିମ, ବେତା ଟିମ, ସାନଆଙ୍କୋ ଓ କୋଚିଳା କ୍ରିକେଟ ଟିମ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ୍‌ରେ ବେତା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୯ ଉଇକେଟ ହରାଇ ୮୬ ରନ ସଂଗ୍ରହ କରିଥିଲା । ଜବାବରେ କଳଦିଆ ଟିମ ୯.୪ ଓଭରରେ ମାତ୍ର ୧ ଉଇକେଟ ହରାଇ ୮୭ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚ୍‌ରେ ଅତିଥି ଭାବେ ସମାଜସେବୀ ପ୍ରମୋଦ ମଲ୍ଲିକ, ସୁଶାନ୍ତ ଦାଶ, ଗାଣ୍ଡିକ ବନମାଳୀ ସେନାପତି, ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍ ଓ ରନର୍ସଅପ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ ।

## ସମାଲୋଚନା ଦ୍ୱାରା ପ୍ରଭାବିତ ହୁଏ ନାହିଁ: ସିନ୍ଧୁ

ନୂଆଦିଲ୍ଲୀ,୧।୧(ପି.ଟି.)

ସମାଲୋଚନା ମୋତେ ପ୍ରଭାବିତ କରେନାହିଁ। ପ୍ରଶଂସକଙ୍କ ଆଶା ଦ୍ୱାରା ମଧ ଆଦୌ ପ୍ରଭାବିତ ହୁଏ ନାହିଁ ବୋଲି ବିଶ୍ୱ ଚାମ୍ପିୟନ ତଥା ଭାରତୀୟ ମହିଳା ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ କହିଛନ୍ତି। ଟୋକିଓରେ ଆୟୋଜନ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ପଦକ ହାସଲ କରିବା ପାଇଁ ପୂରା ପ୍ରଦର୍ଶନରେ ଉନ୍ନତି ଆଣିବା ଉପରେ ମନୋନିବେଶ କରୁଛି ବୋଲି ସେ କହିଛନ୍ତି। ୨୦୧୯ରେ ସିନ୍ଧୁ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ତେବେ ଏହାପରେ ତାଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ। ସିଜନର ବାକି ଟୁର୍ନାମେଣ୍ଟଗୁଡିକରେ ସିନ୍ଧୁ କେତୋଟି ଟୁର୍ନାମେଣ୍ଟରେ ଆରମ୍ଭରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। କେତେଗୁଡିଏ ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ ବେଶ୍ ସକାରାତ୍ମକ ରହିଛି। ପ୍ରତ୍ୟେକ ମ୍ୟାଚ୍ ଜିତିବା ସମ୍ଭବ ନୁହେଁ। ବେଳେ ବେଳେ ଜଣେ ଖେଳାଳି ଉଚ୍ଚକୋଟୀର ପ୍ରଦର୍ଶନ କରିଥାନ୍ତି। ଆଉ ଅନ୍ୟ ବେଳେ ତ୍ରୁଟି କରିଥାନ୍ତି ବୋଲି ସେ କହିଛନ୍ତି। ସିନ୍ଧୁ ପ୍ରିମିୟର ବ୍ୟାଡମିଣ୍ଟନ ଲିଗ୍ (ପିବିଏଲ୍)ର ପରବର୍ତ୍ତୀ ସଂସ୍କରଣରେ ଅଂଶଗ୍ରହଣ କରିବେ।

ତ୍ରୁଟି ତଥା ଭୁଲରୁ ବହୁତ କିଛି ଶିକ୍ଷା କରିଥାଏ। ସକାରାତ୍ମକ ମନୋଭାବ ପୋଷଣ କରିବା ଓ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଥାଏ ବୋଲି ସେ କହିଛନ୍ତି। ତ୍ରୁଟି ସୁଧାରିବା ପାଇଁ ଟେକ୍‌ନିକ ଉପରେ ଏବେ କାର୍ଯ୍ୟ କରୁଛି। ମୋ ଉପରେ ସମସ୍ତଙ୍କର ଆଶା ରହିଛି। ଚାପ ଓ ସମାଲୋଚନା ଦ୍ୱାରା ପ୍ରଭାବିତ ହୋଇ ନ ଥାଏ। ସବୁବେଳେ ବିଜୟୀ ହେବା ପାଇଁ ଲୋକ ଚାହାଁନ୍ତି। ତେବେ ଅଲିମ୍ପିକ୍ ହେଉଛି ମୋର ସବୁଠାରୁ ମୁଖ୍ୟଲକ୍ଷ୍ୟ । ଆଗକୁ ଅଲିମ୍ପିକ୍ ସେସନ ଆରମ୍ଭ ହେବାକୁ ଯାଉଥିବାରୁ ଟେକ୍‌ନିକ ଉପରେ ବହୁତ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି।

# ବରାହୀପୁର ଫୁଟ୍‌ବଲ: ଉଡିଯୋହଲ ଚାମ୍ପିୟନ



ମ୍ୟାଚ୍ ପୂର୍ବରୁ ଅତିଥି ଓ ରେଫରିଙ୍କ ଗହଣରେ ଦୁଇ ଦଳର ଖେଳାଳିମାନେ।

କଣ୍ଟାପଡା, ୧।୧(ଡି.ଏନ୍.ଏ.)

ଗୋପୀନାଥ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ବୁଧବାର ଆୟୋଜିତ ୩୭ତମ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ କଟକର ମାରୁକ୍ଲବକୁ ୧–୦ଗୋଲରେ ହରାଇ ଉଡିଯୋହଲ ଫୁଟବଲ ଟିମ ଚାମ୍ପିୟନ ହୋଇଛି। ପ୍ରଥମ କ୍ୱାର୍ଟରରେ ନିମେଇସାପୁର, ୨ୟ କ୍ୱାର୍ଟରରେ ଗୋଠପୁର, ୩ୟ କ୍ୱାର୍ଟରରେ ଉଡିଯୋହଲ ଓ ୪ର୍ଥ କ୍ୱାର୍ଟରରେ ମାରୁକ୍ଲବ ବିଜୟୀହୋଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ପ୍ରଥମ ସେମି ଫାଇନାଲରେ ନିମେଇସାପୁର ଫୁଟବଲ ଟିମକୁ ୩–୦ଗୋଲରେ ଉଡିଯୋହଲ ଓ ଦ୍ୱିତୀୟ ସେମିରେ ଗୋଠପୁରକୁ ୧–୦ଗୋଲରେ ହରାଇ ମାରୁକ୍ଲବ ଫାଇନାଲରେ ପ୍ରବେଶ କରିଥିଲା। କ୍ଲବର ସଭାପତି ଜିତେନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବିଜୟୀ ଦଳକୁ ୭୦୦୦ଟଙ୍କା ଓ ରନର୍ସଅପ ଦଳକୁ ୫୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।



ନୂଆବର୍ଷ ପାଳନ ଅବସରରେ ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ ବିରାଟ କୋହଲି।

# ଶ୍ରୀଲଙ୍କା ଦଳକୁ ମାଥ୍ୟୁସ ଫେରିଲେ

**କଲମ୍ବୋ, ୧।୧ (ପି.ଟି.)**



ଭାରତ ବିପକ୍ଷ ଆଗାମୀ ଟି୨୦ ସିରିଜ ଲାଗି ବୁଧବାର ଶ୍ରୀଲଙ୍କା ଦଳ ଘୋଷିତ ହୋଇଛି। ଲସିଥ୍ ମାଲିଙ୍ଗାଙ୍କ ନେତୃତ୍ୱରେ ଘୋଷିତ ୧୬ ଜଣିଆ ଦଳକୁ ଭେଟେରାନ ଅଲ୍‌ରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୩୨ ବର୍ଷୀୟ ମାଥ୍ୟୁସ ଆଘାତଜନିତ ସମସ୍ୟା ଲାଗି ଗତ ୧୬ ମାସ ହେବ ଟି୨୦ ମ୍ୟାଚ୍ ଖେଳିପାରୁ ନ ଥିଲେ। ଶେଷଥର ପାଇଁ ସେ ୨୦୧୮ ଅଗଷ୍ଟରେ ଏକ ଟି୨୦ ମ୍ୟାଚ୍ (ଦକ୍ଷିଣ ଆଫ୍ରିକା ବିପକ୍ଷ)ରେ ପ୍ରତିନିଧିତ୍ୱ କରିଥିଲେ। ସେହିଭଳି ଦ୍ରୁତ ବୋଲର ନୁଆନ ପ୍ରଦୀପ ଅଭ୍ୟାସବେଳେ ଆଘାତପ୍ରାପ୍ତ ହୋଇଥିବାରୁ ତାଙ୍କ ସ୍ଥାନରେ କାସୁନ ରଜିଥାଙ୍କୁ ଭାରତ ଗସ୍ତ ଲାଗି ଶ୍ରୀଲଙ୍କା ଦଳରେ ସାମିଲ କରାଯାଇଛି। ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଜାନୁୟାରୀ ୫ରେ ଗୁଆହାଟୀରେ ଖେଳାଯିବ। ଏହାପରେ ଦ୍ୱିତୀୟ ଓ ୩ୟ ମ୍ୟାଚ୍ ଯଥାକ୍ରମେ ଇନ୍ଦୋର (ଜାନୁୟାରୀ ୭) ଓ ପୁନେ (ଜାନୁୟାରୀ ୧୦)ରେ ଖେଳାଯିବ। ଶ୍ରୀଲଙ୍କା ଦଳ ଗୁରୁବାର ଭାରତରେ ପହଞ୍ଚିବ।

## ଭାରତ ବିପକ୍ଷ ଟି୨୦ ସିରିଜ

### ଶ୍ରୀଲଙ୍କା ଦଳ

ଲସିଥ ମାଲିଙ୍ଗା (ଅଧିନାୟକ), ଦନୁଷ୍କା ଗୁଣତିଲକ, ଅଭିଷ୍କା ଫର୍ନାଣ୍ଡୋ, ଆଞ୍ଜେଲୋ ମାଥ୍ୟୁସ, ଦସୁନ ସନକା, କୁସାଲ ପେରେରା, ନିରୋଶାନ ଡିକ୍‌ୱେଲା, ଧନଞ୍ଜୟ ଡି ସିଲ୍‌ଭା, ଇସୁରୁ ଉଦାନା, ଭାନୁକା ରାଜପାକସା, ଓଶାଡା ଫର୍ନାଣ୍ଡୋ, ୱାନିନ୍ଦୁ ହସରଙ୍ଗା, ଲାହିରୁ କୁମାର, କୁସଲ ମେଣ୍ଡିସ, ଲକ୍ଷଣ ସନ୍ଦାକନ ଓ କାସୁନ ରଜିଥା।

# କ୍ରୀଡ଼ାବିତ୍‌ଙ୍କ ନୂଆ ବର୍ଷ ପାଳନ

**ନୂଆଦିଲ୍ଲୀ, ୧।୧**

ନୂତନ ବର୍ଷ ୨୦୨୦କୁ ସ୍ୱାଗତ କରିବା ପାଇଁ ଭାରତୀୟ କ୍ରୀଡ଼ା ଜଗତର ତାରକା ଖେଳାଳିମାନେ ସୋସିଆଲ ମିଡିଆର ସହାୟତା ନେଇଥିଲେ। ବିଭିନ୍ନ ସୋସିଆଲ ମିଡିଆରେ ଭାରତୀୟ ଖେଳାଳିମାନେ ନୂଆ ବର୍ଷ ପାର୍ଟିର ଫଟୋ ଶେୟାର କରିବା ସହିତ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଏହି ତାଲିକାରେ ସର୍ବାଗ୍ରେ ରହିଛନ୍ତି ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ବିରାଟ କୋହଲି। ବର୍ତ୍ତମାନ କୋହଲି ସ୍ତ୍ରୀ ତଥା ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହ ସୁଇଜରଲାଣ୍ଡରେ ଛୁଟି କଟାଉଛନ୍ତି। କୋହଲି ଓ ଅନୁଷ୍କା ସେଠାରେ ବଲିଉଡ୍ ଅଭିନେତା ସୈଫ୍ ଅଲୀ ଖାଁ, କରୀନା କପୁର ଓ ବରୁଣ ଧାୱନଙ୍କ ସହ ଏକାଠି ନୂଆବର୍ଷ ପାଳନ କରୁଥିବାର ଏକ ଫଟୋ ଛାଡ଼ିଛନ୍ତି।

ସେହିଭଳି ଭାରତୀୟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ ତାଙ୍କ ସ୍ତ୍ରୀ ସାକ୍ଷୀ ସିଂ ଧୋନୀ ମଧ୍ୟ ସୋସିଆଲ ମିଡିଆରେ ଅଭିନନ୍ଦନ ଜଣାଇଛନ୍ତି। ଦୁବାଇରେ ଛୁଟି କାଟି ଭାରତ ଫେରିଥିବା ଧୋନୀ ନୂଆ ବର୍ଷ ପାଳନ ଅବସରରେ ପୁନେରେ ଏକ ପାର୍ଟିରେ ସାକ୍ଷୀଙ୍କ ସହ ଏକାଠି ଡ୍ୟାନ୍ସ କରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ସାକ୍ଷୀ ନିଜ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଏହି ଡ୍ୟାନ୍ସର ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଧୋନୀଙ୍କ ସହ ଏକାଠି ଠିଆ ହୋଇଛନ୍ତି। ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକର, ଭି.ଭିଏସ୍. ଲକ୍ଷ୍ମଣ, ଶିଖର ଧାୱନ, ପି.ଭି. ସିନ୍ଧୁ, ଜିମାଷ୍ଟ ଦୀପା କର୍ମକାର ପ୍ରମୁଖ ସୋସିଆଲ ମିଡିଆରେ ନୂଆବର୍ଷ ଶୁଭେଚ୍ଛା ଜଣାଇଛନ୍ତି।

## ମୟଙ୍କଙ୍କୁ ଦିଆଯିବ ବିଶ୍ରାମ

**ନୂଆଦିଲ୍ଲୀ, ୧।୧**

ଭାରତୀୟ ଟେଷ୍ଟ ଓପନର ମୟଙ୍କ ଅଗ୍ରୱାଲଙ୍କୁ ମୁମ୍ବାଇ ବିପକ୍ଷ କର୍ନାଟକର ହାଇପ୍ରୋଫାଇଲ ରଣଜୀ ମ୍ୟାଚ୍‌ରେ ବିଶ୍ରାମ ଦିଆଯିବ। ଏହି ମ୍ୟାଚ୍ ୩ ତାରିଖରୁ ଆରମ୍ଭ ହେବ। ବିସିସିଆଇ ନିୟମ ଅନୁଯାୟୀ ଖେଳାଳିଙ୍କ କାର୍ଯ୍ୟଭାର ହ୍ରାସ କରିବା ପାଇଁ କେତେକ ମ୍ୟାଚ୍‌ରୁ ବିଶ୍ରାମ ଦିଆଯାଏ। ଆଗକୁ ଭାରତ ଏ' ଦଳର ନ୍ୟୁଜିଲାଣ୍ଡ ଗସ୍ତ ଥିବାରୁ ମୟଙ୍କଙ୍କୁ ରାଜ୍ୟ ଦଳରୁ ବାଦ୍ ଦେବା ପାଇଁ ବିସିସିଆଇ ପକ୍ଷରୁ କୁହାଯାଇଛି। ନ୍ୟୁଜିଲାଣ୍ଡ ଗସ୍ତ କରି ସେଠାରେ ୱାର୍ମଅପ ମ୍ୟାଚ୍, ଅନ୍‌ଅଫିସିଆଲ ଦିନିକିଆ ଓ ଦୁଇଟି ଚାରିଦିନିଆ ଟେଷ୍ଟ ଖେଳିବେ। ପରେ ସିନିୟର ଭାରତୀୟ ଦଳ ସହ ଯୋଡ଼ି ହେବେ। ଏହି ଗସ୍ତ ୧୭ ତାରିଖରୁ ଆରମ୍ଭ ହେବ। କିନ୍ତୁ ଏ' ଦଳ ସଦସ୍ୟ ଥିଲେ ମଧ୍ୟ ଅଜିଙ୍କ୍ୟ ରାହାନେ ଓ ପୃଥ୍ୱୀ ଶ' ମୁମ୍ବାଇ ପାଇଁ ଖେଳିବେ। ଅଗ୍ରୱାଲ ଓ ପୃଥ୍ୱୀ ସମସ୍ତ ଫର୍ମାଟରେ ଓପନିଂ କରିବେ। ମାତ୍ର ଚେତେଶ୍ୱର ପୂଜାରା ଓ ରାହାନେ କେବଳ ଟେଷ୍ଟ ସିରିଜ୍ ପୂର୍ବରୁ ପ୍ରସ୍ତୁତ ହେବା ଲାଗି ଦ୍ୱିତୀୟ ଚାରିଦିନିଆ ମ୍ୟାଚ୍ ଖେଳିବେ। ପ୍ରାପ୍ତ ରିପୋର୍ଟ ମୁତାବକ, ଅଗ୍ରୱାଲଙ୍କ ସ୍ଥାନରେ ରବିକୁମାର ସମର୍ଥଙ୍କୁ କର୍ନାଟକ ଦଳକୁ ଡାକରା ଦିଆଯାଇଛି।

# ନୂଆବର୍ଷରେ ହାର୍ଦ୍ଦିକଙ୍କ ନିର୍ବନ୍ଧ

**ନୂଆଦିଲ୍ଲୀ, ୧।୧ (ପି.ଟି.)**

ନୂଆବର୍ଷର ପ୍ରଥମ ଦିନରେ ଭାରତୀୟ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ନିଜ ନିର୍ବନ୍ଧ କଥା ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି। ସର୍ବିୟା ଅଭିନେତ୍ରୀ ନତାଶା ଷ୍ଟାନ୍‌କୋଭିକଙ୍କ ସହ ତାଙ୍କର ନିର୍ବନ୍ଧ ହୋଇଛି। ଇନ୍‌ଷ୍ଟାଗ୍ରାମ୍‌ରେ ପାଣ୍ଡ୍ୟା ଏ ନେଇ ଫଟୋ ପୋଷ୍ଟ କରିଛନ୍ତି। ୨୭ ବର୍ଷୀୟା ନତାଶା ଲୋକପ୍ରିୟ ରିୟଲିଟି ଶୋ 'ବିଗ୍ ବସ୍'ର କଣ୍ଟେଷ୍ଟାଣ୍ଟ ଥିଲେ। ସେ ମଧ୍ୟ ମ୍ୟୁଜିକ୍ ଭିଡିଓ 'ବାନ୍-ଡୁକ୍'ରେ ସାମିଲ ଥିଲେ। ଏହାଛଡ଼ା ସେ କୋଡୋଟି ବଲିଉଡ୍ ଗୀତରେ ନୃତ୍ୟ ପରିବେଷଣ କରିଛନ୍ତି। ପୂର୍ବରୁ ନତାଶାଙ୍କ ସହ ପାଣ୍ଡ୍ୟା ନିୟମିତ ଡେଟିଂ କରିଆସୁଥିଲେ। ଏହି ଦୁହିଁଙ୍କ ସମ୍ପର୍କକୁ ନେଇ ବେଶ୍ ଚର୍ଚ୍ଚା ଚାଲିଆସୁଥିଲା। ୨୬ ବର୍ଷୀୟ ହାର୍ଦ୍ଦିକ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିବା ଫଟୋର ଏକ ମଜାଦାର କ୍ୟାପ୍‌ଶନ ଲେଖିଛନ୍ତି। 'ନୂଆ ଫଟକା ସହ ନୂଆ ବର୍ଷର ଆରମ୍ଭ' ବୋଲି ସେ ଉଲ୍ଲେଖ କରିଛନ୍ତି। ଏଠାରେ ନତାଶାଙ୍କୁ ଫଟକା ବୋଲି ସୂଚାଇଛନ୍ତି। ପାଣ୍ଡ୍ୟା ପୋଷ୍ଟ କରିଥିବା ଏହି ଫଟୋ ଉପରେ କ୍ରିକେଟର ଯୁଜବେନ୍ଦ୍ର ଚହଲ, ସିଦ୍ଧେଶ ଲାଡ, କ୍ରୁନାଲ ପାଣ୍ଡ୍ୟାଙ୍କ ପତ୍ନୀ ତଥା ହାର୍ଦ୍ଦିକଙ୍କ ଭାଉଜ ପଙ୍ଖୁଡ଼ି ଶର୍ମା, ଅଭିନେତା ଅର୍ଜୁନ କପୁର ପ୍ରମୁଖ କମେଣ୍ଟ କରିଛନ୍ତି। ନତାଶା ମଧ୍ୟ ହାର୍ଦ୍ଦିକଙ୍କ ପରିବାର ସଦସ୍ୟଙ୍କ ସହ ପରିଚିତ ହୋଇସାରିଛନ୍ତି।

ହାର୍ଦ୍ଦିକ ବ୍ୟାକ୍ ଇଞ୍ଜୁରୀ ପାଇଁ ବାଂଲାଦେଶ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ଓ ଦିନିକିଆ ସିରିଜ ଖେଳିପାରି ନ ଥିଲେ। ସେ ମଧ୍ୟ ଆଗାମୀ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜ୍‌ରେ ସାମିଲ ହୋଇପାରିବେ ନାହିଁ। ତେବେ ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ତାଙ୍କୁ ଭାରତୀୟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭାରତ ଏ' ଦଳରେ ସାମିଲ କରିଛି। ଶେଷଥର ପାଇଁ ୨୦୧୯ ସେପ୍ଟେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟି୨୦ ମ୍ୟାଚ୍ ଖେଳିଥିଲେ ଓ ଏହା ତାଙ୍କର ଥିଲା ଶେଷ ଅନ୍ତର୍ଜାତୀୟ ମ୍ୟାଚ୍। ଏହି ସିରିଜ ପରେ ସେ ଅକ୍ଟୋବରରେ ଲଣ୍ଡନରେ ଅସ୍ତ୍ରୋପଚାର କରାଇଥିଲେ।



ନତାଶା ଷ୍ଟାନ୍‌କୋଭିକଙ୍କ ସହ ହାର୍ଦ୍ଦିକ ପାଣ୍ଡ୍ୟା।

# ସିଡ୍‌ନୀ ଟେଷ୍ଟକୁ ପ୍ରଭାବିତ କରିପାରେ ଧୂଆଁ

**ସିଡ୍‌ନୀ, ୧।୧ (ଏପି)**



ନ୍ୟୁ ସାଉଥ୍ ୱେଲ୍ସ ଜଙ୍ଗଲରେ ନିଆଁ ଲାଗିଥିବାରୁ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ଶୁକ୍ରବାରଠାରୁ ଖେଳାଯିବାକୁ ଥିବା ତୃତୀୟ ଟେଷ୍ଟ ପ୍ରଭାବିତ ହେବାର ବିଶେଷ ସମ୍ଭାବନା ରହିଛି। ସେଠାକାର ବାସିନ୍ଦାଙ୍କ ପାଇଁ ବାୟୁର ମାନ ଚିନ୍ତାଜନକ ହୋଇ ରହିଛି। ଶନିବାର ଅତ୍ୟଧିକ ଧୂଆଁ ବାହାରିବା ନେଇ ଆଶା କରାଯାଉଛି। ଜଙ୍ଗଲ ନିଆଁ ଯୋଗୁ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ୧୫ ଜଣଙ୍କ ମୃତ୍ୟୁ ହୋଇସାରିଛି। ଗତ ୨୪ ଘଣ୍ଟା ମଧ୍ୟରେ ୪ ଜଣଙ୍କ ପ୍ରାଣହାନି ଘଟିଛି। ୨ ଜଣ ନିଖୋଜ ଥିବାବେଳେ ଏକ ହଜାରରୁ ଅଧିକ ବିଲ୍ଡିଂ ଓ ଘର ନଷ୍ଟ ହୋଇଯାଇଛି। ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଅଢ଼େଇ ହଜାର ଦମକଳ ବାହାନୀ ନିୟୁକ୍ତ ହୋଇଛନ୍ତି। ନିକଟରେ ଅତ୍ୟଧିକ ଧୂଆଁ ନିର୍ଗତ ହେବାରୁ ବିଗ୍ ବାଶ ଲିଗ୍ (ବିବିଏଲ)ର ଏକ ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଥିଲା। ତେବେ ଟେଷ୍ଟ ମ୍ୟାଚ୍‌ର ରେଫରି ରିଚି ରିଚାର୍ଡସନ ଓ ଅମ୍ପାୟରଙ୍କ ନିଷ୍ପତ୍ତି ଉପରେ ଖେଳ ନିର୍ଭର କରେ। ସେମାନେ ବାୟୁର ମାନ ଓ ଦୃଶ୍ୟତା ଯାଞ୍ଚ କରୁଛନ୍ତି।

# ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲରୁ ଓହରିଲେ ଭେନସ

**ବ୍ରିସ୍‌ବେନ, ୧।୧ (ଏଏଫ୍‌ପି)**

ଭେନସ ୱିଲିୟମ୍ସ ସିଜନର ପ୍ରଥମ ଟୁର୍ନାମେଣ୍ଟ ବ୍ରିସବେନ ଇଣ୍ଟରନ୍ୟାଶନାଲରୁ ବୁଧବାର ଓହରି ଯାଇଛନ୍ତି। ଆମେରିକାନ୍ ଭେଟେରାନ୍ ଅଷ୍ଟ୍ରେଲିଆନ ଓପନ ପୂର୍ବରୁ ଆଡିଲେଡ ଇଣ୍ଟରନ୍ୟାଶନାଲ ଖେଳିବାକୁ ଆଶା ରଖିଛନ୍ତି। ଦୁର୍ଭାଗ୍ୟବଶତଃ ମୁଁ ବ୍ରିସ୍‌ବେନଠାରୁ ମୋ ସିଜନ ଆରମ୍ଭ କରିବି ନାହିଁ। ଟ୍ରେନିଂ ବେଳେ ମୁଁ ଆହତ ହୋଇଛି ବୋଲି ସେ କହିଛନ୍ତି। ଏହି ଟୁର୍ନାମେଣ୍ଟରେ ଆଶଲେ ବାର୍ଟି, ନାଓମି ଓସାମା, ମାରିଆ ଶାରାପୋଭାଙ୍କ ଭଳି ଖେଳାଳି ଅଂଶଗ୍ରହଣ କରିବେ। ଆୟୋଜକମାନେ ଗୁରୁବାର ୱିଲିୟମ୍ସଙ୍କ ବଦଳରେ ଖେଉଁ ଖେଳାଳିଙ୍କ ସ୍ଥାନ ପାଇବେ ସେ ନେଇ ଘୋଷଣା କରିବେ।

## ସନ୍ତୋଷ ମେମୋରିଆଲ କ୍ରିକେଟ ଉଦ୍‌ଯାପିତ

# ସହିଦ ନଗର ଦଳ ଚାମ୍ପିୟନ

**ଭୁବନେଶ୍ୱର, ୧।୧ (କ୍ରୀଡ଼ା ପ୍ରତିନିଧି)**

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ କଟକର ହାପି ଏକାଦଶକୁ ୧୫ ରନରେ ହରାଇ ଭୁବନେଶ୍ୱରର ସହିଦ ନଗର ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ସହିଦ ନଗର ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୫୭ ରନ କରିଥିଲା। ପହନ କମଲ ୨୧ ବଲ୍‌ରୁ ସର୍ବାଧିକ ୨୮ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ଚିତ୍ତ ରଞ୍ଜନ ୩ ଓଭରରେ ୧୩ ରନ ଦେଇ ୩ଟି ଉଇକେଟ ନେଇଥିଲେ। ୧୫୮ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ହାପି ଏକାଦଶ ୧୩.୫ ଓଭରରେ ୧୪୨ ରନକରି ଅଲଆଉଟ ହୋଇ ଯାଇଥିଲା। କିଶୋର କୁମାର ୩୦ ବଲ୍‌ରୁ ୫୩ ରନ ସଂଗ୍ରହ କରିଥିଲେ ହେଁ ଅନ୍ୟ ଖେଳାଳିଙ୍କ ବିଫଳତା ଯୋଗୁ ଦଳର ବିଜୟ ସମ୍ଭବ ହୋଇ ନ ଥିଲା। ବିଜୟୀ ଦଳ ପକ୍ଷରୁ ଶେଖର ସ୍ୱାଇଁ ଗୋଟିଏ ଓଭର ବୋଲିଂ କରି ମାତ୍ର ୧ ରନ ଦେଇ ୪ଟି ଉଇକେଟ ନେଇ ମ୍ୟାଚର ମୋଡ଼ ପରିବର୍ତ୍ତନ କରି ଦେଇଥିଲେ। ତେଣୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ୪ ମ୍ୟାଚରେ ୨୧୬ ରନ କରିଥିବା କିଶୋର କୁମାର ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଭୁବନେଶ୍ୱରର ରାଜାରାଣୀ ଶୃଙ୍ଖଳିତ ଦଳଭାବେ ପୁରସ୍କୃତ ହୋଇଥିଲା। ଅମ୍ପାୟର କୈଳାସ ରାଉଳ, ସମ୍ମିତ ପାଇକରାୟ ଓ ରଜତ ଜଗଦେବ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ ପ୍ରେମ ମହାନ୍ତି। ବିଧାୟକ ସୁଶାନ୍ତ କୁମାର ରାଉତ, ଟରେଣ୍ଟର ଏମ୍‌ଡି ଯଜ୍ଞାଶିଷ ମହାପାତ୍ର, ବୁଦ୍ଧପ୍ରକାଶ ମହାପାତ୍ର, କିଶୋର ନାୟକ, ସଞ୍ଜୟ କୁମାର ବଳିୟାର ସିଂ, ଜାପାନ ରାଉତରାୟ, ପ୍ରକାଶ ରାଉତରାୟ, ନିରଞ୍ଜନ ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ସହିଦ ନଗର ଦଳର ଖେଳାଳିମାନେ।

# ଲିୟନ, ଲାଙ୍ଗରଙ୍କ ନାପସନ୍ଦ

## ୪ ଦିନିଆ ଟେଷ୍ଟ



ନାଥନ ଲିୟନ

**ସିଡ୍‌ନୀ, ୧।୧ (ପି.ଟି.)**

ପ୍ରସ୍ତାବିତ ୪ ଦିନିଆ ଟେଷ୍ଟ ଫର୍ମାଟକୁ ଅଷ୍ଟ୍ରେଲିଆର କେତେକ ଆଗଧାଡ଼ିର କ୍ରିକେଟର ନାପସନ୍ଦ କରିଛନ୍ତି। ନୂଆ ଫର୍ମାଟରେ ଖେଳାଯିବାକୁ ଥିବା ଟେଷ୍ଟର ଏହି ଫର୍ମାଟକୁ ସେମାନେ ବିରୋଧ କରିଛନ୍ତି। ଏଭଳି ପ୍ରସ୍ତାବ ନିହାତି ହାସ୍ୟାସ୍ପଦ ବୋଲି ଅଷ୍ଟ୍ରେଲିଆ ସ୍ପିନର ନାଥନ ଲିୟନ କହିଛନ୍ତି। ଟେଷ୍ଟର ପାରମ୍ପରିକ ୫ ଦିନିଆ ଫର୍ମାଟରେ କୌଣସି ପରିବର୍ତ୍ତନକୁ ଅଷ୍ଟ୍ରେଲିଆ ହେଡ୍ କୋଚ୍ ଜଷ୍ଟିନ୍ ଲାଙ୍ଗର ନାପସନ୍ଦ କରିଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ କେଭିନ ରବର୍ଟ୍ସ ୪ ଦିନିଆ ଟେଷ୍ଟ ନେଇ ବୋର୍ଡ ବହୁତ ଉତ୍ସାହିତ ରହିଛି। ନୂଆବର୍ଷରେ ଆଫଗାନିସ୍ତାନ ବିପକ୍ଷରେ ଏହି ୪ ଦିନିଆ ଟେଷ୍ଟ ଅଷ୍ଟ୍ରେଲିଆ ଖେଳିପାରେ ବୋଲି ସେ ସୂଚନା ଦେବାର ଗୋଟିଏ ଦିନ ପରେ ଲିୟନ ଏଭଳି ମତ ଦେଇଛନ୍ତି।

ଏହି ନୂଆ ଫର୍ମାଟକୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରୁଛି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏହାକୁ ବିଚାରକୁ ନେବ ନାହିଁ ବୋଲି ଲିୟନ କହିଛନ୍ତି। ଅନ୍ତିମ ତଥା ପଞ୍ଚମ ଦିନରେ ହିଁ ଟେଷ୍ଟ ଫର୍ମାଟର ମଜା ଦେଖିବାକୁ ମିଳିଥାଏ। ଏ ଭଳି କେତୋଟି ଟେଷ୍ଟ ମଧ୍ୟ ମୁଁ ଖେଳିଛି। ଉଲ୍ଲେଖଥାଉ କି, ୨୦୨୩ରେ ଆଇସିସି ୪ ଦିନିଆ ଟେଷ୍ଟକୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ସାମିଲ କରିବ ବୋଲି କୁହାଯାଇଥିଲା। ତେବେ ପ୍ରସ୍ତାବିତ ଏହି ନୂଆ ଫର୍ମାଟକୁ ଆଦୌ ପସନ୍ଦ କରେନାହିଁ। ବରଂ ୫ ଦିନିଆ ଟେଷ୍ଟ ଶ୍ରେଷ୍ଠ ବୋଲି ଲାଙ୍ଗର ମତ ଦେଇଛନ୍ତି। ଯଦି ବି ଟେଷ୍ଟ କ୍ରିକେଟକୁ ଜୀବିତ ରଖିବା ପାଇଁ ଓ ଏହାର ଲୋକପ୍ରିୟତା ୪ ଦିନିଆ ଫର୍ମାଟ ଖେଳାଯିବ ତା'ହାଲେ ଏହାର ସୁଫଳ ଦେଖିବା ଜରୁରୀ। କିନ୍ତୁ ୫ ଦିନିଆ ଟେଷ୍ଟକୁ ଅଧିକ ପସନ୍ଦ କରେ। କାରଣ ଏଥିରେ ପରିବର୍ତ୍ତନ ଚାହେଁନାହିଁ ବୋଲି ଲାଙ୍ଗର କହିଛନ୍ତି। ୨୦୧୪ରେ ଆଡିଲେଡରେ ଖେଳାଯାଇଥିବା ଭାରତ ବିପକ୍ଷ ଟେଷ୍ଟର ଉଦାହରଣ ଦେଇଛନ୍ତି ଲିୟନ। ଏହି ମ୍ୟାଚ୍‌ର ଅନ୍ତିମ ଘଣ୍ଟାରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା ବୋଲି ଲିୟନ କହିଛନ୍ତି। ଉଲ୍ଲେଖଥାଉ କି, ୪ ଦିନିଆ ଟେଷ୍ଟରେ ଗୋଟିଏ ଦିନରେ ୯୦ ବଦଳରେ ୯୮ ଓଭର ବୋଲିଂ କରାଯିବ।


## ଜନ୍ମବାର୍ଷିକ ଶୁଭେଚ୍ଛା



(ଲିସ୍‌କୁନ୍)

**ଶୁଭଲକ୍ଷ୍ମୀ ସାହୁ**

ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଚଲାପଥ କୁସୁମିତ କରନ୍ତୁ ଓ ତୁମକୁ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ:
ମାମା, ପାପା, ଜେଜେ, ବଡ଼ବାପା, ବଡ଼ମା', ମାମାଦିଦି, ମୁନାଭାଇ, ଆଈ, ବଡ଼ମାମୁ, ମାଇଁ, ସାନମାମୁ, ଆଦିଭାଇ, ମାଉସୀ, ମଉସା, ସିତୁନ୍‌ଭାଇ, ଇତୁନ୍‌ଭାଇ।

ଧ-୧୬୦୦୪

## ଜନ୍ମଦିନ ଶୁଭେଚ୍ଛା



**ଶ୍ରୀଲିପ୍ସା ପାଣି (ଝୁମୁକା)**
ବୀରରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ଆଜି ତୋର ଜନ୍ମଦିନରେ ପରମପିତା, ପରମେଶ୍ୱର ଶ୍ରୀଜଗନ୍ନାଥ ଓ ମା' ମଣିନାଗ ଦୁର୍ଗାଙ୍କ ପଦକମଳରେ ଏତିକି ମିନତି ଆଗାମୀ ଚଲାପଥକୁ କୁସୁମିତ କରନ୍ତୁ। ସ୍ୱର୍ଗପୁରରୁ ବାପା ଏବଂ ଅଜାଙ୍କର ଆଶୀର୍ବାଦଧାରା ବରଷୁଥାଉ।

-:ଶୁଭେଚ୍ଛା ସହ:-
ଆଇ, ମମି, ଡ୍ୟାଡ଼ି, ମାମା, ପାପା, ବାଘା, କୁଟଲୁ, ସୁଟୁଲୁ, ନନା, ବୋଉ ଓ ଅନ୍ୟାନ୍ୟ ପରିବାରବର୍ଗ।

ଧ-୬୯୦୦୪


# ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳିବେନି ନସିମ

**ଲାହୋର, ୧।୧**

ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିସାରିଥିବା ନସିମ ଶାହଙ୍କୁ ୧୯ ବର୍ଷରୁ କମ୍ ପାକିସ୍ତାନ ବିଶ୍ୱକପ୍ ଦଳରୁ ବାଦ୍ ଦିଆଯାଇଛି। ଆସନ୍ତା ୧୭ ତାରିଖରୁ ଦକ୍ଷିଣ ଆଫ୍ରିକାରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳାଯିବ। ୧୬ ବର୍ଷୀୟ ନସିମଙ୍କ ବଦଳରେ ମହମ୍ମଦ ୱାସିମ ଜୁନିୟର ଖେଳିବେ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ଘୋଷଣା କରାଯାଇଛି। ପିସିବି ଅନ୍ୟ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଲାଗି ଏଭଳି ନିଷ୍ପତ୍ତି ନେଇଛି। ସିନିୟର ସ୍ତରରେ ୩ ଟେଷ୍ଟ ଖେଳି ୫ ଉଇକେଟ ସଫଳତା ପାଇସାରିଥିବା ନସିମଙ୍କୁ ବାଦ୍ ଦିଆଯାଇଛି ବୋଲି ପିସିବି କାର୍ଯ୍ୟକାରୀ ମୁଖ୍ୟ ୱାସିମ ଖାନ କହିଛନ୍ତି। ସେ ଆହୁରି କହିଛନ୍ତି, ଡାହାଣହାତି ପେସର ପାକିସ୍ତାନରେ ରହି ବୋଲିଂ କୋଚ୍ ୱାକର ୟୁନିସଙ୍କ ସହ ଟ୍ରେନିଂ କରିବେ। ସେ ବାଂଲାଦେଶ ବିପକ୍ଷ ଘରୋଇ ସିରିଜ୍ ପାଇଁ ମଧ୍ୟ ଉପଲବ୍ଧ ରହିବେ ବୋଲି କୁହାଯାଇଛି। ଶାହ ପାକିସ୍ତାନ ପାଇଁ ଅଷ୍ଟ୍ରେଲିଆ ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ପୂର୍ବରୁ ୨୦୦୪ ଓ ୨୦୦୬ ସଂସ୍କରଣ ଚାମ୍ପିୟନ ପାକିସ୍ତାନ ୩ ଥର ଉପବିଜେତା ହୋଇସାରିଛି। ଦଳ ଚଳିତ ଥର ୧୬ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ଗ୍ରୁପ୍ ସି'ରେ ସ୍ଥାନ ପାଇଛି। ଚଳିତ ମାସ ୧୯ ତାରିଖରେ ପାକିସ୍ତାନ ତା'ର ପ୍ରଥମ ମ୍ୟାଚ୍‌ରେ ସ୍କଟଲାଣ୍ଡକୁ ଭେଟିବ।




## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଚକ୍ରଧର ରାଉତ**
ଆବିର୍ଭାବ: ୨୨।୧୧।୧୯୨୫
ତିରୋଧାନ: ୨୩।୧୨।୨୦୧୯

ଦୁନିଆର ଚିରନ୍ତନ ସତ୍ୟ ଯାହା, ତାକୁ ହିଁ ଅନୁସରଣ କରି ଚାଲିଗଲ। ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ୍ଭ ସମସ୍ତଙ୍କୁ ଆନ୍ଦୋଳିତ କରୁଛି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟପରାୟଣତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣ ଦେଖାଇ ଯାଇଥିବା ମାର୍ଗରେ ସଦାସର୍ବଦା ପରିଚାଳିତ ହେବୁ। ଏହି ଆଶୀର୍ବାଦ ଦେଉଥାଅ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀମା' ଶ୍ରୀଅରବିନ୍ଦଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ପୁତ୍ର: ଦୟାନିଧି, ସୁଧାନିଧି, ରଜତ, ଶରତ, ସୁଶାନ୍ତ ପୁତ୍ରବଧୂ: ଆରତି, ଲିଲି, ଏଲି, ଦିଲୁ, କନ୍ୟା: ଆଦର, ଟିକି, ଜାମାତା: ଶରତ, ପୁତୁରା: ବନ, ବସନ୍ତ, ଜୟନ୍ତ, ଚାନ୍ଦିଆ, ନାତିନାତୁଣୀ: ବିନୀତ, ସୁନୀତ, ସଂବିତ, ତେଜ୍, ରୋହିତ, ସିପୁନ୍, ଦିପୁନ୍, ରିମା, ମୀରା, ବନ୍ଧୁ ଓ ପରିବାରବର୍ଗ।

ଧ-୬୮୪୬୬

## ଷଣ୍ଢପୁରରେ ସିରିଜ୍ ବୋମାମାଡ଼

ପୁରୀ ଅଫିସ, ୧।୧: ନୂତନ ବର୍ଷର ପ୍ରଥମ ଦିନରେ ଫୁଟିଲା ବୋମା। ଗୋଟିଏ କି ଦୁଇଟି ନୁହେଁ, କ୍ରମାଗତ ଭାବେ ୫୦ରୁ ଊର୍ଦ୍ଧ୍ୱ ବୋମା ଫୁଟିଲା। ପୁରୀ ସଦର ଥାନା ଅଧୀନ ଷଣ୍ଢପୁର ଗ୍ରାମରେ ବୁଧବାର ଗୋଷ୍ଠୀ ସଂଘର୍ଷ ଘଟିଛି। ଗ୍ରାମର ଗୋଟିଏ ଗୋଷ୍ଠୀର ଏକ ପରିବାର ଉପରେ ଅନ୍ୟ ଗୋଷ୍ଠୀର ଶତାଧିକ ଯୁବକ ବୋମାମାଡ଼ କରିଛନ୍ତି। ଫଳରେ ସେହି ପରିବାରର ୫ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବୈଷ୍ଣବ ଭୋଇ (୫୮), ସୁକୁମାରୀ (୬୦), ବାସୁମତୀ (୨୬), ଅଜୟ (୩୨) ଏବଂ ଅକ୍ଷୟ (୧୯)। ଆହତମାନଙ୍କୁ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଅକ୍ଷୟ ଓ ବାସୁମତୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ବୋମାମାଡ଼ ସମୟରେ ୨ଟି ବାଇକ, ଟିଭି ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଥିବା ବୈଷ୍ଣବ ଗଣମାଧ୍ୟମକୁ କହିଛନ୍ତି। ଜମିଜମା ଅଥବା ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଏସ୍.କେ. ମହାନ୍ତି କହିଛନ୍ତି। ସୂଚନା ଅନୁଯାୟୀ, ଗତ କିଛି ବର୍ଷ ଧରି ଷଣ୍ଢପୁର ଗ୍ରାମରେ ଭୋଇ ସମ୍ପ୍ରଦାୟର ଦୁଇଗୋଷ୍ଠୀ ମଧ୍ୟରେ ଜମିଜମାକୁ କେନ୍ଦ୍ରକରି ଶତ୍ରୁତା ଲାଗି ରହିଛି। ପୂର୍ବରୁ ମଧ୍ୟ ଏହି ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ହାତାହାତି ହୋଇଥିଲେ। ବୁଧବାର ସକାଳ ପ୍ରାୟ ୮ଟାରେ ବୈଷ୍ଣବଙ୍କ ପରିବାରର ଦୁଇଜଣ ସଦସ୍ୟ ଘର ଆଗରେ ଠିଆ ହୋଇଥିଲେ। ଏହି ସମୟରେ ଅପର ଗୋଷ୍ଠୀ ହାତରେ ଠେଙ୍ଗା, ମାରଣାସ୍ତ୍ର ଧରି ଗୋଡ଼ାଇବାରୁ ସେମାନେ ଭୟରେ ଘରେ ପଶିଯାଇ କବାଟ ବନ୍ଦ କରିଦେଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ବୋମାମାଡ଼। ଶତାଧିକ ଲୋକେ ଘର ଚାରିପଟେ ଘେରିଯାଇ ୪ଘଣ୍ଟା ଧରି ବୋମାମାଡ଼ କରିଥିଲେ ବୋଲି ବୈଷ୍ଣବ କହିଛନ୍ତି। ଏଥିରେ ତାଙ୍କର ଗୋଟିଏ ବଖରାରେ ରହିଥିବା ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏ ନେଇ ପୋଲିସ ହେଲ୍ପ ଲାଇନ ନମ୍ବର ୧୦୦କୁ ବାରମ୍ବାର ଡାଏଲ କରିବା ସତ୍ତ୍ୱେ କୌଣସି ସହାୟତା ମିଳି ନ ଥିଲା। ପରେ ଅପରାହ୍ନରେ ୧ଟାରେ ପୋଲିସ ପହଞ୍ଚିଥିଲା। ଆକ୍ରମଣକାରୀ ସେମାନଙ୍କୁ ଗ୍ରାମ ଭିତରକୁ ଯିବାକୁ ଛାଡ଼ି ନ ଥିଲେ। ପ୍ରାୟ ଏକ ଘଣ୍ଟା ଧରି ପୋଲିସକୁ ଅଟକାଇ ରଖିଥିଲେ। ଫୋର୍ସ ପହଞ୍ଚିବା ପରେ ଆକ୍ରମଣକାରୀ ଛତ୍ରଭଙ୍ଗ ଦେଇଥିଲେ। ଫୋର୍ସ ସହାୟତାରେ ପୋଲିସ ଆହତମାନଙ୍କୁ ଉଦ୍ଧାର କରି ମେଡିକାଲକୁ ପଠାଇଥିଲା।

### ମଥୁରା ନଗରୀ ବୁଲି ସ୍ଥିତି ପରଖିଲେ କଂସ ମହାରାଜ

# ବିନା ହେଲମେଟ୍ ପାଇଁ ବାଇକ୍ ଚାଳକ ଦଣ୍ଡିତ

**ମଥୁରାନଗରୀ,୧।୧**

ବୁଧବାର ଥିଲା ବରଗଡ଼ ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିବସ । ଏହି ଅବସରରେ ମଥୁରା ନଗରୀ ପରିଭ୍ରମଣ କରିଥିଲେ କଂସ ମହାରାଜା । ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ରାଜମହଲ(ମାରୱାଡ଼ି ଧର୍ମଶାଳା)ରୁ ନିଜ ପାତ୍ରମନ୍ତ୍ରୀ, ସେନାପତିଙ୍କ ଗହଣରେ ହାତୀ, ଘୋଡ଼ାଗାଡ଼ି, ଓଟ ଏବଂ ବାଜାଗଜା ସହିତ ମହାରାଜ କଂସ ମଥୁରା ପରିଭ୍ରମଣରେ ବାହାରିଥିଲେ। ବାଟରେ ମହାରାଜଙ୍କୁ ଦେଖିବା ପାଇଁ ଜନଗହଳି ହୋଇଥିଲା । ତେବେ ନିୟମ ଉଲ୍ଲଂଘନକାରୀଙ୍କୁ ମହାରାଜାଙ୍କ ଦଣ୍ଡବିଧାନ ବେଶ ଆମୋଦଦାୟକ ଥିଲା।

ମହାରାଜ ମଥୁରା ଭ୍ରମଣରେ ଆସୁଥିବାବେଳେ ଲେଙ୍ଗୁ ମିଶ୍ର-ଲମ୍ବାବିଲଡ଼ିଂ ରାସ୍ତାରେ ବିନା ହେଲମେଟ୍‌ରେ ଜଣେ ବାଇକ ଆରୋହୀ ଅନ୍ୟଜଣଙ୍କୁ ବସାଇ ଯାଉଥିବା ମହାରାଜାଙ୍କ ଆଖିରେ ପଡ଼ିଥିଲା। ସମ୍ପୃକ୍ତ ବାଇକ ଚାଳକଙ୍କୁ ତାଙ୍କ ସମ୍ମୁଖରେ ହାଜର କରିବା ପାଇଁ ସେ ଆଦେଶ କରିଥିଲେ । ଆଦେଶ ପାଇ ପାତ୍ରମନ୍ତ୍ରୀମାନେ ସେହି ବାଇକ୍ ଚାଳକଙ୍କୁ ମହାରାଜାଙ୍କ ପାଖକୁ ଆଣିଥିଲେ। ମହାରାଜା ତାଗିଦ୍ କରି ସମ୍ପୃକ୍ତ ବାଇକ୍ ଚାଳକଙ୍କୁ ୨ଲକ୍ଷ ସ୍ୱର୍ଣ୍ଣମୁଦ୍ରାରେ ଦଣ୍ଡିତ କରିବା ସହିତ କାନ ଧରି ଉଠବସ୍ ହେବାକୁ ଆଦେଶ ଦେଇଥିଲେ। ସେହିପରି ଅନ୍ୟଜଣେ ବାଇକ୍ ଚାଳକ ହେଲମେଟ୍ ପିନ୍ଧି ଅନ୍ୟଜଣେ ମହିଳା, ଶିଶୁଙ୍କୁ ବାଇକ୍‌ରେ ବସାଇ ନେଉଥିବା ଦେଖି ମହାରାଜା ସେଠାରେ ଅଟକି ଯାଇଥିଲେ। ମହାରାଜଙ୍କ ଆଦେଶ ପାଇ ପାତ୍ରମନ୍ତ୍ରୀମାନେ ସମ୍ପୃକ୍ତ ବାଇକ୍ ଚାଳକଙ୍କୁ ନିଜ ପାଖରେ ହାଜର କରିବା ପରେ ମହାରାଜା ସେହି ଚାଳକଙ୍କୁ ଏକ ଗୋଲାପ ଉପହାର ଦେଇଥିଲେ।

ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡକୁ କଂସଙ୍କ ପରିଭ୍ରମଣ ଦର୍ଶକମହଲରେ ବେଶ୍ କୌତୂହଳ ସୃଷ୍ଟି କରିଥିଲା। ମହାରାଜା ବସ୍‌ଷ୍ଟାଣ୍ଡରେ ପହଞ୍ଚି ହାତୀ ପିଠିରୁ ଓହ୍ଲାଇବା ପରେ ସିଧାସଳଖ ସେଠାରେ ଛିଡ଼ା ହୋଇଥିବା ଏକ ସିଟିବସ୍ ଭିତରକୁ ପଶିଥିଲେ। ବସ୍‌ରେ ବସିଥିବା ଯାତ୍ରୀଙ୍କୁ ଭେଟି ବସଷ୍ଟାଣ୍ଡରେ ସେମାନଙ୍କ ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଯାତ୍ରୀମାନେ ବସ୍‌ଷ୍ଟାଣ୍ଡର ଶୌଚାଳୟ ବନ୍ଦ ରହିଥିବା, ପରିମଳ ବ୍ୟବସ୍ଥା ଠିକ୍ ନ ଥିବା, ପାନୀୟଜଳ ବ୍ୟବସ୍ଥା ନ ଥିବା ଆଦି ଅଭିଯୋଗ କରିଥିଲେ। ଏହାପରେ ମହାରାଜା ବସ୍‌ଷ୍ଟାଣ୍ଡ ଅଫିସ ଭିତରକୁ ଯାଇଥିଲେ ଏବଂ ତାଙ୍କ ସମ୍ମୁଖରେ ବସଷ୍ଟାଣ୍ଡ କର୍ତ୍ତୃପକ୍ଷଙ୍କୁ ହାଜର କରିବାକୁ ପାତ୍ରମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ଡିଟିଏମ ବିଭୁ ସାମନ୍ତରାୟଙ୍କୁ ଧରି ପାତ୍ରମନ୍ତ୍ରୀମାନେ ମହାରାଜଙ୍କ ପାଖରେ ହାଜର କରିବା ପରେ ମଧୁରାଧିପତି କଂସ ବସଷ୍ଟାଣ୍ଡ ସମସ୍ୟା ନେଇ ତାଙ୍କ ଉପରେ ବିଗିଡ଼ିଥିଲେ ଏବଂ ୨ଲକ୍ଷ ସ୍ୱର୍ଣ୍ଣମୁଦ୍ରାରେ ଦଣ୍ଡିତ କରିଥିଲେ। ଏହା ସହିତ ବସ୍ ଡ୍ରାଇଭରମାନେ ଯେଭଳି ମଦ୍ୟପାନ କରିବେ ନାହିଁ ଏବଂ ସିଟ୍‌ବେଲ୍ଟ ଲଗାଇ ଗାଡ଼ି ଚଳାଇବେ, ସେଥିପ୍ରତି ନଜର ରଖିବାକୁ ଡିଟିଏମଙ୍କୁ ପରାମର୍ଶ ଦେଇଥିଲେ। କୌଣସି ବସ୍ ଚାଳକ ତାହା ଅବମାନନା କଲେ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବେ ବୋଲି ମହାରାଜା ରୋକ୍‌ଠୋକ୍ ଶୁଣାଇ ଥିଲେ।



ବରଗଡ଼ ସରକାରୀ ବସଷ୍ଟାଣ୍ଡରେ ଡିଟିଏମଙ୍କୁ ମହାରାଜ କଂସ ତାଗିଦ୍ ସହିତ ଅର୍ଥଦଣ୍ଡରେ ଦଣ୍ଡିତ କରୁଛନ୍ତି ।

### ବସଷ୍ଟାଣ୍ଡର ଅବ୍ୟବସ୍ଥା ସୁଧାରିବା ଲାଗି ଡିଟିଏମ୍‌ଙ୍କୁ ତାଗିଦ୍

# ରଙ୍ଗମହଲ ଉଦ୍‌ଘାଟିତ

**ମଥୁରାନଗରୀ,୧।୧**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିବସ ବୁଧବାର ମଥୁରାଧିପତି ମହାରାଜା କଂସ ମଥୁରା ଭ୍ରମଣରେ ବାହାରିଥିଲେ। ଭ୍ରମଣ ସାରି ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସେ ସ୍ଥାନୀୟ ଲୋକମଣ୍ଡପ ପଡ଼ିଆ ମଞ୍ଚରେ ପହଞ୍ଚିଥିଲେ। ମହାରାଜା ସେଠାକୁ ପହଞ୍ଚିବା ପରେ ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ରଙ୍ଗମହଲ ଉଦ୍‌ଘାଟନ କରିଥିଲେ। ରଙ୍ଗମହଲ ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥି, କଳାକାର ଉପଦେଷ୍ଟା ସମନ୍ୱୟ କମିଟିର ଆବାହକ ତଥା ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ପ୍ରଚାର ପ୍ରସାର କମିଟିର ଆବାହକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ରଙ୍ଗମହଲ କମିଟିର ଶ୍ୟାମସୁନ୍ଦର ଅଦାବର, ସତ୍ୟଜିତ ଦାଶ, କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବରଗଡ଼ ଧନୁଯାତ୍ରାର ରଙ୍ଗମହଲ ଉଦ୍‌ଘାଟନ କରାଯାଉଛି ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସରିବା ପରେ ମହାରାଜ କଂସଙ୍କ ସମ୍ମୁଖରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ନାଚଗୀତରେ ମସଗୁଲ ହେବା ପରେ ମହାରାଜା ରଙ୍ଗମହଲ ଛାଡ଼ି ସ୍ଥାନୀୟ ହାଟପଦାସ୍ଥିତ ରାଜ ଦରବାରକୁ ଅଭିମୁଖେ ଯାଇଥିଲେ। ସେଠାରେ ପହଞ୍ଚି ମଥୁରାଧିପତି ତାଙ୍କ ପରାକ୍ରମ ଦେଖାଇଥିଲେ। ଅନ୍ୟପକ୍ଷେ କାରାଗାର (ସମଲେଶ୍ୱରୀ ମଣ୍ଡପ)ରେ ବନ୍ଦୀଥିବା ଦେବକୀଙ୍କ କୋଳରେ ଶ୍ରୀକୃଷ୍ଣ ଜନ୍ମଲାଭ କରିଥିଲେ । ଶ୍ରୀକୃଷ୍ଣଙ୍କୁ ଧରି ବସୁଦେବ ଗୋପପୁର ଯାତ୍ରା କରିଥିଲେ। ସେଠାରେ ଶ୍ରୀକୃଷ୍ଣଙ୍କୁ ଛାଡ଼ି ଏବଂ ବିଜୁଳି କନ୍ୟାଙ୍କୁ ଧରି ବସୁଦେବ କାରାଗାରକୁ ନିଶାର୍ଦ୍ଧ ରାତ୍ରିରେ ପୁଣି କାରାଗାର ପ୍ରତ୍ୟାବର୍ତ୍ତନ କରିଥିଲେ। ଧନୁଯାତ୍ରାର ଦ୍ୱିତୀୟ ଦିବସରେ ଏହି ଦୃଶ୍ୟାଭିନୟ ଅଭିନୀତ ହୋଇଥିଲା। ସେହିପରି ରଙ୍ଗମହଲ ଓ ରାଜ ଦରବାର ମଞ୍ଚରେ ସିଂଘେନପାଲିର ଚୁମକୁଚୁମା କଳା ପରିଷଦ, ବଲାଙ୍ଗୀରର ରୁନୁ ଝୁନୁ, କନବାରର ବାରପାହାଡ଼ କଳା ପରିଷଦ, ତୋରାର ବୋଧନ ସାଂସ୍କୃତିକ ଅନୁଷ୍ଠାନ, ବରଗଡ଼ର ବୀଣାପାଣି କଳା ପରିଷଦ, ଫୁଲବାଣୀର ନଟରାଜ କଳା ପରିଷଦ, ସମ୍ବଲପୁରର ଯବାନ କ୍ଲବ, କଲିକତାର କୋଲକାତା ବ୍ୟାଲଟ୍, ପଦ୍ମପୁରର ରାଇରାଧା ସାଂସ୍କୃତିକ ଅନୁଷ୍ଠାନ, ଗଞ୍ଜାମର ଗଙ୍ଗେଶ୍ୱର ଯୁଗଳ ଶଙ୍ଖବାଦ୍ୟ ଅନୁଷ୍ଠାନର କଳାକାରମାନେ ନୃତ୍ୟଗୀତ ପରିବେଷଣ କରିଥିଲେ ।

### ବରଗଡ଼ ଧନୁଯାତ୍ରା

**ଆଜିର ଆକର୍ଷଣ**

୨/୧/୨୦୨୦(ଗୁରୁବାର)

**ମଥୁରାନଗରୀ:**
କଂସ ମହାରାଜଙ୍କ ଶ୍ୟାମେଶ୍ୱର ବାବା ଦର୍ଶନ, କାରାଗୃହ ପ୍ରବେଶ, ବିଜୁଳି କନ୍ୟାକୁ ପ୍ରହାର, ଦୈବବାଣୀ, ରାଜ ଦରବାରରେ କଂସଙ୍କ ମନ୍ତ୍ରଣା,

**ଗୋପପୁର:**
ଅପରାହ୍ନ ୪ଟାରେ ନନ୍ଦ ଦରବାର ଉଦଘାଟନ, ନନ୍ଦୋତ୍ସବ, କୃଷ୍ଣଙ୍କ ଦୋଳିଝୁଲା, ରାସନୃତ୍ୟ, ନଗର ସଂକୀର୍ତ୍ତନ ସହ କୃଷ୍ଣଙ୍କ ଗୋପପୁର ଭ୍ରମଣ ।

### ନୂଆବର୍ଷରେ ୨ ଜୀବନ ଗଲା

## ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ମା', ଝିଅ ମୃତ

**ନୂଆପଡ଼ା ଅଫିସ/ସିନାପାଲି/ବରଗାଁ, ୧।୧**

ବୁଧବାର ନୂଆବର୍ଷ ପାଇଁ ସବୁଠି ଆନନ୍ଦ, ଉତ୍ସବ ଲାଗି ରହିଥିବା ବେଳେ ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ ମଖାପଦର ଗାଁରେ ଏକ ଦୁଃଖଦ ଘଟଣା ଘଟିଛି। ୧୧କେଭି ବିଦ୍ୟୁତ ତାର ହଠାତ୍ ଛିଣ୍ଡି ପଡିବାରୁ ଜଣେ ମହିଳା ଓ ତାଙ୍କ ଝିଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତରୁଲତା ଚଣ୍ଡୀ(୪୫) ଓ ତାଙ୍କ ଝିଅ ଦୁଶୀଳା ଚଣ୍ଡୀ(୯)। ଏହି ଘଟଣା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିକରି ଲୋକେ ଗାଁ ରାସ୍ତାକୁ ଅବରୋଧ କରିଥିଲେ । ଫଳରେ ରାତି ପର୍ଯ୍ୟନ୍ତ ଗାଁରେ ମା'ଝିଅଙ୍କ ମୃତଦେହ ପଡି ରହିଥିବା ଦେଖିବାକୁ ମିଳିଥିଲା ।

ମିଳିଥିବା ସୂଚନା ଅନୁଯାୟୀ, ତରୁଲତା ଓ ଦୁଶୀଳା ବୁଧବାର ଅପରାହ୍ନ ୨ଟାବେଳେ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଉପରେ ପାଣି ଦେବାକୁ ବାହାରି ଥିଲେ। ସେଠାରେ ଥିବା ଏକ ପାଣି ଟାଙ୍କି ନିକଟରେ ସିନାପାଲିରୁ ଲିଆଡକୁ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ହଠାତ୍ ଛିଣ୍ଡି ପଡିଥିଲା। ପ୍ରଥମେ ଦୁଶୀଲାଙ୍କ ଉପରେ ସେହି ତାର ପଡି ଗୁଡ଼େଇ ହୋଇଯାଇଥିଲା। ଝିଅର ଚିତ୍କାର ଶୁଣି ତରୁଲତା ତାଙ୍କୁ ରକ୍ଷା କରିବାକୁ ଉଦ୍ୟମ କରିଥିଲେ । ହେଲେ ଦୁହେଁ ବିଦ୍ୟୁତ୍ ଆଘାତରେ ଛଟପଟ ହୋଇ ପାଣି ଟାଙ୍କିରେ ପଡି ଯାଇଥିଲେ। ଗ୍ରାମବାସୀ ଆସି ଦେଖିଲା ବେଳକୁ ଉଭୟଙ୍କ ମୃତ୍ୟୁ ଘଟିସାରିଥିଲା। ଖବର ପାଇ ଭାଜପା ଜିଲା ସଭାପତି ସୁବ୍ରତ ଠାକୁର, ଦଳିତ ଅଧିକାର ମଞ୍ଚ ଜିଲା ସଭାପତି କମଳ ଚରଣ ତାଣ୍ଡି ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ମୃତକଙ୍କ ପରିବାର ସଦସ୍ୟଙ୍କୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ସିନାପାଲି ଅତିରିକ୍ତ ତହସିଲଦାର ଲକ୍ଷ୍ମଣ କୁମାର ମାଝି ପହଞ୍ଚି ପରିବାର ସଦସ୍ୟଙ୍କୁ ପ୍ରଶାସନ ତରଫରୁ ୨୦ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଥିରେ ଗ୍ରାମବାସୀ ରାଜି ହୋଇ ନ ଥିଲେ। ଫଳରେ ରାତି ପର୍ଯ୍ୟନ୍ତ ଏହି ବିବାଦର କୌଣସି ସମାଧାନ ହୋଇପାରି ନ ଥିଲା । ଏପରି କି ଗ୍ରାମବାସୀ ସିନାପାଲି ପୋଲିସକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ନେବାକୁ ଛାଡି ନ ଥିଲେ । ୧୧କେଭି ବିଜୁଳି ତାର ଗାଁ ମଝିରେ ବିପଦସଙ୍କୁଳ ଭାବେ ଯାଇଥିବାରୁ ଏଭଳି ଦୁଃଖଦ ଘଟଣା ଘଟିଛି। ଏଥିପାଇଁ ବିଦ୍ୟୁତ୍ ବିଭାଗ ଦାୟୀ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ମୃତଦେହ ପଡିଥିବା ସ୍ଥାନରେ ଗ୍ରାମବାସୀ ରୁଣ୍ଡ ହୋଇଛନ୍ତି।

## ନାବାଳିକା କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ

**ଫୁଲବାଣୀ ଅଫିସ, ୧।୧**

ମାଓବାଦୀମାନେ ସେମାନଙ୍କ ଆଦର୍ଶରୁ ବିଚ୍ୟୁତ ହେଉଛନ୍ତି। ଲୋକଙ୍କ ଉପକାର ବଦଳରେ ଅପକାର କରୁଛନ୍ତି। ସଙ୍ଗଠନର ଏପରି କାର୍ଯ୍ୟରେ ବ୍ୟଥିତ ଜଣେ ନାବାଳିକା କ୍ୟାଡର ମାଓବାଦୀ କନ୍ଧମାଳ ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କୁ ସରକାରଙ୍କ ନିୟମ ଏବଂ ଯୋଜନା ଅନୁସାରେ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ ଗୀତା ସିଂ ପ୍ରକାଶ କରିଛନ୍ତି। ତୁମୁଡିବନ୍ଧ ଥାନା ଅଞ୍ଚଳର ଏହି ନାବାଳିକାଙ୍କୁ ମାଓବାଦୀମାନେ ୨୦୧୮ ସେପ୍ଟେମ୍ବର ୨୩ ତାରିଖରେ ଉଠାଇ ନେଇ ବେଆଇନ ଭାବେ ସିପିଆଇ ମାଓବାଦୀ ସଙ୍ଗଠନରେ ମିଶାଇଥିଲେ। ପରେ ତାଙ୍କୁ ଘୁମୁସର ଅଞ୍ଚଳରେ ବଂଶଧାରା ଘୁମୁସର ନାଗାବଳୀ ଡିଭିଜନରେ କାର୍ଯ୍ୟ କରାଇଥିଲେ। ସେଠାରେ କାମ କଲାବେଳେ ମାଓବାଦୀମାନେ ଯେପରି କହୁଥିଲେ, ସେପରି କରୁ ନ ଥିବା ଜାଣିବାକୁ ପାଇଥିଲେ। ମାଓବାଦୀମାନେ ଗ୍ରାମବାସୀଙ୍କୁ ଧମକ ଦେଇ ଖାଦ୍ୟ ଯୋଗାଡ କରୁଥିଲେ। ଟଙ୍କା ପାଇଁ ଠିକାଦାରମାନଙ୍କୁ ଟାର୍ଗେଟ କରୁଥିଲେ। ସେହିପରି ଜଙ୍ଗଲରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟକୁ ଦେଖି ଭୟଭୀତ ରହୁଥିଲେ। ଏସବୁ କାରଣରୁ ସଙ୍ଗଠନ ଛାଡିବା ପାଇଁ ନିଷ୍ପତ୍ତି ନେଇ ଗତ ୨୬ ତାରିଖରେ ସେ ଏସ୍‌ପିଙ୍କ ପାଖରେ ଆତ୍ମସମର୍ପଣ କରିଥିଲେ। ସେ ଲେଙ୍ଗାମାହାଠାରେ ପୋଲିସ-ମାଓବାଦୀ ଗୁଳି ବିନିମୟ, ବାଲିଗୁଡା-ଦାରିଙ୍ଗିବାଡି ରାସ୍ତାରେ ଗଛ ପକାଇବା କାର୍ଯ୍ୟରେ ସାମିଲ ଥିଲେ। ବର୍ତ୍ତମାନ ତାଙ୍କୁ ସରକାରଙ୍କ ଯୋଜନା ଅନୁସାରେ ଅର୍ଥରାଶି ସହ ଥଇଥାନ ପାଇଁ ପୋଲିସ ତରଫରୁ ଯୋଗ୍ୟତା ଓ ଆଗ୍ରହ ଅନୁସାରେ ତାଲିମ ପ୍ରଦାନ କରାଯିବ। ଏଥିସହ ଘର ତିଆରି ପାଇଁ ମଧ୍ୟ ଆର୍ଥିକ ସହାୟତା ଦିଆଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

### ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

## ହତ୍ୟା ଅଭିଯୋଗ କରି ପରିବାର ଲୋକଙ୍କ ରାସ୍ତାରୋକୋ

**ଅମରପାଲି, ୧।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୂର୍ଚ୍ଛୁଣୀ ନିକଟସ୍ଥ ଛନ୍ଦସାହିରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୁବଳୟା ଥାନା ଜଟେସିଂହା ପଞ୍ଚାୟତର ଡୁଙ୍ଗୁରୀ ଗ୍ରାମର ପ୍ରଦୀପ ସାହୁ (୩୦) । ପ୍ରଦୀବ ମଙ୍ଗଳବାର ରାତିରେ ନିଜ କପା ଜମିରୁ ସ୍କୁଟି ଯୋଗେ ଘରକୁ ଫେରୁଥିଲେ । ବିପରୀତ ଦିଗରୁ ଆସୁଥିବା କୌଣସି ଏକ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଖବର ପାଇ ପରିବାର ଲୋକେ ପ୍ରଦୀପଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୀରମହାରାଜପୁର ମେଡିକାଲକୁ ନେଇଥିଲେ। ହେଲେ ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଯୁବକଙ୍କ ମୃତ୍ୟୁ ହୋଇଥିଲା। ବୁର୍ଲାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୦) ରୁଜୁ କରାଯାଇଛି। ପରେ ପରିବାର ଲୋକେ ମୃତଦେହ ଡୁଙ୍ଗୁରୀ ଗ୍ରାମକୁ ଆଣିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ଓ ପରିବାର ଲୋକେ ଏହା ଦୁର୍ଘଟଣା ଜନିତ ମୃତ୍ୟୁ ନୁହେଁ, ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ବୀରମହାରାଜପୁର- ରେଢ଼ାଖୋଲ ମୁଖ୍ୟରାସ୍ତାକୁ ଅପରାହ୍ନରେ ଅବରୋଧ କରିଥିଲେ । ମୃତ୍ୟୁର କାରଣ ସ୍ପଷ୍ଟ କରି ହତ୍ୟାକାରୀଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଥିଲେ । ଖବର ପାଇ ସୁବଳୟା ଥାନା ପୋଲିସ ଘଟଣାସ୍ଥଳକୁ ଆସି ବୁଝାଶୁଝା କରି ରାସ୍ତାରୋକ ହଟାଇଥିଲେ ।



ବୀରମହାରାଜପୁର-ରେଢ଼ାଖୋଲ ରାସ୍ତାର ଡୁଙ୍ଗୁରୀଠାରେ ମୃତଦେହ ରଖି ଲୋକେ ରାସ୍ତାରୋକ କରିଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।

- କାର୍ଲାଇଲ

## ସଂକ୍ଷେପରେ

### ଭୀମପାହାଡ଼ରେ ନବବର୍ଷରେ ପର୍ଯ୍ୟଟକଙ୍କ ଭିଡ଼

**ଦେଓଗାଁ, ୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଭୀମଡୁଙ୍ଗୁରୀସ୍ଥିତ ପର୍ଯ୍ୟଟନସ୍ଥଳ ଭୀମପାହାଡ ପାଦଦେଶରେ ନବବର୍ଷ ଉପଲକ୍ଷେ ଲୋକଙ୍କ ଭିଡ ଜମିଥିଲା। ଜିଲା ତଥା ଜିଲା ବାହାରରୁ ସହସ୍ରାଧିକ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ଭୀମପାହାଡ ଚାରିପଟେ ପିକନିକର ମାହୋଲ ଦେଖାଦେଇଥିଲା।

### କୁଷ୍ଠରୋଗୀଙ୍କ ଗହଣରେ ନରସିଂହ

**ବଲାଙ୍ଗୀର ଅଫିସ, ୧।୧:** ବଲାଙ୍ଗୀର ସୁଦପଡାସ୍ଥିତ କୁଷ୍ଠରୋଗୀଙ୍କ କଲୋନୀରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ନୂଆବର୍ଷର ପ୍ରଥମ ଦିନ ପହଞ୍ଚି କୁଷ୍ଠରୋଗୀଙ୍କୁ ବିଭିନ୍ନ ଆବଶ୍ୟକ ସାମଗ୍ରୀ ବଣ୍ଟନ କରିଥିଲେ। ଅପରାହ୍ଣ ସାଢ଼େ ୩ଟାରେ ବିଧାୟକ ମିଶ୍ର ସେଠାରେ ପହଞ୍ଚି ସିଏଲ୍‌ପି ପରିବାରମାନଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବଣ୍ଟନ କରିଥିଲେ। ଜିଲାର ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଚିହ୍ନିତ ହୋଇଥିବା ସୁଦ୍‌ପଡାର ଲେପ୍ରୋସି କଲୋନୀର ୨୨ଟି ପରିବାର ଏବଂ ଖୁଜେନପାଲି ଲେପ୍ରୋସି କଲୋନୀର କୁଷ୍ଠରୋଗୀଙ୍କୁ ଜିନିଷ ବଣ୍ଟନ କରିଥିଲେ। କମ୍ବଳ, ଶାଢ଼ୀ, ମଶାରୀ, ରନ୍ଧନ ସାମଗ୍ରୀ, ବେଡ୍ ସିଟ୍, ପିଲାଙ୍କ ପାଇଁ ପାଠପଢା କିଟ୍ ଏପରି ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବଣ୍ଟନ କରିଥିଲେ। ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବିଧାୟକ ମିଶ୍ର ଆସନ୍ତା ମାସରେ ଏପରି ଚିହ୍ନିତ ସିଏଲ୍‌ପି ପରିବାର ମାନଙ୍କୁ ୪ ହଜାର ୨ ଶହ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ।

## ପଏଁରୀ ତିହାର ୨୦୨୦ ଉଦ୍‌ଘାଟିତ

# ଲୋକନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

**ସୋନପୁର,୧।୧(ନି.ପ୍ର.)**



ହରିଆନାର କଳାକାରମାନେ ଘୁମର ନୃତ୍ୟ ପରିବେଷଣ କରୁଛନ୍ତି।

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ବୁଧବାର ନବବର୍ଷ ଅବସରରେ ୨୦ ତମ ପଏଁରୀ ତିହାର ୨୦୨୦ ଉଦ୍‌ଘାଟିତ ହୋଇଯାଇଛି । ଏହା ତିନି ଦିନ ଧରି ଚାଲିବ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ସଂଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ଏବଂ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ସହାୟତାରେ ଏହି ଉତ୍ସବ ଆୟୋଜନ ହେଉଛି। ପୂର୍ବାହ୍ଣରେ ଅନୁଷ୍ଠାନର କଳାକାର, କର୍ମକର୍ତ୍ତା ବିଭିନ୍ନ ବ୍ଲକରୁ ଆସିଥିବା ପାରମ୍ପରିକ କଳାକାର ଓ ଲୋକ ସଙ୍ଗୀତକାରମାନଙ୍କୁ ନେଇ ଏକ ଶୋଭାଯାତ୍ରା ସୁରେଶ୍ୱରୀ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଲୁଚି ଯାଇଥିବା ପ୍ରାଚୀନ ପାରମ୍ପରିକ ଲୋକକଳା ଶବର ଶବରାନୀ ପ୍ରଦର୍ଶିତ ହୋଇଥିଲା। ପରେ ସ୍ଥାନୀୟ ଭୀମଭୋଇ କଳା ମଣ୍ଡପରେ ତିହାରକୁ ବରିଷ୍ଠ କଣ୍ଠଶିଳ୍ପୀ ନୁର ବିବି ବେଗମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ, ଉପଦେଷ୍ଟା ଅଭିମନ୍ୟୁ କୁଶଳ, ଶ୍ରୀବତ୍ସ ମଲ୍ଲିକ, ନାଟ୍ୟଶ୍ରୀ ଗଦାଧର ମଲ୍ଲିକ ଓ ସୋନପୁର-ମନମୁଣ୍ଡା ପ୍ରାତଃଭ୍ରମଣ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଲକ୍ଷ୍ମୀନାରାୟଣ ମେହେର ଯୋଗଦାନ କରିଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ଶବର ଶବରାନୀ ଓ ଷୋହଳ ଶୁଆଙ୍ଗ ପରିବେଷଣ ହୋଇଥିଲା। ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହା, ପ୍ରତିତି ମିଶ୍ର, ମୁସ୍କାନ ମଲ୍ଲିକ, ହରିଓଁ କୁଶଳ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ସଭାରେ ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଦାଶ ତାଙ୍କ ବକ୍ତବ୍ୟରେ ଐତିହ୍ୟ, ସଂସ୍କୃତି ସମ୍ପନ୍ନ ଏହି ଜିଲାରେ ପାରମ୍ପରିକ ଲୋକକଳା ବଞ୍ଚି ରହିଛି। ବଣମଲ୍ଲି ଭଳି ଗ୍ରାମାଞ୍ଚଳର ପ୍ରତିଭା ଲୁଚି ନ ଯାଇ ବିକଶିତ ହେବା ପଏଁରୀ ତିହାରର ମୂଳ ଲକ୍ଷ୍ୟ। ପ୍ରାଚୀନ ଲୋକକଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ସାମୁହିକ ଉଦ୍ୟମ ଲୋଡା ବୋଲି ଏସ୍‌ପି କହିଥିଲେ।

ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ଜିଲାର କଳା ଓ ସଂସ୍କୃତି ମହାନ ବୋଲି ପଣ୍ଡା କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି, ଉପଦେଷ୍ଟା ନାଟ୍ୟଶ୍ରୀ ଗଦାଧର ବାରିକ, ଶ୍ରୀବତ୍ସ ମଲ୍ଲିକ, ଅଭିମନ୍ୟୁ କୁଶଳ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ସଭାପତି ଲଡୁକିଶୋର ମଲ୍ଲିକ ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଚୌଧୁରୀ ବିଭାର ଉତ୍ସବ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପଏଁରୀ ସମ୍ମାନ ଲୋକ ସଙ୍ଗୀତକାର କପାସିରାର ପାର୍ବତୀ ଜେନା ଓ ପାରମ୍ପରିକ ଲୋକ ନୃତ୍ୟ କଳାକାର ମେଣ୍ଡାମାଳର ଭୁଷଣ ଦେହୁରୀଙ୍କୁ ପ୍ରଦାନ କରାଯାଇଥିଲା। ସଭା ପରେ ମେଣ୍ଡାମାଳର କଳାକାରଙ୍କ ଦ୍ୱାରା ପାରମ୍ପରିକ ପର୍ଭା ଲୋକନୃତ୍ୟ, ସୋନପୁର ପଏଁରୀ ଅନୁଷ୍ଠାନର ନଚନିଆ ନୃତ୍ୟ, ଡୁଙ୍ଗୁରା କୃଷ୍ଣପ୍ରିୟା କଳା ପରିଷଦର ଘୁପକୁଡୁ ନୃତ୍ୟ, ହରିଆନା ଧର୍ମପୁତ୍ର କଳା ମଞ୍ଚର କଳାକାରଙ୍କ ଦ୍ୱାରା ଘୁମର ନୃତ୍ୟ ଓ ଲୋଇସିଂହା ସଙ୍ଗୀତ ସାଧନା ଅନୁଷ୍ଠାନର ଡାଲଖାଇ ନୃତ୍ୟ ପରିବେଷଣ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ଲୋକନୃତ୍ୟରେ ଝୁମିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ହେଲା ବତର**
**କିବା କଥା ପେଇଁ**
**କିଛି ନ ବୁଝିଲୁ**
**ମୁହଁ କରି ବୁଲୁ ଅଥାର ।**

କିଛି ବ୍ୟକ୍ତି ଘଟଣା ବିଷୟରେ ନ ଜାଣି ନ ପଶି ଅଯଥା ମନ ଊଣା କରି ବସୁଥିବାର ଲକ୍ଷ୍ୟ କରାଯାଇଥାଏ। ଅସଲ କଥା ନ ବୁଝି ଅଭିମାନରେ ମୁହଁ ନଦି ବୁଲିବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚଣା ବେଳକୁ ଦାନ୍ତ ନାହିଁ**
**ଦାନ୍ତ ବେଳକୁ ଚଣା ନାହିଁ ।**

ସମୟ ଓ ମଣିଷ ମଧ୍ୟରେ ଜୀବିକାର ଖେଳ। ସମସ୍ତଙ୍କର ସବୁଜିନିଷ ପରିପୂର୍ଣ୍ଣ ହୋଇ ନ ଥାଏ। କାହାର ବହୁ କୁଟୁମ୍ବୀ ପରିବାର କିନ୍ତୁ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ତ କାହାର ଅଚଳାଚଳ ସମ୍ପତ୍ତି ଥାଇ ନିଃସନ୍ତାନ, ଅର୍ଥାତ୍ ଭୋଗ କରିବାକୁ କେହି ନାହାନ୍ତି, ପୁଣି କାହାର ଲୋକ ଥିଲେ ବି ରହିବାକୁ ଘର ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ରହିଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମହାରାଜ ଓ ବଂଶୀଧର ଦାଶ ପ୍ରବଚନ ଦେଉଛନ୍ତି ।

# କଂସ ବଧ ସହ ଲାଠୋର ଧନୁଯାତ୍ରା ଉଦ୍‌ଯାପିତ

**ଲାଠୋର, ୧।୧ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ମା' ବତ୍ସେନ ଧନୁଯାତ୍ରା କମିଟି ଅନୁକୂଲ୍ୟରେ ଗତ ୨୩ତାରିଖରୁ ଆରମ୍ଭ ହୋଇଥିବା ଧନୁଯାତ୍ରା ମଙ୍ଗଳବାର କଂସବଧ ସହ ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନ କଂସ ଦରବାରକୁ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ସମ୍ବଲପୁର ତଥା ଜଗନ୍ନାଥ ସଂସ୍କୃତିର ଗବେଷକ, ସାହିତିକ ବିଷ୍ଣୁଦତ୍ତ ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ ଓ ବିମଳ କୁମାର ଅଗ୍ରୱାଲ ଯୋଗଦେଇଥିଲେ। ନାଟ୍ୟାଭିନୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମୀନାବଜାରର ମଜା ଉଠାଇଥିଲେ ଦର୍ଶକ। କଂସ ଭୂମିକାରେ ବରଗଡ ଜିଲା ଚିଚିଣ୍ଡା ଗ୍ରାମର ସୁଶିଲ କୁମାର ମେହେରଙ୍କ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଧନୁଯାତ୍ରା କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ଦିଗରେ ଯତ୍ନବାନ ରହିଥିଲେ। ଶେଷରେ କମିଟି ତରଫରୁ କଂସ ତଥା ଅନ୍ୟାନ୍ୟ କଳାକାରମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କମିଟି ସଭାପତି ରମାକାନ୍ତ ମହାନ୍ତି, ସମ୍ପାଦକ ସୁଶୀଲ କୁମାର ଅଗ୍ରୱାଲ, ବାଲେଶ୍ୱର ମେହେର, ସୁଶାନ୍ତ ମେହେର, କିରଣ ବହିଦାର, ରାମଜୀ ମେହେର, ଭଗବାନ ସେଠ, ନରେନ୍ଦ୍ର ମେହେର, ରାଜୁ ଅଗ୍ରୱାଲ, ଜିତେନ ବଗା, ସୁଦରର୍ଶନ ଖର୍ସେଲ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ସମାପନରେ ସହଯୋଗ କରିଥିଲେ।

# ଜିଲା ଫଟୋଗ୍ରାଫର ସଂଘ ଗଠିତ

**ସୋନପୁର,୧।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଫଟୋଗ୍ରାଫର ସଂଘ ଗଠିତ ହୋଇଛି। ବରିଷ୍ଠ ଫଟୋଗ୍ରାଫର ଗୋକୁଳ ଠାକୁରଙ୍କ ସଭାପତିତ୍ୱରେ ମହାନଦୀ ପଠାରେ ଏଥିପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାର ସମସ୍ତ ୬ଟି ବ୍ଲକରୁ ମୋଟ ୪୦ଜଣ ଫଟୋଗ୍ରାପର ଯୋଗଦେଇଥିଲେ। ଫଟୋଗ୍ରାଫିରେ ଥିବା ବିଭିନ୍ନ ସମସ୍ୟା ସମାଧାନ ସହ ଫଟୋଗ୍ରାଫରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଆଗାମୀ ଦିନରେ ବିଭିନ୍ନ କମ୍ପାନୀ ମାନଙ୍କ ସହ ଯୋଗାଯୋଗ କରାଯାଇ କିଭଳି ଜିଲାସ୍ତରରେ ଏକ କର୍ମଶାଳା କରା ଯାଇପାରିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା । ଭାଇଚାରା ସହ ନିଜ ନିଜ ଭିତରେ ସହଯୋଗ ସହାନୁଭୁତିରେ ବ୍ୟବସାୟ କରିବା ପାଇଁ ସର୍ବ ସମ୍ମତ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଜିଲା ଫଟୋଗ୍ରାଫର ସଂଘ ଗଠିତ ହୋଇଥିଲା। ସଂଘ ସଭାପତି ଭାବରେ ଜିତେନ୍ଦ୍ର କୁମାର ସାହୁ, ଉପସଭାପତି କାମପାଳ ବାଘ, ସମ୍ପାଦକ ୟାସିର ମହମ୍ମଦ, ସହ ସମ୍ପାଦକ ସୁକଦେବ ପାତ୍ର, କୋଷାଧ୍ୟକ୍ଷ ଗୋକୁଲ ଠାକୁର ଏବଂ ଉପଦେଷ୍ଟା ଭାବେ ବରିଷ୍ଠ ଫଟୋଗ୍ରାଫର ରବିନ୍ଦ୍ର ହୋତା, ସଚ୍ଚିଦାନନ୍ଦ ମିଶ୍ର, ଅଶୋକ କୁମାର ସାହୁ ଓ କୁନା ମେହେରଙ୍କୁ ଚୟନ କରା ଯାଇଥିଲା। ଖୁବ୍‌ଶୀଘ୍ର ସଂଘ ପଞ୍ଜିକରଣ ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।



ବୈଠକ ପରେ ସଂଘର ସମସ୍ତ ସଭ୍ୟ ବୃନ୍ଦ ।

## ୧୯ତମ ଆଞ୍ଚଳିକ ମହାନଦୀ ବାଲି ମହୋତ୍ସବ

# ନୂତନ ବର୍ଷରେ ଆଧ୍ୟାତ୍ମିକ ଚେତନା ଜାଗୃତି ଲକ୍ଷ୍ୟ

**ସୋନପୁର,୧।୧(ନି.ପ୍ର.)**

୧୯ତମ ଆଞ୍ଚଳିକ ଆଧ୍ୟାତ୍ମିକ ମହାନଦୀ ବାଲି ମହୋତ୍ସବ ଭକ୍ତି ଓ ଶ୍ରଦ୍ଧାର ସହିତ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୂତନ ବର୍ଷରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗୃତି ଲକ୍ଷ୍ୟରେ ହିଙ୍କୁଡିସ୍ଥିତ ମହାନଦୀ ସେତୁ ପାର୍ଶ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ସାମୂହିକ ହନୁମାନ ଚାଳିଶା ପଠନ ପରେ ଓଡିଆ ରାମଚରିତ ମାନସର ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା। ମଧ୍ୟାହ୍ନ ସାଢେ ୧୨ଟାରୁ ଦେଢଟା ପର୍ଯ୍ୟନ୍ତ ପ୍ରବଚନ ଓ ପରେ ବିଶ୍ୱ କଲ୍ୟାଣ ସକାଶେ ହୋମ, ଆରତୀ ଓ ଗଙ୍ଗା ଆରତୀ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂଜା କର୍ତ୍ତା ଥିଲେ ଭୁବନ ମୋହନ ତ୍ରିପାଠୀ ଓ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ ପଣ୍ଡିତ ଦିଲ୍ଲିପ କୁମାର ତ୍ରିପାଠୀ। ଗୋବର୍ଦ୍ଧନ ମିଶ୍ର ପୁରାଣ ଗାନ କରିଥିଲେ। ବୃନ୍ଦାବନର ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମହାରାଜ ଓ ପୁରୀ ରାମଜୀ ମଠର ମହନ୍ତ ବଂଶୀଧର ଦାଶ ଶ୍ରଦ୍ଧାଳୁଙ୍କୁ ଆଶିର୍ବଚନ ପ୍ରଦାନ କରିଥିଲେ। ସେମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଆଞ୍ଚଳିକ ବାଲି ଯାତ୍ରା କମିଟି ହିଙ୍କୁଡିର ପରିଚାଳନାରେ ଏହି ମହୋତ୍ସବ ସଫଳ ହୋଇଥିଲା। ୧୫ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଉପସ୍ଥିତ ରହି ହନୁମାନ ଚାଳିଶା ପାଠ କରିବା ସହିତ ପ୍ରବଚନ ଶୁଣିଥିଲେ। ଏହି ଆଧ୍ୟାତ୍ମିକ ମହୋତ୍ସବରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା ।

# ଆବାସ ଯୋଜନାରୁ ବଁଚିତ୍ ଦିବ୍ୟାଙ୍ଗ ବିକାଶ

**ବିନିକା,୧।୧ (ଡି.ଏନ୍.ଏ.)**



ମା'ର ସଂଗେ ଦିବ୍ୟାଙ୍ଗ ବିକାଶ।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୁରପୁର ପଁଚେତ୍ ଅଧୀନ କଦଲିପାଲି ଗାଁର ସ୍ୱର୍ଗତ ସୌରୀ ଭୁଏକଁର ପୁଓ ବିକାଶ ଭୁଏ(୧୮) ଜନ୍‌ମୁ ଦିବ୍ୟାଙ୍ଗ ଆନ୍। ସେ ଠିକ୍‌ରେ ଚାଲିବୁଲି, ଶୁନି ନାଇଁ ପାରବାର। ଆଏଁଖ୍‌କେ ବି ଅଲପ୍ ଦେଖାଯାଉଛେ। ଇଆଡ଼େ ପରିବାରଟା ଆଦିବାସୀ ସମାଜର ଆର ନିହାତି ଗରିବ୍। ଅଭାବ ଅନାଟନ ଲାଗି ପରିବାର ଲୋକ୍ ତାକର ଚିକିଛା ବି କରେଇ ନାଇଁପାରବାର।

ସୂଚନା ଅନ୍‌ସାରେ କଦଲିପାଲି ଗାଁର ବିଧବା ମହିଲା ପ୍ରେମଶୀଳା ଭୁଏକଁର ପରିବାର କହେଲେ ଦୁଇ ଝିଁ ମୀନା, ରଶ୍ମିତା ଆର ଗୁଟେବଲି ପୁଓ ବିକାଶକେ ନେଇ ସଁସାର। ଆପ୍‌ନେ ସୌରୀ ଭୁଏ ଆଏଜ୍‌କେ ୬ ବଛର ତଲେ ଆରପାରକେ ଚାଲିଯାଇଛନ୍। ଏନ୍‌ତାଥି ଛୁଆପିଲାକର ବୋଝ୍ ପ୍ରେମଶୀଳାକଁର ଉପରେ ରହିଛେ। ସଁପତି କହିଲେ ବାପ୍‌ଅଜା ଅମଲରୁ ୬ ଏକର ଜମି ରହିଛେ। ହେଲେ ଆଏଜ୍‌ତକ ଭାଇ ଭାଗ ନାଇଁ ହେଇ। ଏନ୍‌ତା ପରିସ୍ଥିତିରେ ପ୍ରେମଶୀଳା ଦୁଖ୍‌ସୁଖ କରି ଝିଁପୁଓକୁଁ ପାଲୁଛନ୍। ହେଲେ ଅନେକ୍ ସମିଆରେ ଦିବ୍ୟାଙ୍ଗ ପୁଓର ଲାଗି ସେ କାମ୍‌ବୁତା କରି ନାଇଁପାରବାର। ତାକର ଦେଖ୍‌ଭାଲରେ ସମିଆ ଯାଉଛେ। ବିକାଶ ଜନ୍‌ମୁ ଦିବ୍ୟାଙ୍ଗ ହେଇଥିଲାବେଲେ ତାକର ପିଠିଆଡେ ଗୁଟେ ଆବୁ ରହିଛେ। ବିକାଶର ବଏସ୍ ବଢ଼ବାର ସଂଗେ ସେ ଆବୁ ବି ଦିନୁଦିନ୍‌କେ ବଢ଼ତେଲ ଯାଉଛେ। ସେନ୍‌ତା ସେ ଚାଲବୁଲ କି ଠିକ୍‌ସେ ଶୁନି ବି ନାଇଁପାରବାର। ଆଏଁଖ୍ ବି ଠିକ୍‌ସେ ନାଇଁ ଦିଶ୍‌ବାର, ଦିନୁଦିନ୍‌କେ ଶୁଖିଯାଉଛନ୍। ହେଲେ ଅଭାବ ଅନାଟନ ଲାଗି ପ୍ରେମଶୀଳା ପୁଓର ଚିକିଛା ବି କରେଇ ନାଇଁପାରବାର। ଇଆଡ଼େ ସରକାରୀ ସାହାଯ୍ କହେଲେ ପରିବାରକେ ମାସିକ ୨୦ କେ.ଜି. ଚାଉଲ ମିଳୁଥିଲାବେଲେ ବିକାଶ ଆର ପ୍ରେମଶୀଳା ଭତା ପାଉଛନ୍। ହେଲେ ବିକାଶ ଗୁଟେ ଟ୍ରାଇସାଇକେଲ ଆର ଆବାସ ଯୋଜନାରୁ ବଁଚିତ୍ ଥିବାର ତାକର ମା' ପ୍ରେମଶୀଳା ଅଭିଯୋଗ କରିଛନ୍। ଇ ବାବ୍‌ଦେ ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ପଚ୍‌ରାଲାରୁ ଦିବ୍ୟାଙ୍ଗ ବିକାଶକୁଁ କାହିଁ ଯେ ଟ୍ରାଇସାଇକେଲ ନାଇଁମିଳି ତାର ତଦଁତ୍ କରାଯିବା ଆର ସେ ଆବାସ ଯୋଜନାରେ କେନ୍‌ଥେଇ ସାମିଲ ହେଇପାରବେ ସେ ଦିଗେ ପଦକ୍ଷେପ ନିଆଯିବା ବଲି କହିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଉଜ୍ଜୀବନ ଫାଇନାନ୍ସ କମ୍ପାନୀ
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ — ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ, ଆଦି ସବୁ ଋଣ *C&T Apply
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର୍
094738-08189
073762-57896

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

BUSINESS

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।

- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର

**ପର୍ଲା,୧।୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମରେ ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବଲାଙ୍ଗୀର ଜିଲାରୁ ଆସିଥିବା ଏକ ଡାକ୍ତରୀ ଦଳ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରିଥିଲେ । ବେହେରାସ୍ଥିତ ଜଗନ୍ନାଥ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ଶିବିରରେ ଅଞ୍ଚଳର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଟ୍ରଷ୍ଟ ସଭାପତି ସୁରେନ୍ଦ୍ର ନାଏକ ପ୍ରକାଶ କରିଛନ୍ତି। ଡାକ୍ତର ସୁରେଶ ଚନ୍ଦ୍ର ସାହୁ ଏବଂ ଚତୁର୍ଭୁଜ ସାହୁଙ୍କ ତତ୍ତ୍ୱାବଧାନରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏପରି କି ରୋଗୀମାନଙ୍କୁ ଶୀତଦିନରେ ଦେହର ଯତ୍ନ ଏବଂ ଆୟୁର୍ବେଦିକ ଔଷଧ ସେବନ କରି କିପରି ରୋଗମୁକ୍ତ ହୋଇପାରିବେ ସେନେଇ ଲୋକଙ୍କୁ ବୁଝାଯାଇଥିଲା। ଟ୍ରଷ୍ଟ ସଦସ୍ୟ ଇନ୍ଦ୍ରଜିତ ନାଏକ, ଯିବେଶ୍ୱରୀ ନାଏକ, ପ୍ରତାପ ଗୋପାଳ, ବିଶ୍ୱରାମ କରଲ, ଘନଶ୍ୟାମ ଅଗ୍ରୱାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ନୂଆବର୍ଷକୁ ସ୍ୱାଗତ କଲେ ଧନୁଯାତ୍ରା କଳାକାର

**ମଥୁରାନଗରୀ,୧।୧-** ବରଗଡ଼ ଧନୁଯାତ୍ରା ମହୋତ୍ସବର କଳାକାରମାନେ ମଙ୍ଗଳବାର ଅଭିନୟ ସରିବା ପରେ ମଧ୍ୟରାତ୍ରରେ ରାଜମହଲ (ମାରୱାଡ଼ି ଧର୍ମଶାଳା)ରେ ନବବର୍ଷ-୨୦୨୦କୁ ନିଆରା ଢ଼ଙ୍ଗରେ ସ୍ୱାଗତ କରିଛନ୍ତି।

# ବିଭିନ୍ନ ସ୍ଥାନରେ ନବବର୍ଷ ପାଳିତ

### ଏକାଠି ନବବର୍ଷ ପାଳିଲେ ଗ୍ରାମବାସୀ

**ମୋହନଗିରି,୧।୧(ଡି.ଏନ୍.ଏ.)**

ନବବର୍ଷ ୨୦୨୦କୁ ସ୍ୱାଗତ ଜଣାଇ ସବୁଆଡେ ଭୋଜିଭାତର ମାହୋଲ ଚାଲିଥିବା ବେଳେ, କଳାହାଣ୍ଡି ଜିଲା ମ.ରାମପୁର ବ୍ଲକର ମୋହନଗିରିଠାରେ ନିଆରା ଢଙ୍ଗରେ ନୂତନ ବର୍ଷକୁ ସ୍ୱାଗତ ଜଣାଇଥିବା ଦେଖିବାକୁ ମିଳିଛି। ଜଗନ୍ନାଥ ମନ୍ଦିର ପଡାବାସୀ ସମସ୍ତେ ଏକାଠି ହୋଇ ଗାଁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନିରାମିଷ ଭୋଜନ କରି ପରସ୍ପରକୁ ନୂତନ ବର୍ଷର ଶୁଭ କାମନା ଜଣାଇଥିଲେ। ସ୍ଥାନୀୟ ନେହେରୁ ନାଟ୍ୟ କଳାପରିଷଦ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଗ୍ରାମର ସମସ୍ତେ ଚାନ୍ଦା ଆଦାୟ କରି ଆନୁଷଙ୍ଗିକ ଖର୍ଚ୍ଚ ତୁଲାଯାଇଥିବା ଜଣାପଡିଛି। ଅନ୍ୟପକ୍ଷେ ନୂତନ ବର୍ଷକୁ ସ୍ୱାଗତ କରିବାକୁ ଯାଇ ଯୁବପିଢି ମଦ, ମାଂସରେ ମାତାଲ ହୋଇ ଦ୍ରୁତଗତିରେ ଗାଡି ଚାଳନା କରି ଦୁର୍ଘଟଣାର ଶିକାର ହେଉଛନ୍ତି। ଗ୍ରାମବାସୀ ଦୁର୍ଘଟଣାକୁ ରୋକିବା ସହ ଏକତା ସୂତ୍ରରେ ସମସ୍ତଙ୍କୁ ବାନ୍ଧି ରଖିବାକୁ ପ୍ରୟାସ କରାଯାଉଥିବା ନେହେରୁ ନାଟ୍ୟ କଳାପରିଷଦର ସଭାପତି ଉମେଶ ଚନ୍ଦ୍ର ବିଶ୍ୱାଳ ମତ ବ୍ୟକ୍ତ କରିଛନ୍ତି। ଏହି ଭଳି ଭାବେ ଗ୍ରାମବାସୀ ପ୍ରତିବର୍ଷ ଆନନ୍ଦର ସହ ବନବର୍ଷ ପାଳନ କରୁଥିବାବେଳେ ଆଗାମୀ ବର୍ଷରେ ମଧ ଏହି ପ୍ରଥା ଚାଲୁ ରହିବ ବୋଲି ସମ୍ପାଦକ ସୁଦାନ ସେଠ ପ୍ରକାଶ କରିଛନ୍ତି।



ମୋହନଗିରିରେ ନବବର୍ଷ ପାଳନ ଅବସରରେ ଗ୍ରାମବାସୀ ଏକାଠି ଭୋଜି ଖାଉଛନ୍ତି।

### କେକ୍ କାଟି ଖୁସି ମନାଇଲେ

**କଲମପୁର, (ଡି.ଏନ.ଏ.):** କଳାହାଣ୍ଡି ଜିଲା କଲମପୁର ଦୁର୍ଗା ମଣ୍ଡପ ପେଣ୍ଡାଲଠାରେ ମଙ୍ଗଳବାର ରାତି ୧୨ଟାରେ ୨୦୧୯ ବର୍ଷକୁ ବିଦାୟ ଦେଇ ୨୦୨୦ ନବବର୍ଷକୁ ଅଭିନନ୍ଦନ ଜଣାଇ ଉପସ୍ଥିତ ଜନସାଧାରଣ କେକ୍ କାଟି ଖୁସି ମନାଇଥିଲେ। କଲମପୁରର ଜଗନ୍ନାଥ ନାଏକଙ୍କ ଆୟୋଜନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଜୟନ୍ତପୁର ସରପଞ୍ଚ ରମଣୀ ଦୁରିଆ ଏବଂ ବରିଷ୍ଠ ଆଇନଜୀବୀ ଦିଗାମ୍ବର ଦୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟଗଳା ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଦୟାନିଧି ବାଣୁଆଁ, ଉମା ଶର୍ମା, ରାଜେଶ ଶର୍ମା, କୃପା ସାହୁ, ଜଗନ୍ନାଥ ନାଏକ, ଭର୍ତ୍ତ ପାତ୍ର, ମାନସିଙ୍ଗ ଭରତିଆ, ଶ୍ରୀକାନ୍ତ ଭରତିଆ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଗଣେଶ ନାଗ, ଶିବାନୀ ଚିନ୍ଦା, ଜିକା ନାଏକ, ସୁନୀଲ ରାଜପୁତ, ସୌଭାଗ୍ୟ ନାଏକ, ଶ୍ୟାମ ନାଗ, ଅଲେଖ ଦଲେଇ ପ୍ରମୁଖ ସହଯୋଗ କରିଥିଲେ।



କଲମପୁରରେ ମହିଳାମାନେ କେକ୍ କାଟି ପରସ୍ପର ମଧ୍ୟରେ ଖୁସି ମନାଉଛନ୍ତି।

## ଯୋଗମାୟା ପୀଠରେ ନବବର୍ଷ ପାଳିତ

# ଟ୍ରାଫିକ, ପଲିଥିନ ସଚେତନତା

**କେସିଙ୍ଗା,୧।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କୁଣ୍ଡାବନ୍ଧ ପଞ୍ଚାୟତର ଗୁର୍ଜିମୁଣ୍ଡା ଗ୍ରାମସ୍ଥିତ ଯୋଗମାୟା ପୀଠରେ ବୁଧବାର ନୂତନ ବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗମାୟା ପୀଠ ପକ୍ଷରୁ ବିଭିନ୍ନ ସଡ଼କ ସୁରକ୍ଷା ସାଙ୍ଗକୁ ପ୍ଲାଷ୍ଟିକ ଏବଂ ପଲିଥିନର ଅପବ୍ୟବହାର ସମ୍ପର୍କରେ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା। ଏପରି କି ମନ୍ଦିରର ମୁଖ୍ୟ ଗେଟ ନିକଟରେ ଏକ ବିରାଟ ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇ ଭକ୍ତମାନଙ୍କୁ ସ୍ୱାଗତ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇ ଯୋଗମାୟା ପୀଠରେ ମା'ଙ୍କୁ ସୁନ୍ଦର ଭାବେ ସୁସଜ୍ଜିତ କରାଯାଇଥିଲା। ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରି ୨୦୨୦ ପରିବାରର ଶୁଭକାମନା କରିଥିଲେ। ଅନ୍ୟପକ୍ଷେ ଲୋକେ ଦୁର୍ଘଟଣାରୁ କିପରି ରକ୍ଷା ପାଇପାରିବେ ସେନେଇ ଦୁର୍ଘଟଣା ସମ୍ପର୍କିତ ବିଭିନ୍ନ ଦୃଶ୍ୟ ପ୍ରଦର୍ଶନ କରି ଲୋକଙ୍କୁ ସଚେତନ କରାଯାଇଥିଲା। ଏପରି କି ଯୋଗମାୟା କ୍ରିଏଶନ୍ ଟ୍ରଷ୍ଟ ପକ୍ଷରୁ ପଲିଥିନ ନିରାକରଣ ପାଇଁ ଏକ ବିରାଟ ପଲିଥିନ ଦାନବର ମୂର୍ତ୍ତି ନିର୍ମାଣ କରାଯାଇ ଲୋକଙ୍କୁ ପଲିଥିନ, ଏବଂ ଗୁଟ୍‌ଖାରୁ କିପରି ବଞ୍ଚିତ ହେବେ ସେନେଇ ସଚେତନତା ବାର୍ତ୍ତା ଦିଆଯାଇଥିଲା । ନବବର୍ଷ ପାଳନ ଅବସରରେ ମନ୍ଦିର ଚତୁଃପାର୍ଶ୍ୱରେ ପୁଷ୍ପ, ବିଦ୍ୟୁତ୍ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା । ଏପରି କି ନବ ବର୍ଷକୁ ଦୃଷ୍ଟିରେ ରଖି କେସିଙ୍ଗା ବ୍ଲକର ବେଲଖଣ୍ଡି ଶୈବପୀଠରେ ପ୍ରଭୁ ମହାଦେବଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା।



ନବବର୍ଷ ପାଳନ ଅବସରରେ ଗୁର୍ଜିମୁଣ୍ଡାସ୍ଥିତ ଯୋଗମାୟା ପୀଠରେ ନିର୍ମିତ ବାଲୁକାକଳା।

## ଜୁନାଗଡ଼ରେ ମା' ଜିଣ୍ ମାତା ମହୋତ୍ସବ ଉଦ୍‌ଯାପିତ

# ଭଜନ ସମାରୋହ ମନମୋହିଲା

**ଜୁନାଗଡ଼,୧।୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ପୁରୁଣା ଧର୍ମଶାଳାଠାରେ ୨ଦିନ ଧରି ଚାଲିଥିବା ମା' ଜିଣ୍ ମାତା ମହୋତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଜୁନାଗଡ଼ ଜିଣ୍ ମାତା ଭକ୍ତବୃନ୍ଦଙ୍କ ପକ୍ଷରୁ ମହୋତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ସୋମବାର ଅପରାହ୍ନରେ ମା'ଙ୍କ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା, ପୁରୁଷ ଭକ୍ତ ଯୋଗଦେଇ ନଗର ପରିକ୍ରମା କରିଥିଲେ। ମଙ୍ଗଳବାର ଅପରାହ୍ନ ୪ଟାରୁ ମା'ଙ୍କ ମଙ୍ଗଳପାଠ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛପନ ଭୋଗ, ଚୁନ୍‌ଡି ଉତ୍ସବ, ଗଜରା ଉତ୍ସବ, ଅଲୌକିକ ଶୃଙ୍ଗାର ଓ ଛତିଶଗଡ଼ର ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହା ଭକ୍ତବୃନ୍ଦଙ୍କ ମନମୋହିଥିଲା। ଜିଣ୍ ମା'ଙ୍କ ମହୋତ୍ସବରେ ଶଶିରାଜ ଖେମକା ଓ ତାଙ୍କ ସ୍ତ୍ରୀ ଜ୍ୟୋତି ଖେମକା ପୂଜା କାର୍ଯ୍ୟ ତୁଲାଇଥିଲେ। ବଣ୍ଟି ଶର୍ମା ପୂଜକ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୋଗେଶ ଖେମକା, ପ୍ରକାଶ ଅଗ୍ରୱାଲ, ଜୟ ପ୍ରକାଶ ଖେମକା, ବିବେକ ପନ୍‌ସାରୀ, ଜିତେଶ ଖେମକା, ଚନ୍ଦନ ଖେମକା, ତୁଷାର ଖେମକା, ରୂପେଶ ଖେମକା, ଉତ୍ତମ ଖେମକା, ବିନୋଦ ଖେମକା, ପ୍ରକାଶ ପନସାରୀ, ଦେବେଶ ଖେମକା, ପଙ୍କଜ ଖେମକା, ଅମନ ଖେମକା, ସକେତ ଖେମକା ପ୍ରମୁଖ ସହଯୋଗ କରିଥିଲେ। ଗତ ୮ବର୍ଷ ଧରି ଜୁନାଗଡ଼ ଜିଣ ଭକ୍ତବୃନ୍ଦଙ୍କ ପକ୍ଷରୁ ପ୍ରତିବର୍ଷ ମା'ଙ୍କ ଜିଣ ମହୋତ୍ସବ ପାଳିତ ହୋଇଆସୁଛି।



ମା' ଜିଣ୍ ମାତାଙ୍କୁ ପୂଜାର୍ଚ୍ଚନା କରାଯାଉଛି।

# ମୋବାଇଲ ଲୁଟ୍ ଅଭିଯୋଗରେ ୨ ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୧।୧ (ବ୍ୟୁରୋ)**

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ସମଲେଇ ମନ୍ଦିର ପାର୍କିରେ ପର୍ଯ୍ୟଟକ ସୁନୀଲ କୁମାର ସ୍ୱାଇଁଙ୍କଠାରୁ ଲୁଟ ହୋଇଥିବା ମୋବାଇଲ ପୋଲିସ ଉଦ୍ଧାର କରିବା ସହ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ କ୍ଷେତରାଜପୁର ଥାନା ଘୁନଘୁଟିପଡା ଅଜୟ ମହାନନ୍ଦ (୨୧) ଓ ଆକାଶ ଜଗଦଲା (୨୦) । ଏନେଇ ଥାନାରେ କେଶ ନଂ. ୩୩୦/୧୯ରେ ରୁଜୁ ହୋଇଛି ।


**TRIBAL DEVELOPMENT CO-OPERATIVE CORPORATION OF ORISSA LTD (TDCCOL)**

ଟି.ଡି.ସି.ସି. ADISHA

Tel. 0674-2542475 / 2542617. Fax-2544828. Email: admin@tdccorissa.org, website: www.tdccorissa.org

No. CAD-755:-

No. 2740 / TDCCOL Date- 31/12/2019

**Detail Tender Call Notice for Supply of Paper Carry Bags with Both Side Print**

Sealed Tender(s) are invited from registered manufacturer for supply of paper carry bags with both side print for customers of TDCCOL outlets across the state. The bidder(s) should quote their basic rate of paper carry bags of different sizes, taxes, other charges if any. The last date of submission of tender is on 15.01.2020 till 5:00 PM. The bidder should submit the rate in the prescribed format **(Annexure-I).** The detail of tender call notice, instruction and terms & conditions of the contract can be downloaded from the website www.tdccorissa.org

The undersigned reserves the right to accept or reject any or all the Tenders without assigning any reason thereof.

26005/11/0009/1920 **Sd/-** Managing Director, TDCCOL, Bhubaneswar



No. K-23:-

**ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା - ୨୦୧୯ - ୨୦୨୦**

Skilled in ODISHA

ଜିଲ୍ଲା - ପୁରୀ

ଓଡିଶା ଦକ୍ଷତା ବିକାଶ ପ୍ରାଧୀକରଣ ପ୍ରାୟୋଜିତ ଜିଲ୍ଲା ପ୍ରଶାସନ ସହାୟତାରେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ଦ୍ୱାରା ପୁରୀ ଜିଲ୍ଲାର ବେକାର ଯୁବକ ଯୁବତୀ ମାନଙ୍କ ପାଇଁ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆସନ୍ତା **ତା.୧୬.୦୧.୨୦୨୦ରିଖ (ଗୁରୁବାର) ଦିବା ୯ ଘଟିକା ସମୟରେ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ, ତାଳବଣିଆ, ପୁରୀ** ଠାରେ ଆୟୋଜିତ ହେବ । ଏହି ମେଳାରେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ସହିତ ଚୁକ୍ତିବଦ୍ଧ ବିଭିନ୍ନ ତାଲିମ ପ୍ରଦାନକାରୀ ସଂସ୍ଥା ଓ ସିଧାସଳଖ ନିଯୁକ୍ତି ପ୍ରଦାନକାରୀ ବେସରକାରୀ ସଂସ୍ଥା (କମ୍ପାନୀ) ଯୋଗ ଦେବାର ବ୍ୟବସ୍ଥା କରାଯାଇଅଛି ।

ଏଥି ନିମନ୍ତେ ସମସ୍ତ ଅଣକୁଶଳୀ, ଅର୍ଦ୍ଧକୁଶଳୀ ତଥା (୫ମ ଶ୍ରେଣୀରୁ + ୩ ପର୍ଯ୍ୟନ୍ତ) ସମସ୍ତ ପ୍ରାର୍ଥୀ ଏବଂ ପ୍ରାର୍ଥିନୀ ମାନଙ୍କୁ ଜଣାଇ ଦିଆଯାଉଛି କି ସେମାନେ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର (ଜେରକ୍ସ ଓ ମୂଳକପି), ଦୁଇଗୋଟି ପାସ୍‌ପୋର୍ଟ ଫଟୋ ସହିତ ଉପରୋକ୍ତ ନିଯୁକ୍ତି ମେଳାରେ ଭାଗନେବା ପାଇଁ ଅନୁରୋଧ କରାଯାଉଅଛି ।

ସବିଶେଷ ସୂଚନା ନିମନ୍ତେ

ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ପୁରୀ ଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

ଦୂରଭାଷ - ୦୬୭୫୨ ୨୨୨୭୫୭

17011/11/0001/1920

ସ୍ୱା/- ଜିଲ୍ଲା ନିୟୋଜନ ଅଧିକାରୀ, ପୁରୀ ସ୍ୱା/- ଜିଲ୍ଲାପାଳ, ପୁରୀ



Office of District Manager No. CAD-753

Odisha State Civil Supplies Corporation Ltd. (OSCSC)

KHORDHA (District) Phone: 06755-296066

District Web site : www.khordha.nic.in

Tender No. 9783 Dt. **30.12.19**

District Manager, Odisha State Civil Supplies Corporation Ltd, KHORDHA (District) invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Level-I Transport Contractor for transportation of foodgrains from FSD, FCI to RRCs in the district of the State of Odisha. |
| 2 | Availability of bid document in the portal | From Date: 30.12.19 |
| 3 | Last Date / Time for receipt of bids in the portal | Dt 18.01.2020 up to 5.30 PM. |
| 4 | Date/Time of Opening of Technical Bid | Dt 20.01.2020 up to 11.00 AM |
| 5 | Name and address of the Officer Inviting Tender | District Manager, OSCSC Ltd, KHORDHA (District) |

Tender Documents & other details can be seen from the e-procurement portal www.oscsc.in, www,foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc, if any shall be published only in above websites.

07007/11/0005/1920 District Manager, OSCSC Ltd. KHORDHA



**GOVERNMENT OF ODISHA,**
**"e"-PROCUREMENT NOTICE**
**WORKS DEPARTMENT** B-486

E-mail : ceroads.bbsr@gmail.com

**Bid Identification No. CE-DPI & R-20/2019-20**

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE form eligible contractors for Road work as mentioned below :
2. Nature of work : Road work
3. No. of work : 1 No.
4. Tender Paper cost : Rs.10,000.00
5. Class of Contractor : Super Class as noted against work
6. Available of bid document in the website : From 10.00 A.M. of 08.01.2020 to 5.00 PM of 28.01.2020
7. Date of opening of Bid : Dt.29.01.2020 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

34117/11/0056/1920 Chief Engineer (DPI & Roads), Odisha



**Government of Odisha**
**Parliamentary Affairs Department**

No. QQ-7

No. 9575 / PAD, Dated. 30.12.2019
ME/4 - 30/2014 (29321600502014)

**TENDER CALL NOTICE**

Sealed tenders in plain paper / letter pad are invited from the intending only from the Godrej authorized dealers/Firms/ Suppliers located at Bhubaneswar having valid GST registration number and Income Tax Clearance Certificate for supply of Godrej make Office furniture's such as- Office work table 4020 (1200x600x740 in mm) - 1 no., Visitor's chair PCH 1018- 12 nos., Storage unit TDU- (690Hx750Wx4700) – 1 no., Broadway sofa set (2+1+1)- 1 set, Prism Coffee table- 1 no. for official use in the o/o Minister.

The intending firms/suppliers should have Govt. registered/proper shop located only at Bhubaneswar as per address mentioned on their tender papers. The tenders of the stock point suppliers will not be considered.

The Tenderers should deposit earnest money of Rs.1,000/- (One thousand) only in shape of A/C Payee Bank Draft / Pay Order payable to the Joint Secretary to Government, Parliamentary Affairs Department which will be refunded to the Tenderers whose tenders are not accepted. The Tenders should reach the undersigned by 14.01.2020 up to 12.30 P.M. at the latest and shall be opened on the same day at 01:00 P.M. in the presence of Tenderers or their authorized representatives.

The authority reserves the right to reject all or any Tender/Tenders without assigning any reasons thereof. The Tenders received incomplete or after the scheduled date and time and those does not have proper shop shall be rejected. The accepted Tender will be valid for one year i.e. 13.01.2021.

42001/11/0008/1920 Joint Secretary to Government



**OFFICE OF THE**
**SENIOR SUPERINTENDENT, CIRCLE JAIL, CUTTACK, AT:CHOUDWAR**

E-mail ID: choudwarjail.od@nic.in

No. 12581/Jls. Dated: 22.12.19

**TENDER CALL NOTICE**

No.: D-242: Sealed tender on plain papers are invited from the intending suppliers Firms/E.P. &M. Contract Holders/Bonafied Manufactures/Authorised Dealers or Contractors who are registered under GST Act/VAT Act - 2004 for supply of following articles to five (05) Circle Jails namely (1) Cuttack at Choudwar (2) Baripada, (3) Sambalpur, (4) Koraput, (5) Berhampur for the financial year 2019-20.

| Sl. No. | Name of the Items (Uniforms of staff & Feeding Utensils) | Probable Quantity to be Purchased | Total Approxmiate Cost of articles as per Requirement for the year 2019-20 (In Indian Rupees) |
|---|---|---|---|
| (1) | (2) | (3) | (4) |
| 1 | Khaki Terri Cotton Cloth (For Officers) | 1000 Mtrs. | 3,20,000.00 |
| 2 | Khaki Terri Cotton Cloth | 3000 Mtrs. | 9,60,000.00 |
| 3 | Brown Leather Full Shoe | 700 Nos. | 6,16,000.00 |
| 4 | Brown PT Shoe | 550 Pairs | 1,33,650.00 |
| 5 | Khaki Nylon Socks | 2600 Pairs | 1,05,950.00 |
| 6 | Khaki Woollen Socks | 1400 Pairs | 1,74,720.00 |
| 7 | Shoe Polish | 3350 Nos. | 1,26,496.00 |
| 8 | Shoe Brush | 950 Nos. | 25,650.00 |
| 9 | Metal Polish (Brasso) for G.S. | 600 Nos. | 31,104.00 |
| 10 | Metal Polish (Silvo) for officers | 150 Nos. | 8,673.00 |
| 11 | Insignia (OJ) | 1400 Nos. | 11,900.00 |
| 12 | Shoulder Badge (G.S) **"ODISHA JAILS"** | 250 Nos. | 7,375.00 |
| 13 | Shoulder Badges **"OJS"** | 6 Nos. | 127.44 |
| 14 | Shoulder Badges **"OJ"** | 180 Nos. | 5,410.80 |
| 15 | Officer Star (Big Size) | 350 Pairs | 12,390.00 |
| 16 | Cap Badges (Guarding Staff) | 150 Nos. | 2,655.00 |
| 17 | Cap Badges (Officers) | 150 Nos. | 3,150.00 |
| 18 | Leather Belt with Clasp for Warder | 150 Nos. | 48,600.00 |
| 19 | Leather Belt with Clasp for Chief Warder | 20 Nos. | 6,480.00 |
| 20 | Leather Belt with Clasp for Officers | 200 Nos. | 55,000.00 |
| 21 | Leather Belt with Clasp for Officers - OJS | 2 Nos. | 640.00 |
| 22 | Short Lathi | 300 Nos. | 49,500.00 |
| 23 | Long Lathi | 200 Nos. | 40,600.00 |
| 24 | Officers Cane | 60 Nos. | 18,000.00 |
| 25 | Rain Coat | 150 Nos. | 1,03,905.00 |
| 26 | Great Coat | 50 Nos. | 46,200.00 |
| 27 | Khaki Beret Cap (Size - 7, 7½) | 1050 Nos. | 72,912.00 |
| 28 | Peak Cap | 150 Nos. | 37,500.00 |
| 29 | Forage cap | 100 Nos. | 20,500.00 |
| 30 | Blue Beret Cap | 80 Nos. | 4,960.00 |
| 31 | Whistle | 90 Nos. | 3,600.00 |
| 32 | Whistle Cord (Khaki) for **Guarding Staff** | 400 Nos. | 5,880.00 |
| 33 | Whistle Cord (Khaki) for **Exe. Officers** | 150 Nos. | 4,500.00 |
| 34 | Whistle Cord (Blue) for **Jailor & Supdt.** | 60 Nos. | 1,980.00 |
| 35 | Blue Neck Tie | 30 Nos. | 1,950.00 |
| 36 | Woollen Jersey | 210 Nos. | 94,815.00 |
| 37 | Woollen Blanket | 230 Nos. | 2,34,600.00 |
| 38 | Khaki Cotton Vest (Size - 85, 90 & 95) | 2250 Nos. | 2,07,000.00 |
| 39 | Nylon Belt (Guarding Staff) | 80 Nos. | 12,800.00 |
| 40 | Mosquito Net Cloth | 3000 Mtrs. | 54,750.00 |
| 41 | Markin Cloth | 350 Mtrs. | 10,850.00 |
| 42 | Mosquito Net Tape | 3300 Mtrs. | 4,455.00 |
| 43 | Sam Brown Belt (Cross Belt Officers) | 60 Nos. | 14,998.20 |
| 44 | Blue Plate Ribbon | 40 Nos. | 1,120.00 |
| 45 | Stainless Steel Feeding Utensils (set i.e. Thali, Plate, Cup, Glass 01 each) | 12500 Nos. | 22,10,000.00 |
| | **GRAND TOTAL =** | | **59,13,346.44** |

The requirements of articles are likely to be increased if required by the Circle Jails and Suppliers will be under the obligation to supply the articles.
The EP & M Rate Contract Holders are invited to submit sealed tender along with E.P.&M. Registration Certificate/GST, VAT Clearance Certificate & undertaking that after execution of purchase order, the unit shall not exceed its annual production.
The applicants shall submit the copy of up-to-date PAN Card, GST Certificate with their application along with all documents at the office of the Senior Superintendent of Circle Jail, Cuttack at Choudwar.
The tenderers shall deposit their earnest money @ 2.5% of the estimate value of the articles in the shape of N.S.C./Postal Saving Pass Book, F.D.R. in favour of Senior Superintendent of Circle Jail, Cuttack at Choudwar. The rates shall be quoted including all taxes and free delivery at Circle Jail, Cuttack at Choudwar. The earnest money of unsuccessful tenderers will be returned back after finalisation of the tender by the Purchase Committee. The E.M.D. of the successful bidders shall be retained till the supplies are successful delivered as per order. If fails to supply in time, it shall be forfeited. The approved suppliers shall have to supply 05 Nos. sample of each item to 05 Nos. of Circle Jail for tally at the time of receipt of the articles. The articles must be supplied within 20 days on receipt of the order. The tenders and one of sample will be received up-to **04.00 P.M. on 14.01.2020** at Circle Jail, Cuttack at Choudwar and will be opened on **23.01.2020** or in a subsequent date to be intimated later on the consultation with the Chairman of the purchase committee. The competent authority i.e. D.G. of Prisons and D.C.S., Odisha, Bhubaneswar reserves the right in the public interest, to reject any tender or cancel the tender assigning any reason thereof.
At the time of opening of tender, the bidder will have to satisfy the competent authority that he is not only authorised tenderer but also he has a running business in such items and he has the ability to supply the tendered quantity in prescribed time limit and to meet the warrantee conditions of the product.

12044/11/0001/1920 **Sd./- Senior Superintendent Circle Jail, Cuttack, At - Choudwar**



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



**ସଂକ୍ଷେପରେ**

## ସହରରେ ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ବ୍ୟବସ୍ଥା କରାଯାଉ

**ନୂଆପଡ଼ା ଅଫିସ,୧।୧(ଡି.ଏନ.ଏ.)-** ନୂଆପଡ଼ା ସହର ସମେତ ସମଗ୍ର ଜିଲାରେ ପ୍ରବଳ ଶୀତ ପ୍ରବାହ ଯୋଗୁ ଜୀବନଯାତ୍ରା ବ୍ୟାହତ ହୋଇଛି। ସହରର ବସଷ୍ଟାଣ୍ଡ ଓ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନରେ ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ବ୍ୟବସ୍ଥା ସକାଶେ ଦାବି ହେଉଛି। ସୁନ୍ଦରଗଡ଼ ଓ ଅନ୍ୟ ଜିଲା ଗୁଡ଼ିକରେ ପ୍ରଶାସନ ତରଫରୁ ଏଭଳି ପଦକ୍ଷେପ ନିଆଯାଇଥିବାରୁ ନୂଆପଡ଼ାରେ ମଧ୍ୟ ଏଭଳି ପଦକ୍ଷେପର ଜରୁରୀ ଆବଶ୍ୟକତା ରହିଛି। ଥଣ୍ଡା ଯୋଗୁ ପୂର୍ବାହ୍ନ ୧୦ଟା ପୂର୍ବରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ଦିନ ତମାମ ଲୋକେ ଶୀତବସ୍ତ୍ର ପିନ୍ଧି ରହୁଥିବା ଦେଖିବାକୁ ମିଳିଛି। ଲୋକେ ଶୀତରୁ ରକ୍ଷା ପାଇବା ଲାଗି ନିଆଁ ଜାଳୁଥିବା ଦେଖିବାକୁ ମିଳିଛି। ଗରିବ, ବାସହୀନ ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ତେଣୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ବ୍ୟବସ୍ଥା କରା ଗଲେ ଲୋକେ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ସହରରେ ବର୍ତ୍ତମାନ ତାପମାତ୍ରା ୧୦ ଡ଼ିଗ୍ରୀ ସେଲସିୟସ ତଳେ ରହୁଛି।

# ଧାନକିଣା ନାଁରେ ଚାଲିଛି ପ୍ରହସନ

**ନୂଆପଡ଼ା ଅଫିସ,୧।୧**



ମଣ୍ଡିରେ ପଡ଼ିଛି ଧାନ ବସ୍ତା।

- ମଣ୍ଡିରେ ଚାଲିଛି ମିଲର୍ସ ରାଜ
- ଦଲାଲମାନେ ମାଲାମାଲ
- ଚାଷୀଙ୍କୁ ମିଳିନି ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା।

ସରକାର ଚାଷ ଏବଂ ଚାଷୀଙ୍କ ଉନ୍ନତିପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ତୃଣମୂଳସ୍ତରରେ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଅଧିକାରୀମାନଙ୍କର ଉଦାସୀନତା ଯୋଗୁ ସବୁ ଭଣ୍ଡୁର ହେଉଥିବା ଦେଖାଯାଉଛି। ସରକାର ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଠିକ ସମୟରେ ଏବଂ ସୁବ୍ୟବସ୍ଥିତ ଢଙ୍ଗରେ ପ୍ରଦାନ କରାଯିବାକୁ ଘୋଷଣା କରିଛନ୍ତି। ହେଲେ ଘୋଷଣା କେବଳ କାଗଜକଲମରେ ରହିଯାଇଥିବା ଅନୁଭୂତ ହେଉଛି। ଜିଲାରେ ଆଜିକୁ ଦେଢ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଖରିଫ ଋତୁ ଧାନକିଣା ଚାଲିଛି। ହେଲେ ଏଥିରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ପ୍ରକୃତ ଚାଷୀଙ୍କ ଧାନ ଉଠିପାରୁ ନ ଥିବାବେଳେ ମଣ୍ଡି ଗୁଡ଼ିକରେ ମିଲର୍ସ ରାଜ ଚାଲିଛି। କଟନୀଛଟନୀ କରି ଖୋଲାଖୋଲି ଚାଷୀ ଶୋଷଣ ହେଉଛି। ମଣ୍ଡିଗୁଡ଼ିକରେ ଚାଷୀମାନେ ଦିନରାତି ଖୋଲା ଆକାଶ ତଳେ ହଜାର ହଜାର ବସ୍ତା ଧାନକୁ ଜଗି ରହୁଛନ୍ତି। ଯେଉଁଚାଷୀମାନେ ଧାନ ବିକ୍ରି କରିଛନ୍ତି ସେମାନଙ୍କୁ ଧାନର ଟଙ୍କା ମିଳିପାରୁନାହିଁ। ଏଯାବତ ମଣ୍ଡି ଗୁଡ଼ିକରେ ୬୦ହଜାର ବସ୍ତା ଧାନ ପଡିରହିଥିବାବେଳେ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ଆସୁନାହିଁ। ଚାଷୀମାନେ ରାଜରାସ୍ତାକୁ ଆସିବାକୁ ସଜବାଜ ହେଉଛନ୍ତି। ନୂଆପଡା ଜିଲାରେ ମୋଟ ୨୨ହଜାର ୩୨୩ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ଏମାନଙ୍କଠାରୁ ଧାନ କିଣାପାଇଁ ଜିଲା ବ୍ୟାପି ପ୍ୟାକ୍ସ ଜରିଆରେ ୫୬ଗୋଟି ମଣ୍ଡି ଏବଂ ୧୩ଟି ଏସ୍‌ଏଚଜିକୁ ନିର୍ଦ୍ଦେଶ କରାଯାଇଛି। ମଣ୍ଡି ଗୁଡିକ ଚାଲିଛି। ହେଲେ ସେଗୁଡିକରେ ମିଲର୍ସଙ୍କ ରାଜୁତି ଚାଲିଥିବା କୁହାଯାଉଛି। ମିଲର୍ସମାନେ ମଣ୍ଡିଗୁଡ଼ିକୁ ଠିକ ସମୟରେ ଆସୁ ନ ଥିବାବେଳେ କୁଇଣ୍ଟାଲ ପିଛା ୩/୪କିଗ୍ରା କଟନୀ କଲେ ଯାଇ ଧାନ କିଣାଯାଉଛି। ମଣ୍ଡିଗୁଡ଼ିକରେ ଧାନର ମାନଯାଞ୍ଚ ପରେ ଧାନଉଠିବା କଥା। ହେଲେ କଟନୀ କଲେ କୌଣସି ପ୍ରକାର ଯାଞ୍ଚ ହେଉନାହିଁ। ମଣ୍ଡିଗୁଡିକରେ ତଥା କଥିତ କମିଟି କର୍ମକର୍ତ୍ତାମାନେ ଦଲାଲ ସାଜି ଚାଷୀଙ୍କୁ ଶୋଷଣରେ ସହାୟତା କରୁଛନ୍ତି। ମଣ୍ଡିଗୁଡିକ ଉପରେ ପ୍ରଶାସନର କୌଣସି ଅଙ୍କୁଶ ରହୁ ନ ଥିବାରୁ ମଣ୍ଡିଗୁଡିକ ମିଲର୍ସ ଭରସାରେ ଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ୭ଗୋଟି ମଣ୍ଡିରେ ୬୦ହଜାର ବସ୍ତା ଧାନ ପଡିରହିଛି। ମିଳିଥିବା ତଥ୍ୟମୁତାବକ ୧୦ହଜାର ୫୨୯ଜଣ ଚାଷୀଙ୍କଠାରୁ ୬ଲକ୍ଷ ୪୯ହଜାର ୨୬୧କୁଇଣ୍ଟାଲ୪କିଗ୍ରା ଧାନ ସଂଗ୍ରହ କରାଯାଇଛି। ତନ୍ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୮୧୪ଜଣ ଚାଷୀ ୧୦କୋଟି ୫ଲକ୍ଷ ୮୬ହଜାର ୭୦୧ଟଙ୍କା ପାଇ ନ ଥିବା ଜଣାପଡିଛି। ଏହା ଉପରେ ସମବାୟ ବିଭାଗକୁ ଯୋଗାଯୋଗ କରିବାରେ ଖୁବଶୀଘ୍ର ଟଙ୍କା ଦେବାର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି।

## ରାଜ୍ୟସଭା ସଦସ୍ୟଙ୍କ ଅନ୍ତିମ ସଂସ୍କାର

**ନୂଆପଡ଼ା ଅଫିସ,୧।୧**

ବୁଧବାର ସ୍ୱର୍ଗୀୟ ମାଟିର ମଣିଷ ପୂର୍ବତନ ରାଜ୍ୟସଭା ସଦସ୍ୟ ଏ.ଭି.ସ୍ୱାମୀଙ୍କ ମରଶରୀର ସଂସ୍କାର କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ସ୍ଥାନୀୟ କଲ୍ୟାଣପୁରସ୍ଥିତ ତାଙ୍କର ଫାର୍ମରେ କରାଯାଇଛି। ସୂଚନାଯୋଗ୍ୟ ଯେ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୦ଟାବେଳେ ସ୍ୱାମୀଜୀଙ୍କର ଖରିଆରରୋଡସ୍ଥିତ ବାସଭବନରେ ସ୍ୱର୍ଗବାସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ସମେତ ୩ନାତି ଉପସ୍ଥିତ ଥିଲେ। ହେଲେ ବଡପୁଅ ସୁନୀଲ ଦୁବାଇରେ ରହୁଥିବା ହେତୁ ତାଙ୍କୁ ଅପେକ୍ଷା କରାଯାଇଥିଲା। ମୃତଦେହକୁ ଏକ କଫନରେ ଭର୍ତ୍ତି କରି ପୂଜାର୍ଚ୍ଚନା କରାଯାଉଥିଲା। ବୁଧବାର ମଧ୍ୟାହ୍ନରେ ସୁନୀଲ ସପରିବାର ଏଠାରେ ପହଞ୍ଚିବା ପରେ ତାଙ୍କୁ ଏକ ସ୍ୱତନ୍ତ୍ର ଗାଡି ଯୋଗେ କଲ୍ୟାଣପୁରକୁ ନିଆଯାଇଥିଲା। ସେଠାରେ ବଡପୁଅ ପୂଜାର୍ଚ୍ଚନା କରିବାପରେ ମାଟି ଦେଇଥିଲେ। ମାଟିରେ ମିଶିଯାଇଥିଲା ତାଙ୍କର ମରଶରୀର। ଏହି ସମୟରେ ସମସ୍ତ ପରିବାର ବର୍ଗ, ବନ୍ଧୁ ପରିଜନ ଉପସ୍ଥିତ ଥିବାବେଳେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, କଂଗ୍ରେସ ଜିଲା ସଭାପତି ଘାସିରାମ ମାଝି, ଯଦୁମଣୀ ପାଣିଗ୍ରାହୀ, ଡ.ଶିବ ପ୍ରସାଦ ବେହେରା, ଖୁଟୁରାମ ସୁନାନୀ, କମଳେଶ ଜୈନ, ରାକେଶ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।



ମରଶରୀର ନିକଟରେ ପରିବାରବର୍ଗ ଛିଡା ହୋଇଛନ୍ତି।

# ଭେଲା ଗାଁରେ ବ୍ରାହ୍ମଣ ସମାଜର ବନ୍ଧୁମିଳନ

**କୋମନା, ୧।୧ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଭେଲା ଗ୍ରାମରେ ଇଂରାଜୀ ନବବର୍ଷ ଉପଲକ୍ଷେ ବ୍ରାହ୍ମଣ ସମାଜର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭେଲା ଗ୍ରାମର ସମସ୍ତ ବ୍ରାହ୍ମଣ ପରିବାର ସାମୂହିକ ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କୁନିକୁନି ଶିଶୁ ମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ସଙ୍ଗୀତ ଗାନକରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ମମତା ପାଣିଗ୍ରାହୀ, ପ୍ରଦୀପ୍ତ ଯୋଷୀ, ବିଭୂତି ଭୂଷଣ ପାଣିଗ୍ରାହୀ, ଅରବିନ୍ଦ ଯୋଷୀ ପ୍ରମୁଖଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ ହୋଇଥିଲା। ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ସମସ୍ତେ ଏକତ୍ର ବସି ଭୋଜନ କରିଥିଲେ। ମଧ୍ୟାହ୍ନରେ ମହିଳାମାନଙ୍କ ଦ୍ୱାରା ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜେତା ପ୍ରତିଯୋଗୀଙ୍କୁ ବରିଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଜ୍ୟୋତ୍ସ୍ନା ମିଶ୍ର ଓ ଶଶିକଳା ପୁରୋହିତ ଭଜନ ଗାନ କରିଥିଲେ। ଇଂରାଜୀ ନବବର୍ଷର ପ୍ରଥମ ଦିନରେ ଏଭଳି ଏକ ଭିନ୍ନ ଧରଣର ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଭେଲା ଗ୍ରାମର ଯୁବ ବ୍ରାହ୍ମଣ ସମାଜକର୍ମୀ ବିମଳ ଯୋଷୀ ତଥା ଅନ୍ୟାନ୍ୟ ଯୁବଗୋଷ୍ଠୀଙ୍କୁ ସାଧୁବାଦ ଦିଆଯାଇଥିଲା।



ବ୍ରାହ୍ମଣ ସମାଜର ସମସ୍ତେ ଏକତ୍ରିତ ହୋଇ ଭୋଜନ କରୁଛନ୍ତି।

# ଅବହେଲିତ ଅବସ୍‌ତାରେ ପର୍ଯ୍ୟଟନ ଥଲ୍

**ପର୍ଲା, ୧।୧ (ଡି.ଏନ୍.ଏ.)**

ପାହାଡ଼, ଜଂଗଲ, ନଏଦ୍ ନଲିଆ, ଝରନ୍ ଲେଖେଁ ପ୍ରାକୃତିକ ସୁଁଦରତାରେ ଭରି ରହିଛେ କଳାହାଣ୍ଡି ଜିଲା। ଜିଲାରେ ଫୁରଲିଝରନ୍, ଜାଖମ, ଅସୁରଗଡ଼, ଇନ୍ଦ୍ରାବତୀ ଜଲଭଣ୍ଡାର, ଖରକ, ହଲଦିଗୁଣ୍ଡି, ଭୀମଖୋଜ, ଭଏଁରା ଘୁମର, ରଷିମଠ, ପାରଦେଶ୍ୱର, ମାଣିକେଶ୍ୱରୀ, ଲଙ୍କେଶ୍ୱରୀ, ଦନ୍ତେଶ୍ୱରୀ ଲେଖେଁ ଅନେକ ପର୍ଯ୍ୟଟନ ଥଲ ରହିଛେ। ସେନ୍‌ତା ଇ ପର୍ଯ୍ୟଟନ ଥଲ ସଂଗେ ଅନେକ ଇତିହାସ ଆର ଲୋକ୍‌କଥା ଯୁଡ଼ିହେଇ ରହିଛେ। ହେଲେ ରାଜନଇତିକ ଆର ପରଶାସନିକ ଅବହେଲାର ଲାଗି ଆଏଜ୍ ବି ଅନେକ ପର୍ଯ୍ୟଟନ ଥଲ ଅବହେଲିତ ଅବସ୍‌ତାରେ ପଡ଼ିରହିଛେ। ଅନେକ ପର୍ଯ୍ୟଟନ ଥଲକେ ଯିବାର ଆଏବାର ଲାଗି ରାସ୍‌ତାଟେ ବି ନାଁଇଁନ। ଜିଲାର ଅବହେଲିତ ଗୁଡ଼ହାଣ୍ଡି ଆର ଡୋକରିଚଚରା ପର୍ଯ୍ୟଟନ ଥଲ ଦିନୁଦିନ୍‌କେ ଲୁକ୍‌କର ନଜରକେ ଆଏବାର ସଂଗେ ଏହେଦେ ପିକ୍‌ନିକ ସମିଆରେ ଲୁକ୍‌କର ଭିଡ଼ ଜମୁଛେ। ସେନ୍‌ତା କଳାହାଣ୍ଡି ବଲି ହେନ୍‌ତା କିଛି ଜାଗାଟେ ନାଁଇଁନ। ହେଲେ ଗୁଡ଼ହାଣ୍ଡିରୁ କଳାହାଣ୍ଡି ହେଇଥିବାର ଅନ୍‌ମାନ କରାଯାଉଛେ ବଲି ୧୯୮୦ ସାଲେ ପରକାଶିତ ହେଇଥିବାର ଗେଜେଟିୟରରେ ନୀଳମଣି ସେନାପତି ଲେଖିଛନ୍। ଗୁଡ଼ହାଣ୍ଡିରେ ପ୍ରାକଐତିହାସିକ ଯୁଗର ଶିଳାଲେଖ ରହିଛେ। ଇ ଶିଳାଲେଖ୍‌କେ ପାଏନ୍‌ରେ ଧୁଇଲେ ଫଟିକ୍ ବାରି ହେସି। ହେଲେ ଇଟା କେନ୍ ଭାଷା, କେଭେ ଲେଖାଯାଇଥିଲା ସେଟାକେ ନେଇ ଆଏଜ୍ ବି ଗବେଷକମାନେ ନିରବ୍ ରହିଛନ୍। ସେନ୍‌ତା ନାଗବଂଶୀୟ ରଜାମାନକର ଆଠ୍‌ଟା ଗଡ଼ ଭିତରୁ ଖଲିଗଡ଼ ଅଲଗ୍ ଆଏ। ଛତିଶଗଡ଼, ବସ୍ତର ଅଂଚଲର ଶତ୍ରୁ ଆକ୍‌ରମନରୁ ବରତିବାର ଲାଗି ଇ ଗଡ଼ର ମୁଖିଆ ଭୂମିକା ରହିଥିଲା ବଲି ଲୋକ୍ କହେସନ୍। ହେଲେ ଇ ବାବ୍‌ଦେ ଆଏଜ୍‌ତକ ହେନ୍‌ତା କିଛି ପରମାନ ନାଇଁମିଳିପାରି। ଇ ଗଡ଼ର ପାସେ ବେହେରା ଜଲଭଣ୍ଡାର ରହିଛେ। ସେନ୍‌ତା କଳାହାଣ୍ଡି ଜିଲାର ଡୋକରିଚଚରା ହେଉଛେ ଗୁଟେ ମୁଖିଆ ପର୍ଯ୍ୟଟନ ଥଲ। ବନଦେବୀ ଡୋକରି ବୁଢ଼ିକଁର ଆସ୍‌ଥାନ ହିସାବେ ଇ ଠାନ୍‌ର ନାଁ ଡୋକରିଚଚରା ହେଇଛେ। ଚାର୍‌ହିକୁତି ବଡ଼ ବଡ଼ ପାହାଡ଼, ଦୁଇଶହ ମିଟର ଚଉଡ଼ା ପଥର ଚଟାନ ଉପରେ ରଂଗିଯାଉଛେ ଝରନ୍ ପାଏନ୍। ପାଏନ୍ ଧାର ତରାଥି ରହିଛେ ସୀତାରାମ ଆର ଝାଡେଶ୍ୱର ଶିବ ମନ୍ଦିର। ଇ ଦେଉଳର ୫୦ ମିଟର ତଲେ ୨ଶହ ଫୁଟର ଗୁଟେ ଜଲପ୍ରପାତ ଡୋକରି ଧାର ରହିଛେ। ତାର ତଲକେ ରହିଛେ ଡୋକରିଦର୍‌ହ। ଇ ଦରହର ତରାଥି ପୂଜା ପାଉଛନ୍ ଡୋକରି ଦେବୀ। ସେନ୍‌ତା ରାମ ମନ୍ଦିର ପଛଫାଲେ ରହିଛେ ପୁଣ୍ୟକୁଣ୍ଡ। ଇଠାନେ ଗାଧିଲେ ଫେପଲ ବାହାରସି। ଲୋକ୍ ବିସୁଆସ ରହିଛେ ଯେ ଇଠାନେ ଗାଧ୍‌ପାଧ୍ କଲେ ଚରମ୍ ରୋଗ୍ ଭଲ ହେବାର ସଂଗେ ପାପ୍ ଧୁଇ ହେଇଯାଏସି। ଇଠାନୁ ପାଖାପାଖି ୧୦୦ ମିଟର ଦୂରେ ରହିଛେ ଚାଷୀ ଗୁମ୍ଫା। ଲୋକ୍ କଥା ଅନ୍‌ସାରେ ଇ ଗୁମ୍ଫାରେ ପଶଲେ ଝନେ ସେଫାଲେ ବାହାରି ପାରପାରବା। ଡୋକରିଚଚରାରୁ ଦେଢ଼ କି.ମି. ଉପରେ ରହିଛେ ସାନ ଘୁମର। ଇଠାନେ ଥିବାର ଝରନ୍‌ରୁ ହରମେଶା ପାଏନ୍ ବାହାରୁଛେ। ତା'ଉପରେ ରହିଛେ ୧୨୦ ଫୁଟର ଗୁଟେ ଜଲପ୍ରପାତ ଭଏରି ଘୁମର। ଇଠାନେ ସକାଲର ୮ ବଜେନୁ ୧୧ ବଜେ ତକ୍ ଇନ୍ଦ୍ରଧନୁ ଦେଖିବାକେ ମିଲ୍‌ସି।



ପର୍ଯ୍ୟଟନ ଥଲ୍ ପୁଣ୍ୟକୁଣ୍ଡ।

# ସାହିପଲା ବସ୍ତିବାସିନ୍ଦା ପାଣି ପାଇଲେ

**ନୂଆପଡା ଅଫିସ,୧।୧**

**ଧରିତ୍ରୀ ପ୍ରଭାବ**

ଏହି ଜିଲା ସଦର ବ୍ଲକର ସାହିପଲା ଗାଁରେ ପାଇପ ଫାଟିଯିବାରୁ ଆଜିକୁ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ଲୋକେ ପାଣି ପାଇ ନ ଥିଲେ। ଏହା ଉପରେ ଧରିତ୍ରୀରେ ସ୍ୱତନ୍ତ୍ର ଭାବେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବାପରେ ପାଣି ମିଳିଛି। ପଞ୍ଚାୟତ ଏବଂ ବ୍ଲକ କର୍ତ୍ତୃପକ୍ଷଙ୍କ ନଜର ପଡିବାପରେ ପାଇପ ମରାମତି ହୋଇଛି। ଏହାପରେ ଗ୍ରାମବାସୀ ଖୁସି ପ୍ରକଟ କରିଛନ୍ତି। ପ୍ରକାଶ ଯେ, ବରଗଡରୁ ନୂଆପଡାକୁ ଆସୁଥିବା ବିଜୁ ଏକ୍ସପ୍ରେସ ରାସ୍ତା ନିର୍ମାଣାଧିନ ରହିଛି। ଏହି ରାସ୍ତା ନିର୍ମାଣବେଳେ ସାହିପଲା ବସ୍ତିକୁ ସଂଯୋଗ ହୋଇଥିବା ପାଇପ ଫାଟିଯାଇଥିଲା। ଫଳରେ ବସ୍ତିର ୩, ୪ ଏବଂ ୫ନମ୍ବର ୱାର୍ଡରେ ଜଳ ଯୋଗାଣ ବନ୍ଦ ହୋଇପଡିଥିଲା। ଏହା ଉପରେ ବସ୍ତିବାସିନ୍ଦା ବାରମ୍ବାର ପଞ୍ଚାୟତରୁ ବ୍ଲକ ଯାଏଁ ଦୌଡି ନୟାନ୍ତ ହୋଇପଡିଥିଲେ। ଏହା ଉପରେ ଧରିତ୍ରୀ ତରଫରୁ ତଥ୍ୟଭିତ୍ତିକ ଖବର ପ୍ରକାଶ କରାଯାଇଥିଲା। ଖବର ମାଧ୍ୟମରେ ଅଧିକାରୀମାନଙ୍କର ଦୃଷ୍ଟିଆକର୍ଷଣ କରାଯାଇଥିଲା। ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ପଞ୍ଚାୟତ ପାଣ୍ଠି ବିନିଯୋଗ କରି ମରାମତି କାମ ହାତକୁ ନେଇଥିଲେ। ତେବେ ଶେଷରେ ବୁଧବାର ଗ୍ରାମବାସୀଙ୍କୁ ପାଣି ମିଳିଛି। ନୂଆବର୍ଷରେ ପାଣି ବୁନ୍ଦାଏ ମିଳିଥିବାରୁ ଗାଁରେ ଖୁସିରେ ଲହରୀ ଖେଳିଯାଇଛି।



ସଜଡା ଯାଇଥିବା ପମ୍ପ୍ ହାଉସ।

# ନୂଆବର୍ଷ ପାଇଁ ନୂଆପଡ଼ା ବଜାର ସରଗରମ

**ନୂଆପଡା ଅଫିସ,୧।୧**

ସର୍ବତ୍ର ନୂଆବର୍ଷ ୨୦୨୦ପାଳନ ହେଉଥିବାବେଳେ ନୂଆପଡା ଜିଲାରେ ମଧ୍ୟ ସରଗରମ ହୋଇଥିବା ଦେଖାଯାଇଥିଲା। ସକାଳର ସୂର୍ଯ୍ୟୋଦୟ ହେବାକ୍ଷଣୀ ଏଠିକାର ବଜାରରେ ଭିଡ ଦେଖିବାକୁ ମିଳିଥିଲା। ଏଠିକାର ପତୋରା, ଗୌଧସ, ବେନିଆଧସ, ଖରଲଧସ, ପାତାଳଗଙ୍ଗା ଭଳି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ରହିଥିବା ହେତୁ ଜିଲା ତଥା ରାଜ୍ୟବାହାରୁ ଲୋକଙ୍କର ଆଗମନ ହୋଇଥିଲା। ବିଶେଷକରି ମାଛମାଂସ ବଜାରରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏଠାରେ ପରିବା ଦର ଏହି ଅନୁସାରେ ବଢିଯାଇଥିଲା। ଅନ୍ୟାନ୍ୟ ଦୋକାନ ବଜାର ବନ୍ଦ ହୋଇପଡିଥିବାରୁ ପୂର୍ବାହ୍ନ ୧୧ଟାବେଳକୁ ନୂଆପଡା ସହର ଏକ ପ୍ରକାର ଶୂନଶାନ ହୋଇପଡିଥିଲା। ପର୍ଯ୍ୟଟନସ୍ଥଳୀ ଗୁଡିକରେ ଭିଡ ଦେଖାଯାଇଥିଲା। ଗୀତ ନାଚର ଆସର ଜମି ରହିଥିଲା। ଦିନ ତମାମ ଲୋକେ ଭୋଜି ଭାତରେ ମାତିରହିଥିଲେ। ପୁଣି ସନ୍ଧ୍ୟାରେ ନୂଆପଡା ସହର, ଖରିଆରରୋଡ, କୁରୁମପୁରୀ, ତରବୋଡ, ଉଦ୍ୟାନବନ୍ଧ ସହରରେ ମଧ୍ୟ ଭିଡ ଜମି ରହିଥିଲା। ମୋଟା ମୋଟି ଭାବେ ଶାନ୍ତି ଶୃଙ୍ଖଳାର ସହ ନୂଆବର୍ଷ ପାଳନ ହୋଇଥିଲା।



ମାଂସ ବଜାରରେ ଭିଡ ଜମି ରହିଥିବା ଦୃଶ୍ୟ।

## ନୂଆବର୍ଷରେ ସଡ଼କ ସୁରକ୍ଷାର ବାର୍ତ୍ତାଦେଲା ପୋଲିସ

# ଜରିମାନା ବଦଳରେ ଗୋଲାପ ଦେଲେ

**ନୂଆପଡ଼ା ଅଫିସ,୧।୧**

ବର୍ଷ ଶେଷ ଏବଂ ନୂଆବର୍ଷର ଆରମ୍ଭ ବେଳକୁ ସାଧାରଣତଃ ଦୁର୍ଘଟଣା ସଂଖ୍ୟା ବଢିଥାଏ। ଏଥିରେ ନିରୀହ ଜନଜୀବନ ପ୍ରଭାବିତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ନୂଆପଡା ପୋଲିସ ବାରମ୍ବାର ସଚେତନତାର ବାର୍ତ୍ତା ବାଣ୍ଟି ଚାଲିଛି। ବୁଧବାର ନୂଆପଡା ସଦର ପୋଲିସ ଜରିମାନା ବଦଳରେ ଗୋଲାପ ଫୁଲ ଦେଇ ଗାଡିଚାଳକମାନଙ୍କୁ ସଚେତନତାର ବାର୍ତ୍ତା ଦେଇଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ବୁଧବାର ନୂଆବର୍ଷ ୨୦୨୦ର ପ୍ରଥମ ଦିନ। ଜିଲାରେ ବହୁ ପ୍ରମୁଖ ଦର୍ଶନୀୟ ସ୍ଥାନ ରହିଥିବା ହେତୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକମାନେ ରାଜ୍ୟ ତଥା ରାଜ୍ୟବାହାରୁ ଆସି ଠୁଳ ହୋଇଥିଲେ। ଜିଲା ମୁଖ୍ୟାଳୟରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ନୂଆପଡା ଥାନା ଅଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କ ନେତୃତ୍ୱରେ ସ୍ଥାନୀୟ ଏକତା ଛକ ନିକଟରେ ସଚେତନତା କାର୍ଯ୍ୟ କରାଯାଇଥିଲା। ସମସ୍ତ ପୋଲିସ ଅଧିକାରୀଙ୍କ ହାତରେ ସଦ୍ୟ ଗୋଲାପର କଢି ଏବଂ ଫୁଲ ଦେଖିବାକୁ ମିଳିଥିଲା। ରାସ୍ତାରେ ଯିବା ଆସିବା କରୁଥିବା ବାଇକ ଆରୋହୀ ଏବଂ ସିଟବେଲ୍ଟ ଲଗାଇ ନ ଥିବା ଡ୍ରାଇଭରଙ୍କୁ ଅଟକାଉ ଥିଲେ ପୋଲିସ ବାଲା। ଏହାକୁ ନେଇ ସଚେତନତା କରିବା ସହ ଜରିମାନା ବଦଳରେ ଗୋଲାପ ଫୁଲ ପ୍ରଦାନ କରୁଥିଲେ। ଏହାକୁ ଦେଖି ଗାଡି ଚାଳକମାନେ ଆଗକୁ ଏମିତି ଭୁଲ କରିବେ ନାହିଁ ବୋଲି ପ୍ରକାଶ କରୁଥିଲେ। ହସିହସି ପରାମର୍ଶକୁ ଗ୍ରହଣ କରୁଥିବା ଦେଖାଯାଇଛି। ଏହି କାର୍ଯ୍ୟକ୍ରମରେ ଖୋଦ ଏସ୍‌ପି ବିନୀତ କୁମାର ଅଗ୍ରୱାଲ, ସର୍ଜେଣ୍ଟ ଏସ. ଏସ. ଟୁଡୁ ସମେତ ଥାନାର ସମସ୍ତ ଅଧିକାରୀ ସାମିଲ ରହିଥିଲେ। ଆଗକୁ ଏହା ଜିଲା ବ୍ୟାପି କରାଯିବ। ଦଣ୍ଡବିଧାନ ଅପେକ୍ଷା ସଚେତନତା ହିଁ ଏକମାତ୍ର ସଫଳ ଅସ୍ତ୍ର ବୋଲି ଯାତ୍ରୀ ମହଲରେ ଚର୍ଚ୍ଚା ହେଉଛି।



ଏକତା ଛକ ନିକଟରେ ପୋଲିସ ଗାଡି ଚାଳକମାନଙ୍କୁ ଗୋଲାପ ଫୁଲ ପ୍ରଦାନ କରୁଛି।

# ତିଖାଲି ଡ୍ୟାମ୍‌ରେ ପର୍ଯ୍ୟଟକଙ୍କ ଭିଡ଼

- ଛତିଶଗଡରୁ ଆସିଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ

**କୋମନା,୧।୧ (ଡି.ଏନ.ଏ)**

ନୂଆ ଆଶା ଓ ନୂଆ ଉତ୍ସାହ ସହ ଆରମ୍ଭ ହୋଇଛି ୨୦୨୦ ବର୍ଷ। ଏଥିପାଇଁ ବୁଧବାର ସକାଳୁ ନୂଆପଡା ଜିଲା ଖଡିଆଳ ଓ କୋମନା ବ୍ଲକର ମଧ୍ୟ ଭାଗରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ତିଖାଲି ଡ୍ୟାମରେ ନୂଆବର୍ଷ ପାଳନ ନିମନ୍ତେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏଠାରେ ଥିବା ପ୍ରାକୃତିକ ପରିବେଷ ତଥା ଚାରିଆଡେ ଜଙ୍ଗଲ ଘେରା ଡ୍ୟାମରେ ଥିବା ଗଛିତ ପାଣି ପର୍ଯ୍ୟଟକ ମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ନୂଆବର୍ଷ ପାଳନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟେକ ଦିନ ପର୍ଯ୍ୟଟକ ଆସୁଥିବାବେଳେ ଇଂରାଜୀ ନବବର୍ଷର ପ୍ରଥମ ଦିନରେ ହଜାର ହଜାର ପର୍ଯ୍ୟଟକ ଆସି ନୂଆବର୍ଷ ପାଳନ କରିଛନ୍ତି। ବିଶେଷକରି ଡ୍ୟାମ କର୍ତ୍ତୃପକ୍ଷ ଶିଶୁମାନଙ୍କ ପାଇଁ ପାର୍କରେ ନିର୍ମିତ ମନୋରଞ୍ଜନ ଖେଳ କଉତୁକ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ପର୍ଯ୍ୟଟକଙ୍କ ଭିଡକୁ ଦେଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡାକଡି ରହିଛି। ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ପଡୋଶୀ ରାଜ୍ୟ ଛତିଶଗଡରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସି ନୂଆବର୍ଷ ପାଳନ କରିଥିବା ଜଣାପଡିଛି।



ପାର୍କରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ

### ଲୋଇସିଂହା ବଡଦେଓ ଯାତ୍ରା ଆଜି

**ଲୋଇସିଂହା,୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହାର ପ୍ରସିଦ୍ଧ ବଡଦେଓ ଯାତ୍ରା ଗୁରୁବାର ଅନୁଷ୍ଠିତ ହେବ। ଏଥିପାଇଁ ଯାତ୍ରା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସରିଛି। ଆଦିବାସୀ ଗଣ୍ଡ ସମାଜ ଦ୍ୱାରା ପରିଚାଳିତ ଏହି ଯାତ୍ରା ବହୁ ପ୍ରସିଦ୍ଧ ଓ ପୁରୁଣା। ଜଗନ୍ନାଥ ସଂସ୍କୃତି ସହ ଏହି ଯାତ୍ରାର ବହୁ ସାମଞ୍ଜସ୍ୟ ରହିଛି। ଲୋଇସିଂହା ଜମିଦାର ଯାତ୍ରାର ପୃଷ୍ଠପୋଷକତା କରିଥାନ୍ତି। ବୁଧବାର ଯାତ୍ରା ପାଇଁ ନିର୍ଶି ପୂଜା ସମ୍ପନ୍ନ ହୋଇଯଇଛି। ଗୁରୁବାର ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ଜମିଦରାଙ୍କ ରାଜବାଟିରୁ ବରୁଆମାନେ ଦାରୁ ବିଗ୍ରହକୁ କାନ୍ଧେଇ ବସ୍ତି ପରିକ୍ରମା କରିବେ।

### ରେଳ ଷ୍ଟେଶନରେ ପଡ଼ି ରହିଛି ବୃଦ୍ଧଙ୍କ ମୃତଦେହ

**ଲାଠୋର, ୧୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ହରିଶଙ୍କର ରୋଡ ରେଳ ଷ୍ଟେଶନ ଯାତ୍ରୀ ପ୍ରତିକ୍ଷାଳୟରେ ବୁଧବାର ଜଣେ ବୃଦ୍ଧଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଷ୍ଟେଶନ ମ୍ୟାନେଜର ବି.ମାଝୀଙ୍କ ସୂତ୍ରରୁ ସମ୍ପୃକ୍ତ ବୃଦ୍ଧ ଜଣକ ବୁଧବାର ପୂର୍ବାହ୍ନ ୧୦ଟାରେ ଷ୍ଟେଶନ ପ୍ରତୀକ୍ଷାଳୟରେ ବିଶ୍ରମ ନେଇଥିଲେ। କିଛି ସମୟ ଗଲା ପରେ ସେ ଶୋଇଥିବା ସ୍ଥାନରୁ ହଠାତ ତଳେ ଖସି ପଡି ଛଟପଟ ହେଉଥିଲେ। ଏହା ଦେଖି ଷ୍ଟେଶନ କର୍ତ୍ତୃପକ୍ଷ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଖପ୍ରାଖୋଲରୁ ଆସିଥିବା ଆମ୍ବୁଲାନ୍ସ କର୍ମଚାରୀମାନେ ବୃଦ୍ଧଙ୍କ ମୃତ୍ୟୁ ହୋଇଯାଇଥିବା କହି ଫେରି ଯାଇଥିଲେ। ପରେ ଷ୍ଟେଶନ ମ୍ୟାନେଜର କଣ୍ଟାବାଞ୍ଜି ଜିଆରପିଙ୍କୁ ଖବର ଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଜିଆରପି ମୃତଦେହ ଜବତ କରିନାହାଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ସମ୍ପୃକ୍ତ ବୃଦ୍ଧ ଜଣକ ଛତିଶଗଡ ରାଜ୍ୟ ମହାସମୁନ୍ଦ ଅଞ୍ଚଳର। ମଝିରେ ମଝିରେ ଲାଠୋର ଅଞ୍ଚଳକୁ ଆସି ସେ ଭିକ୍ଷାବୃତ୍ତି କରିଥାନ୍ତି।

### ନୂତନ ବର୍ଷ ଅବସରରେ ଅନ୍ନପ୍ରସାଦ ବଣ୍ଟନ

**ବଲାଙ୍ଗୀର ଅଫିସ,୧୧:** ବଲାଙ୍ଗୀର କୋସଲ କଳାମଣ୍ଡଳସ୍ଥିତ ହନୁମାନ ମନ୍ଦିର ସମ୍ମୁଖ କିଛି ଉତ୍ସାହୀ ବ୍ୟବସାୟୀଙ୍କ ପକ୍ଷରୁ ଇଂରାଜୀ ନବବର୍ଷର ପ୍ରଥମ ଦିନରେ ସହସ୍ରାଧିକ ଲୋକଙ୍କୁ ଅନ୍ନପ୍ରସାଦ ବଣ୍ଟନ କରିଥିଲେ। ଗତ ତିନିବର୍ଷ ହେଲା ଏହି ବ୍ୟବସାୟୀମାନେ ପ୍ରତିବର୍ଷ ଅନ୍ନଭୋଗ ବଣ୍ଟନ ବ୍ୟବସ୍ଥା କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଲୋକ ସାମିଲ ହୋଇ ମଦ, ମାଂସର ଆସର ଛାଡି ଭଗବାନ୍‌ଙ୍କ ପ୍ରସାଦ ଖାଇବା ସହ ପରସ୍ପରକୁ ନୂଆଁବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ବୋଲି କାମନା କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ମିଶ୍ର, ସୁକଲ୍ୟାଣ ମିଶ୍ର, ସଞ୍ଜୀବ ପାତ୍ର, ସୂରଜ ତ୍ରିପାଠୀ, ବିକ୍ରମ ପାତ୍ର, ସୁଧାଂଶୁ ସାହୁ, ବିଭୁପ୍ରସାଦ ଯାଦବ, ଉମାଶଙ୍କର ଦାଶ, ସରୋଜ ଦଳବେହେରା, ମନୋଜ ଅଗ୍ରୱାଲ, ସତ୍ୟଜିତ ପାଣିଗ୍ରାହୀ, ସରୋଜ ମାଝୀ, ଦେବବ୍ରତ ମିଶ୍ର, ସୁମିତ ଭରଦ୍ୱାଜ, ଅନନ୍ତ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବାଧିତ ଜନବନ୍ଧୁ ପ୍ରଭାକର ରଥ ଜନ୍ମଶତବାର୍ଷିକ ସମାରୋହ

# 'ବୈଷୟିକ ବିପ୍ଳବ ମଣିଷକୁ ବ୍ୟକ୍ତିବାଦୀ କରିଦେଉଛି'

**ବଲାଙ୍ଗୀର ଅଫିସ, ୧୧**

ସମୟ ଥିଲା ଗୋଟିଏ ଟିଭିରେ ଗାଁର ସବୁ ଲୋକ ଦେଖୁଥିଲେ । ପରବର୍ତ୍ତୀ ସମୟରେ ଗୋଟିଏ ଟିଭିରେ ପରିବାର ସମସ୍ୟାମାନେ ଏକତ୍ର ମିଶି ଦେଖୁଥିଲେ। ତା' ପରେ ସବୁ ସଦସ୍ୟଙ୍କ କଠୋରୀ ଭିତରେ ଗୋଟିଏ ଟିଭି ରହିଲା । ଏବେ ପ୍ରତ୍ୟେକ ବ୍ୟକ୍ତିଙ୍କ ହାତରେ ସ୍ମାର୍ଟ ମୋବାଇଲ । ଅନେକେ କିଛି ଜାଣିବା ଭିତରେ ଏହି ମୋବାଇଲ ଭିତରେ ଆମେ ଏବେ ଯେମିତି ସୀମିତ ହୋଇ ରହିଯାଇଛୁଁ । ବୈଷୟିକ ବିପ୍ଳବ ଧୀରେ ଧୀରେ ମଣିଷକୁ ବ୍ୟକ୍ତିକେନ୍ଦ୍ରିକ କରିଦେଉଛି । ଆମକୁ ଅଧିକ ବ୍ୟକ୍ତିବାଦୀ କରିଦେଉଛି । ଏଭଳି ସମୟରେ ବାଧିତଜନବନ୍ଧୁ ପ୍ରଭାକର ରଥଙ୍କ ଭଳି ସାମାଜିକ ଉତ୍ତରଦାୟିତ୍ୱ ତୁଲାଇଥିବା ମଣିଷମାନେ ଅଧିକ ପ୍ରାସଙ୍ଗିକ ହୋଇପଡିଛନ୍ତି ବୋଲି ସାମାଜିକ କାର୍ଯ୍ୟକର୍ତ୍ତା ଲିଙ୍ଗରାଜ ପ୍ରଭାକର ରଥ ଜନ୍ମଶତବାର୍ଷିକ ସମାରୋହରେ କହିଛନ୍ତି । ପ୍ରଭାକର ରଥ ସ୍ମୃତି କମିଟି ତରଫରୁ ଆୟୋଜିତ ଏହି ଶତବାର୍ଷିକୀ ସମାରୋହରେ ସଭାପତି ଜୟରାମ ମିଶ୍ର ସଭାପତିତ୍ୱ କରିଥିଲେ । ସଭାରେ ଅତିଥି ମର୍ଯ୍ୟାଦାରେ ଲିଙ୍ଗରାଜଙ୍କ ସହ ଉପଦେଷ୍ଟା ଡା ଜ୍ୟୋସ୍ନାମୟୀ ମହାପାତ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୁରୁଶ୍ରୀ ଡ ଘାସିରାମ ମିଶ୍ର, ସମ୍ପାଦକ ମଧୁ ସାହୁ ମଞ୍ଚାସୀନ ହୋଇଥିଲେ।



ବାଧିତ ଜନବନ୍ଧୁ ପ୍ରଭାକର ରଥ ଜନ୍ମବାର୍ଷିକୀ ଅବସରରେ ଅତିଥିମାନେ ନିଃସଙ୍ଗ ସାରଥି ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

ଲିଙ୍ଗରାଜ ଆହୁରି କହିଥିଲେ ଯେ, ଉପଭୋକ୍ତାବାଦୀ ସଂସ୍କୃତି ଆମର ଗୋଷ୍ଠୀ ଓ ସାମାଜିକ ଜୀବନକୁ ବହୁ ଭାବେ ପ୍ରଭାବିତ କରିଚାଲିଛି । ଆଜି ସଞ୍ଜୁକ୍ତ ପରିବାର ଏକକ ପରିବାରରେ ରୂପାନ୍ତରିତ ହେଉଥିବାବେଳେ ପ୍ରଭାକର ରଥଙ୍କ ଭଳି ବ୍ୟକ୍ତିମାନଙ୍କ ଜୟନ୍ତୀ ପାଳନ କରି ଆମେ ଆମର ସଞ୍ଜୁକ୍ତ ଜୀବନକୁ ଅନୁଭବ କରିପାରିବା ଓ ଆମ ଉତ୍ତରପିଢ଼ିକୁ ଏହି ବାର୍ତ୍ତା ଦେଇପାରିବା ବୋଲି କହିଥିଲେ । ଏହି ଅବସରରେ ପ୍ରଭାକର ରଥ କିଭଳି ନିଜର ପାରିବାରିକ ଦାୟିତ୍ୱ ନିର୍ବାହ କରିବା ଭିତରେ ନିଜସ୍ୱ ଶକ୍ତି ଅନୁସାରେ ନିଜର ସାମାଜିକ ଦାୟିତ୍ୱ ତୁଲାଉଥିଲେ ତାହା କହିଥିଲେ ।

ଅନ୍ୟତମ ବକ୍ତା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ତାଙ୍କ ବକ୍ତବ୍ୟରେ ଆଜି ସମାଜମନସ୍କ ମଣିଷଟିଏ ବିରଳ ହୋଇଯାଉଛନ୍ତି । ଅନ୍ୟକୁ ନିଜ ସହ ଯୋଡିବା ମଣିଷଙ୍କ ସଂଖ୍ୟା କମିଗଲାଣି । ଏଣୁ ସମାଜ ଅଧିକ ବିପନ୍ନ ହୋଇ ଚାଲିଛି ବୋଲି ସେ କହିଥିଲେ । ପ୍ରଭାକର ରଥ ଏଭଳି ଜଣେ ମଣିଷ ଥିଲେ ଯେ କି ବ୍ୟକ୍ତି ଜୀବନକୁ ଗୋଷ୍ଠୀ ଓ ସମାଜ ସହ ଯୋଡିବା ଶିଖାଇଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଗୁରୁଶ୍ରୀ ଘାସିରାମ ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ରଭାକର ରଥ କିଭଳି ହସପିଟାଲକୁ ଯାଇ ଗରିବ ଲୋକଙ୍କୁ ସହାୟତା କରୁଥିଲେ କହିଥିଲେ । ଡା ମହାପାତ୍ର ତାଙ୍କ ବକ୍ତବ୍ୟରେ ହସପିଟାଲ ଭିତରେ ସ୍ୱର୍ଗତ ପ୍ରଭାକର ରଥଙ୍କ ସମାଜସେବା ଓ ଗରିବ ଲୋକଙ୍କୁ ଭଲ ପାଇବା ଦେଖି ଆଚମ୍ବିତ ହୋଇଯାଇଥିଲେ ବୋଲି କହିଥିଲେ । ଏହି ଅବସରରେ ସାମାଜିକ କାର୍ଯ୍ୟକର୍ତ୍ତା ଲିଙ୍ଗରାଜଙ୍କୁ ପ୍ରଭାକର ରଥ ସ୍ମୃତି ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭିକ କାର୍ଯ୍ୟକ୍ରମକୁ କବି ରତ୍ନମୟ ତ୍ରିପାଠୀ ସଂଯୋଜନା କରିଥିବାବେଳେ ସଭାକୁ ସମ୍ପାଦକ ମଧୁ ସାହୁ ପରିଚାଳନା କରିଥିଲେ । ପ୍ରଭାକର ରଥଙ୍କ ସୁପୁତ୍ର ମଦନମୋହନ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଡା ଅଶୋକ କୁମାର ସେଠୀ ସ୍ୱାଗତ ବକ୍ତବ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରଭାକର ରଥଙ୍କ ସ୍ମୃତିରେ ପ୍ରକାଶିତ ନିସଙ୍ଗ ସାରଥି ପୁସ୍ତିକତାକୁ ଉନ୍ମୋଚନ କରିଥିଲେ । ସଭା ପ୍ରାରମ୍ଭରେ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବ୍ରଜବିହାରୀ ତ୍ରିପାଠୀ ଗୀତା, ହାଜି ସାହିଦ୍ ମୁସାହିଦ୍ ରଜାକ୍ କୋରାନ୍ ଓ ପାଷ୍ଟର ପ୍ରେମ ରାଉଳ ବାଇବେଲ ପାଠ କରିଥିଲେ । ସଭାରେ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଦାମୋଦର ପଟ୍ଟନାୟକ, କାଶୀନାଥ ପାତ୍ର, ଆଦିତ୍ୟ ପଟ୍ଟନାୟକ ଗୋବିନ୍ଦ ସେଠ୍ ଓ ତାଙ୍କ ପରିବାରର ବୟୋଜ୍ୟେଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସାରଳା ବିଶ୍ୱ ଭାଷା ସମ୍ମିଳନୀ ପଦଯାତ୍ରା

**ବଲାଙ୍ଗୀର ଅଫିସ, ୧୧**

ଭାଷା ବଞ୍ଚିଲେ ଜାତି ବଞ୍ଚିବ । ସମ୍ବିଧାନରେ ସ୍ୱୀକୃତି ଲାଭ କରିସାରିଥିବା ଓଡିଆ ଭାଷାକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ଉଦ୍ୟମ କରି ଓଡିଆ ଭାଷା ସାହିତ୍ୟର ସୁରକ୍ଷା ସହ ପ୍ରଚାର ପ୍ରସାର ପାଇଁ ଆସନ୍ତା ଜାନୁୟାରୀ ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଭୁବନେଶ୍ୱର ଠାରେ ସାରଳା ବିଶ୍ୱ ଭାଷା ସମ୍ମିଳନୀ ଆୟୋଜିତ ହେବ । ଏହି ଉପଲକ୍ଷେ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ରାଜ୍ୟ ବ୍ୟାପୀ ଜିଲାସ୍ତରୀୟ ପଦଯାତ୍ରା ଆରମ୍ଭ ହୋଇଛି । ବଲାଙ୍ଗୀରରେ ଆୟୋଜିତ ଜିଲାସ୍ତରୀୟ ପଦଯାତ୍ରାରେ କୋଶଳ କଳା ମଣ୍ଡପ ପଡିଆରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ବଳରାମ ମିଶ୍ରଙ୍କ ସଂଯୋଜନାରେ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ, ଅଧ୍ୟାପକ, ସମାଜସେବୀ ଓ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଏହି ପଦଯାତ୍ରାରେ ଯୋଗଦେଇଥିଲେ । ଜିଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟଅତିଥି ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଓ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।



ସାରଳା ବିଶ୍ୱଭାଷା ସମ୍ମିଳନୀ ପାଇଁ ବଲାଙ୍ଗୀରରେ ଅନୁଷ୍ଠିତ ପଦଯାତ୍ରା ।

# ନବବର୍ଷରେ ସୁନ୍ଦରାକାଣ୍ଡ ପାରାୟଣ

**ଲୋଇସିଂହା,୧୧(ଡି.ଏନ.ଏ.):** ନବବର୍ଷ ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ରାଧାକୃଷ୍ଣ ମନ୍ଦିର ପରିସରରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବସୀଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ସହଦେବ ସା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଏଠାରେ ସୁନ୍ଦର କାଣ୍ଡକୁ ବ୍ୟାସ ଶେଷଦେବ ଦାନି ପରାୟଣ କରିଥିଲେ । ଜଗତପତି ଦାନି ଭଜନ ପରିବେଷଣ କରିଥିଲେ। ଯଶୋବନ୍ତ ଗଡୁଆ, ହାଡୁ ସାହୁ, ଘନଶ୍ୟାମ ସାହୁ ଓ ସାଥୀ ବାଦ୍ୟଯନ୍ତ୍ର ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ସହସ୍ରାଧିକ ମହିଳାପୁରୁଷ ଉପସ୍ଥିତ ରହିଥିଲେ ।





କବିତା ଆସର ଓ ଆଲୋଚନା ସଭାରେ ଯୋଗଦେଇଥିବା ସାହିତ୍ୟିକମାନେ।

# କୋଶଳି କବିତା ଆସର, ଆଲୋଚନା ସଭା

**ଟିଟିଲାଗଡ଼, ୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ କୋସଲି ଭାଷା ସୁରକ୍ଷା ସମିତି ପକ୍ଷରୁ ନୂତନ ବର୍ଷ ଉପଲକ୍ଷେ କୋଶଳି କବିତା ଆସର କବିତା ଉମହେଇ ଓ ଏକ ଆଲୋଚନା ସଭା ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠାନ ସଭାପତି ଭିକାରି ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ବରିଷ୍ଠ ସାହିତ୍ୟିକ ସେବକ ଚରଣ ଦାସ, ମଧୁସୂଦନ ମହାନନ୍ଦ, ସୁଶାନ୍ତ ବାଗ ଯୋଗଦେଇ କୋସଲି ଭାଷାର ଐତିହ୍ୟ ନେଇ ଆଲୋଚନା କରିଥିଲେ। ଏଥିସହ ଭାଷାର ସାମ୍ବିଧାନିକ ସ୍ୱୀକୃତି, ଦାବି ଉପସ୍ଥାପନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ଚର୍ତ୍ତୁଭୁଜ ସାଆନ୍ତ ଓ ଦିଲୀପ ପଶାୟତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୀଳମଣି ସାହୁ, ଚର୍ତ୍ତୁଭୁଜ ସାଆନ୍ତ, ଦିଲୀପ ପଶାୟତ, ରାଜ ନାଗ, ସ୍ୱପ୍ନେଶ୍ୱର ରାଓ, ବୃନ୍ଦାବନ କୁମ୍ଭାର, ପୁଲସ୍ତି ବେହେରା, ଦ୍ରୁବ ହରପାଲ, ଆଦିମୂଳ ଶତପଥି, ଯଶୋବନ୍ତ ସାହୁ, କ୍ଷିରସିନ୍ଧୁ ବିଶି, ରାଜକିଶୋର ପ୍ରଧାନୀ, ଚୈତନ୍ୟ ଭୋଇ, ବିନାୟକ ପ୍ରଧାନୀ, ବୈଷ୍ଣବ ବାଗ, ଜଗବନ୍ଧୁ ବଗର୍ତ୍ତୀ, ଚିତରଞ୍ଜନ ଚାନ୍ଦ ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ।

## କୁଶଙ୍ଗାଇ କପ୍ ଫୁଟବଲ
## ଖରମୁଣ୍ଡା-ସାଇଟ ଫାଇନାଲ ଆଜି

**ଲୋଇସିଂହା, ୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ହାଇସ୍କୁଲ ଖେଳପଡିଆରେ ଚାଲିଥିବା କୁଶଙ୍ଗାଇ କପ ଫୁଟବଲ ଟୁର୍ନାମେଣ୍ଟର ସେମି ଫାଇନାଲ ରାଉଣ୍ଡ ବୁଧବାର ସରିଛି । ଗୁରୁବାର ଟୁର୍ନାମେଣ୍ଟର ଫାଇନାଲ ଖେଳ ବିଜେପୁର ଖରମୁଣ୍ଡା ଓ ବଲାଙ୍ଗୀର ସାଇଟ ସଦାଇପାଲି ମଧ୍ୟରେ ଅନୁଷ୍ଠିତ ହେବ । ଗତ ୨୭ ତାରିଖଠାରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟର ବି ଗ୍ରୁପର ସେମିଫାଇନାଲ ସାଇଟ ସଦାଇପାଲି ଓ ବଲାଙ୍ଗୀର ୟୁନାଇଟେଡ ମଧ୍ୟରେ ବୁଧବାର ଅନୁଷ୍ଠିତ ହୋଇଥିଲା । ଏଥିରେ ୨-୦ ଗୋଲରେ ସାଇଟ ସଦାଇପାଲି ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଏହାପୂର୍ବରୁ ଏ ଗ୍ରୁପରେ ଖେଳା ଯାଇଥଇବା ପ୍ରଥମ ସେମିଫାଇନାଲରେ ଆୟୋଜକ କୁସଙ୍ଗ ଏକାଦଶକୁ ବିଜେପୁର ଖରମୁଣ୍ଡା ଏକାଦଶ ୨-୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ବୁଧବାର ମ୍ୟାଚରେ ସୋମନାଥ ପଟେଲ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

# ଯୋଗଗୁରୁ ହରିଭାଇ ଆର୍ଯ୍ୟାନଙ୍କୁ ଯୁବ ପ୍ରତିଭା ସମ୍ମାନ



ଯୋଗଗୁରୁ ଡ. ହରିଭାଇ ଆର୍ଯ୍ୟାନଙ୍କୁ ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ଆୟୋଜିତ ବୈଦିକ ସିଦ୍ଧାନ୍ତର ପ୍ରଶିକ୍ଷଣ ଶିବିରରେ ଯୁବ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଉଛି ।

**ଖପ୍ରାଖୋଲ, ୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡାର ଯୋଗଗୁରୁ ଡ. ହରିଭାଇ ଆର୍ଯ୍ୟାନକୁ ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ଆୟୋଜିତ ବୈଦିକ ସିଦ୍ଧାନ୍ତର ପ୍ରଶିକ୍ଷଣ ଶିବିରରେ ଯୁବ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ମଙ୍ଗଳବାର ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ଡ. ହରେକୃଷ୍ଣ ଶତପଥୀ, ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ପ୍ରମୁଖଙ୍କ ଉପସ୍ଥିତିରେ ବେଦ ଏବଂ ଯୋଗର ପ୍ରଚାର କ୍ଷେତ୍ରରେ ଅବଦାନ ପାଇଁ ରାଜ୍ୟସ୍ତରୀୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି ।

# ବ୍ରହ୍ମାକୁମାରୀ ଆଶ୍ରମରେ ନବବର୍ଷ ପାଳିତ

**ଟିଟିଲାଗଡ,୧୧(ଡି.ଏନ.ଏ)**

ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଟିଟିଲାଗଡସ୍ଥିତ ଆଶ୍ରମରେ ନବବର୍ଷ ପାଳନ ହୋଇଯାଇଛି। ଆଶ୍ରମର ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ମଙ୍ଗଳା ପ୍ରଥମେ ମୁରଲି ପାଠ ସହ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମସ୍ତଙ୍କୁ ରାଜଯୋଗ ଅଭ୍ୟାସ କରାଇଥିଲେ। ପରେ ସୁଜାତା ବେହେରା, ଜ୍ୟୋତି ବେହେରା, ଦୀପକ ନାୟକ, ଓୟୁଜେ ବଲାଙ୍ଗୀର ଜିଲା ସଭାପତି ଦୀପକ ସମ୍ପାଦାର ପ୍ରମୁଖଙ୍କ ଉପସ୍ଥିତିରେ କେକ କଟାଯାଇଥିଲା। ଉତ୍ସବ ପରିଚାଳନାରେ ସଞ୍ଜୁ ନାହାକ, ରୀନା ସେଠ, ଗୋପି ଭୋଇ, ଗଙ୍ଗା ଭଉଣୀ, ସୁନିତା ଭଉଣୀ ତଥା ସମସ୍ତ ବ୍ରହ୍ମ ପରିବାର ସହଯୋଗ କରିଥିଲେ।

# ଦେବ ଦର୍ଶନ ସହ ଭୋଜିଭାତର ଆସର

**ଖପ୍ରାଖୋଲ, ୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ନୂଆ ବର୍ଷ ପାଇଁ ସବୁଠି ଖୁସିର ମାହୋଲ । ବ୍ଲକର ପବିତ୍ର ଧର୍ମ ପୀଠ ତଥା ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ହରିଶଙ୍କର ବାବାଙ୍କ ଦର୍ଶନ ପାଇଁ ଭିଡ ଜମିଥିଲା । ସେହିପରି ନାଚଗୀତ, ଭୋଜିଭାତର ଆସର ଝରଣା କୂଳରେ ଦେଖିବାକୁ ମିଳିଥିଲା । ସେହିପରି କନ୍ଦରାଭଟା ଜଳମହାଦେବ ଓ ଖପ୍ରାଖୋଲ ନିକଟରେ ଥିବା ଅପର ସୁକତେଲ ଡ୍ୟାମକୂଳରେ ବି ଭୋଜିଭାତର ଆସର ଜମିଥିଲା ।



ନବବର୍ଷରେ ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ।





ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ଜେକେଜେଏସ୍‌ର ଅଭିନନ୍ଦନ-୨୦୨୦

**ଲୋଇସିଂହା,୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାର ସର୍ବ ପୁରାତନ କ୍ଲବ ଜନ କଲ୍ୟାଣ ଯୁବ ସାମ୍ମୁଖ୍ୟ (ଜେକେଜେଏସ୍) ପକ୍ଷରୁ ଅଭିନନ୍ଦନ-୨୦୨୦ ଅନୁଷ୍ଠିତ ହୋଇଯାଇଛି । କ୍ଲବର ଅଡିଟୋରିୟମଠାରେ ଆନୁଷ୍ଠିତ ଉତ୍ସବରେ ଅନୁଷ୍ଠାନ ସଭାପତି ଦିଲୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ବିଭୂତି ଭୂଷଣ ସାହାଣୀ, ଉତ୍ତର ହେର୍ଣ୍ଣା, ନବକିଶୋର ନାଏକ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସାରା ରାଜ୍ୟରେ ଲୋଇସିଂହା ମାଟି ମୋତେ ପରିଚୟ ଦେଇଛି । ଯେଉଁ ପରିସ୍ଥିତିରେ ଯେଉଁଠି ଥିଲେ ମଧ୍ୟ ଲୋଇସିଂହାର ବିକାଶ ପାଇଁ ଯାହା ମୋଦ୍ୱାରା ସମ୍ଭବ ତାହା କରିବି ବୋଲି କହିଥିଲେ। ଜେକେଜେଏସ୍ ତାର କାର୍ଯ୍ୟକ୍ରମକୁ ଜାରି ରଖିବାକୁ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ମିଶ୍ର ପରାମର୍ଶ ଦେଇଥିଲେ । ଏହି ଉପଲକ୍ଷେ ଆୟୋଜିତ ଜିଲାସ୍ତରୀୟ ମାରାଥନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ, ସାଧାରଣ ଜ୍ଞାନ, ଅଖାଦୌଡ, ରଙ୍ଗ କରିବା(ପ୍ରଥମରୁ ପଞ୍ଚମ ଶ୍ରେଣୀ), ଚିତ୍ରାଙ୍କନ(ଷଷ୍ଠରୁ ଦଶମ) ମାଠିଆ ଫଟା, ମ୍ୟୁଜିକ ଚେୟାର, ରଙ୍ଗୋଲି, ବାଟି ଚାମଚ ଦୌଡ, ଧିର ସାଇକେଲ ଚାଳନା ଓ ଏକ ମିନିଟ ଖେଳ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ସରୋଜ ବିଶ୍ୱାଳ ସଂଯୋଜନା କରିଥିଲେ। ଶିବ ଅଗ୍ରୱଲ, ଅମିତ ମେହେର, ରିଙ୍କୁ ପଧାନ, ରାଜେଶ ମହାଣା, ସିଲୁ ସେବକ, ଅଜିତ ବେହେରା, ମନୋଜ ହେର୍ଣ୍ଣା, ଶିବ ଭୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ବରକାନିରେ ଆଧ୍ୟାତ୍ମିକ ପରିବେଶରେ ନବବର୍ଷ ପାଳିତ

**ଦେଓଗାଁ, ୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ବରକାନୀରେ ବୁଧବାର ଏକ ଆଧ୍ୟାତ୍ମିକ ପରିବେଶ ମଧରେ ନବବର୍ଷ ପାଳିତ ହୋଇଯାଇଛି । ସ୍ଥାନୀୟ ସତ୍ୟସାଇ ଭଜନ ମଣ୍ଡଳୀ ଆୟୋଜନ ତଥା ଆବାହକ ଜନକ ମେହେରଙ୍କ ଆବାହକତ୍ୱରେ ନବବର୍ଷ ପ୍ରାତଃରେ ନଗର ସଂକୀର୍ତ୍ତନରେ ଗ୍ରାମ ପରିକ୍ରମା କରାଯାଇଥିଲା । ପରେ ସକାଳ ୮ଟାରେ ସତ୍ୟସାଇ ବାବାଙ୍କ ଷୋଡଶପଚାର ପୂଜା ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂଜକଭାବେ ପ୍ରଦୀପ ତ୍ରିପାଠୀ ଯୋଗଦେଇଥିଲେ । ତୁଷୁରା ସମିତିର ସେବା ସଂଯୋଜକ ଗୋବିନ୍ଦ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ସତସଙ୍ଗ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ରାଜ୍ୟ ଉପ-ସଭାପତି ରସରାଜ ଠାକୁର ଯୋଗଦେଇଥିଲେ । ସମ୍ମାନୀତ ବକ୍ତାଭାବେ ଜିଲା ଆଧ୍ୟାତ୍ମିକ ସଂଯୋଜିକା ପୁଷ୍ପାଞ୍ଜଳି ମେହେର, ତୁଷୁରା ସମିତିର ବିନୋଦ ବିହାରୀ ସାହୁ, ଚନ୍ଦ୍ରପୁର ଭଜନ ମଣ୍ଡଳୀର ବାଳବିକାଶ ଗୁରୁ, ରାଜୁ ପୁଟେଲ ପ୍ରମୁଖ ବାବାଙ୍କ ଲୀଳା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସାଇ ଗାୟତ୍ରୀ ପୁଟେଲ ଓ ସାଇ ନନ୍ଦିନୀ ପୁଟେଲ ଦେଶାତ୍ମକ ସଂଗୀତ ଗାନ କରିଥିଲେ। ତୁଷୁରା ଆବାହକ ଶ୍ରୀବସ୍ତ ରଣା ବାବାଙ୍କୁ ଆରତୀ ପ୍ରଦାନ କରିଥିଲେ ।



ବରକାନୀରେ ଶ୍ରୀସତ୍ୟସାଇ ଭଜନ ମଣ୍ଡଳୀ ଆନୁକୂଲ୍ୟରେ ଅନୁଷ୍ଠିତ ନବବର୍ଷ ପାଳନ ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁ।

## ସଂକ୍ଷେପରେ

### ଟାଟା ମ୍ୟାଜିକ- ବାଇକ୍ ଧକ୍କା
## ବାଇକ୍ ଚାଳକ ଗୁରୁତର

**ବ୍ରଜରାଜନଗର,୧୧(ଡି.ଏନ.ଏ.):** ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଧୀନ ଇଏସ୍ଆଇ-ଭୂତବଙ୍ଗଳା ଛକ ମଝି ରାସ୍ତାରେ ବୁଧବାର ଏକ ଟାଟା ମ୍ୟାଜିକ ଏବଂ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେ ତେଲେନପାଲି ଗ୍ରାମର ବୋଲି ଜଣାପଡିଛି। ଯୁବକ ଜଣକ ଏକ ବାଇକ୍(ନଂ.ଓଡି୨୩ଜି- ୩୦୭୮) ଯୋଗେ ଆସୁଥିବା ବେଳେ ଇଏସ୍ଆଇ-ଭୂତବଙ୍ଗଳା ଛକ ମଝି ରାସ୍ତାରେ ଏକ ଟାଟା ମ୍ୟାଜିକ(ଓଡି ୨୩ଡି-୨୭୧୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ ତଳେ ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ସ୍ଥାନୀୟ କେନ୍ଦ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରାମପୁର ଫାଣ୍ଡି ଅଧିକାରୀ ରବିଶଙ୍କର ଭଇଁସା ଓ ରୁଦ୍ରବିହାରୀ ବାଗ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରିଥିଲେ। ଅନ୍ୟପକ୍ଷେ ଉକ୍ତ ରାସ୍ତାରେ ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଲଇକେରାରେ ନବବର୍ଷ ପାଳନ: ଦେବଦେବୀଙ୍କୁ ଦର୍ଶନ କରି ମଙ୍ଗଳ ମନାସିଲେ

**ଲଇକେରା,୧୧(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ଲଇକେରା ସହର ତଥା ଆଖପାଖ ଅଞ୍ଚଳରେ ଜନସାଧାରଣ ଉତ୍ସାହର ସହ ନବବର୍ଷ ପାଳନ କରିଥିଲେ। ଜନସାଧାରଣ ବୁଧବାର ସକାଳେ ପ୍ରଥମ ସୂର୍ଯ୍ୟୋଦୟ ଦେଖି ନିଜ ନିତ୍ୟକର୍ମ ସାରି ମନ୍ଦିରରେ ପହଞ୍ଚି ଦେବଦେବୀଙ୍କୁ ଦର୍ଶନ କରି ପରିବାର ମଙ୍ଗଳ କାମନା କରିଥିଲେ। ଏପରି କି ଗୁରୁଜନଙ୍କୁ ପ୍ରଣାମ ଜଣାଇ ନବବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ। ଅନ୍ୟପକ୍ଷେ ଯୁବଗୋଷ୍ଠୀ ସୋସିଆଲ ମିଡିଆରେ ଫଟୋ ପଠାଇବା ସହ ଫୋନ କରି ପରସ୍ପରକୁ ନବ ବର୍ଷର ଅଭିନନ୍ଦନ ଜଣାଉଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ହାତୀଆନାଳା ଡ୍ୟାମ, ଚନ୍ଦନୀମାଲ ଡ୍ୟାମ, ମୁନିବୁଢ଼ାଘାଟ, ସାଗରଦରହ, ଦୋମୁହାଣୀ, ନଦୀପଠା ଆଦି ସ୍ଥାନରେ ଲୋକେ ଭୋଜିଭାତ କରି ନବବର୍ଷ ପାଳନ କରିଥିଲେ।

# କଳାସାଂସ୍କୃତିକ ସମାରୋହରେ ନବବର୍ଷ ପାଳିତ

**କୋଲାବିରା,୧୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ରଘୁନାଥପାଲି ଅଯୋଧ୍ୟାନଗର ଛକଠାରେ ନବବର୍ଷ ପାଳନ ଅବସରରେ କଳା ବିକାଶ କେନ୍ଦ୍ର ଆନୁକୂଲ୍ୟରେ କୋଲାବିରା ବ୍ଲକସ୍ତରୀୟ କଳା ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ତଥା କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦର ସଭାପତି ପ୍ରଜ୍ଞାସୌରଭ ଶୋଭାଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳା ବିକାଶ କେନ୍ଦ୍ରର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମାଫିଦାର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋଲାବିରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟନ୍ତୀ ବାହୁକ, କଳା ବିକାଶ କେନ୍ଦ୍ରର ସଭାପତି ନୃପଲାଲ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଜ୍ଞାନିଧି ଅଭିମନ୍ୟୁ ପଟେଲ ଯୋଗଦେଇ କଳା ଓ କଳାକାରଙ୍କ ବିକାଶ


ଅତିଥିଙ୍କ ଉପସ୍ଥିତିରେ କଳାକାରମାନେ କଳା ପରିବେଷଣ କରୁଛନ୍ତି।

ଉପରେ ଆଲୋକପାତ କରିଥିଲେ। ସମାରୋହରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ କଳାକାରମାନେ ଆସି ନିଜ କଳା ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ କବି ତଥା ସାହିତ୍ୟିକଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାବିକାଶ କେନ୍ଦ୍ରର ସଭାପତି ନୃପଲାଲ ପଶାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୋଲାବିରା ବ୍ଲକ ବିଜେଡି ସଭାପତି ଦୁଲାରାମ ସେନାପତି ଯୋଗଦେଇଥିଲେ। ଅତିଥି ଭାବେ କୋଲାବିରା ସରପଞ୍ଚ କୁମୁଦିନି ମହାପାତ୍ର, ସମାସିଂହା ସରପଞ୍ଚ ହେମନ୍ତ କୁମାର ସାହୁ, ପାଲାଗାୟକ ନବୀନ ଚନ୍ଦ୍ର ନାଏକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଡୋଲାମଣି ପଧାନ ସଙ୍ଗୀତ ସଂଯୋଜନା କରିଥିବା ବେଳେ ଅଭିମନ୍ୟୁ ପଟେଲ ସଭା ପରିଚାଳନା କରିଥିଲେ।

ଏହି ଅବସରରେ ବରିଷ୍ଠ କବି ଓ ଲେଖକ ଭାବେ ଶୋଭାଚନ୍ଦ୍ର ନାଏକ, ସଂଚାରବାଦକ ଭାବେ ହରି ସେଠ, ବରିଷ୍ଠ ପାଲାଗାୟକ ନବୀନ ଚନ୍ଦ୍ର ନାଏକ, ସଙ୍ଗୀତ କଳାକାର ମାନଧାତା ସାହୁ, ସଂକୀର୍ତ୍ତନ ଗାୟକ ପରିକ୍ଷୀତ ବାହୁକ ଏବଂ ମଦନ ମୋହନ ପଟେଲଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କଳାବିକାଶ କେନ୍ଦ୍ର ପରିଚାଳନା କମିଟି ଉପଦେଷ୍ଟା ମଣ୍ଡଳୀର ଜନେକରାମ ପଧାନ, ସଚ୍ଚିଦାନନ୍ଦ ପାଢୀ,ସାଧାରଣ ସମ୍ପାଦକ ଡୋଲାରାମ ପଧାନ, ଦିଗାମ୍ବର ବାରିକ, ଗଣେଶ ମେହେର, ସିରର୍ଜୁ କୁମାର ଖମାରୀ, ମଦନ ମୋହନ ପଟେଲ, ସରତ କୁମାର ପୂଝାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସହରରେ ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ବ୍ୟବସ୍ଥା କରାଯାଉ

**ନୂଆପଡ଼ା ଅଫିସ,୧୧(ଡି.ଏନ.ଏ.)** ନୂଆପଡ଼ା ସହର ସମେତ ସମଗ୍ର ଜିଲାରେ ପ୍ରବଳ ଶୀତ ପ୍ରବାହ ଯୋଗୁ ଜୀବନଯାତ୍ରା ବ୍ୟାହତ ହୋଇଛି। ସହରର ବସଷ୍ଟାଣ୍ଡ ଓ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନରେ ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ବ୍ୟବସ୍ଥା ସକାଶେ ଦାବି ହେଉଛି। ସୁନ୍ଦରଗଡ଼ ଓ ଅନ୍ୟ ଜିଲା ଗୁଡ଼ିକରେ ପ୍ରଶାସନ ତରଫରୁ ଏଭଳି ପଦକ୍ଷେପ ନିଆଯାଇଥିବାରୁ ନୂଆପଡ଼ାରେ ମଧ୍ୟ ଏଭଳି ପଦକ୍ଷେପର ଜରୁରୀ ଆବଶ୍ୟକତା ରହିଛି। ଥଣ୍ଡା ଯୋଗୁ ପୂର୍ବାହ୍ନ ୧୦ଟା ପୂର୍ବରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ଦିନ ତମାମ ଲୋକେ ଶୀତବନ୍ତ୍ର ପିନ୍ଧି ରହୁଥିବା ଦେଖିବାକୁ ମିଳିଛି। ଲୋକେ ଶୀତରୁ ରକ୍ଷା ପାଇବା ଲାଗି ନିଆଁ ଜାଳୁଥିବା ଦେଖିବାକୁ ମିଳିଛି। ଗରିବ, ବାସହୀନ ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ତେଣୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ବ୍ୟବସ୍ଥା କରା ଗଲେ ଲୋକେ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ସହରରେ ବର୍ତ୍ତମାନ ତାପମାତ୍ରା ୧୦ ଡ଼ିଗ୍ରୀ ସେଲସିୟସ ତଳେ ରହୁଛି।

## କନ୍‌କନି ଜାଡ଼ରେ ଦଲ୍‌କୁଛନ ବୁଢ଼ାବୁଢ଼ୀ

**ଲଇକେରା, ୧୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରାନେ ଦିନାକେତେ ହେଲା କନ୍‌କନି ଜାଡ଼୍‌ରେ ଲୋକ୍ ଦଲ୍‌କିଯାଉଛନ୍। ଲଇକେରାର ଆସର ପାସର ଗାଁ ତିଲେଇମାଲ, ପାକେଲପଡ଼ା, ଜାମମାଲ, ବାବୁଛିପିଡିହି, ସାହାସପୁର, ଖୁନ୍ତାମାଲ, ନିକ୍ତିମାଲ, କୁଲେମୁରା, ସାରଙ୍ଗଲୋଇ, ଭାତଲଇଡ଼ାରେ କନ୍‌କନି ଜାଡର ପରଭାବ ଦେଖିବାକେ ମିଲୁଛେ। ବୁଢ଼ାବୁଢ଼ି ବେଲ୍‌ବୁଡ୍‌ତେ ବୁଡ୍‌ତେ ଉଁଭେଇ ଧରି ବସିପଡ୍ତୁଛନ୍। ସେନ୍‌ତା ଗାଁଗଁଡ଼ାର ଭିନେ ଭିନେ ଜାଗାରେ ବେଲବୁଡେ ଆର ପହଁତିଆନୁ ଲୋକ୍ ଅଁଡ଼୍‌ରା ଜାଲି ତାପୁଛନ୍। ରାତି ୮ ବାଜ୍‌ଲେ ଅଂଚଲର ଲୋକ୍ ଶୀତର ମାଡ଼େ ଖାଇପିଇ କବାଟ କିଲିଦେଉଛନ୍। ରାସ୍‌ତାଘାଟ, ବଜାର ଶୁନ୍‌ସାନ ହେଇଯାଉଛେ। ଇ ଜାଡର ପରଭାବ ବେଶୀକରି ବୁଢ଼ାବୁଢ଼ି ଆର ଛୋଟ ଛୁଆକରନେ ଦେଖିବାକେ ମିଲୁଛେ। ଦିନ୍‌ଯାକ ବୁଢ଼ାବୁଢ଼ିମାନେ ଦିହୁ ଶାଲ, କମଲ, ପଛ୍‌ରା ଉଡ଼୍‌ରାବାର କଥା ନାଇଁ ଭାବ୍‌ବାର। ଇଆଡ଼େ ପାନିପାଗ୍ ବିଭାଗ ନୂଆଁବଛର ପହେଲାରୁ ବରଷା ହେବାର କଥା କହୁଥିଲାବେଲେ ଇ କଥାଶୁନି ଲୋକ୍ ବଡ଼େ ଡରି ଯାଇଛନ୍।

## ରାଜ୍ୟସଭା ସଦସ୍ୟଙ୍କ ଅନ୍ତିମ ସଂସ୍କାର

**ନୂଆପଡ଼ା ଅଫିସ,୧୧**

ବୁଧବାର ସ୍ୱର୍ଗୀୟ ମାଟିର ମଣିଷ ପୂର୍ବତନ ରାଜ୍ୟସଭା ସଦସ୍ୟ ଏ.ଭି.ସ୍ୱାମୀଙ୍କ ମରଶରୀର ସଂସ୍କାର କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ସ୍ଥାନୀୟ କଲ୍ୟାଣପୁରସ୍ଥିତ ତାଙ୍କର ଫାର୍ମରେ କରାଯାଇଛି । ସୂଚନାଯୋଗ୍ୟ ଯେ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୦ଟାବେଳେ ସ୍ୱାମୀଜୀଙ୍କର ଖରିଆରରୋଡସ୍ଥିତ ବାସଭବନରେ ସ୍ୱର୍ଗବାସ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ସମେତ ୩ନାତି ଉପସ୍ଥିତ ଥିଲେ। ହେଲେ ବଡପୁଅ ସୁନୀଲ ଦୁବାଇରେ ରହୁଥିବା ହେତୁ ତାଙ୍କୁ ଅପେକ୍ଷା କରାଯାଇଥିଲା। ମୃତଦେହକୁ ଏକ କଫନରେ ଭର୍ତ୍ତି କରି ପୂଜାର୍ଚ୍ଚନା କରାଯାଉଥିଲା। ବୁଧବାର ମଧ୍ୟାହ୍ନରେ ସୁନୀଲ ସପରିବାର ଏଠାରେ ପହଞ୍ଚିବା ପରେ ତାଙ୍କୁ ଏକ ସ୍ୱତନ୍ତ୍ର ଗାଡି ଯୋଗେ କଲ୍ୟାଣପୁରକୁ ନିଆଯାଇଥିଲା। ସେଠାରେ ବଡପୁଅ ପୂଜାର୍ଚ୍ଚନା କରିବାପରେ ମାଟି ଦେଇଥିଲେ। ମାଟିରେ ମିଶିଯାଇଥିଲା ତାଙ୍କର ମରଶରୀର।

### ବେଲପାହାଡ଼ କ୍ରିକେଟ ଲିଗ୍‌ର ଚତୁର୍ଥ ଦିନ
# ବିଓସିଏମ୍, ଟାଇଗର ବିଜୟୀ

**ବେଲପାହାଡ଼,୧୧ (ଡି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ ଷ୍ଟାଡ଼ିୟମରେ ଚାଲିଥିବା କ୍ରିକେଟ ଲିଗ୍‌ର ବୁଧବାର ଚତୁର୍ଥ ଦିନରେ ବିଓସିଏମ୍ ଏବଂ ଅମରଜ୍ୟୋତି କ୍ଲବ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ସେହିପରି ଟାଇଗର ଏବଂ ଗ୍ଲୋବାଲ ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ବିଓସିଏମ୍ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୨ ଉଇକେଟ ହରାଇ ୨୦୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଗ୍ଲୋବାଲ ଦଳ ୧୮ ଓଭରରେ ୬ ଉଇକେଟ ହରାଇ ୧୩୩ ରନ୍ ସଂଗ୍ରହ କରିଥିଲା । ମ୍ୟାଚ୍‌ରେ ବିଓସିଏମ୍ ଦଳ ୭୧ ରନ୍‌ରେ ଅମରଜ୍ୟୋତି ଦଳକୁ ପରାଜିତ କରି ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ଗ୍ଲୋବାଲ ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୭ ଉଇକେଟ ହରାଇ ୧୧୪ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଟାଇଗର ଦଳ ୧୩.୪ ଓଭରରେ ୨ ଉଇକେଟ ହରାଇ ୧୧୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ବିଓସିଏମ ଦଳର ବ୍ୟାଟ୍ସମ୍ୟାନ ସୁମିତ ଦାଶ ସର୍ବାଧିକ ୪୭ ବଲରେ ୭୨ ରନ୍ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଟାଇଗର ଦଳର କ୍ରାନ୍ତି ବର୍ମା ସର୍ବାଧିକ ୨୨ ବଲରେ ୪୨ ରନ୍ କରିଥିବାରୁ ତାଙ୍କୁ ମ୍ୟାନ ଅଫଦି ମ୍ୟାଚ୍ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ପ୍ରଶାନ୍ତ ଦାଶ, ପ୍ରତ୍ୟୁଷ ଦାସ ପ୍ରଥମ ମ୍ୟାଚ୍ ପରିଚାଳନା କରିଥିବା ବେଳେ ବୁଲୁ ପଟେଲ ଓ ଶିବରାମ ମହାରଣା ଦ୍ୱିତୀୟ ମ୍ୟାଚ୍ ପରିଚାଳନା କରିଥିଲେ। ଅସୀମ ଗୁରୁ, ରାଜେଶ ଶୁକ୍ଲା, ରଞ୍ଜନ ଦାଶ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।


କ୍ରିକେଟ ଲିଗ୍‌ର ଚତୁର୍ଥ ଦିନରେ ଅତିଥିମାନେ ଜଣେ ଖେଳାଳିଙ୍କୁ ମ୍ୟାନ ଅଫଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ହେଲା ବତର**
**କିବା କଥା ପେଇଁ**
**କିଛି ନ ବୁଝିଲୁ**
**ମୁହଁ କରି ବୁଲୁ ଅଥାର ।**

କିଛି ବ୍ୟକ୍ତି ଘଟଣା ବିଷୟରେ ନ ଜାଣି ନ ପଶି ଅଯଥା ମନ ଉଣା କରି ବସୁଥିବାର ଲକ୍ଷ୍ୟ କରାଯାଇଥାଏ। ଅସଲ କଥା ନ ବୁଝି ଅଭିମାନରେ ମୁହଁ ନଦି ବୁଲିବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚଣା ବେଳକୁ ଦାନ୍ତ ନାହିଁ**
**ଦାନ୍ତ ବେଳକୁ ଚଣା ନାହିଁ ।**

ସମୟ ଓ ମଣିଷ ମଧ୍ୟରେ ଜୀବିକାର ଖେଳ। ସମସ୍ତଙ୍କର ସବୁଜିନିଷ ପରିପୂର୍ଣ୍ଣ ହୋଇ ନ ଥାଏ। କାହାର ବହୁ କୁଟୁମ୍ବୀ ପରିବାର କିନ୍ତୁ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ତ କାହାର ଅଚଳାଚଳ ସମ୍ପତ୍ତି ଥାଇ ନିଃସନ୍ତାନ, ଅର୍ଥାତ୍ ଭୋଗ କରିବାକୁ କେହି ନାହାନ୍ତି, ପୁଣି କାହାର ଲୋକ ଥିଲେ ବି ରହିବାକୁ ଘର ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ରହିଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଟିଖାଲି ଡ୍ୟାମ୍‌ରେ ପର୍ଯ୍ୟଟକଙ୍କ ଭିଡ଼

**କୋମନା,୧୧ (ଡି.ଏନ.ଏ)**

ନୂଆ ଆଶା ଓ ନୂଆ ଉତ୍ସାହ ସହ ଆରମ୍ଭ ହୋଇଛି ୨୦୨୦ ବର୍ଷ। ଏଥିପାଇଁ ବୁଧବାର ସକାଳୁ ନୂଆପଡା ଜିଲା ଖଡିଆଳ ଓ କୋମନା ବ୍ଲକର ମଧ୍ୟ ଭାଗରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ଟିଖାଲି ଡ୍ୟାମରେ ନୂଆବର୍ଷ ପାଳନ ନିମନ୍ତେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏଠାରେ ଥିବା ପ୍ରାକୃତିକ ପରିବେଷ ତଥା ଚାରିଆଡେ ଜଙ୍ଗଲ ଘେରା ଡ୍ୟାମରେ ଥିବା ଗଚ୍ଛିତ ପାଣି ପର୍ଯ୍ୟଟକ ମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ନୂଆବର୍ଷ ପାଳନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟେକ ଦିନ ପର୍ଯ୍ୟଟକ ଆସୁଥିବାବେଳେ ଇଂରାଜୀ ନବବର୍ଷର ପ୍ରଥମ ଦିନରେ ହଜାର ହଜାର ପର୍ଯ୍ୟଟକ ଆସି ନୂଆବର୍ଷ ପାଳନ କରିଛନ୍ତି। ବିଶେଷକରି ଡ୍ୟାମ କର୍ତ୍ତୃପକ୍ଷ ଶିଶୁମାନଙ୍କ ପାଇଁ ପାର୍କରେ ନିର୍ମିତ ମନୋରଞ୍ଜନ ଖେଳ କଉତୁକ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି । ପର୍ଯ୍ୟଟକଙ୍କ ଭିଡକୁ ଦେଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡାକଡି ରହିଛି। ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ପଡୋଶୀ ରାଜ୍ୟ ଛତିଶଗଡରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସି ନୂଆବର୍ଷ ପାଳନ କରିଥିବା ଜଣାପଡିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଉଜ୍ଜୀବନ ଫାଇନାନ୍ସ କମ୍ପାନୀ
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ — ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ ଆଦି ସବୁ ଋଣ
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର୍
094738-08189
073762-57896

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ,
ବ୍ୟବସାୟ, କୁକୁଡ଼ା ପାଳନ,
ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS BUSINESS

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

## ସଂକ୍ଷେପରେ

### ସହରରେ ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ବ୍ୟବସ୍ଥା କରାଯାଉ

ନୂଆପଡ଼ା ଅଫିସ,୧।୧(ଡି.ଏନ.ଏ.)- ନୂଆପଡ଼ା ସହର ସମେତ ସମଗ୍ର ଜିଲାରେ ପ୍ରବଳ ଶୀତ ପ୍ରବାହ ଯୋଗୁ ଜୀବନଯାତ୍ରା ବ୍ୟାହତ ହୋଇଛି। ସହରର ବସଷ୍ଟାଣ୍ଡ ଓ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନରେ ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ବ୍ୟବସ୍ଥା ସକାଶେ ଦାବି ହେଉଛି। ସୁନ୍ଦରଗଡ଼ ଓ ଅନ୍ୟ ଜିଲା ଗୁଡ଼ିକରେ ପ୍ରଶାସନ ତରଫରୁ ଏଭଳି ପଦକ୍ଷେପ ନିଆଯାଇଥିବାରୁ ନୂଆପଡ଼ାରେ ମଧ୍ୟ ଏଭଳି ପଦକ୍ଷେପର ଜରୁରୀ ଆବଶ୍ୟକତା ରହିଛି। ଥଣ୍ଡା ଯୋଗୁ ପୂର୍ବାହ୍ନ ୧୦ଟା ପୂର୍ବରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ଦିନ ତମାମ ଲୋକେ ଶୀତବସ୍ତ୍ର ପିନ୍ଧି ରହୁଥିବା ଦେଖିବାକୁ ମିଳିଛି। ଲୋକେ ଶୀତରୁ ରକ୍ଷା ପାଇବା ଲାଗି ନିଆଁ ଜାଳୁଥିବା ଦେଖିବାକୁ ମିଳିଛି। ଗରିବ, ବାସହୀନ ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ତେଣୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ବ୍ୟବସ୍ଥା କରା ଗଲେ ଲୋକେ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ସହରରେ ବର୍ତ୍ତମାନ ତାପମାତ୍ରା ୧୦ ଡ଼ିଗ୍ରୀ ସେଲସିୟସ ତଳେ ରହୁଛି।

### ଆର୍‌ଏମ୍‌ସି ପକ୍ଷରୁ ଖୋଲିଲା ମୋ ସରକାର କକ୍ଷ

# ସାଧାରଣ ଜନତାଙ୍କୁ ସେବା ଯୋଗାଇବା ଲକ୍ଷ୍ୟ

**ରାଉରକେଲା ଅଫିସ,୧।୧**

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ନୂଆବର୍ଷ ଆରମ୍ଭରୁ ମୋ ସରକାର କକ୍ଷ ଖୋଲା ଯାଇଛି। ପ୍ରବେଶ ଦ୍ୱାର ନିକଟରେ ଖୋଲା ଯାଇଥିବା ଏହି କକ୍ଷର ମୂଳ ଉଦ୍ଦେଶ୍ୟ ହେଲା ସାଧାରଣ ଲୋକଙ୍କୁ ସେବା ଯୋଗାଇ ଦେବା। ଶାସନ ବ୍ୟବସ୍ଥାକୁ ଜନ କୈନ୍ଦ୍ରିକ କରିବା, ଆର୍‌ଏମ୍‌ସି କାର୍ଯ୍ୟାଳୟକୁ ବିଭିନ୍ନ କାମରେ ଆସୁଥିବା ନାଗରିକଙ୍କୁ ସେବା ଯୋଗାଇ ଦେବାକୁ କକ୍ଷ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ନିଗମ କାର୍ଯ୍ୟାଳୟ କର୍ମଚାରୀଙ୍କ ଉତ୍ତମ ବ୍ୟବହାର ଓ ବୃତ୍ତିଗତ ଆଚରଣକୁ ପ୍ରୋତ୍ସାହିତ କରିବା, ନାଗରିକଙ୍କ ଠାରୁ ସିଧାସଳଖ ଆପତ୍ତି ଅଭିଯୋଗ ଶୁଣିବା ଏହାର ପ୍ରଥମ ଲକ୍ଷ୍ୟ ରହିଛି। ମହାନଗର କମିଶନର ଡ. ୟେଦୁଲା ବିଜୟ ମୋ ସରକାର କକ୍ଷକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପସ୍ଥିତ ଆର୍‌ଏମ୍‌ସି କର୍ମଚାରୀଙ୍କୁ ପରାମର୍ଶ ପ୍ରଦାନ କରି କହିଥିଲେ, ସାଧାରଣ ଜନତା ହେଉଛନ୍ତି ପ୍ରକୃତ ସରକାର। ନିଗମ କର୍ମଚାରୀଙ୍କୁ ଏକଥା ସର୍ବ ପ୍ରଥମେ ନଜରରେ ରଖିବାକୁ ହେବ। ଲୋକଙ୍କୁ କିପରି ଉନ୍ନତମାନର ସେବା ସୁବିଧା ମିଳିବ ସେ ନେଇ ପ୍ରଯତ୍ନ କରିବା ଆବଶ୍ୟକ। ସେବା ମନୋଭାବ ନେଇ ସହରବାସୀଙ୍କ ସମସ୍ୟା ସମାଧାନ କରିବାକୁ ଆମେ ବାଧ୍ୟ। ଅଗ୍ରାଧିକାର ଭିତିରେ ନାଗରିକଙ୍କ ସମସ୍ୟାକୁ ଗୁରୁତ୍ୱ ପ୍ରଦାନ କରିବାକୁ ବିଜୟ ପରାମର୍ଶ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ୫ଟି ଯୋଜନା ଅନ୍ତର୍ଗତ ଏହା ଏକ ସଫଳ ପଦକ୍ଷେପ। ଏଥିରେ ସମସ୍ତ କର୍ମଚାରୀ ମନପ୍ରାଣ ଦେଇ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ଆହୁରି କହିଥିଲେ ଯେ, ଏଠାକୁ ଆସୁଥିବା ପ୍ରତ୍ୟେକ ନାଗରିକଙ୍କ ମତାମତ ସଂଗ୍ରହ କରି ତଦନୁଯାୟୀ ପଦକ୍ଷେପ ନେବାକୁ ହେଲେ ସେମାନଙ୍କ ମୋବାଇଲ ନମ୍ବର ପଞ୍ଜିକରଣ କରିବାକୁ ପଡିବ। ୨୪ ଘଣ୍ଟା ମଧ୍ୟରେ ସେମାନଙ୍କୁ ଏସଏମ୍‌ଏସ୍ ବାର୍ତ୍ତା ପଠାଯିବ। ମେସେଜ ନ ଆସିଲେ ସେମାନେ ନିର୍ଦ୍ଦିଷ୍ଟ ମୋ ନଂରେ ମିସ କଲ ଦେଇ ପଞ୍ଜିକରଣ କରାଇ ପାରିବେ ବୋଲି କୁହାଯାଇ ଥିଲା। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ କ୍ରମେ ଏହି କକ୍ଷ ଖୋଲା ଯାଇଛି। ପ୍ରଥମ ପର୍ଯ୍ୟାୟରେ ହୋଲ୍ଡିଂ ଟିକସ, ଘର ନକ୍ସା ଅନୁମୋଦନ, ଆବାସ ଯୋଜନା ଓ ଟ୍ରେଡ ଲାଇସେନ୍ସ ଭଳି ୪ଟି ବିଭାଗକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟ ବିଭାଗ ଗୁଡିକୁ ସାମିଲ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଉପସ୍ଥିତ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଆର୍‌ଏମସି ଉପାୟୁକ୍ତ ସୁଧାଂଶୁ ଭୋଇ ଓ ସୀତାଦେବୀ ମାଝି ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।


ମହାନଗର କମିଶନର ଡ. ୟେଦୁଲା ବିଜୟ ମୋ ସରକାର କକ୍ଷକୁ ଉଦ୍‌ଘାଟନ କରୁଛନ୍ତି।


ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ବ୍ୟବସ୍ଥାର ଶୁଭାରମ୍ଭ କରୁଛନ୍ତି।

### ସର୍ବସାଧାରଣ ସ୍ଥାନରେ ଶୀତ ଦାଉରୁ ରକ୍ଷା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ

# ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ବ୍ୟବସ୍ଥାର ଶୁଭାରମ୍ଭ କଲେ ଜିଲାପାଳ

ସୁନ୍ଦରଗଡ, ୧।୧ (ଡି.ଏନ୍.ଏ) –ପ୍ରବଳ ଶୀତ ପ୍ରକୋପକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସୁନ୍ଦରଗଡ ସହରର ବସଷ୍ଟାଣ୍ଡ ଓ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନରେ ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ବ୍ୟବସ୍ଥା ସକାଶେ ପଦକ୍ଷେପ ନିଆଯାଇଛି ।ଏହି ସବୁ ସ୍ଥାନଗୁଡିକରେ ସ୍ୱତନ୍ତ୍ର ଅଗ୍ନିକୁଣ୍ଡରେ ନିଆଁ ଜଳାଇ ଜନସାଧାରଣଙ୍କୁ ଶୀତରୁ ରକ୍ଷା ପାଇବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ସନ୍ଧ୍ୟାରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡ ପରିସରରେ ଏହି ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ସହରର ବିଭିନ୍ନ ସ୍ଥାନରେ ଏଭଳି ଅଗ୍ନିକୁଣ୍ଡ ବ୍ୟବସ୍ଥା ପାଇଁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ବର୍ତ୍ତମାନ ସୁନ୍ଦରଗଡରେ ଶୀତର ପ୍ରକୋପ ବୃଦ୍ଧି ପାଇଥିବା ବେଳେ ଏଥିଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି ।

# ଜିଲା କଂଗ୍ରେସ ପକ୍ଷରୁ ସମାବେଶ

**ରାଉରକେଲା ଅଫିସ,୧।୧**

ବନ୍ଧୁ ମିଳନ ଆଳରେ ଜିଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ରବି ରାୟଙ୍କ ଉଦ୍ୟମ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଅଜିତ ସାମଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତାଙ୍କୁ ସମ୍ମାନିତ କରାଯାଇ ଥିଲା। ଦଳକୁ ସଙ୍ଗଠିତ କରି ଜନ ହିତରେ କାମ କରିବାକୁ ଏଥିରେ ଉପସ୍ଥିତ କଂଗ୍ରେସ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସର୍ଦ୍ଦାର ବରିୟମ ସିଂ, ସୋମନାଥ ପଣ୍ଡା, ଭାସ୍କର ଖିଲାର, ଦୁସା ନାୟକ, ରାଜକିଶୋର ମଲ୍ଲିକ, ପ୍ରଭାତ ମହାପାତ୍ର, ରାଜକୁମାର ଯାଦବ, ପ୍ରଦୀପ ବେହେରା, ସଂଗୀତା ସିଂ ଓ ବିକ୍ରମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


କଂଗ୍ରେସ କାର୍ଯ୍ୟାଳୟ ପରିସରରେ ସମାବେଶରେ ଉପସ୍ଥିତ ନେତା।

### ବେଆଇନ ଗଛ କଟା ନେଇ ନିଆଗଲାନି କାର୍ଯ୍ୟାନୁଷ୍ଠାନ

# କଂଗ୍ରେସ ପ୍ରତିନିଧିଙ୍କ ପକ୍ଷରୁ କ୍ଷୋଭ

**ରାଉରକେଲା ଅଫିସ,୧।୧**

ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ) ପରିସରରୁ ବେଆଇନ ଗଛ କଟାଯିବା ଘଟଣାରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିରବତା ନେଇ କଂଗ୍ରେସ ପ୍ରଶ୍ନ ଉଠାଇ କ୍ଷୋଭ ପ୍ରକାଶ କରିଛି। ଦଳ ପକ୍ଷରୁ କୁହାଯାଇଛି ଯେ, ଗତ ମାସ ପ୍ରଥମ ସପ୍ତାହରେ ଆରଜିଏଚ ପରିସରରୁ ବେଆଇନ ଭାବେ ୨୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛ କଟାଯାଇ ଥିଲା। ସେତେବେଳେ ଦଳ ଏହାର ତୀବ୍ର ବିରୋଧ କରି ବିଭାଗୀୟ ଅଧିକାରୀଙ୍କ ସହ ବନ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଗଛ କାଟିଥିବା ଦୁର୍ବୃତ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନ ଧମକ ଦିଆଯାଇ ଥିଲା। ତଥାପି ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ବନ ବିଭାଗ ପକ୍ଷରୁ କେବଳ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରି ଦିଆଯାଇଛି। ମଙ୍ଗଳବାର ବରିଷ୍ଠ କଂଗ୍ରେସ ନେତା ବୀରେନ ସେନାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବନଖଣ୍ଡ କାର୍ଯ୍ୟାଳୟରେ ପହଞ୍ଚି ଅସନ୍ତୋଷ ଜାହିର କରିଥିଲେ। ଏହି ଅବସରରେ ସହକାରୀ ବନ ସଂରକ୍ଷକଙ୍କ ସହ ଆଲୋଚନା କରି ସେନାପତି କହିଥିଲେ, ନିୟମାନୁଷାରେ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଦଳ ବିକଳ୍ପ ପଦକ୍ଷେପ ନେବ। ଆବଶ୍ୟକ ପଡିଲେ ବନଖଣ୍ଡ କାର୍ଯ୍ୟାଳୟରେ ତାଲା ଝୁଲାଇ ଦିଆଯିବ ବୋଲି ପ୍ରତିନିଧି ମଣ୍ଡଳୀ ଚେତାବନୀ ଦେଇଥିଲେ। ଆସନ୍ତା ୭ ଦିନ ମଧ୍ୟରେ ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସମ୍ପୃକ୍ତ ଅଧିକାରୀ ପ୍ରତିଶ୍ରୁତି ପ୍ରଦାନ କରିଥିବା ଦଳ ପକ୍ଷରୁ କୁହାଯାଇଛି। ଏଥିରେ ସେନାପତିଙ୍କ ସମେତ ଯୁବ ନେତା ରୋହିତ ଯୋସେଫ ତିର୍କୀ, ରମାନନ୍ଦ ଶ୍ରୀଚନ୍ଦନ, ଚିତ୍ତରଞ୍ଜନ ମହାନ୍ତି, ଇନ୍ଦ୍ରମୋହନ ପଣ୍ଡା, ଆରପି ସିଂ, ବିଜୟ ଆପଟ, ରଘୁନାଥ ଦାସ, କୈଳାସ ସାହୁ, ପ୍ରବୋଧ ଦାସ, ଶିବୁ ଦୀପ, ନିରୁପମା ବଳିଆର ସିଂ, ପ୍ରସନ୍ନ ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ।


ବନଖଣ୍ଡ କାର୍ଯ୍ୟାଳୟକୁ ଆସିଥିବା କଂଗ୍ରେସ ନେତା।

# ନବ ବର୍ଷରେ ମନ୍ଦିର, ପାର୍କରେ ଭିଡ

**ରାଉରକେଲା ଅଫିସ,୧।୧**

ବ୍ୟକ୍ତିଗତ ଓ ପାରିବାରିକ ଜୀବନରେ ସୁଖ ସମୃଦ୍ଧି କାମନା କରି ବୁଧବାର ନୂଆ ବର୍ଷ ସକାଳୁ ବହୁ ଶ୍ରଦ୍ଧାଳୁ ବିଭିନ୍ନ ଦେବାଦେବୀ ମନ୍ଦିର ଦର୍ଶନ କରିବା ସହ ଭୋଗରାଗ ଦେଇ ଆଶୀର୍ବାଦ କାମନା କରିଥିଲେ। ଏନେଇ ବେଦବ୍ୟାସ ଶୈବ ପୀଠ ଚଳଚଞ୍ଚଳ ହୋଇ ପଡିଥିଲା। ଷ୍ଟିଲ ସିଟିରେ ରହିଥିବା ପ୍ରମୁଖ ଜଗନ୍ନାଥ ମନ୍ଦିର ସେକ୍ଟର ୩ ଐରାବନ୍ଧ, ହନୁମାନ ବାଟିକା, ଗାୟତ୍ରୀ ଶକ୍ତିପୀଠ, ଟିସିଆଇ ସାଇ ମନ୍ଦିର ସମେତ ବିଭିନ୍ନ ସେକ୍ଟର ଅଞ୍ଚଳରେ ରହିଥିବା ଦେବାଦେବୀ ମନ୍ଦିର ମଧ୍ୟାହ୍ନ ପର୍ଯ୍ୟନ୍ତ ଭିଡ ରହିଥିଲା। ଅନୁରୂପ ଭାବେ ସହରର ଆଇଜି ପାର୍କ ସମେତ ଡିୟର ପାର୍କ, ନେହେରୁ ପାର୍କ ଭଳି କେତକ ସ୍ଥାନରେ ନାହିଁ ନଥିବା ଭିଡ ଜମିଥିଲା। ଅନେକ ସ୍ଥାନରେ ଭୋଜିଭାତର ଆସର ମଧ୍ୟ ଦେଖିବାକୁ ମିଳିଥିଲା। ପଶ୍ଚିମ ଓଡିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ହନୁମାନ ବାଟିକାରେ ଦର୍ଶକଙ୍କ ଗହଳି ଦେଖିବାକୁ ମିଳିଥିଲା। ଆନନ୍ଦ ଉତ୍ସାହର ସହ ସମସ୍ତେ ନୂଆ ବର୍ଷକୁ ସ୍ୱାଗତ କରିବାରେ ମଜି ରହିଥିଲେ। ସନ୍ଧ୍ୟାରେ କେତେକ ଅନୁଷ୍ଠାନ ପକ୍ଷରୁ ଭଜନ କୀର୍ତ୍ତନ କରାଯାଇ ଜନମଙ୍ଗଳ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଛି।


ଆଇଜି ପାର୍କରେ ଲୋକଙ୍କ ଗହଳି ଲାଗିଛି।

### ପ୍ରାଣୀ ଚିକିତ୍ସାଳୟରେ ନାହିଁ ଆମ୍ବୁଲାନ୍ସ, ସେବା ବାଧାପ୍ରାପ୍ତ

## ପଶୁ କଲ୍ୟାଣ ସଙ୍ଗଠନ ଆର୍ମି ପକ୍ଷରୁ କ୍ଷୋଭ

**ରାଉରକେଲା ଅଫିସ,୧।୧**

କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସ୍ୱୀକୃତିପ୍ରାପ୍ତ ପଶୁ କଲ୍ୟାଣ ସଙ୍ଗଠନ ଆର୍ମି ପକ୍ଷରୁ ରାଉରକେଲା ପ୍ରାଣୀ ଚିକିତ୍ସାଳୟରେ ଆମ୍ବୁଲାନ୍ସ ନ ଥିବାରୁ କ୍ଷୋଭ ପ୍ରକାଶ କରାଯାଇଛି। ଏହାର କର୍ମକର୍ତ୍ତା ସଂଗ୍ରାମ ପରିଡା କହିଛନ୍ତି ଯେ, ଆହତ ପଶୁଙ୍କ ଚିକିତ୍ସା ନିମନ୍ତେ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ବାରମ୍ବାର ଦାବି ହୋଇ ଆସୁଛି। ଏହା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଇନି। ସ୍ମାର୍ଟ ସିଟି ଘୋଷଣା ସତ୍ତ୍ୱେ ଏଠାରେ ପଲି କ୍ଲିନିକ ସୁବିଧା ନାହିଁ। ବିଭିନ୍ନ କାରଣରୁ ରାସ୍ତା ପାର୍ଶ୍ୱରେ ପଡି ଖାଣ୍ଡିଆ ଖାବରା ପଶୁ ଏକାଧିକ ଦିନ ଧରି ପଡି ରହୁଛନ୍ତି। ଏ ଦିଗରେ ବିଭାଗ ଉଚିତ ପଦକ୍ଷେପ ଗ୍ରହଣ କରୁ ନାହିଁ ବୋଲି ପରିଡା ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଏନେଇ ସୁନ୍ଦରଗଡ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

### ନିଶା ନିବାରଣ, ପ୍ରଦୂଷଣ ଓ ଦୁର୍ଘଟଣା ମୁକ୍ତ ସହର ଗଢିବା ଲକ୍ଷ୍ୟ

# ସଚେତନତା ଲାଗି ବିଜୁ ଗଣ ଦୌଡ

**ରାଉରକେଲା ଅଫିସ, ୧।୧**

ଉଦିତନଗର ଆମ୍ବେଦକର ଛକ ନିକଟରୁ ୧୪ତମ ବିଜୁ ଗଣ ଦୌଡକୁ ଆରଏମସି ଉପାୟୁକ୍ତ ସୁଧାଂଶୁ ଭୋଇ ପତାକା ଦେଖାଇ ବୁଧବାର ଶୁଭାରମ୍ଭ କରିଥିଲ। ଏଥିରେ ପାଖାପାଖି ୪ ଶହ ପ୍ରତିଯୋଗୀ ଭାଗ ନେଇ ମୁନିସିପାଲ କଲେଜ ଛକ ଦେଇ ପାୱାର ହାଉସ, ପ୍ଲାଂଟସାଇଟ, ଟ୍ରାଫିକ ଛକ ଦେଇ ବିର୍ଶା ଛକ ପର୍ଯ୍ୟନ୍ତ ଆସିଥିଲେ। ଏହି ଅବସରରେ ରାଉରକେଲା ୱେଲଫେୟାର ସିଟିଜେନ ଫୋରମ ସଭାପତି ଦେବ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏଭଳି ଗଣ ଦୌଡ ପଛରେ ରହିଥିବା ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ, ନିଶା ନିବାରଣ, ପ୍ରଦୂଷଣ ଓ ଦୁର୍ଘଟଣା ମୁକ୍ତ ସହର ଗଢିବାରେ ସମସ୍ତଙ୍କୁ ସଚେତନ କରାଇବା ଗଣ ଦୌଡର ଅଭିମୁଖ୍ୟ। ମୁଖ୍ୟ ଅତିଥି ଡିଏଫଓ ସଂଜୟ ସ୍ୱାଇଁ ଏଥିରେ ଯୋଗଦେଇ କହିଥିଲେ, ସହରକୁ ସବୁଜ ସୁନ୍ଦର କରିବା ସହ ବୃକ୍ଷଲତାର ଯତ୍ନ ନେବା ଆମ ସମସ୍ତଙ୍କର ଧେୟ ହେବା ଉଚିତ। ପୂର୍ବତନ ବିଧାୟକ ରବି ଦେହୁରି କହିଥିଲେ, ମିଳିମିଶି ଇସ୍ପାତ ସହରକୁ ସର୍ବାଙ୍ଗ ସୁନ୍ଦର କରିବାକୁ ହେଲେ ଆମକୁ ପରିବେଶ ପ୍ରଯତ୍ନ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ହେବ। ଯାହା ଆଜିର ଯୁବକଙ୍କ ପାଇଁ ବିଶେଷ ମହତ୍ୱପୂର୍ଣ୍ଣ ଦାୟିତ୍ୱ। ଏହି ଅବସରରେ ସେ ପଲିଥିନ ମୁକ୍ତ ରାଉରକେଲା ଗଢିବାକୁ ଆହ୍ୱାନ ଦେଇଥିଲେ। ସାମାଜିକ କର୍ମୀ ଗଗନ ପଣ୍ଡା ନିଜ ବକ୍ତବ୍ୟରେ ସଡକ ସୁରକ୍ଷା ସହ ନିଶା ନିବାରଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏଥିରେ ଜ୍ୟୋତ୍ସ୍ନା ନାୟକ, ମିନତୀ ଦେବତା, ରମାକାନ୍ତ ବିଶ୍ୱାଳ. ଟିକେ ରାୟ, ଅନିରୁଦ୍ଧ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ରୁଦ୍ର ପ୍ରଧାନ ପରିଚାଳନା କରିଥିଲେ। ଅତିଥିଙ୍କ ଦ୍ୱାରା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇ ଥିଲା।



ବିଜୁ ଗଣ ଦୌଡ ନେଇ ମଞ୍ଚାସୀନ ଅତିଥି, କର୍ମକର୍ତ୍ତା।

### ସିଡବ୍ଲୁଏସ ହସ୍ପିଟାଲ ଡାକ୍ତରଙ୍କୁ ଦୁର୍ବ୍ୟବହାର ନେଇ ଅସନ୍ତୋଷ

**ରାଉରକେଲା ଅଫିସ, ୧।୧**

ଜଗଦାଠାରେ ଥିବା ସିଡବ୍ଲୁଏସ ହସ୍ପିଟାଲରେ ରୋଗୀ ସେବା ନେଇ ମଙ୍ଗଳବାର ବିଳମ୍ବିତ ରାତିରେ ହଙ୍ଗାମା ସୃଷ୍ଟି ହୋଇଥିଲା। ସେକ୍ଟର-୧ ଅଞ୍ଚଳରୁ ଆସିଥିବା ଜଣେ ମୁମୂର୍ଷ ରୋଗୀଙ୍କୁ ଚିକିତ୍ସା ପୂର୍ବରୁ ଆବଶ୍ୟକୀୟ ଫର୍ମରେ ଦସ୍ତଖତ କରିବାକୁ ଡାକ୍ତର କହିବାରୁ ଏଭଳିକାଣ୍ଡ ଘଟିଥିବା ସୂଚନା ମିଳିଛି। ବିଳମ୍ବିତ ରାତିରେ ରୋଗୀଙ୍କ ସମ୍ପର୍କୀୟ କୁହାଯାଉଥିବା କିଛି ଲୋକ ପହଞ୍ଚି ଏନେଇ ଯୁକ୍ତିତର୍କ ଆରମ୍ଭ କରିଥିଲେ। ରୋଗୀଙ୍କୁ ଅନ୍ୟତ୍ର ନିଅ ନ ହେଲେ ଫର୍ମ ପୂରଣ କର କୁହାଯିବାରୁ ଉତ୍ୟକ୍ତ ସମ୍ପର୍କୀୟ ଡାକ୍ତରଙ୍କୁ ଠେଲାପେଲା ସହ ଗାଡି ଭଙ୍ଗାରୁଜା କରିଥିବା ଡାକ୍ତରଖାନା ସୂତ୍ରରୁ ଜଣା ଯାଇଛି। ଏନେଇ ସେକ୍ଟର- ୩ ଥାନାରେ ଅଭିଯୋଗ କରାଯାଇଥିବା କର୍ତ୍ତୃପକ୍ଷ କହିଥିବା ବେଳେ ଏହାକୁ ଥାନାଧିକାରୀ ଅସ୍ୱୀକାର କରିଛନ୍ତି।

# ଶୁଭେଚ୍ଛା ଆଦାନପ୍ରଦାନ, ଭୋଜିଭାତ ନାଚଗୀତ ଆସର

ସୁନ୍ଦରଗଡ ,୧।୧ (ଡି.ଏନ୍.ଏ) –ନୂତନ ଆଶା ଓ ସମ୍ଭାବନାକୁ ନେଇ ଆସିଛି ନୂଆ ବର୍ଷ ୨୦୨୦। ନୂଆବର୍ଷକୁ ସ୍ୱାଗତ କରିବା ପାଇଁ କିଏ ମନ୍ଦିର ଯାଇ ଠାକୁର ଦର୍ଶନ କରି ସମସ୍ତଙ୍କ ମଙ୍ଗଳମନାସି ଦୀପଜାଳିଥିବା ବେଳେ ଆଉ କେଉଁଠି କିଏ ଭୋଜି ଭାତ, ନାଚଗୀତ ଆସରରେ ସାଙ୍ଗସାଥୀ ଓ ପରିବାର ଲୋକଙ୍କ ମେଳରେ ବର୍ଷର ପ୍ରଥମ ଦିନ ବିତାଇଛନ୍ତି। ବର୍ଷର ପ୍ରଥମ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟଠୁ ଆରମ୍ଭ କରି ବିଭିନ୍ନ ସରକାରୀ ଓ ବେସରକାରୀ ଦପ୍ତର ଗୁଡିକରେ ନବବର୍ଷର ଶୁଭେଚ୍ଛା ଆଦାନପ୍ରଦାନ ନେଇଚଳଚଞ୍ଚଳ ହୋଇ ଉଠିଥିଲା। ନୂଆବର୍ଷର ପ୍ରଥମ ଦିନକୁ କିଏ କିଭଳି ପାଳନ କରିଛନ୍ତି ସେ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା



"ରାତି ବାରଟା ପରେ ଶୋଇବାକୁ ଯାଇଥିଲି । ସକାଳ ସାଢେ ୬ଟାରେ ଶଯ୍ୟାତ୍ୟାଗ କରି ଘରେ ଠାକୁର ପୂଜା କରି ଜଳଖିଆ ଖାଇ ସାରିବା ପରେ ଡାକ୍ତରଖାନା ଯାଇଥିଲି । ସେଠାରେ କିଛି ରୋଗୀଙ୍କୁ ଦେଖି ସାରିବା ପରେ ୧୧ବେଳକୁ ଆସି ଜିଲାପାଳ, ମୁଖ୍ୟ ଚିକିତ୍ସାଧିକାରୀ, ସହକର୍ମୀ ତଥା ସାଙ୍ଗସାଥୀମାନଙ୍କୁ ଭେଟି ନବବର୍ଷର ଅଭିନନ୍ଦନ ଜଣାଇଥଲି। ପରେ ଘରକୁ ଆସି ପରିବାର ସହିତ ଏକାଠି ଭୋଜନ କରିଥିଲି।

-ଡା ଅନନ୍ତ ଆଚାର୍ଯ୍ୟ, ଆୟୁର୍ବେଦ ଚିକିତ୍ସାଧିକାରୀ।



"ନୂଆବର୍ଷର ସକାଳ ୭ଟାରେ ଉଠି ନିତ୍ୟକର୍ମ ସାରିବା ପରେ ଘରେ ପୂଜା ପାଠ କରି ମା,ବାପାଙ୍କୁ ପ୍ରଣାମ କରି ପରିବାର ସହିତ ଏକାଠି ସକାଳ ଜଳଖିଆ କରି ସବୁଦିନ ପରି ନର୍ସିଂହୋମକୁ ଚାଲିଆସି କାର୍ଯ୍ୟ କରିଥିଲି । ନର୍ସିଂ ହୋମ୍‌ରେ ଡାକ୍ତର ଓ କର୍ମଚାରୀଙ୍କ ସହିତ ମିଶି ନୂଆବର୍ଷରେ ଖୁସି ମନାଇବା ସହ ଏକାଠି ବସି ମଧ୍ୟାହ୍ନଭୋଜନ କରିଥିଲୁ । ଚଳିତ ବର୍ଷ ମୋର ଅଭିନୀତ ଓଡିଆ ଚଳଚ୍ଚିତ୍ର ପ୍ରେମ ଏଟିଏମ୍ ମୁକ୍ତିଲାଭ କରିବ ବୋଲି ଆଶା ରଖିଛି । ବର୍ତ୍ତମାନ ଓଡିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ସଙ୍କଟଜନକ ସ୍ଥିତିରେ ଗତି କରୁଥିବା ବେଳେ ଓଡିଆ ଦର୍ଶକଙ୍କ ଭଲପାଇବା ଜାରି ରହିଲେ ଏହି ପରିସ୍ଥିତି ନିଶ୍ଚିତ ଦୂର ହେବ ବୋଲି ବିଶ୍ୱାସ ।

- ପ୍ରଦୀପ ଦତ୍ତ, ଓଡଆ ସିନେ ଅଭିନେତା



"ସବୁଦିନର ସକାଳ ପରି ନୂଆଁବର୍ଷର ପ୍ରଥମ ସକାଳ ଥିଲା ସାଧାରଣ ଭାବେ ଅସାଧାରଣ। ପ୍ରଭୂଙ୍କ ଦର୍ଶନ ସାରି ଅଫିସ କାମ । ତେବେ ଜୀବନକୁ ଆଉ ଥରେ ନୂଆଁ ଭାବେ ଗଢିବା ପାଇଁ ଭୂଲ, ଠିକ୍‌କୁ ତର୍ଜମା କରି ଆଗକୁ ବଢିବାକୁ ଓ ନିଜକୁ ଗଢିବାର ପ୍ରେରଣା ଦିଏ ନୂଆଁ ବର୍ଷ । ଗଳ୍ପ ଲେଖିବା ମୋର ଏ ନୂଆ ବର୍ଷର ପ୍ରଥମ ସଂକଳ୍ପ । ସୃଜନସତ୍ତା ମୋର ଆହୁରି ତୀକ୍ଷଣ, ବ୍ୟାପକ ଓ ଗଭୀର ହେଉ , ଏହା ନୂତନ ବର୍ଷର କାମ୍ୟ।

-ବିବିଧ ବିଶ୍ୱ, ଯୁବ ଗାଳ୍ପିକ ।



"ଆଜି ଦିନଟି ପ୍ରଥମ ଥର ପାଇଁ ଚାକିରୀ ଜୀବନର ପ୍ରଥମ ନୂଆଁବର୍ଷ ଥିଲା। ତେଣୁ ଏହି ଦିନ ମୁଁ ସବୁ ଅଫିସର ତଥା କର୍ମଚାରୀମାନଙ୍କ ସହ ମିଶିବାର ସୁଯୋଗ ପାଇଲି ଓ ଅନେକ ନୂଆକିଛି ଶିଖିଲି। ତେବେ ଆଜି ମଧ୍ୟ ସଂକଳ୍ପ ନେଲି ଯେ, ଜାଣତରେ ମୁଁ କୌଣସି ପ୍ରକାରର କଷ୍ଟ କାହାକୁ ଦେବି ନାହିଁ । କାର୍ଯ୍ୟବ୍ୟସ୍ତତା ମଧ୍ୟରେ ସମୟ କାଢି ନିଜ ପାଇଁ ଓ ପରିବାର ପାଇଁ ସମୟ ଦେବି ।ଚାକିରୀକ୍ଷେତ୍ରରେ ପ୍ରତ୍ୟେକ ଦିନ ଗୋଟିଏ ନୂଆ କାର୍ଯ୍ୟ ଶିଖିବି । ସ୍ୱାସ୍ଥ୍ୟପ୍ରତି ଯତ୍ନ ନେବି ଓ ସୋସିଆଲ ମିଡିଆକୁ କମ୍ ସମୟ ଦେବି । କାଲି ଯାହା ଥିଲି ଆସନ୍ତାକାଲି ତାଠାରୁ ଅଧିକ ହେବାପାଇଁ ଚେଷ୍ଟା କରିବି ଏହା ହିଁ ନୂଆଁବର୍ଷର ସଂକଳ୍ପ ।

-ଦୀପ୍ତି ଚୌଧୁରୀ,ଓଡିଶା ରାଜସ୍ୱ ସେବା ଶିକ୍ଷାନବୀଶ ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨ ଜାନୁୟାରୀ, ୨୦୨୦



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ। - ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ଲେଫ୍ରିପଡା,୧।୧(ଡି.ଏନ.ଏ.) - ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ଗିରିଙ୍ଗକେଲା ବୁଲାଣୀ ଠାରେ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବ୍ରଜରାଜନଗରର ଆଶିଷ କର(୨୯)। ଯୁବକ ଜଣକ ଗ୍ରୁପ୍‌ରେ ନବବର୍ଷ ଉପଲକ୍ଷେ ସରପଗଡ ଡ୍ୟାମ୍‌କୁ ବଣଭୋଜି କରିବା ପାଇଁ ଯାଇଥିଲେ। ବଣଭୋଜି ସାରି ଓଡି-୨୩ଇ-୧୪୧୨ନଂ. ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣା ଖବରପାଇ ଲେଫ୍ରିପଡା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ସୁନ୍ଦରଗଡ ସରକାରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସୁନ୍ଦରଗଡ ଚିକିତ୍ସାଳୟରେ ଚିକିତ୍ସାଧୀନ ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ସରକାରୀ ମୁଖ୍ୟଚିକିତ୍ସାଳୟର ମର୍ଗ ହାଉସ୍‌ଠାରେ ରଖାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡିକୁ ପୋଲିସ ଜବତ୍ କରି ତଦନ୍ତ ଚଳାଇଛି। ଏ ନେଇ ଲେଫ୍ରିପଡା ଥାନାରେ ଏକ ମାମଲା ( ନଂ.୧।୨୦୨୦) ରୁଜୁ ହୋଇଛି।

### ସୁନ୍ଦରଗଡ଼ରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ନିମନ୍ତେ ବୈଠକ

ସୁନ୍ଦରଗଡ଼, ୧।୧ (ଡି.ଏନ୍.ଏ): -ସୁନ୍ଦରଗଡରେ ଆସନ୍ତା ଏପ୍ରିଲରେ ହେବାକୁ ଥିବା ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ନିମନ୍ତେ ତୃତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହରିଦ୍ୱାର ଶାନ୍ତିକୁଞ୍ଜଠାରୁ ଆସିଥିବା ସୁଦର୍ଶନ ମିତ୍ତଲ ଓମପ୍ରରାମ ଶର୍ମାଙ୍କ ଉପସ୍ଥିତିରେ ଏହି ପ୍ରସ୍ତୁତି ବୈଠକରେ ସୁନ୍ଦରଗଡ ଗାୟତ୍ରୀ ପରିବାର ଟ୍ରଷ୍ଟର ଟ୍ରଷ୍ଟି ସଚ୍ଚିନ୍ଦ୍ର ବୁଖ୍‌ରା ଅଧ୍ୟକ୍ଷତା କରିଥିଲେ। ହରିଦ୍ୱାର ଶାନ୍ତିକୁଞ୍ଜର ପ୍ରତିନିଧି ଦ୍ୱୟ ଏହି ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ନିମନ୍ତେ ମାର୍ଗଦର୍ଶନ ଦେଇଥିଲେ। ପଣ୍ଡିତ ଶ୍ରୀରାମଶର୍ମାଙ୍କ ଲିଖିତ ୩୨୦୦ ପୁସ୍ତକର ଏକ ସେଟ୍ ସୁନ୍ଦରଗଡ ଗାୟତ୍ରୀ ପରିବାରକୁ ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ -ରାଉରକେଲାର ସଂଯୋଜକ ସନ୍ତୋଷ କୁମାର ଧର, ସ୍ନେହଲତା ପଟେଲ, ବନମାଳୀ ନାଏକ, ରାଜୁ ଠାକୁର ପ୍ରମୁଖ ଯୋଗଦେଇଥିଲେ।

### ରେଳ ଷ୍ଟେଶନରେ ପଡ଼ି ରହିଛି ବୃଦ୍ଧଙ୍କ ମୃତଦେହ

ଲାଠୋର, ୧।୧ (ଡି.ଏନ.ଏ.): ବଲାଙ୍ଗୀର ଜିଲା ହରିଶଙ୍କର ରୋଡ ରେଳ ଷ୍ଟେଶନ ଯାତ୍ରୀ ପ୍ରତିକ୍ଷାଳୟରେ ବୁଧବାର ଜଣେ ବୃଦ୍ଧଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଷ୍ଟେଶନ ମ୍ୟାନେଜର ବି.ମାଝୀଙ୍କ ସୂତ୍ରରୁ ସମ୍ପୃକ୍ତ ବୃଦ୍ଧ ଜଣକ ବୁଧବାର ପୂର୍ବାହ୍ନ ୧୦ଟାରେ ଷ୍ଟେଶନ ପ୍ରତୀକ୍ଷାଳୟରେ ବିଶ୍ରମ ନେଇଥିଲେ। କିଛି ସମୟ ଗଲା ପରେ ସେ ଶୋଇଥିବା ସ୍ଥାନରୁ ହଠାତ ତଳେ ଖସି ପଡି ଛଟପଟ ହେଉଥିଲେ। ଏହା ଦେଖି ଷ୍ଟେଶନ କର୍ତ୍ତୃପକ୍ଷ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଖପ୍ରାଖୋଲରୁ ଆସିଥିବା ଆମ୍ବୁଲାନ୍ସ କର୍ମଚାରୀମାନେ ବୃଦ୍ଧଙ୍କ ମୃତ୍ୟୁ ହୋଇଯାଇଥିବା କହି ଫେରି ଯାଇଥିଲେ। ପରେ ଷ୍ଟେଶନ ମ୍ୟାନେଜର କଣ୍ଟାବାଞ୍ଜି ଜିଆରପିଙ୍କୁ ଖବର ଦେଇଛନ୍ତି।

ସରପଗଡ ଡ୍ୟାମ୍‌ରେ ବଢୁଛି ପର୍ଯ୍ୟଟକଙ୍କ ଗହଳି, ଜମୁଛି ବଣଭୋଜିର ଆସର

# ଆକର୍ଷଣ ପାଲଟିଛି ବାଢୁନଝରିଆ ପରିବେଶ ପର୍ଯ୍ୟଟନସ୍ଥଳୀ



ଲେଫ୍ରିପଡା ବ୍ଲକର ବାଢୁନଝରିଆ ପରିବେଶ ପର୍ଯ୍ୟଟନସ୍ଥଳ।

ଲେଫ୍ରିପଡା,୧।୧(ଡି.ଏନ.ଏ.)

**ରାଜ୍ୟ ବାହାର ପର୍ଯ୍ୟଟକଙ୍କ ସହ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ**

ନବବର୍ଷ ପାଇଁ ଚାରିଆଡେ ଖୁସିର ମାହୋଲ ଲାଗିଥିବା ବେଳେ ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ସରପଗଡ ଡ୍ୟାମ୍‌ରେ ପ୍ରବଳ ମାତ୍ରାରେ ଭିଡ଼ ଜମିଛି। ପର୍ଯ୍ୟଟକଙ୍କ ଗହଳି ସହ ବଣଭୋଜିର ଆସର ଜମୁଛି। ବଣଭୋଜି ସାଙ୍ଗକୁ ଆକୃଷ୍ଟ କରିଛି ବାଢୁନଝରିଆ ପରିବେଶ ପର୍ଯ୍ୟଟନ ସ୍ଥଳୀ। ଗତ ନଭେମ୍ବରରୁ ସୁନ୍ଦରଗଡ ଜିଲା ସମେତ ପଡୋଶୀ ଜିଲା ଝାରସୁଗୁଡା, ସମ୍ବଲପୁର, ଦେବଗଡ, ବରଗଡ଼ ଏବଂ ପଡୋଶୀ ଛତିଶଗଡ଼ ରାଜ୍ୟର ବିଭିନ୍ନ ଜିଲାରୁ ଦୈନିକ ସ୍କୁଲ, କଲେଜ ସମେତ ବିଭିନ୍ନ ଅନୁଷ୍ଠାନ ଏବଂ ପରିବାରବର୍ଗ ବଣଭୋଜି ସକାଶେ ଆସୁଛନ୍ତି। ଏଥିମଧ୍ୟରେ ନବବର୍ଷ ପାଇଁ ବୁଧବାର ଜନସାଧାରଣଙ୍କ ମଧ୍ୟରେ ବଣଭୋଜି ଆହୁରି ଦ୍ୱିଗୁଣିତ ହୋଇଯାଇଛି। ଡ୍ୟାମ୍ କଡେ କଡେ ବଣଭୋଜି ସାରି ପରିବେଶ ପର୍ଯ୍ୟଟନ ସ୍ଥଳୀ ବାଢୁନଝରିଆ ଗ୍ରାମକୁ ଯାଇ ସବୁଜ ବନାନୀ ଭିତରେ ରହିଥିବା ଇକୋଟୁରିଜିମ୍ ପାର୍କରେ ମଜା ନେଇଛନ୍ତି। ପାର୍କରେ ରହିଥିବା ବୋଟିଂ ସୁବିଧା ପର୍ଯ୍ୟଟକମାନଙ୍କୁ ବେଶ୍ ଆକର୍ଷିତ କରୁଥିବା ବେଳେ ଛୋଟ ଛୋଟ ପିଲାଙ୍କ ମନଲୋଭା ଦୋଳି ସାଙ୍ଗକୁ ମିକି ମାଉସ୍ ଖେଳରେ ପିଲାମାନେ ମଜି ଯାଇଥିବା ଦେଖାଦେଇଛି। ପରିବେଶ ପର୍ଯ୍ୟଟନସ୍ଥଳୀକୁ ବାହାରୁ ବିଦେଶୀ ପର୍ଯ୍ୟଟକ ମଧ୍ୟ ଆସୁଥିବା ଦେଖାଇଦେଇଛି। ମଙ୍ଗଳବାର ଲଣ୍ଡନରୁ ଜଣେ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କୁ ଗଣମାଧ୍ୟମରେ ମତାମତ ଦେବା ପାଇଁ ପଚରାଯାଇଥିବାରୁ ଗଣମାଧ୍ୟମକୁ ମତାମତ ଦେବା ପାଇଁ ମନା କରିଦେଇଥିଲେ। ହଜାର ହଜାର ପର୍ଯ୍ୟଟଙ୍କ ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି ସ୍ଥାନୀୟ ଲେଫ୍ରିପଡା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ବେଳେ ଜନସାଧାରଙ୍କ ସେବା ସକାଶେ ବାଢୁନଝରିଆ ଗ୍ରାମର ବନସୁରକ୍ଷା ସମିତିର ଯୁବତୀଯୁବକ ନିଯୁକ୍ତି ରହିଛନ୍ତି। ଏଥି ମଧ୍ୟରେ ଡ୍ୟାମ୍ ଭିତରକୁ ଯିବା ରାସ୍ତାରେ କେନାଲର ଦୁଇଟି ବ୍ରିଜ୍ ପର୍ଯ୍ୟବେକ୍ଷଙ୍କ ପାଇଁ ପ୍ରତିବନ୍ଧକ ସାଜିଛି। ବ୍ରିଜ୍‌ଟି ଅତି ସଂକୀର୍ଣ୍ଣ ହୋଇଥିବାରୁ ଶହଶହ ସଂଖ୍ୟାରେ ଗାଡି ଲମ୍ବା ଲାଇନ୍ ଅଟକି ରହିଥିବା ଦେଖାଦେଇଛି। ପାର୍କକୁ ନେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଭାବେ ପ୍ରତିକ୍ରିୟା ପ୍ରକାଶ ପାଇଛି।

**ପର୍ଯ୍ୟଟକମାନେ କୁହନ୍ତି....**



ପରିବେଶ ପର୍ଯ୍ୟଟନସ୍ଥଳୀ ଗ୍ରାମ ବାଢୁନ ଝରିଆ ବହୁତ ସୁନ୍ଦର ହୋଇଛି। ଏହାର ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜନସାଧାରଣଙ୍କ ସେବା ଦିଗରେ ସୁନ୍ଦର ଭାବେ ସେବା ଦେଇ ଆସୁଛନ୍ତି। ବୋଟ୍ ସଂଖ୍ୟା ଟିକିଏ ବଢା ଗଲେ ଆହୁରି ସୁନ୍ଦର ହୋଇପାରିବ।
**-ସରୋଜ କୁମାର ପାତ୍ର, ଶ୍ରୀପୁରା, ଝାରସୁଗୁଡା**



ଅତି ସୁନ୍ଦର ପରିବେଶ ରହିଛି। ପିଲା ଛୁଆମାନେ ବିଭିନ୍ନ ଦୋଳି ଖେଳରେ ମସଗୁଲ ହୋଇ ରହୁଛନ୍ତି। ବୋଟିଂ ପାଇଁ ବହୁତ ଲମ୍ବା ଲାଇନ୍ ହେବାକୁ ପଡୁଛି। ଆହୁରି ଅଧିକ ସଂଖ୍ୟାରେ ବୋଟ୍ ରଖାଗଲେ ଭଲ ହୋଇପାରନ୍ତା। **-ଗଣେଶ୍ୱର ବାରିକ, ନିକ୍ତିମାଲ, ସମ୍ବଲପୁର**



ବହୁତ ଭଲ ପାର୍କ ହୋଇଛି। ସୁନ୍ଦର ପରିବେଶ ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଦର୍ଶକଙ୍କୁ ଆକର୍ଷିତ କରିଛି। ଏଠାରେ ମହିଳାଙ୍କ ସକାଶେ ପରିସ୍ରାଗାର ବଢାଗଲେ ଆହୁରି ସମସ୍ତେ ସୁବିଧା ପାଇ ପାରିବେ। ଏଠାକୁ ଆସି ମୁଁ ବହୁତ ଖୁସି ଅନୁଭବ କରୁଛି।
**-ଅନୁ ସରାର, କୋଡ୍‌ବା,ପଥଲ ଗାଓଁ, ଛତିଶଗଡ**



ପାର୍କରେ ଅଧିକ ସଂଖ୍ୟାରେ ବୋଟ୍ ସୁବିଧା କରାଯାଉ। ଆହୁରି ଅଧିକ ସଂଖ୍ୟାରେ ବାଥ୍ ରୁମ୍ ବ୍ୟବସ୍ଥା କରାଯାଉ। ସୁନ୍ଦର ଭାବେ ପାର୍କର ପରିବେଶ ରହିଛି। ଅଞ୍ଚଳର ପରିବେଶ ମଧ୍ୟ ବହୁତ ସୁନ୍ଦର। ସମସ୍ତେ ଏଠାକୁ ଆସିବା ଦରକାର।
**-ମିନୁ ଅଗ୍ରୱାଲ, ପଥଲଗାଓଁ, ଛତିଶଗଡ଼**



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବିଜେଡି ନେତା ।

### ଜିଲାପାଳ, ଏସ୍‌ପିଙ୍କୁ ବିଜେଡି ପ୍ରତିନିଧି ଦଳର ସାକ୍ଷାତ

ସୁନ୍ଦରଗଡ଼,୧।୧ (ଡି.ଏନ୍.ଏ)

ନବବର୍ଷ ଅବସରରେ ଜିଲାପାଳ ନିଖିଲ ପୱନ କଲ୍ୟାଣ ଓ ଏସ୍‌ପି ସୌମ୍ୟା ମିଶ୍ରାଙ୍କୁ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ନେତୃତ୍ୱରେ ବିଜୁ ଜନତା ଦଳ (ବିଜେଡି)ର ପ୍ରତିନିଧି ଦଳ ବୁଧବାର ସାକ୍ଷାତକରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ମୌଳିକ ସେବାକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲେ। ସହରରେ ଶାନ୍ତିଶୃଙ୍ଖଳାକୁ ବଜାୟ ରଖିବା ସହ ସହର ଭିତରେ ହେଉଥିବା କଡାକଡି ହେଲମେଟ ଚେକିଂ ବ୍ୟବସ୍ଥାକୁ ବନ୍ଦ କରି ସହରର ଉପକଣ୍ଠ ବାଇପାସ ରାସ୍ତାରେ ଦୂରଦୂରାନ୍ତକୁ ଯାଉଥିବା ବାଇକ୍ ଆରୋହୀଙ୍କ ହେଲମେଟ ଚେକିଂକୁ କଡାକଡି କରିବାକୁ ଦାବି କରାଯାଇଥିଲା।

## ନଅ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

କୁଆଁରମୁଣ୍ଡା,୧।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ପଞ୍ଚାୟତ ସନ୍ନିକଟ ସରବେର୍ଣ୍ଣାସ୍ଥିତ ଗାୟତ୍ରୀ ପ୍ରଜ୍ଞାପୀଠରେ ଅନୁଷ୍ଠିତ ୨ ଦିନିଆ ନଅ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ବୁଧବାର ଥିଲା ପୂର୍ଣ୍ଣାହୂତି। ସକାଳ ୯ଟାରେ ଦେବପୂଜନ କାର୍ଯ୍ୟକ୍ରମ ଓ ଏହାପରେ ଯଜ୍ଞ ଆରମ୍ଭ ଓ ଅପରାହ୍ନ ୨ଟାରେ ପୂର୍ଣ୍ଣାହୂତି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞରେ ବ୍ରତ, ମୁଣ୍ଡନ, ବିଦ୍ୟାରମ୍ଭ ଇତ୍ୟାଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ସାଢେ ୧ଟାରେ ଶତାଧିକ ଶ୍ରଦ୍ଧାଳୁ ଯଜ୍ଞସ୍ଥଳରେ ଉପସ୍ଥିତ ରହିବା ସହ ପ୍ରସାଦ ସେବନ କରିଥିଲେ। ମଙ୍ଗଳବାର ଏହି ମହାଯଜ୍ଞ ଉପଲକ୍ଷେ ମହିଳା/ପୁରୁଷମାନେ ପୂର୍ବାହ୍ନ ସାଢେ ୧୧ଟାରେ କଳସ ଶୋଭାଯାତ୍ରାରେ ବାହାରି କଳସ ବୁଡ଼ାଇ ଯଜ୍ଞ ସ୍ଥାନରେ ସ୍ଥାପନା କରିଥିଲେ। ଏହା ପରେ ସନ୍ଧ୍ୟାରେ ସଙ୍ଗୀତ, ପ୍ରବଚନ ଓ ଦୀପଯଜ୍ଞ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଗୁରୁଚରଣ ସାହୁ, ଶତ୍ରୁଘ୍ନ ଲେଙ୍କା, ସୁରେନ୍ଦ୍ର ସାହୁ, ବିଜୟ ଜେନା, ଶିବପ୍ରସାଦ ମହାପାତ୍ର, ଗୌରାଙ୍ଗ ଚରଣ ସାହୁ, ମହେଶ୍ୱର ମିଶ୍ର, ଶିବ ସାହୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।



ସରବେର୍ଣ୍ଣାସ୍ଥିତ ଗାୟତ୍ରୀ ପ୍ରଜ୍ଞାପୀଠରେ ଗାୟତ୍ରୀ ମହାଯଜ୍ଞର ପୂର୍ଣ୍ଣାହୂତି ଦିବସରେ ଉପସ୍ଥିତ ଶ୍ରଦ୍ଧାଳୁ।







ସୁକନ୍ୟା କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ମନ୍ତ୍ରୀଙ୍କ ସହିତ ଅନ୍ୟମାନେ। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କୁ ସୁକନ୍ୟା ଆୱାର୍ଡରେ ସମ୍ମାନିତ କରାଯାଉଛି।

ଆଇଟିଆଇରେ ଭାରତ ସ୍କାଉଟ ଗାଇଡର ସୁକନ୍ୟା କାର୍ଯ୍ୟକ୍ରମ ଉଦ୍‌ଯାପିତ

## ସାମାଜିକ କଲ୍ୟାଣରେ ବ୍ରତୀ ହୋଇଛି ସ୍କାଉଟ ଗାଇଡ୍

ବଡ଼ଗାଁ, ୧।୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିସି)ରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ସ୍କାଉଟ ଗାଇଡର ସୁକନ୍ୟା କାର୍ଯ୍ୟକ୍ରମ ବୁଧବାର ୫ମ ଦିନସରେ ସକାଳେ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ପର୍ବତାରୋହୀ ବିଭାରାଣୀ ପାତ୍ରା ଓ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କୁ ସୁକନ୍ୟା ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ବୁଧବାର ସକାଳେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।
ମଙ୍ଗଳବାର ଚତୁର୍ଥ ଦିବସର ସନ୍ଧ୍ୟାରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ଭାରତ ସ୍କାଉଟ ଗାଇଡର ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ବେହେରା ତାଙ୍କ ବକ୍ତବ୍ୟରେ କହିଲେ, ୧୯୦୭ ମସିହାରେ ଭାରତର ମଦନମୋହନ ମାଳବ୍ୟ ଏବଂ ଆନିବେସାନ୍ତଙ୍କ ଦ୍ୱାରା ଭାରତ, ସ୍କାଉଟଗାଇଡ ପ୍ରତିଷ୍ଠା ହୋଇ ସାରା ବିଶ୍ୱ ବିଦିତ ହୋଇଛି। ଦୁର୍ଗତ, ଅସୁସ୍ଥ, ଅବହେଳିତଙ୍କ ସେବା ପାଇଁ ଉତ୍ସର୍ଗୀକୃତ ଏହି ଅନୁଷ୍ଠାନ ସାମାଜିକ କଲ୍ୟାଣରେ ବ୍ରତୀ ହୋଇ ଆଗେଇ ଚାଲିଛି। ସେ ସଭାରେ ଛାତ୍ରୀମାନଙ୍କୁ ଉତ୍ସାହିତ କରି ମାର୍ଗ ଦର୍ଶନ ଦେଇଥିଲେ ଓ ଜଗନ୍ନାଥଙ୍କ ଭଜନ ଗାଇ ଶୁଣାଇଥିଲେ। ଏହା ସମସ୍ତଙ୍କୁ ଆକୃଷ୍ଟ କରିପାରିଥିଲା। ରାଉରକେଲା ବିଧାୟକ ନାୟକ ସୁକନ୍ୟାମାନଙ୍କୁ ଉତ୍ସାହିତ କରିଥିଲେ। ୨୦ଟି ଜିଲାରୁ ଆସି ପ୍ରଶିକ୍ଷାର୍ଥୀ ଶିବିରରେ ଯୋଗଦେଇଥିବା ବନି, ବୁଲବୁଲ, ରୋଭର ଓ ରେଞ୍ଜର କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ବିତରଣ କରାଯାଇଥିଲା। ଆଇଟିସି ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧୁମାଗଡ଼ା କ୍ରିକେଟ ଟୁର୍ନାମେଣ୍ଟ: ଭୋଇପାଲି ଚାମ୍ପିୟନ

ବଡ଼ଗାଁ, ୧।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଧୁମାଗଡା ଗ୍ରାମରେ ୨୪ରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି କ୍ରିକେଟ ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ବଡ଼ଗାଁ ଓ ଭୋଇପାଲି ମଧ୍ୟରେ ହୋଇଥିଲା। ଭୋଇପାଲି ଟିମ ୫ ବଲ, ୮ ଉଇକେଟରେ ବଡଗାଁକୁ ହରାଇ ଚାମ୍ପିୟନ ହୋଇଥିଲେ। ଏଥିରେ ବଡ଼ଗାଁ ଟିମର ବୁଲୁ ସା ଟୁର୍ନାମେଣ୍ଟରେ ୧୪୭ରନ କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ସିରିଜ ଭାବେ ଚୟନ କରି ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ମହେଶ୍ୱର ବରିହା, ଇଂ. ଅମୀୟ କୁମାର ପ୍ରଧାନ, କେଦାର ବୁଡା, ରଞ୍ଜିତ ବରିହା, ଅରୁଣ ବରିହା ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଟଙ୍କଧର, ମଣ୍ଟୁ, ବଣ୍ଟି, କିଶୋର, ଦୁର୍ଯ୍ୟୋଧନ, ହେମନ୍ତ, ଶିବନାଥ ଖେଳ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟ ସ୍ଥାନୀୟ ବଜରଙ୍ଗ ଯୁବକ ସଂଘ ପକ୍ଷରୁ ଆୟୋଜିତ ହୋଇଥିଲା।



ଧୁମାଗଡା କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ପଞ୍ଚମ ମେଘନା କପ ନକ୍ ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଖୁଣ୍ଟଗାଁ ଚାମ୍ପିୟନ, ଗୁଡଗୁଡଯୋର ରନର୍ସ ଅପ୍

ନୂଆଗାଁ, ୧।୧ (ଡି.ଏନ.ଏ)

ନୂଆଗାଁ ବ୍ଲକ ଅନ୍ତର୍ଗତ ଉର୍ମେଇ ଗ୍ରାମ ପଞ୍ଚାୟତସ୍ତରୀୟ ପଞ୍ଚମ ମେଘନା କପ୍ ନକ୍ ଆଉଟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଖୁଣ୍ଟଗାଁ ଦଳ ଚାମ୍ପିୟନ ହୋଇଥିବାବେଳେ ଗୁଡ଼ଗୁଡ଼ଯୋର ରନର୍ସ ଅପ୍ ହୋଇଛି। ୧୬ଟି ଦଳକୁ ନେଇ ଟୁର୍ନାମେଣ୍ଟ ଆୟୋଜିତ କରାଯାଇଥିଲା। ଉକ୍ତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଖୁଣ୍ଟଗାଁ ଓ ଗୁଡଗୁଡଯୋର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ତେବେ ଖୁଣ୍ଟଗାଁ ଓ ଗୁଡଗୁଡଯୋର ଉଭୟ ଦଳର ରନ ସମାନ ହେବାରୁ ସୁପର ଓଭର ଖେଳା ଯାଇଥିଲା। ସୁପର ଓଭରରେ ଖୁଣ୍ଟଗାଁ ବିଜୟଲାଭ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ସାରଦାପ୍ରସାଦ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉର୍ମେଇ ଭଳି ଏକ ଉପାନ୍ତ ଅଞ୍ଚଳରେ ଦୀର୍ଘ ୫ବର୍ଷ ହେଲା ଯୁବ ସଙ୍ଗଠନ ପକ୍ଷରୁ ପଞ୍ଚାୟତସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ। ଏହା ଗ୍ରାମାଞ୍ଚଳ କ୍ରୀଡା ଓ କ୍ରୀଡାବିତମାନଙ୍କ ମନବଳ ବୃଦ୍ଧି କରିବା ସହ ପରସ୍ପର ମଧ୍ୟରେ ଭାତୃତ୍ୱଭାବ ସୃଷ୍ଟି କରିବ ବୋଲି ବିଧାୟକ ପ୍ରକାଶ କରିଥିଲେ। ଉର୍ମେଇ ଯୁଥ ଆସୋସିଏଶନ୍‌ର ସମସ୍ତ କର୍ମକର୍ତ୍ତା ତଥା କମିଟିର ସଭାପତି ହିମାଂଶୁ ପଣ୍ଡାଙ୍କ ନେତୃତ୍ୱକୁ ସେ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ବିଜେଡି ନୂଆଗାଁ ବ୍ଲକ ସଭାପତି ଦିଗାମ୍ବର ଦାସ, ବରିଷ୍ଠ ନେତା ଗଜେନ୍ଦ୍ର ସାହୁ, ଯୁବନେତା ପ୍ରଦୀପ ସାହୁ, ମୁବାରକ ଆନସାରୀ, ହିମାଂଶୁଶେଖର ତ୍ରିପାଠୀ, ମନୋଜ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କ୍ରୀଡାର ଉଦ୍‌ଯାପନୀ ଉତ୍ସବରେ ଉର୍ମେଇ ସରପଞ୍ଚ ଏଲିଜାବେଥ ଲୁଗୁନ, କ୍ରୀଡାପ୍ରେମୀ ମଙ୍ଗଳ ଦାସ ଖାଲଖୋ, ବିପିନ ପଣ୍ଡା, ଏମଡି ଇବ୍ରାହିମ ଆନସାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଖେଳ ପରେ ଉର୍ମେଇ ଯୁଥ ଆସୋସିଏଶନ୍ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବତୀ ଯୁବକମାନେ ପାରମ୍ପାରିକ ରୀତିନୀତି ସହ ଗୀତଗାଇ ନୃତ୍ୟ କରିଥିଲେ। ହଜାର ହଜାର ଲୋକ ଏହି ଉଦ୍‌ଯାପନୀ ଉତ୍ସବରେ ଏକତ୍ରିତ ହୋଇ ଖେଳ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ଉପଭୋଗ କରିଥିଲେ।





ମେଘନା କପ୍ ନକ୍ ଆଉଟ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଯୁଥ ଆସୋସିଏଶନ୍ କର୍ମକର୍ତ୍ତା।